ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୯/୨୦୨୩ (୧୪ ପୃଷ୍ଠା) Bhubaneswar, Tuesday, August 29/2023 Page 14 ₹ 7.00 | SAMBALPUR
୪୯ଶ ଭାଗ ୨୭୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 274 ମୂଲ୍ୟ ₹୭/-



## ସେପ୍ଟେମ୍ବର ୨୮ରେ ପ୍ରଭାସଙ୍କ 'ସାଲାର'

ସାଉଥ୍ ଅଭିନେତା ପ୍ରଭାସଙ୍କ ଅଭିନୀତ ଆଗାମୀ ଚଳଚ୍ଚିତ୍ର 'ସାଲାର' ସେପ୍ଟେମ୍ବର ୨୮ରେ ରିଲିଜ୍ ହେବ।

୧୦

୧୪

## ଓଏଫ୍‌ସିରୁ ଖେଳିବେ ସିଙ୍ଗ୍‌ସନ

ଯୁବ ସେଣ୍ଟର ବ୍ୟାକ୍ ପାଓଗୋମାଙ୍ଗ ସିଙ୍ଗ୍‌ସନଙ୍କ ସହିତ ୩ ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିଛି ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି)।





ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ସୋମବାର ଏକ ମାଲବାହୀ ଟ୍ରେନ୍ ବୋଲେରୋକୁ ଧକ୍କା ଦେଇ ଘୋଷାରି ନେଇଛି। (ରିପୋର୍ଟ: ପୃଷ୍ଠା-୪)

# ଲୋକସେବା ଭବନରେ ପଦୋନ୍ନତି ଦ୍ୱନ୍ଦ୍ୱ

**ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ପଦବୀରେ ଏସ୍‌ସି, ଏସ୍‌ଟି କର୍ମଚାରୀଙ୍କୁ ପଦୋନ୍ନତି ଦେବାକୁ ସରକାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ଯାହାକୁ ନେଇ ଏବେ ବିବାଦ ଦେଖାଦେଇଛି। ଏଥିରେ ସୁପ୍ରିମ୍‌କୋର୍ଟଙ୍କ ନିୟମର ଉଲ୍ଲଂଘନ ହେଉଥିବା ଦର୍ଶାଇ ସାଧାରଣ ବର୍ଗ କର୍ମଚାରୀମାନେ ବିରୋଧ କରୁଛନ୍ତି। ସରକାର ନିଜ ବିଫଳତାକୁ ଲୁଚାଇବାକୁ ଯାଇ ଉପରୋକ୍ତ ପଦକ୍ଷେପ ନେବା ସହ ଅଯଥାରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଅପରପକ୍ଷରେ କିଛି ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ସୁପ୍ରିମକୋର୍ଟଙ୍କ ନିୟମାନୁଯାୟୀ ପଦୋନ୍ନତି ନେଇହେବ ବୋଲି ମଧ୍ୟ ଦାବି କରୁଛନ୍ତି। ଫଳରେ ପଦୋନ୍ନତିକୁ ନେଇ ଦ୍ୱନ୍ଦ ଆରମ୍ଭ ହୋଇଛି।**

ଭୁବନେଶ୍ୱର, ୨୮।୮ (ସୁନିତ୍ ମିଶ୍ର)

ଲୋକସେବା ଭବନରେ ପଦୋନ୍ନତିକୁ ନେଇ ବିବାଦ ଦେଖିବାକୁ ମିଳିଛି। ଏସ୍‌ସି, ଏସ୍‌ଟି (ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି) ଏବଂ ସାଧାରଣ ବର୍ଗର କର୍ମଚାରୀଙ୍କ ମଧ୍ୟରେ ମୁଖ୍ୟତଃ ପଦୋନ୍ନତିକୁ ନେଇ ଦ୍ୱନ୍ଦ୍ୱ ଲକ୍ଷ୍ୟ କରାଯାଇଛି। ସାଧାରଣ ବର୍ଗର ଅଧିକାରୀଙ୍କ ପଦୋନ୍ନତି ପାଇଁ ଯେଉଁ ପଦବୀ ରହିଛି ସେଥିରେ ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ପଦୋନ୍ନତି ଦେବାକୁ ସରକାର ଯୋଜନା କରୁଥିବା ଅଭିଯୋଗ ହୋଇଛି। ନିକଟରେ ଶତାଧିକ ସାଧାରଣ ବର୍ଗର କର୍ମଚାରୀ ଏହାକୁ ବିରୋଧକରି ଆଇନ ବିଭାଗ ସଚିବଙ୍କ କାର୍ଯ୍ୟାଳୟ ବାହାରେ ଏକତ୍ର ହୋଇ ଏନେଇ ଅଭିଯୋଗ କରିବାକୁ ଆସିଥିବାବେଳେ ଘଟଣା ସମ୍ପର୍କରେ ଜାଣିବାକୁ ମିଳିଥିଲା। ହେଲେ କେତେଜଣ ଅବସରପ୍ରାପ୍ତ ଅଧିକାରୀ ଏହି ଘଟଣା ଦୀର୍ଘଦିନ ହେଲା ଦ୍ୱନ୍ଦ୍ୱରେ ଚାଲିଥିବା ମତ ରଖିଛନ୍ତି। ଅନ୍ୟପଟେ ବିଭାଗୀୟ ମନ୍ତ୍ରୀ ଏ ବିଷୟରେ ତର୍ଜମା କରିବେ ବୋଲି ମତ ରଖିଛନ୍ତି। ଅପରପକ୍ଷରେ କେତେଜଣ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ପଲଟା ଅଭିଯୋଗ ଆଣିଛନ୍ତି। ସୁପ୍ରିମକୋର୍ଟଙ୍କ ନିୟମାନୁଯାୟୀ ସେମାନଙ୍କୁ ସାଧାରଣ ବର୍ଗଙ୍କ ସ୍ଥାନରେ ପଦୋନ୍ନତି ମିଳିପାରିବ ବୋଲି ଦାବି କରୁଛନ୍ତି।

ଆଗକୁ ବହୁ ପଦପଦବୀରେ ପଦୋନ୍ନତି ହେବାକୁ ଥିବାରୁ ଏବେଠାରୁ ନିଜ ଭବିଷ୍ୟତକୁ ନେଇ ସାଧାରଣ ବର୍ଗର କର୍ମଚାରୀମାନେ ଚିନ୍ତା ପ୍ରକଟ କରି ଏହା ଉପରେ ଆଲୋଚନା କରାଯାଉ ବୋଲି ଦାବି ଜୋର୍‌ଦାର କରିଛନ୍ତି। ଅଭିଯୋଗ କରିବାକୁ ଆସିଥିବା ☞ପୃଷ୍ଠା-୪

# ସେପ୍ଟେମ୍ବର ୨ ପୂର୍ବାହ୍ନ ୧୧ଟା ୫୦ରେ ସୂର୍ଯ୍ୟ ମିଶନ

ବେଙ୍ଗାଲୁରୁ, ୨୮।୮

ଚନ୍ଦ୍ରୟାନ-୩ ମିଶନର ସଫଳତା ପରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଭାରତର ପ୍ରଥମ ସୂର୍ଯ୍ୟ ମିଶନ ଆଦିତ୍ୟ-ଏଲ୍୧ ଲଞ୍ଚ ସମ୍ପର୍କରେ ସୋମବାର ଘୋଷଣା କରିଛି। ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ଲାଗି ଆଦିତ୍ୟ-ଏଲ୍୧କୁ ସେପ୍ଟେମ୍ବର ୨ ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସ୍ପେସ୍ ପୋର୍ଟରୁ ମହାକାଶକୁ ଛଡ଼ାଯିବ। ଏହି ମହାକାଶ ଯାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଏଲ୍୧ (ସୂର୍ଯ୍ୟ-ପୃଥିବୀର ଲାଗ୍ରାଞ୍ଜ ପଏଣ୍ଟ)ରୁ ସୋଲାର କରୋନା ଏବଂ ସୋଲାର ୱିଣ୍ଡର ଅନୁଧ୍ୟାନ କରିବ। ସୂର୍ଯ୍ୟଙ୍କ ଉପରେ ଅନୁଧ୍ୟାନ କରିବାରେ ଏହା ଭାରତର ପ୍ରଥମ ସ୍ପେସ୍ ମିଶନ ହେବ। ସୂର୍ଯ୍ୟଙ୍କ ଫଟୋସ୍ଫିୟର, କ୍ରୋମୋସ୍ଫିୟର ଏବଂ ବାହ୍ୟ ସ୍ତର କରୋନାର ଅନୁଧ୍ୟାନ ଲାଗି ଉକ୍ତ ମହାକାଶ ☞ପୃଷ୍ଠା-୪

## ବଡ଼ ଗର୍ତ୍ତକୁ ଏଡ଼ାଇ ଗଲା 'ପ୍ରଜ୍ଞାନ'

ବେଙ୍ଗାଲୁରୁ, ୨୮।୮

ଚନ୍ଦ୍ରୟାନ-୩ର ରୋଭର ପ୍ରଜ୍ଞାନ ରବିବାର ଏକ ୪ ମିଟର ବ୍ୟାସ ବିଶିଷ୍ଟ ବଡ଼ ଗର୍ତ୍ତର ସମ୍ମୁଖୀନ ହୋଇଥିଲା। ଉକ୍ତ ଗର୍ତ୍ତଟି ରୋଭରଠାରୁ ମାତ୍ର ୩ ମିଟର ଆଗରେ ଥିଲା। ଏହା ଜାଣିପାରି ରୋଭର ତା'ର ଗତିପଥ ବଦଳାଇଦେଇଥିବା ଇସ୍ରୋ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏବେ ଏହା ନୂଆ ସୁରକ୍ଷିତ ପଥରେ ଅଗ୍ରସର ହେଉଛି। ଇତିମଧ୍ୟରେ ପ୍ରଜ୍ଞାନ ଏହାର ଗତିପଥରେ ଦୁଇଟି ଗର୍ତ୍ତର ସାମ୍ନା କଲାଣି। ପ୍ରଥମ ଗର୍ତ୍ତଟି ପ୍ରାୟ ୧୦୦ ମିଲିମିଟର ଗଭୀରର ଥିବାରୁ ରୋଭର ଏହାକୁ ଅତିକ୍ରମ କରିଯାଇଥିଲା। ☞ପୃଷ୍ଠା-୪

# ବାଳସୁଧାର ଗୃହରୁ ନାବାଳକଙ୍କ ମୃତଦେହ ଜବତ

ଭବାନୀପାଟଣା, ୨୮।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କୁସାଡଙ୍ଗର ନିକଟରେ ଥିବା ବାଳସୁଧାର ଗୃହରୁ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ନାବାଳକ ବାଳସୁଧାର ଗୃହରେ ରହିଥିଲେ। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୩) ରୁଜୁ କରିଛି। କେଉଁ କାରଣରୁ ନାବାଳକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଗଣତନ୍ତ୍ରର ହତ୍ୟାକାରୀ

୫ ମହାନଗର ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପୃଷ୍ଠା ୩

"ପ୍ରତ୍ୟେକ ଭଉଣୀ ଓ ତାଙ୍କ ପରିବାରର ସ୍ୱାସ୍ଥ୍ୟକୁ ପ୍ରତିଦିନ ସୁରକ୍ଷିତ ରଖିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ।"

Swami Ramdev



PATANJALI®

ରକ୍ଷା ବନ୍ଧନ ହେଉ କି ଭାଇ ଦୂଜ କିମ୍ବା ଅନ୍ୟ ଯେକୌଣସି ପର୍ବପର୍ବାଣି ଅଥବା ଖୁସିର ଅବସର ହେଉ, ନିଜ ଘରକୁ ପତଞ୍ଜଳିର ଗୁଆଘିଅ, କଚ୍ଚି ଘାନି ସୋରିଷ ତେଲ, ରାଇସ୍ ବ୍ରାନ୍ ଅଏଲ୍ ଏବଂ ପତଞ୍ଜଳିର ଶୁଦ୍ଧ-ସାତ୍ତ୍ୱିକ ପୁଷ୍ଟିକର ଉତ୍ପାଦ ଆଣନ୍ତୁ ଓ ନିଜ ପରିବାରକୁ ଅପମିଶ୍ରଣର ଜହରରୁ ରକ୍ଷା କରନ୍ତୁ।

ଆପଣଙ୍କ ଶରୀର ମଧ୍ୟକୁ ପ୍ରବେଶ କରୁଥିବା ଅଶୁଦ୍ଧ ଖାଦ୍ୟର ପ୍ରତ୍ୟେକ କଣିକା ଆପଣଙ୍କ ଡିଏନ୍‌ଏକୁ ନଷ୍ଟ କରିଦେଇଥାଏ ଓ ଆପଣଙ୍କୁ ବାର୍ଦ୍ଧକ୍ୟ ଆଡ଼କୁ ଟାଣି ନେଇଯାଇଥାଏ।
(ସନ୍ଦର୍ଭ: ଆୟୁର୍ବେଦ, ଭଗବଦ୍ ଗୀତା ଓ ଉପନିଷଦ)



ପତଞ୍ଜଳିର ଗୁଆଘିଅ ଶାରୀରିକ ଶକ୍ତି, ତୀକ୍ଷ୍ଣ ମସ୍ତିଷ୍କ, ସ୍ମୃତି, ସୁସ୍ଥ ହୃଦୟ, ଉତ୍ତମ ଦୃଷ୍ଟିଶକ୍ତି, ଦୀର୍ଘାୟୁ, ଉତ୍ତମ ପାଚନ ଓ କାନ୍ତିପୂର୍ଣ୍ଣ ତ୍ୱଚା ପାଇଁ ଲାଭକାରୀ ଅଟେ।

ଏହା ପ୍ରାକୃତିକ ଓରାଇଜନଲ୍‌ରେ ସମୃଦ୍ଧ ଯାହା ଉଚ୍ଚ କୋଲେଷ୍ଟରଲ୍ ସ୍ତର, ଡାଇବେଟିସ୍‌କୁ ପ୍ରତିରୋଧ କରିଥାଏ ଓ ଆପଣଙ୍କ ହୃଦୟକୁ ସୁସ୍ଥ ରଖିଥାଏ। ଏହା ଇମ୍ୟୁନିଟି ବୃଦ୍ଧି କରିଥାଏ। ଏଥିରେ ଭିଟାମିନ୍ ଏ ଏବଂ ଡି'ର ଗୁଣ ମଧ୍ୟ ରହିଛି।

ବଜାରରେ ଉପଲବ୍ଧ ଅଧିକାଂଶ ସୋରିଷ ତେଲରେ ତାଳ ଓ ଅନ୍ୟାନ୍ୟ ଶସ୍ତା ତେଲର ଅପମିଶ୍ରଣ ରହିଥାଏ। ପତଞ୍ଜଳି କଚ୍ଚି ଘାନି ୧୦୦% ଶୁଦ୍ଧ ସୋରିଷ ତେଲ ଅଟେ, ଯାହା କୌଣସି କେମିକାଲ୍ ପ୍ରକ୍ରିୟା ବିନା ତିଆରି ହୋଇଥାଏ।

ବି12 ଏବଂ ଆଇରନ୍‌ରେ ସମୃଦ୍ଧ ଉଚ୍ଚ ଫାଇବରଯୁକ୍ତ ବାଦାମୀ ରଙ୍ଗର ପାରମ୍ପରିକ ଚକ୍କି ଅଟା ଏବଂ ପ୍ରୋଟିନ୍‌ର ଗୁଣଯୁକ୍ତ ଉଚ୍ଚ ଫାଇବରଯୁକ୍ତ ବେସନ ଆପଣାନ୍ତୁ।

ପଲିସ୍ ହୋଇ ନ ଥିବା ପ୍ରାକୃତିକ ଡାଲି। ପ୍ରୋଟିନ୍, ସ୍ୱାଦ ଏବଂ ସ୍ୱାସ୍ଥ୍ୟକର ପ୍ରାକୃତିକ ପୋଷକ ତତ୍ତ୍ୱରେ ସମୃଦ୍ଧ।



ପତଞ୍ଜଳି ମସଲାଗୁଡ଼ିକ ପ୍ରାକୃତିକ ଏବଂ ଶୁଦ୍ଧ ଉପାଦାନରୁ ତିଆରି ହୋଇଥାଏ ଏବଂ ଅପମିଶ୍ରଣରୁ ମୁକ୍ତ ହୋଇଥାଏ। ଏହା ପାଚନ ତନ୍ତ୍ରକୁ ସଶକ୍ତ କରିବା ସହିତ ସ୍ୱାସ୍ଥ୍ୟକର ସ୍ୱାଦ ଦେଇଥାଏ।

ପତଞ୍ଜଳି ରାଇସ୍, ସବୁଠାରୁ ନାଇସ୍। ୨ ବର୍ଷ ପୁରୁଣା ବାସମତି ଚାଉଳ ଏବଂ ଅନ୍ୟାନ୍ୟ ଚାଉଳର ସମ୍ପୂର୍ଣ୍ଣ ବର୍ଗମାଳା।

ପତଞ୍ଜଳି ହନୀ ଶୁଦ୍ଧତାର ୧୦୦ଟି ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୋଇଛି ଏବଂ ଏହା ଏକ ପ୍ରାକୃତିକ ଇମ୍ୟୁନିଟି ବର୍ଦ୍ଧକ ଅଟେ।

ପତଞ୍ଜଳିର ଡ୍ରାଏ ଫ୍ରୁଟ୍‌ସ ଶୃଙ୍ଖଳା ଖଜୁରୀ, ଆଲମଣ୍ଡ, କାଜୁ, କିସ୍‌ମିସ୍, ଅଞ୍ଜିର

ପ୍ରଦାହ ହ୍ରାସ କରେ, ଇମ୍ୟୁନିଟି ବଢ଼ାଏ ଏବଂ ଶ୍ୱସନତନ୍ତ୍ରକୁ ସୁଦୃଢ଼ କରିବା ସହିତ ରୋଗ ବିରୁଦ୍ଧରେ ସୁରକ୍ଷା ଯୋଗାଇଥାଏ।

Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

**ଭାରତୀୟ ବଂଶୋଭବଙ୍କୁ ଆକ୍ରମଣ:ଚାଇନା ନାଗରିକଙ୍କୁ ଜେଲ**

ଭାରତୀୟ ବଂଶୋଭବ ସୁରକ୍ଷା ଅଧିକାରୀଙ୍କୁ ମାଡ଼ ମାରିବା ଜଣେ ଚାଇନା ନାଗରିକଙ୍କୁ ମହଙ୍ଗା ପଡ଼ିଛି। ସିଙ୍ଗାପୁରର ଏକ କୋର୍ଟ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୬ ସପ୍ତାହ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ୱାଙ୍ଗ୍ ଲିନ୍(୪୨) ପ୍ରକାଶ ଗୋବିନ୍ଦନ୍ ଦାମୋଦରନ୍(୫୬)ଙ୍କୁ ଠେଲି ଦେବାରୁ ସେ ଗୁରୁତର ହୋଇଥିଲେ। ୨୦୨୧ ନଭେମ୍ବର ୬ରେ ଏହି ଘଟଣା ଘଟିଥିଲା। ଏନେଇ ସୁରକ୍ଷା ଅଧିକାରୀ ଦାମୋଦରନ୍ ସ୍ଥାନୀୟ କୋର୍ଟର ଆଶ୍ରୟ ନେଇଥିଲେ।

## ସଂକ୍ଷେପରେ

### ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପରାମର୍ଶଦାତା, ଓଏସ୍‌ଡିଙ୍କୁ ଇଡି ଜେରା

ରାୟପୁର,୨୮।୮(ପି.ଟି.): ବେଆଇନ ବେଟିଂ ଓ ଗାମ୍ବ୍‌ଲିଂ ଆପ୍ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ରାଜନୈତିକ ପରାମର୍ଶଦାତା ବିନୋଦ ବର୍ମା ଏବଂ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ମନୀଷ ବନ୍‌ଛୋରଙ୍କୁ ଜେରା କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ବୟାନକୁ ରେକର୍ଡ କରାଯାଇଛି। ଗତ ସପ୍ତାହରେ ଇଡି ଉଭୟଙ୍କ ଘର ଓ କାର୍ଯ୍ୟାଳୟରେ ଚଢ଼ାଉ କରିବା ସହ ସେମାନଙ୍କୁ ତଦନ୍ତରେ ସାମିଲ ହେବା ଲାଗି କହିଥିଲା। 'ମହାଦେବ ଅନ୍‌ଲାଇନ ବୁକ୍' ନାମରେ ଏହି ବେଆଇନ ବେଟିଂ ଆପ୍ ସହ ସମ୍ପୃକ୍ତି ନେଇ ପୋଲିସ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଚନ୍ଦ୍ରଭୂଷଣ ବର୍ମା, ହାୱଲା ଅପରେଟର ଭ୍ରାତା ଅନିଲ ଓ ସୁନୀଲ ଡମନି ଏବଂ ସତୀଶ ଚନ୍ଦ୍ରାକରଙ୍କୁ ଇଡି ଗିରଫ କରିଛି। ଏଏସ୍‌ଆଇଙ୍କର ବର୍ମାଙ୍କ ସହ ସମ୍ପର୍କ ଥିଲା। ଛତିଶଗଡ଼ ସିଏମ୍‌ଓ କାର୍ଯ୍ୟାଳୟ ସହ ସମ୍ପୃକ୍ତ ଉଚ୍ଚ ପାହ୍ୟାର ଅଫିସର ଏବଂ ରାଜନେତାଙ୍କୁ ପ୍ରଭାବିତ କରିବା ଲାଗି ସେ ଦୁବାଇରୁ ହାୱଲା ପାଣ୍ଠି ଗ୍ରହଣ କରୁଥିଲେ ବୋଲି ଇଡି କହିଛି। ଅନ୍ୟପକ୍ଷରେ ଇଡି କାର୍ଯ୍ୟାନୁଷ୍ଠାନ ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ବଘେଲ କହିଛନ୍ତି, ତାଙ୍କ ସରକାରଙ୍କୁ ବଦନାମ କରିବା ଓ ସ୍ୱର ଚାପିଦେବା ଲାଗି ଏଭଳି ଦୁର୍ଭାବନାପୂର୍ଣ୍ଣ ଉଦ୍ୟମ କରାଯାଉଛି। ବେଆଇନ ଅର୍ଥ କାରବାରରୁ ସେ ଟଙ୍କାଟିଏ ମଧ୍ୟ ପାଇ ନ ଥିବା ବିନୋଦ ବର୍ମା ଗତ ୨୪ ତାରିଖରେ ଏକ ଖବରଦାତା ସମ୍ମିଳନୀକୁ କହିଥିଲେ।

### ପ୍ରେମିକ ବିରୋଧରେ ସାକ୍ଷ୍ୟ ଦେବାକୁ ମନା କରିବାରୁ ଗର୍ଭବତୀ ଝିଅକୁ ହତ୍ୟା

ମୁଜାଫରନଗର, ୨୮।୮: କୋର୍ଟରେ ପ୍ରେମିକଙ୍କ ବିରୋଧରେ ସାକ୍ଷ୍ୟ ଦେବାକୁ ମନା କରିବାରୁ ଜଣେ ଗର୍ଭବତୀ ଝିଅଙ୍କୁ ତାଙ୍କ ମା' ବାପା ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶର ସାହାପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି। ପୋଲିସ ସୂଚନାନୁସାରେ ଝିଅଟି ତାଙ୍କ ପ୍ରେମିକଙ୍କ ସହ ୨୦୨୨ ଅକ୍ଟୋବରରେ ଫେରାର ହୋଇଯାଇଥିଲେ। ଝିଅଙ୍କ ପରିବାର ଲୋକେ ଉଭୟଙ୍କୁ ଡିସେମ୍ବରରେ ଖୋଜି ବାହାର କରିବା ସହ ପ୍ରେମିକ ବିରୋଧରେ ଅପହରଣ ଓ ବଳାତ୍କାର ଅଭିଯୋଗରେ ଏତଲା ଦାଏର କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରେମିକଙ୍କୁ ଜେଲ୍ ପଠାଇଥିଲେ। ମାମଲାର ଶୁଣାଣି ବେଳେ ଝିଅ ପରିବାର ଲୋକେ ତାଙ୍କୁ ପ୍ରେମିକ ବିରୋଧରେ କୋର୍ଟ ଆଗରେ ସାକ୍ଷ୍ୟ ଦେବାକୁ କହିଥିଲେ। ସେ ମନା କରିବାରୁ ଶୁକ୍ରବାର ରାତିରେ ଅଭିଯୁକ୍ତ ଦମ୍ପତି ଝିଅଙ୍କୁ ହତ୍ୟା କରିବା ସହ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ।



କାଇରୋରେ 'ବ୍ରାଇଟ୍ ଷ୍ଟାର୍-୨୩' ସମରାଭ୍ୟାସରେ ଯୋଗ ଦେବା ପାଇଁ ଭାରତୀୟ ବାୟୁସେନା ବାହିନୀର ଯବାନମାନେ ଇଜିପ୍ଟ ଏୟାରଫୋର୍ସ ବେସ୍‌ରେ ପହଞ୍ଚିଛନ୍ତି।

# ୩୭୦ ଉଚ୍ଛେଦ ବିରୋଧରେ ବୟାନ: ଅଧ୍ୟାପକ ନିଲମ୍ବିତ

## ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୮(ପି.ଟି.)

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ସୁପ୍ରିମକୋର୍ଟରେ ଯୁକ୍ତି ରଖିଥିବା ଜଣେ ଅଧ୍ୟାପକଙ୍କୁ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ନିଲମ୍ବନ କରିଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ଅନୁଧ୍ୟାନ କରିବା ଲାଗି ଶୀର୍ଷ ଅଦାଲତ ସୋମବାର ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ମାମଲାରେ ଆବେଦନକାରୀ ଅଧ୍ୟାପକ ଜହୁର ଅହମଦ ଭଟ୍ଟ ଗତ ୨୪ ତାରିଖରେ ସୁପ୍ରିମକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଯୁକ୍ତି ରଖିଥିଲେ। ତାଙ୍କୁ ନିଲମ୍ବନ କରାଯିବା ଘଟଣାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ



ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗମ୍ଭୀରତାର ସହ ନେଇଛନ୍ତି। ବେଞ୍ଚରେ ଜଷ୍ଟିସ୍ ସଞ୍ଜୟ କିଷନ କୌଲ, ସଞ୍ଜୀବ ଖାନ୍ନା, ବି.ଆର. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। କୋର୍ଟରେ ଶୁଣାଣି ଆରମ୍ଭ ହେବା କ୍ଷଣି ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ରାଜୀବ ଧାୱନ ଭଟ୍ଟଙ୍କ ନିଲମ୍ବନ ପ୍ରସଙ୍ଗ ଉଠାଇଥିଲେ। ଭଟ୍ଟ ଦୁଇଦିନ ଛୁଟିରେ ଥିଲେ। ସେ କଲେଜକୁ ଫେରିବା ବେଳକୁ ତାଙ୍କୁ ଜମ୍ମୁ-କଶ୍ମୀର ପ୍ରଶାସନ ନିଲମ୍ବନ କରିଥିଲା ବୋଲି ସିବଲ କହିଥିଲେ। ଏହା ଶୁଣିବା ପରେ ସାମ୍ବିଧାନିକ ପୀଠ ଆର୍ଟର୍ନି ଜେନେରାଲଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳଙ୍କ ସହ ଏନେଇ ଆଲୋଚନା କରିବା ସହ ଘଟଣାର ଅନୁଧ୍ୟାନ କରିବାକୁ କହିଥିଲେ। ଜଣେ ସର୍ବୋଚ୍ଚ ଅଦାଲତଙ୍କ ଆଗରେ ଯୁକ୍ତି ଉପସ୍ଥାପନ କରି ଚାକିରିରୁ ନିଲମ୍ବିତ ହେବ, ଏହା କେବେ ହୋଇ ନ ପାରେ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଥିଲେ।

ଘଟଣାର ଅନୁଧ୍ୟାନ କରିବେ ବୋଲି ଭେଙ୍କଟରମଣୀ ଅଦାଲତଙ୍କୁ କହିଥିବାବେଳେ ମେହେଟ୍ଟା କହିଥିଲେ ଭଟ୍ଟଙ୍କ ନିଲମ୍ବନ ସମ୍ପର୍କରେ ସେ ଖବରକାଗଜରୁ ଜାଣିବା ପରେ ପ୍ରଶାସନକୁ ପଚାରି ବୁଝିଥିଲେ। ଅଧ୍ୟାପକଙ୍କୁ ନିଲମ୍ବନ କରାଯିବା ପଛରେ ଅନେକ କାରଣ ଥିବା ତାଙ୍କୁ କୁହାଯାଇଥିଲା। ସେ ନିୟମିତ ଭାବେ ବିଭିନ୍ନ କୋର୍ଟରେ ପିଟିଶନ ଦାଏର କରୁଥିଲେ। ତାଙ୍କ ନିଲମ୍ବନ ସମ୍ପର୍କିତ ସମସ୍ତ ଦସ୍ତାବିଜ କୋର୍ଟରେ ଦାଖଲ କରିବେ ବୋଲି ସଲିସିଟର ଜେନେରାଲ କହିଥିଲେ। ଏହାର ଜବାବରେ ସିବଲ କହିଥିଲେ, ଯଦି ଭଟ୍ଟଙ୍କ ବିରୋଧରେ ଅଭିଯୋଗ ଥିଲା, ତେବେ ତାଙ୍କୁ ପୂର୍ବରୁ ନିଲମ୍ବନ କରାଯାଇପାରିଥାନ୍ତା, ଏବେ କାହିଁକି। ବରିଷ୍ଠ ଆଇନଜୀବୀ କହିଥିଲେ, ଭଟ୍ଟଙ୍କ ନିଲମ୍ବନ ନିର୍ଦ୍ଦେଶ ତାଙ୍କ ପାଖରେ ରହିଛି। କୋର୍ଟରେ ଯୁକ୍ତି ରଖିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ସେଥିରେ ସ୍ପଷ୍ଟ ଲେଖାଥିଲା। ଏହା ଠିକ୍ ନୁହେଁ। ଗଣତନ୍ତ୍ର କିପରି ଚାଲୁଛି, ତାହା ଏଥିରୁ ସ୍ପଷ୍ଟ ହେଉଛି ବୋଲି ସିବଲ କହିଥିଲେ। ଯଦି ଅନ୍ୟ କାରଣରୁ ନିଲମ୍ବନ କରାଯାଇଥାଏ, ତାହା ଭିନ୍ନ କଥା। କିନ୍ତୁ କୋର୍ଟରେ ଯୁକ୍ତି ଉପସ୍ଥାପନ ଲାଗି ନିଲମ୍ବିତ ହୋଇଥିଲେ, ତାହାକୁ ଅନୁଧ୍ୟାନ କରିବାକୁ ପଡ଼ିବ ବୋଲି ସାମ୍ବିଧାନିକ ପୀଠ କହିଥିଲେ।

### ହୋଟେଲରେ ଛକିଥିଲା ମୃତ୍ୟୁ

ଭୁଜ୍,୨୮।୮

ପ୍ରବାସୀ ଭାରତୀୟ କିଷନ ହାଲାଇ ଓ ତାଙ୍କର ୨୫ ବର୍ଷୀୟା ଭାବୀ ସ୍ତ୍ରୀ ରୁପାଲ ଭେକରିଆ ରବିବାର ମୁମ୍ବାଇରୁ ବିମାନ ଯୋଗେ ନାଇରୋବି ଯିବାର ଥିଲା। ହେଲେ ଭାଗ୍ୟ କିଛି ଅଲଗା ଚାହୁଁଥିଲା। ଏୟାରଲାଇନ୍ସ କର୍ତ୍ତୃପକ୍ଷ ବିମାନ ଛାଡ଼ିବା ସମୟରେ ପରିବର୍ତ୍ତନ କରିବାରୁ ଏହି ଯୋଡ଼ି ସାନ୍ତାକ୍ରୁଜ୍‌ସ୍ଥିତ ଗାଲାକ୍ସି ହୋଟେଲରେ ରହିଥିଲେ। ଉକ୍ତ ହୋଟେଲରେ ସେମାନଙ୍କ ପାଇଁ ମୃତ୍ୟୁ ଯେପରି ଛକି ରହିଥିଲା। ରବିବାର ଅପରାହ୍ନରେ ହୋଟେଲରେ ନିଆଁ ଲାଗିଯିବାରୁ କିଷନ(୨୮), ରୁପାଲ ଏବଂ କାନ୍ତିଲାଲ୍ ଭାରା(୫୦) ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ରୁପାଲଙ୍କ ମାଆ ମଞ୍ଜୁଲାବେନ୍(୪୯), ଭଉଣୀ ଆଲ୍‌ଫା (୧୯) ଏବଂ ଆସଲାମ ଶେଖ୍ (୪୮) ନାମକ ଅନ୍ୟ ଜଣେ ବ୍ୟକ୍ତି ନିଆଁରେ ପୋଡ଼ିହୋଇ ଆହତ ହୋଇଛନ୍ତି। କିଷନ ଏବଂ ରୁପାଲ ବହୁବର୍ଷ ହେଲା ନାଇରୋବିରେ ରହୁଥିଲେ। ସେମାନଙ୍କ ପୈତୃକ ଘର ଗୁଜରାଟର ରାମ୍ପାର ଗ୍ରାମରେ ରହିଛି।

## ଯାନ, ଔଷଧ, ପର୍ଯ୍ୟଟନ କ୍ଷେତ୍ର ନୂଆ ନିଯୁକ୍ତି ସୃଷ୍ଟି କରିବ: ପ୍ରଧାନମନ୍ତ୍ରୀ

### ୫୧ ହଜାରଙ୍କୁ ନିଯୁକ୍ତି ପତ୍ର

ନୂଆଦିଲ୍ଲୀ,୨୮।୮(ପି.ଟି.)

ଭାରତର ଅର୍ଥନୀତି ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି। ଏହା ଯୁବବର୍ଗଙ୍କ ଲାଗି ନିଯୁକ୍ତିର ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରୋଜଗାର ମେଳାରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ଅବସରରେ ସେ ୫୧ ହଜାର ଯୁବତୀଯୁବକଙ୍କୁ ନିଯକ୍ତି ପତ୍ର ପ୍ରଦାନ କରିଥିଲେ। ଯାନ, ଔଷଧ, ପର୍ଯ୍ୟଟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟରରେ ଦ୍ରୁତ ବୃଦ୍ଧି ସାଙ୍ଗକୁ ଯୁବବର୍ଗଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅର୍ଥନୀତିକୁ କେବଳ ପର୍ଯ୍ୟଟନ ସେକ୍ଟରର ୨୦୩୦ ସୁଦ୍ଧା ୨୦ ଲକ୍ଷ କୋଟି ଟଙ୍କା ଅବଦାନ ରହିବ। ଏହି ସେକ୍ଟର ୧୩ରୁ ୧୪ କୋଟି ନୂଆ ନିଯୁକ୍ତି ସୃଷ୍ଟି କରିବା କ୍ଷମତା ରଖିଛି। ବର୍ତ୍ତମାନ ଭାରତର



ଔଷଧ ଶିଳ୍ପ ୪ ଲକ୍ଷ କୋଟି ଟଙ୍କାର ହୋଇଥିବାବେଳେ ୨୦୩୦ ବେଳକୁ ଏହା ୧୦ ଲକ୍ଷ କୋଟିରେ ପହଞ୍ଚିବ। ତେଣୁ ଏହି କ୍ଷେତ୍ରରେ ବହୁସଂଖ୍ୟାରେ ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇବେ। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆଗାମୀ ୩.୫ ବର୍ଷରେ ୩୫ ଲକ୍ଷ କୋଟିରେ ପହଞ୍ଚିବାକୁ ଯାଉଛି ବୋଲି ମୋଦି କହିଛନ୍ତି।

## ବିମାନ ଯାତ୍ରା ବାଧାପ୍ରାପ୍ତ

### ବ୍ରିଟେନ୍ ଏଟିସିରେ ବୈଷୟିକ ତ୍ରୁଟି

ଲଣ୍ଡନ,୨୮।୮

ବ୍ରିଟେନ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରେ ବୈଷୟିକ ସମସ୍ୟା ଦେଖାଦେବାରୁ ସୋମବାର ଶତାଧିକ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ବ୍ରିଟେନର ନ୍ୟାଶନାଲ ଏୟାର ଟ୍ରାଫିକ୍ ସର୍ଭିସ (ଏନ୍‌ଏଟିଏସ୍) ବିମାନ ଚଳାଚଳ ଉପରେ କଟକଣା ଜାରି କରିଛି। ସୁରକ୍ଷା ସୁନିଶ୍ଚିତ କରିବା ଲାଗି ବିମାନ ଉଡ଼ାଣକୁ ସୀମିତ ରଖାଯାଇଛି। ଏନ୍‌ଏଟିଏସ୍ ଇଞ୍ଜିନିୟରମାନେ ତ୍ରୁଟି ଚିହ୍ନଟ କରି ସଂଶୋଧନ କରିବାକୁ କାମରେ ଲାଗିଥିବା ଏହାର ମୁଖପାତ୍ର କହିଛନ୍ତି। ତେବେ ସମସ୍ୟା ସମାଧାନ ହେବା ଲାଗି କେତେ ସମୟ ଲାଗିବ ସେ ତାହା କହି ନାହାନ୍ତି। ରିପୋର୍ଟ ଅନୁଯାୟୀ ଅଧିକାଂଶ ବିମାନ ଅନ୍ୟୂନ ୧୨ ଘଣ୍ଟା ବିଳମ୍ବିତ ହୋଇଛି।

## ପାର୍ଟନରଙ୍କୁ ପ୍ରେସର୍ କୁକରରେ ପିଟି ହତ୍ୟା

ବେଙ୍ଗାଲୁରୁ,୨୮।୮

ଲିଭ୍ ଇନ୍ ରିଲେସନ୍‌ଶିପ୍‌ରେ ରହୁଥିବା ଯୁବତୀ ଅନ୍ୟ ପୁରୁଷ ସହ ସମ୍ପର୍କ ରଖିବା ସନ୍ଦେହ କରି ପ୍ରେସର୍ କୁକରରେ ପିଟି ହତ୍ୟା କରିଛନ୍ତି ପ୍ରେମିକ। ଶନିବାର ରାତିରେ ଏହି ଘଟଣା ଘଟିଥିଲାବେଳେ ପୋଲିସ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ମୃତ ପ୍ରେମିକା ଥିରୁଭାନନ୍ତପୁରମ୍‌ର ଦେବା ଏସ୍ ହୋଇଥିବାବେଳେ ଅଭିଯୁକ୍ତ ବୈଷ୍ଣବ ହେଉଛନ୍ତି କେରଳର କୋଲମ୍ ଅଞ୍ଚଳର। ଅନ୍ୟ ପୁରୁଷ ସହ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିଲା। ଶନିବାର ରାତିରେ ବୈଷ୍ଣବ ହତ୍ୟା ଉଦ୍ଦେଶ୍ୟରେ ପ୍ରଥମେ ପ୍ରେସର୍ କୁକରରେ ଥିବା ଭାତ ଖାଲି କରିଥିଲେ। ଏହାପରେ ପ୍ରେମିକାଙ୍କ ମୁଣ୍ଡକୁ ବାରମ୍ବାର ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ପ୍ରେମିକା ଦେବାଙ୍କ ମୃତ୍ୟୁ

### ପରକୀୟା ପ୍ରୀତି ସନ୍ଦେହ



ଘଟିଥିଲା। ଦେବାଙ୍କ ଭଉଣୀ କ୍ରିଷ୍ଣା ତାଙ୍କୁ ଫୋନ୍ କରିବା ପରେ ସେ ଉଠାଇନଥିଲେ। ତେଣୁ ସେ ପଡ଼ୋଶୀଙ୍କୁ ଫୋନ୍ କରିବାରୁ ଘଟଣା ସାମ୍ନାକୁ ଆସିଥିଲା। ହତ୍ୟା କରିବା ପରେ ବୈଷ୍ଣବ ଘଟଣାସ୍ଥଳରୁ ଫେରାର ହୋଇଥିଲେ। କ୍ରିଷ୍ଣା କହିଛନ୍ତି, ଘଟଣା ଦିନ ସକାଳେ ଦେବା ଓ ବୈଷ୍ଣବ ତାଙ୍କ ଘରକୁ ଆସିଥିଲେ ଏବଂ ସେଠାରେ କୌଣସି କଥାକୁ ନେଇ ପାଟିତୁଣ୍ଡ କରିଥିଲେ। ଦେବା ସବୁବେଳେ ମୋବାଇଲରେ ବ୍ୟସ୍ତ ରହିବା ସହ ଅନ୍ୟ କାହାରିକୁ ମେସେଜ୍ କରୁଛନ୍ତି ବୋଲି ବୈଷ୍ଣବ ଅଭିଯୋଗ କରିଥିଲେ। ଏହାପରେ କ୍ରିଷ୍ଣା ଉଭୟଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ଘଟଣାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ରବିବାର ଗିରଫ କରିଥିଲା। ଦେବାଙ୍କୁ ବାରମ୍ବାର ତାଗିଦ୍ ପରେ ମଧ୍ୟ ସେ ଅନ୍ୟ ଜଣଙ୍କ ସହ ସମ୍ପର୍କ ରଖିଥିଲେ। ତେଣୁ ବାଧ୍ୟ ହୋଇ ହତ୍ୟା କରିଛନ୍ତି ବୋଲି ବୈଷ୍ଣବ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଦେବା ଏବଂ ବୈଷ୍ଣବ ଶେୟାର ମାର୍କେଟ୍ ବ୍ୟବସାୟରେ ସମ୍ପୃକ୍ତ ଥିଲେ। କେରଳରେ ଉଭୟଙ୍କ ସାକ୍ଷାତ ହୋଇଥିଲା।

## ଜି୨୦ ସମ୍ମିଳନୀରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ଯୋଗଦେବେ

### ମୋଦିଙ୍କୁ ଜଣାଇଲେ ପୁଟିନ୍

ନୂଆଦିଲ୍ଲୀ,୨୮।୮

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ଦିଲ୍ଲୀରେ ଆସନ୍ତା ସପ୍ତାହରେ ହେବାକୁ ଥିବା ଜି୨୦ ସମ୍ମିଳନୀରେ ଯୋଗଦେବାକୁ ଅସମର୍ଥ ବୋଲି ଜଣାଇଛନ୍ତି। ପୁଟିନ୍ ତାଙ୍କ ସ୍ଥାନରେ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କୁ ଜି୨୦ ସମିଟ୍‌କୁ ପଠାଇବେ ବୋଲି କହିଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ପୁଟିନ୍‌ଙ୍କ ନିଷ୍ପତ୍ତି ସମ୍ପର୍କରେ ହୃଦ୍‌ବୋଧ କରୁଥିବା ମୋଦି ତାଙ୍କୁ ଜଣାଇଥିଲେ। ଚଳିତ ବର୍ଷ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିବାବେଳେ ରୁଷିଆର ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଦୁଇ ନେତା ଯୋଗାଯୋଗରେ ରହିବା ଲାଗି ରାଜି ହୋଇଥିବା ପିଏମ୍‌ଓ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ



ଭ୍ଲାଡିମିର୍ ପୁଟିନ୍

ବିଶ୍ୱବ୍ୟାପୀ ସମାଲୋଚିତ ହୋଇଥିବା ରୁଷିଆ ରାଷ୍ଟ୍ରପତି ଜି୨୦ ସମିଟରେ ଯୋଗଦେବାକୁ ଯିବେ ନାହିଁ ବୋଲଇ ଗତ ସପ୍ତାହରେ କ୍ରେମଲିନ୍ ସୂଚନା ଦେଇଥିଲା।

# ହିନ୍ଦୁ ସଂଗଠନର ଶୋଭାଯାତ୍ରା ପାଇଁ ନୁହରେ କଡ଼ା ସୁରକ୍ଷା

ନୁହ(ହରିୟାଣା),୨୮।୮(ପି.ଟି.)

ହରିୟାଣାର ନୁହଠାରେ ସର୍ବଜାତୀୟ ହିନ୍ଦୁ ମହାପଞ୍ଚାୟତ ପକ୍ଷରୁ 'ଶୋଭାଯାତ୍ରା'ଲାଗି ଆହ୍ୱାନ ଦିଆଯାଇଥିବାବେଳେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉକ୍ତ ଅଞ୍ଚଳ ସୁରକ୍ଷା ବଳ ଛାଉଣୀରେ ପରିଣତ ହୋଇଥିବାବେଳେ ଚାରିଆଡ଼ ଖାଁଖାଁ ଲାଗୁଛି। ନୁହରେ ଦଙ୍ଗାନିରୋଧୀ ଯାନ ଏବଂ ଡ୍ରୋନ୍ ମୁତୟନ ହୋଇଛି। ନଲ୍‌ହାରସ୍ଥିତ ଶିବମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ସୋମବାର ୧୫ ଜଣ ସନ୍ଥ ଓ ଧର୍ମୀୟ ନେତାଙ୍କୁ ଛଡ଼ାଯାଇଛି। ଜୁଲାଇ ୩୧ ଧର୍ମୀୟ ଶୋଭାଯାତ୍ରା ସାମ୍ପ୍ରଦାୟିକ ସଂଘର୍ଷରେ ପରିଣତ ହେବା ପରେ ଜିଲା କର୍ତ୍ତୃପକ୍ଷ ସୋମବାର ଶୋଭାଯାତ୍ରା ପାଇଁ ଅନୁମତି ଦେଇନାହାନ୍ତି। ତେବେ ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ଅନ୍ୟ ଅଞ୍ଚଳରେ ଥିବା ମନ୍ଦିରରେ ପୂଜା ପାଇଁ ଅନୁମତି ମିଳିଥିଲା। ନୁହକୁ ଯାଉଥିବା କେତେଜଣ ସନ୍ଥଙ୍କୁ



ଗୁରୁଗ୍ରାମର ଘମରୋଜ୍ ଟୋଲ ପ୍ଲାଜାଠାରେ ପୋଲିସ କର୍ମଚାରୀମାନେ ଗାଡ଼ିକୁ ଯାଞ୍ଚ କରୁଛନ୍ତି।

### ଡ୍ରୋନ୍ ମୁତୟନ, ଇଣ୍ଟରନେଟ୍ ସେବା ବନ୍ଦ

ଗୁରୁଗ୍ରାମଠାରେ ପୋଲିସ ଅଟକ ରଖିଛି। ଦିଲ୍ଲୀ-ଗୁରୁଗ୍ରାମ ଜାତୀୟ ରାଜପଥରେ ୫ଟି ବଡ଼ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଛି। ଏପରିକି ଗଣମାଧ୍ୟମ ଗାଡ଼ିକୁ ମଧ୍ୟ ତୃତୀୟ ଚେକ୍‌ପଏଣ୍ଟ ଟପିବାକୁ ଦିଆଯାଉ ନାହିଁ। ଅଯୋଧ୍ୟାରୁ ଆସିଥିବା ହିନ୍ଦୁ ସନ୍ଥ ଜଗତଗୁରୁ ପରମହଂସ ଆଚାର୍ଯ୍ୟଙ୍କ ଗାଡ଼ିକୁ ସୋହନା ନିକଟବର୍ତ୍ତୀ ଘମ୍ରୋଜ ଟୋଲ୍ ପ୍ଲାଜା ନିକଟରେ ଅଟକାଯାଇଛି। ନଲହାର ମନ୍ଦିରରେ ଜଳାଭିଷେକ ଲାଗି ସନ୍ଥ ଓ ତାଙ୍କ ଲୋକମାନେ ସରଯୁ ନଦୀରୁ ଜଳ ଓ ଅଯୋଧ୍ୟା ମାଟି ଆଣିଥିଲେ ବୋଲି କହିବା ସହ ଅଟକ ବିରୋଧରେ ଟୋଲ ପ୍ଲାଜା ନିକଟରେ ଅନଶନରେ ବସିଛନ୍ତି। ସତର୍କତା ପଦକ୍ଷେପ ସ୍ୱରୂପ ନୁହ ଜିଲା ପ୍ରଶାସନ ସୋମବାର ଶିକ୍ଷାନୁଷ୍ଠାନ ଓ ବ୍ୟାଙ୍କଗୁଡ଼ିକୁ ବନ୍ଦ ରଖିଥିଲା। ସେହିପରି ମୋବାଇଲ ଇଣ୍ଟରନେଟ୍ ସେବା ଏବଂ ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରିଦିଆଯାଇଛି। ସାମ୍ପ୍ରଦାୟିକ ସମ୍ବେଦନଶୀଳ ଏହି ଜିଲାରେ ୧୪୪ ଧାରା ଜାରି କରାଯାଇଛି। ବାହାର ଲୋକଙ୍କୁ ଜିଲାରେ ପ୍ରବେଶ ବନ୍ଦ କରାଯାଇଛି।

### ଶୋଭାଯାତ୍ରା ପାଇଁ ମୁତୟନ ଏସ୍‌ଆଇଙ୍କ ହୃଦ୍‌ଘାତରେ ମୃତ୍ୟୁ

ଶୋଭାଯାତ୍ରା ପାଇଁ ସୋମବାର ନୁହରେ ମୁତୟନ ଥିବା ଜଣେ ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ)ଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ ଏସ୍‌ଆଇ ହକମୁଦ୍ଦିନ (୪୭)ଙ୍କ ଘର ଉତୱାର ଗ୍ରାମରେ ଓ ସେ ବଡ଼କାଳୀ ଚୌକରେ ରହୁଥିଲେ। ଡ୍ୟୁଟି ସମୟରେ ଏସ୍‌ଆଇ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।




# ୨୬୨ ଆସିଷ୍ଟାଣ୍ଟ ପ୍ରଫେସର, ୮୮ ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ ନିଯୁକ୍ତି

- ଶିକ୍ଷକମାନେ ଛାତ୍ରଙ୍କ ମନରେ ଦୃଢ଼ ଆତ୍ମବିଶ୍ୱାସ ଭରିବା ଦରକାର: ମୁଖ୍ୟମନ୍ତ୍ରୀ
- ୬ ବର୍ଷରେ ସରକାରୀ କଲେଜରେ ନିଯୁକ୍ତ ହେଲେଣି ୪ ହଜାର ଶିକ୍ଷକ

ଭୁବନେଶ୍ୱର,୨୮।୮(ଅନିଲ ଦାସ)

ଉଚ୍ଚ ଶିକ୍ଷା ବିଭାଗର ୨୬୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଗୃହ ବିଭାଗର ୮୮ ଜଣ ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସୋମବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ନିଯୁକ୍ତି ପତ୍ର ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ପିଲାମାନଙ୍କୁ ନିଯୁକ୍ତି ଉପଯୋଗୀ କରିବା ଏବଂ ସେମାନଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଚ୍ଚ ଶିକ୍ଷା ବିଭାଗ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଉଚ୍ଚଶିକ୍ଷାନୁଷ୍ଠାନରୁ ନିଜ ଜୀବନ ତଥା ସମାଜ ପାଇଁ ସେମାନେ ଆତ୍ମବିଶ୍ୱାସୀ ହୋଇ ବାହାରିବା ଆବଶ୍ୟକ। ଏ କ୍ଷେତ୍ରରେ ଶିକ୍ଷକ ଓ ପ୍ରଫେସରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍ତମ ଶିକ୍ଷା ପ୍ରଦାନ ସହ ଶିକ୍ଷକମାନେ ନିଜ ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ ଛାତ୍ରୀଛାତ୍ରଙ୍କ ମନରେ ଦୃଢ଼ ଆତ୍ମବିଶ୍ୱାସ ଭରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନବ ନିଯୁକ୍ତ ପ୍ରଫେସରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉଚ୍ଚଶିକ୍ଷା ହେଉଛି ଏକ ବଡ ପ୍ଲାଟଫର୍ମ ଯେଉଁଠାରୁ ଶିକ୍ଷା ଗ୍ରହଣ କରି ଛାତ୍ରୀଛାତ୍ରମାନେ ନିଜର ବୃତ୍ତିଗତ କ୍ୟାରିୟରକୁ ପ୍ରବେଶ କରିଥାନ୍ତି। ୨୦୧୬-୧୭ରେ ରାଜ୍ୟ ସରକାର ସମସ୍ତ ସରକାରୀ କଲେଜ ପାଇଁ ୪ ହଜାର ଅଧ୍ୟାପକ ନିଯୁକ୍ତି ଦେଇଥିଲେ। ଏଥିସହିତ ରାଜ୍ୟରେ ଉଚ୍ଚଶିକ୍ଷାର ଉତ୍ତମ ବାତାବରଣ ସୃଷ୍ଟିପାଇଁ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ସହ ଲାପ୍‌ଟପ୍ ପ୍ରଦାନ କରାଯାଉଛି। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସଚିବାଳୟ ପାଇଁ ଜୁନିୟର ଆସିଷ୍ଟାଣ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକମାନଙ୍କର ସେବା କରିବା ପାଇଁ ସରକାରୀ କର୍ମଚାରୀମାନେ ସମାନୁବର୍ତ୍ତୀ ଓ ପ୍ରତିବଦ୍ଧହେବା ଜରୁରୀ। ଏହି ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଏହି ନିଯୁକ୍ତି କଲେଜ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାର ଗୁଣାବତ୍ତା ବୃଦ୍ଧିକୁ ସହାୟତା କରିବ। ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ବର୍ତ୍ତମାନର ଯୁଗ ସହ ତାଳଦେଇ ଶିକ୍ଷାଦାନ କରିବାକୁ ନବ ନିଯୁକ୍ତ ପ୍ରଫେସରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ପରିଚାଳନା କରିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ଜାଭେଲିନ ତାରକା କିଶୋରଙ୍କୁ ୨୫ ଲକ୍ଷ ଟଙ୍କା ପୁରସ୍କାର

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୮।୮(ଅନିଲଦାସ)

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଓଡ଼ିଆ ଭାବେ ଦେଶ ପାଇଁ ପ୍ରତିନିଧିତ୍ୱ କରି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜାଭେଲିନ ତାରକା କିଶୋର ଜେନାଙ୍କୁ ୨୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୁଦାପେଷ୍ଟରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଶୋର ଜେନାଙ୍କ ଉଲ୍ଲେଖନୀୟ ଯାତ୍ରା ଓ ଅସାଧାରଣ ପ୍ରଦର୍ଶନ ଆମ ରାଜ୍ୟ ଓ ଦେଶ ପାଇଁ କେବଳ ଗୌରବ ଆଣି ଦେଇ ନାହିଁ, ଆଗାମୀ ବର୍ଷଗୁଡ଼ିକରେ ଏହା ଅନେକ ଆଥ୍‌ଲେଟ୍‌ସଙ୍କୁ ପ୍ରେରଣା ଯୋଗାଇବ।

ରାଜ୍ୟର ପ୍ରଥମ ବ୍ୟକ୍ତି ଭାବେ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାଗ ନେଇ କିଶୋର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ରବିବାର ଅନୁଷ୍ଠିତ ଫାଇନାଲରେ ପଦକ ଜିତି ପାରି ନ ଥିଲେ ମଧ୍ୟ ସେ ନିରାଶ କରି ନ ଥିଲେ। ସେ ୮୪.୭୭ ମିଟର ଜାଭେଲିନ ଫିଙ୍ଗି ପ୍ରତିଯୋଗିତାର ପଞ୍ଚମ ସ୍ଥାନରେ ରହିଥିଲେ। ଏହା ଥିଲା କିଶୋରଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ହେଉଛି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା। ବିଶ୍ୱର ପ୍ରତିଭାବାନ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଭାଗ ନେଇ ଥାଆନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ କିଶୋର ଜେନା କେବଳ ନିଜର ବ୍ୟକ୍ତିଗତ ସଫଳତା ପାଇଁ ଅଂଶ ଗ୍ରହଣ କରି ନାହାନ୍ତି ବରଂ ଓଡ଼ିଶା ଏକ ପ୍ରତିଭାବାନ କ୍ରୀଡାବିତ୍‌ଙ୍କୁ ବିଶ୍ୱକୁ ପ୍ରଦାନ କରିପାରିଛି।



କିଶୋର ଜେନା

# ୫ ମହାନଗର ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର

- ୬୫ ହଜାର ଗରିବ ପରିବାର ଉପକୃତ
- ଜାଗା ସହ ମିଳିବ ଘର ତିଆରି ସହାୟତା
- ଅକ୍ଟୋବରରେ ବିଏମ୍‌ସିରେ ହେବ ୨ୟ ପର୍ଯ୍ୟାୟ ଭୂମି ଅଧିକାର କାର୍ଯ୍ୟକ୍ରମ
- ଜାଗା ମିଶନ ଗରିବ ଲୋକଙ୍କୁ ଦେଇଛି ନୂଆ ପରିଚୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୮(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଜାଗା ମିଶନ କାର୍ଯ୍ୟକ୍ରମରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର,ରାଉରକେଲା ଆଦି ୫ ମହାନଗର ନିଗମର ୬୫ ହଜାର ଗରିବ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାଗା ସହ ଘର କରିବା ପାଇଁ ଆର୍ଥିକ ସହାୟତା ମଧ୍ୟ ଦିଆଯିବ। ଆସନ୍ତା ଅକ୍ଟୋବରରେ ଏହାର୨ୟ ପର୍ଯ୍ୟାୟ ପ୍ରମାଣପତ୍ର ପ୍ରଦାନ କରାଯିବ। ସହରର ସବୁଗରିବ ପରିବାରଙ୍କୁ ଭୂମି ଅଧିକାର ମିଳିବା ପର୍ଯ୍ୟନ୍ତ ଏ ଅଭିଯାନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସହର କେବଳ ଧନୀ ଲୋକଙ୍କର ନୁହଁ। ଗରିବ ଲୋକଙ୍କର ମଧ୍ୟ ସ୍ୱାଭିମାନ ସହ ସହରରେ ବଞ୍ଚିବାର ଅଧିକାର ରହିଛି। ସହରର ନିର୍ମାଣରେ ବ୍ୟବହୃତ ପ୍ରତିଟି ଇଟାରେ ଗରିବ ଲୋକର ପରିଶ୍ରମ ଯୋଡ଼ି ହୋଇରହିଛି। ସେମାନଙ୍କ ଅବଦାନକୁ ଆମେ ସମସ୍ତେ ସମ୍ମାନ ଜଣାଇବା ଉଚିତ। ଜାଗା ମିଶନ ଗରିବ ଲୋକକୁ ସମ୍ମାନ ଦେଇଛି, ନୂଆ ପରିଚୟ ଦେଇଛି। ଏହି କାର୍ଯ୍ୟକ୍ରମ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ବିକାଶର ସୁଫଳରେ ଗରିବ ଲୋକର ପ୍ରଥମ ଅଧିକାର ରହିଛି। ସହରର ରୂପାନ୍ତରଣରେ ଜାଗା ମିଶନ ନୂଆ ଯୁଗ ଆରମ୍ଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଆଉ ବସ୍ତି ରହିବ ନାହିଁ। ସମସ୍ତ ବସ୍ତି ହେବ ବିଜୁ ଆଦର୍ଶ କଲୋନୀ। ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଦେବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ଜୀବନରେ ରୂପାନ୍ତର ଆଣିବା ପାଇଁ ଆମର ଉଦ୍ୟମକୁ ୫-ଟି ଉପକ୍ରମ ତ୍ୱରାନ୍ୱିତ କରିଛି। ଜାଗା ମିଶନ ଏହାର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଆପଣମାନେ ଖୁସି ତ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରଶ୍ନରେ କଳିଙ୍ଗ ଷ୍ଟାଡିୟମ କରତାଳି ଓ ହୁଳହୁଳିରେ କମ୍ପିଥିଲା।

ଉଲ୍ଲେଖଯୋଗ୍ୟ ଯେ, ୨୦୧୮ରୁ ଆରମ୍ଭ ହୋଇଥିବା ଜାଗା ମିଶନ କାର୍ଯ୍ୟକ୍ରମରେ ସହରର ବସ୍ତିଗୁଡ଼ିକରେ ରହୁଥିବା ଗରିବ ପରିବାରଗୁଡ଼ିକୁ ଭୂମି ଅଧିକାର ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ସହରର ୧ ଲକ୍ଷ ୭୦ହଜାରରୁ ଅଧିକ ପରିବାରକୁ ଭୂମି ଅଧିକାର ମିଳିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜମି ପଟ୍ଟା ବଣ୍ଟନକୁ ମିଶାଇଲେ ଏ ପର୍ଯ୍ୟନ୍ତ ମୋଟ ୨ ଲକ୍ଷ ୪୦ ହଜାର ପରିବାରକୁ ଭୂମି ଅଧିକାର ପ୍ରଦାନ କରାଯାଇଛି। ଏଥିସହିତ ୪୦ ହଜାର ପରିବାରକୁ ଘର ତିଆରି ପାଇଁ ସହାୟତା ମଧ୍ୟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୬୮ଟି ପୌରାଞ୍ଚଳର ୧୦୧୦ ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି। ଜାଗା ମିଶନର ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେଶନ୍‌ର ଗୁରୁତ୍ୱପୂର୍ଣ୍ଣ ସହଯୋଗ ଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେବା ସହିତ ଟାଟା ଷ୍ଟିଲକୁ ସମ୍ବର୍ଦ୍ଧିତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଜୁ ଆଦର୍ଶ କଲୋନୀରେ ପରିଣତ ହୋଇଥିବା ୧୦୧୦ଟି କଲୋନୀକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ବିଜୁ ଆଦର୍ଶ କଲୋନୀ ନିର୍ମାଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ମୁଖ୍ୟମନ୍ତ୍ରୀ କଟକ ମହାନଗର ନିଗମ, ଖୋର୍ଦ୍ଧା, କୋରାପୁଟ ଓ ଯାଜପୁର ପୌରାଞ୍ଚଳକୁ ସମ୍ମାନିତ କରିଛନ୍ତି। ସେହିପରି ଯେଉଁଠାରେ ଆଇନଗତ କାରଣରୁ ବସ୍ତି ଲୋକଙ୍କୁ ନିଜେ ରହୁଥିବା ସ୍ଥାନରେ ଜାଗା ଦିଆଯିବା ସମ୍ଭବ ନୁହେଁ, ସେଠାରେ ସମସ୍ତଙ୍କ ସହମତିରେ ନିକଟସ୍ଥ ସ୍ଥାନରେ ଜାଗା ଦିଆଯାଇ ନୂଆ କଲୋନୀ ସ୍ଥାପନ କରାଯାଉଛି। ନୂଆ କଲୋନୀ ସ୍ଥାପନରେ ଟିକିଟି, ବୌଦ୍ଧ, ଢେଙ୍କାନାଳ ଓ କେଶିଙ୍ଗା ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେହି ପୌରସଂସ୍ଥାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଜଙ୍ଗଲ ଜମିରେ ଘର କରିଥିବା ଗରିବ ଲୋକଙ୍କୁ ଜଙ୍ଗଲ ଅଧିକାର ଆଇନ ପ୍ରୟୋଗରେ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ଦେବା କ୍ଷେତ୍ରରେ ଢେଙ୍କାନାଳ ଜିଲା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲା ପ୍ରଶାସନକୁ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ରାଜ୍ୟର ଜାଗା ମିଶନ କାର୍ଯ୍ୟକ୍ରମ ଜାତିସଂଘ ୱାର୍ଲ୍ଡ ହାବିଟାଟ ଆୱାର୍ଡ -୨୦୨୩ ପାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଜାଗା ମିଶନ ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରିଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଉଦ୍ୟମ ଯୋଗୁ ରାଜ୍ୟର ଗରିବ ଲୋକମାନଙ୍କ ମୁହଁରେ ଆଜି ହସ ଫୁଟିଛି। ସେମାନେ ଆଜି ନିଜର ଅଧିକାର ପାଇଛନ୍ତି ଓ ଆଗକୁ ବଢ଼ିବାର ସୁଯୋଗ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ଜାଗା ମିଶନର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।



# ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ସରିଲା

## ୪ରେ ମେଧା ତାଲିକା

ଭୁବନେଶ୍ୱର, ୨୮।୮(ଅସମାପିକା ସାହୁ)

ରାଜ୍ୟରେ ଉଚ୍ଚ ମାଧ୍ୟମିକ ସ୍କୁଲରେ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ରାତି ୮ଟା ସୁଦ୍ଧା ୬୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିବା ଜଣାପଡ଼ିଛି। ଗତ ୧୬ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ୪ ପୂର୍ବାହ୍ନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୫ ତାରିଖ ସକାଳ ୯ଟାରୁ ୭ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧ ରୁ ୧୪ ତାରିଖ ସନ୍ଧ୍ୟା ଭିତରେ ନାମଲେଖାଇବେ।

ସୂଚନାଯୋଗ୍ୟ, ରାଜ୍ୟର ୨,୧୯୯ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପାଇଁ ମୋଟ ୫,୧୯,୧୭୭ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ୩,୭୮,୯୨୦ଟି ସିଟ୍ ପୂରଣ ହୋଇଥିବାବେଳେ ୧,୪୦,୨୫୭ଟି ସିଟ୍ ଖାଲି ପଡ଼ିଛି। ଏଥିରୁ କଳା ବିଭାଗରେ ୫୧,୭୦୫ ସିଟ୍ ବଳକା ପଡ଼ିଥିବାବେଳେ ବିଜ୍ଞାନରେ ୫୯,୪୦୮, ବାଣିଜ୍ୟରେ ୧୬,୭୭୬, ସଂସ୍କୃତରେ ୬,୫୨୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୮୪୩ଟି ସିଟ୍ ଖାଲିପଡିଛି। ଏପରିସ୍ଥିତିରେ ଗତ ୧ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। କିନ୍ତୁ ସିଟ୍ ପୂରଣ ହୋଇ ନ ଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କରିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା।

# ଯୁକ୍ତ୩ ନାମଲେଖା ଶେଷ

ଭୁବନେଶ୍ୱର, ୨୮।୮(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ସ୍ନାତକ(ଯୁକ୍ତି) ଚତୁର୍ଥ ପର୍ଯ୍ୟାୟ ନାମଲେଖା ସୋମବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ମୋଟ ୩୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥିବା ଜଣାପଡିଥିଲେ ମଧ୍ୟ ମୋଟ କେତେ ସଂଖ୍ୟକ ଛାତ୍ରୀଛାତ୍ର ନାମଲେଖାଇଲେ ତାହା ମଙ୍ଗଳବାର ସକାଳ ୧୦ଟା ସୁଦ୍ଧା ଇ-ସ୍ପେସ୍‌ରେ ଅପ୍‌ଲୋଡ୍ ହେବା ପରେ ସ୍ପଷ୍ଟ ହେବ। ତେବେ ନାମଲେଖା ବିଳମ୍ବ ହେବାରୁ ଗତ ୨୧ତାରିଖରୁ ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହୋଇଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୧,୨୭,୦୯୧ଜଣ ନାମ ଲେଖାଇଥିଲେ ଓ ୧,୪୩,୦୭୨ଟି ସିଟ୍ ବଳକା ପଡ଼ିଥିଲା। ଏଥିମଧ୍ୟରୁ କଳାରେ ୬୮,୪୧୭, ପଦାର୍ଥ ବିଜ୍ଞାନରେ ୩୦,୬୨୨, ଜୈବ ବିଜ୍ଞାନରେ ୧୬,୮୫୯, ବାଣିଜ୍ୟରେ ୨୦,୦୪୧, ସେଲ୍‌ଫ ଫାଇନାନ୍ସିଂରେ ୧,୨୫୩ ଏବଂ ସଂସ୍କୃତରେ ୫,୮୮୦ ସିଟ୍ ଖାଲି ପଡ଼ିଥିଲା। ତେଣୁ ଏହି ବଳକା ସିଟ୍‌ରେ ଗତ ୨୫ ତାରିଖରୁ ଚତୁର୍ଥ ପର୍ଯ୍ୟାୟ ନାମଲେଖା ଆରମ୍ଭ ହୋଇଥିଲା।



୧୨ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ସମିତି ସଭ୍ୟାସଭ୍ୟ ପରିବାର ପକ୍ଷରୁ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ସୋମବାର ଭୁବନେଶ୍ୱର ଲୋୟର ପଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

# ରାଜଧାନୀରେ ଗର୍ଜିଲେ ସମିତି ସଭ୍ୟାସଭ୍ୟ

ଭୁବନେଶ୍ୱର,୨୮।୮
(ଅନୁରାଧା ମହାରଣା)

୧୨ ଦଫା ଦାବି ନେଇ ରାଜଧାନୀ ରାସ୍ତାରେ ଗର୍ଜିଛନ୍ତି ଓଡ଼ିଶା ରାଜ୍ୟ ସମିତି ସଭ୍ୟାସଭ୍ୟ। ବିଭିନ୍ନ ଜିଲାରୁ ଆସିଥିବା ଆନ୍ଦୋଳନକାରୀମାନେ ଲୋୟର ପିଏମଜିରେ ଏକାଠି ହୋଇ ସେମାନଙ୍କ ଦାବିଗୁଡ଼ିକୁ ସରକାର ବିଧାନସଭାରେ ଉପସ୍ଥାପନ କରନ୍ତୁ ବୋଲି କହିଛନ୍ତି। ସମିତି ଅଧ୍ୟକ୍ଷ ବା ଉପାଧ୍ୟକ୍ଷ ନିର୍ବାଚନ ପରେ ପଞ୍ଚାୟତ ସମିତି ହେଉ ଅବା ପଞ୍ଚାୟତ ସବୁଠି ସମିତି ସଭ୍ୟାସଭ୍ୟ ଅଲୋଡ଼ା ହୋଇ ପଡ଼ିଥିବା କହି କ୍ଷୋଭ ପ୍ରକାଶ କରିଛନ୍ତି। ବିଧାନସଭାରେ ବିସ୍ତୃତ ଆଲୋଚନା ପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ଏହାକୁ ବିଧିବଦ୍ଧ ଭାବେ ରାଜପତ୍ର ଅଧିସୂଚନାରେ ପ୍ରକାଶ କରାଗଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଭାଗିଦାରିତା ସୁଦୃଢ଼ ହୋଇପାରିବ ବୋଲି ସଂଘର ପରିଚାଳନା କମିଟି ସଦସ୍ୟମାନେ କହିଛନ୍ତି।

ଆନ୍ଦୋଳନକାରୀଙ୍କ ୧୨ ଦଫା ଦାବି ମଧ୍ୟରେ ସରପଞ୍ଚଙ୍କ ଭଳି ସମସ୍ତ ପ୍ରମାଣପତ୍ର ଓ ରେକର୍ଡରେ ସମିତି ସଭ୍ୟଙ୍କ ସ୍ୱାକ୍ଷର ରହିବାର ବ୍ୟବସ୍ଥା କରିବା, ପ୍ରତି ପଞ୍ଚାୟତରେ ସମିତି ସଭ୍ୟାସଭ୍ୟଙ୍କ ପାଇଁ ଏକ ଅଫିସ୍ ଗୃହ ଓ ନାମ ଫଳକ, ଗ୍ରାମ ପଞ୍ଚାୟତର ସମସ୍ତ ବୈଠକରେ ସମିତି ସଭ୍ୟାସଭ୍ୟଙ୍କ ଯୁଗ୍ମ ସ୍ୱାକ୍ଷର ବ୍ୟବସ୍ଥା, ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ସମିତି ସଭ୍ୟାସଭ୍ୟଙ୍କ କାଉଣ୍ଟର ଦସ୍ତଖତ ରଖିବା, ସମିତି ସଭ୍ୟ ପାଣ୍ଠି ବାର୍ଷିକ ୨୦ ଲକ୍ଷକୁ ବୃଦ୍ଧି କରିବା, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଆଦି ସୁବିଧା ପ୍ରଦାନ ଆଦି ରହିଛି।

# ଡେଙ୍ଗୁରେ ଆକ୍ରାନ୍ତ ହେଲେଣି ୩ହଜାରରୁ ଊର୍ଦ୍ଧ୍ୱ

## ଗୁରୁତର ହାର ୫%

- ଭୁବନେଶ୍ୱର ହଟ୍‌ସ୍ପଟ୍, ଆଉ ୨ ସିଏଚ୍‌ସି ଓ ପିଏଚ୍‌ସିରେ ଟେଷ୍ଟିଂ ଆରମ୍ଭ
- ପୁରୀ ଓ କଟକରେ ବଢ୍ଛି ସଂକ୍ରମଣ
- ୨୦ହଜାର ପ୍ଲେଟ୍‌ଲେଟ୍ ଥିଲେ ଭୟ ନ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୮।୮(ଅଭିଜିତ ଦାସ)

ରାଜ୍ୟରେ କ୍ଷିପ୍ର ବେଗରେ ବ୍ୟାପୁଛି ଡେଙ୍ଗୁ। ପ୍ରତିବର୍ଷ ପରି ଚଳିତବର୍ଷ ଡେଙ୍ଗୁ ମୁକାବିଲା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ନିଷ୍ପତ୍ତି ଓ ନିର୍ଦ୍ଦେଶ ତଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଡେଙ୍ଗୁ ବେକାବୁ ହେବାରେ ଲାଗିଛି। ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣରେ ଥିବା ଉଚ୍ଚ ଅଧିକାରୀମାନେ କହୁଥିଲେ ମଧ୍ୟ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୩ହଜାର ଟପିଛି। ବିଶେଷକରି ଶେଷ ୧୦ଦିନରେ ରାଜ୍ୟରେ ୧ହଜାରରୁ ଅଧିକ ଆକ୍ରାନ୍ତ ହୋଇଥିବାରୁ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ଏବେ ବି ଭୁବନେଶ୍ୱର ପାଇଁ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍‌ରେ ରହିଥିବାବେଳେ ପୁରୀ ଓ କଟକ ଜିଲାରେ ସଂକ୍ରମଣ ଅଧିକ ବଢ଼ୁଥିବା ଜଣାପଡିଛି।

ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ବିଭିନ୍ନ ଜିଲାରେ ୨୭ତାରିଖ ସୁଦ୍ଧା ୪୬ ହଜାର ୪୯୧ ରକ୍ତ ନମୁନା ପରୀକ୍ଷଣ ହୋଇଥିବାବେଳେ ୩୦୯୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥି ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧ ହଜାର ୪୦୯ଜଣ ଡେଙ୍ଗୁ ଆକ୍ରାନ୍ତ ରହିଛନ୍ତି। ଏହା ତଳକୁ ପୁରୀ ଜିଲାରେ ୩୪୨, କଟକରେ ୨୭୮, ବାଲେଶ୍ୱରରେ ୨୭୭, ଜଗତ୍‌ସିଂହପୁରରେ ୧୭୩ ଓ ନୟାଗଡ ଜିଲାରେ ୧୧୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାର ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳର ବୋଲି ଜଣାପଡିଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଡେଙ୍ଗୁରେ ଅତିବେଶିରେ ମାତ୍ର ୫ ପ୍ରତିଶତ ଲୋକ ଗୁରୁତର ହେଉଛନ୍ତି। ଭୁବନେଶର କ୍ୟାପିଟାଲ ହସ୍ପିଟାଲ ଉପରୁ ଡେଙ୍ଗୁ ଚିକିତ୍ସା ବୋଝ କମାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ ୪ଟି ଅର୍ବାନ ସିଏଚ୍‌ସିରେ ଡେଙ୍ଗୁ ରୋଗୀଙ୍କ ପାଇଁ ୧୦ଟି ଲେଖାଏ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା କରାଯାଇଥିଲା। ସେହିପରି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଟେଷ୍ଟିଂ କେନ୍ଦ୍ର କରାଯିବା ସହ ଅଧିକ ମ୍ୟାନପାୱାର ମଧ୍ୟ ନିୟୋଜିତ ହୋଇଛନ୍ତି। ଏହାସହ ପଟିଆ ଅର୍ବାନ ସିଏଚ୍‌ସି ଓ ଆଇଆର୍‌ସି ଭିଲେଜ ଅର୍ବାନ ପିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା ସୋମବାରରୁ ଆରମ୍ଭ ହୋଇଛି। ଡେଙ୍ଗୁ ରୋଗୀ ଗୋଟିଏ ଜାଗାରେ ଗହଳି ନ କରି ସିଏଚ୍‌ସି ଓ ପିଏଚ୍‌ସି ହସ୍ପିଟାଲକୁ ଯିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଉଛି। ସେହିପରି ଡେଙ୍ଗୁ ଆକ୍ରାନ୍ତଙ୍କ ୨୦ ହଜାର ପର୍ଯ୍ୟନ୍ତ ପ୍ଲେଟ୍‌ଲେଟ୍ ଥିଲେ ବ୍ୟସ୍ତ କିମ୍ବା ବିବ୍ରତ ହୁଅନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି।

**ଆଜିର ମନ୍ତବ୍ୟ**

"ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଆବାହକ ପଦ ପାଇଁ ଆଗ୍ରହୀ ନୁହେଁ। ମେଣ୍ଟର ଅନ୍ୟ କୌଣସି ନେତାଙ୍କୁ ଏହି ପଦ ପାଇଁ ଚୟନ କରାଯିବ।"
– ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଯିବେ କି ନାହିଁ ଶାଶୁଘର;**
**ଲୁଗା ପଡୁଥାଏ ଧୋବାଘର।**

ସାଧାରଣତଃ କିଛି ଗୋଟେ କାର୍ଯ୍ୟ ଆଗକୁ ଘଟିବାକୁ ବା ହେବାକୁ ଥିଲେ ସେ ନେଇ ପୂର୍ବ ପ୍ରସ୍ତୁତି କରାଯିବା ଉଚିତ ହୋଇଥାଏ। ପରନ୍ତୁ କୌଣସି ଅନିଶ୍ଚିତ କଥା ବା ଘଟଣା ପାଇଁ ପୂର୍ବରୁ ପ୍ରସ୍ତୁତ ହେବା ନିହାତି ମୂର୍ଖାମି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝାଟିକି ଦେଲି ମାଟି;**
**ଭରା ଲାଗି ଘର ପଥର କାନ୍ଥି,**
**ବଇଛି ଗୁଣ୍ଡୁଣି ହାତୀ।**

ପରିବାରର ଗୁରୁଦାୟିତ୍ୱ ଗୃହିଣୀଙ୍କ ଉପରେ ନ୍ୟସ୍ତ ଥାଏ। ଯେଉଁ ଗୃହିଣୀ ଏଭଳି ଦାୟିତ୍ୱ ମୁଣ୍ଡାଇବାରେ ଅସମର୍ଥ ବା ହେଳା କରନ୍ତି, ସେମାନେ କେବେ ଆଦରଣୀୟା ହୋଇପାରି ନ ଥାନ୍ତି। କୋଠା ଘରେ ରହୁଥିବା ଘରଣୀ ଖାଇପିଇ ବେଶ୍ ଆରାମରେ ବସି ଦିନ କାଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ଲୋକସେବା ଭବନରେ...

କର୍ମଚାରୀମାନଙ୍କ କହିବା କଥା, ରାଜ୍ୟରେ ସରକାରୀ ନିୟମାନୁଯାୟୀ ମୋଟ ୩୮.୭୫ ପ୍ରତିଶତ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ବିଭିନ୍ନ ସେବାରେ ନିଯୁକ୍ତି ମିଳିବା କଥା। ହେଲେ କେତେକ କ୍ୟାଡରରେ ଏହାଠାରୁ ଅଧିକ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ପଦୋନ୍ନତି ପ୍ରାପ୍ୟ ମୁତାବକ ହେଉଥିବାବେଳେ ଅଧିକ ସଂଖ୍ୟାରେ ଯେଉଁମାନେ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ପଦୋନ୍ନତି ତୁଳାନତ୍ମକ ଭାବେ ବିଳମ୍ବିତ ହେଉଛି। ତେଣୁ ସରକାର ନିଜ ଦୁର୍ବଳତାକୁ ଲୁଚାଇବା ସକାଶେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ନିୟମର ଖୋଲା ଉଲ୍ଲଂଘନ କରୁଥିବା ସାଧାରଣ ବର୍ଗର କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ମଧ୍ୟ ସାଧାରଣ ବର୍ଗର କର୍ମଚାରୀଙ୍କ ସ୍ଥାନରେ ପଦୋନ୍ନତି ଦିଆଯାଇପାରିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗତ ଏପ୍ରିଲ ୧୦ ତାରିଖରେ ନିର୍ଦ୍ଦେଶାବଳୀ ଜାରି କରିଛି। ସାଧାରଣ ପ୍ରଶାସନ ବିଭାଗର ଏପରି ଏକ ମାର୍ଗଦର୍ଶିକା ଜାରି ହେବା ଉପରେ ସାଧାରଣ ବର୍ଗର କର୍ମଚାରୀମାନେ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ହେଲେ ଏହି ଆଇନ ସୁପ୍ରିମକୋର୍ଟ ରୁଲ୍‌କୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି।

ସାଧାରଣ ବର୍ଗ କର୍ମଚାରୀଙ୍କ ପଦବୀ ଉପରେ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇପାରିବ ବୋଲି ନିକଟରେ ରାଜ୍ୟ ସରକାରଙ୍କ ଆଇନ ବିଭାଗର ମତାମତ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜଳ ସମ୍ପଦ ବିଭାଗକୁ ଅବଗତ କରାଯାଇଥିଲା। ସାଧାରଣ ପ୍ରଶାସନ ବିଭାଗର ଏହି ଚିଠିକୁ ନେଇ ମୁଖ୍ୟତଃ ସାଧାରଣ ବର୍ଗର କର୍ମଚାରୀମାନେ ପ୍ରତିବାଦ ଜଣାଇବା ସହ ଏହା ଆଇନ ବିରୋଧୀ ବୋଲି ଅଭିଯୋଗ କରିଥିଲେ। ଏନେଇ ସାଧାରଣ ବର୍ଗର କର୍ମଚାରୀମାନେ ଏପ୍ରିଲ ଶେଷ ସପ୍ତାହରେ ଉକ୍ତ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ମଧ୍ୟ ଅବଗତ କରାଇଥିଲେ। ମୁଖ୍ୟ ଶାସନ ସଚିବ ମେ ୨ରେ ଏହା ଉପରେ ଏକ ବୈଠକ କରି ଆଡଭୋକେଟ ଜେନେରାଲ (ଏଜି)ଙ୍କ ମତାମତ ଲୋଡ଼ିଥିଲେ। ଆଡ୍‌ଭୋକେଟ ଜେନେରାଲ ଏହି ଘଟଣାରେ ଆଇନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଭୁଲ୍ ବୋଲି ଦର୍ଶାଇବା ସହ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ନିୟମାନୁସାରେ ଏହା ଠିକ୍ ନୁହେଁ ବୋଲି ମତ ରଖିଥିବା କେତେଜଣ କର୍ମଚାରୀ ସୂଚନା ଦେଇଛନ୍ତି। ହେଲେ ସାଧାରଣ ପ୍ରଶାସନ ବିଭାଗ ଆଡଭୋକେଟ ଜେନେରାଲଙ୍କ ମତକୁ ନେଇ ପୁଣି ଥରେ ଆଇନ ବିଭାଗଠାରୁ ଏହା ଉପରେ ଉତ୍ତର ଲୋଡିଛି, ଯାହାକୁ ନେଇ ସାଧାରଣ ବର୍ଗର କର୍ମଚାରୀମାନେ ପୁଣିଥରେ ବିରୋଧକରି ଅସନ୍ତୋଷ ପ୍ରକାଶ କରିବା ସହ ଆଇନ ସଚିବଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଆଇନ ସଚିବଙ୍କ ସହ ସେପରି କିଛି ସଫଳ ଆଲୋଚନା କରି ନ ପାରି ସେମାନେ ଫେରିଛନ୍ତି। ତେବେ ଆଗକୁ ସାଧାରଣ ବର୍ଗର କର୍ମଚାରୀମାନେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଆଇନ ସଚିବ, ସାଧାରଣ ପ୍ରଶାସନ ବିଭାଗର ସଚିବଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିବେ ଏବଂ ଯଦି ଏହା ପରେ କିଛି ସୁଫଳ ନ ମିଳେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ସାଧାରଣ ବର୍ଗର କର୍ମଚାରୀମାନେ ଆହୁରି କହିଛନ୍ତି, ଆଡଭୋକେଟ ଜେନେରାଲ ହେଉଛନ୍ତି ରାଜ୍ୟ ସରକାରଙ୍କ ପରାମର୍ଶଦାତା। ତାଙ୍କ ମତ ଉପରେ ଆଇନ ବିଭାଗର ମତାମତ ପୁଣିଥରେ ମଗାଯିବା କେତେଦୂର ଯୁକ୍ତିଯୁକ୍ତ। ସୁପ୍ରିମକୋର୍ଟଙ୍କ ନିୟମାନୁଯାୟୀ ଜଣେ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ମଧ୍ୟ ସାଧାରଣ ବର୍ଗର କର୍ମଚାରୀଙ୍କ ଲାଗି ରହିଥିବା ପଦୋନ୍ନତି ପଦବୀ ସ୍ଥାନରେ ଲାଭ ନେଇପାରିବେ। ତେବେ କେଉଁ କ୍ଷେତ୍ରରେ ଏହା ସମ୍ଭବ ହୋଇପାରିବ ସେଥିନେଇ ନିୟମ ରହିଛି। ପରୀକ୍ଷା ଦେବା ସମୟରେ ସଂରକ୍ଷଣ ସୁବିଧା ନ ନେଇ ଯଦି ଜଣେ ଏସ୍‌ସି, ଏସ୍‌ଟି ପ୍ରାର୍ଥୀ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ସହିତ ପ୍ରତିଦ୍ୱନ୍ଦିତା କରି ସଫଳ ହୋଇଥିବେ ତେବେ ସେହି କ୍ଷେତ୍ରରେ ଏହି ନିୟମ ଲାଗୁ ହୋଇପାରିବ। ହେଲେ ଏଥିରେ ବ୍ୟତିକ୍ରମ ହେଉଥିବା ଯୋଗୁ ସରକାର ସୁପ୍ରିମକୋର୍ଟଙ୍କ ନିୟମକୁ ଠିକ୍ ଭାବେ ନ ଜାଣି ପଦକ୍ଷେପ ନେଇଯାଉଛନ୍ତି। ଫଳରେ ଏଭଳି ସମସ୍ୟା ଉପୁଜୁଥିବା ସାଧାରଣ ବର୍ଗର କର୍ମଚାରୀମାନେ ଅଭିଯୋଗ ଆଣିଛନ୍ତି।

ଏନେଇ ଏଜି ଅଶୋକ ପରିଜାଙ୍କୁ ପଚାରିବାରୁ ସେ ଗଣମାଧ୍ୟମକୁ ମତାମତ ଦିଅନ୍ତି ନାହିଁ ବୋଲି କହିଛନ୍ତି। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଏନେଇ ଯାହା ନିୟମ ରହିଛି ତାକୁ ତର୍ଜମା କଲେ ଯାଇ ପ୍ରକୃତ କଥା ବାହାରିବ। କର୍ମଚାରୀମାନେ ବିଭିନ୍ନ ପ୍ରକାର କଥା କହିବେ। ହେଲେ ଆଇନ କ'ଣ ରହିଛି ତାକୁ ଦେଖିବାକୁ ପଡ଼ିବ। ଯଦି ସାଧାରଣ ବର୍ଗର କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ଏନେଇ ଅବଗତ କରାଯାଏ ତେବେ ସେ ଏହି ବିଷୟରେ ଆଲୋଚନା କରିବେ ବୋଲି କହିଛନ୍ତି।

ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ଏନେଇ ଦୀର୍ଘଦିନ ହେଲା ଦ୍ୱନ୍ଦ୍ୱ ଲାଗି ରହିଛି। ଯଦି ଜଣେ ଏସ୍‌ସି,ଏସ୍‌ଟି କର୍ମଚାରୀ ସଂରକ୍ଷଣ ଲାଭ ନ ନେଇ ମେରିଟ୍ ଲିଷ୍ଟରେ ଆସିଥିବେ ତେବେ ତାଙ୍କୁ ସାଧାରଣ ବର୍ଗଙ୍କ ଲାଗି ରହିଥିବା ପଦୋନ୍ନତି କ୍ଷେତ୍ରରେ ସୁବିଧା ଦିଆଯାଇପାରିବ। ଯଦି ଜଣେ ସଂରକ୍ଷଣ ନେଇ ନିଯୁକ୍ତି ପାଇଥିବେ ତେବେ ସାଧାରଣ ବର୍ଗଙ୍କ ପଦୋନ୍ନତି ଲାଗି ରହିଥିବା ଶୂନ୍ୟ ସ୍ଥାନରେ ତାଙ୍କୁ ପଦୋନ୍ନତି ଦିଆଯାଇପାରିବ ନାହିଁ। ହେଲେ ଏହି ପ୍ରସଙ୍ଗରେ ରହିଥିବା ଦ୍ୱନ୍ଦ୍ୱ ଏଯାଏ ଦୂର ହେଇପାରୁନାହିଁ। ସରକାର ଏ ବାବଦରେ ଆହୁରି ତର୍ଜମା କରିବାର ଆବଶ୍ୟକତା ରହିଛି ବୋଲି ସହଦେବ କହିଛନ୍ତି।

## ବାଳସୁଧାର ଗୃହରୁ...

ଜୀବନ ହାରିଲେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୫ ତାରିଖରେ ନବରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ କୁକୁଡ଼ାବାଇ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନବରଙ୍ଗପୁର ପୋଲିସ ତଦନ୍ତ କରି ସମ୍ପୃକ୍ତ ନାବାଳକଙ୍କୁ ଅଟକ ରଖି ଗତ ୧୨ ତାରିଖରେ କଳାହାଣ୍ଡି ଜିଲାରେ ଥିବା ବାଳସୁଧାର ଗୃହକୁ ପଠାଇ ଦେଇଥିଲା। ନାବାଳକ ଜଣଙ୍କ ସେବେଠାରୁ ବାଳସୁଧାର ଗୃହରେ ରହି ଆସୁଥିଲେ। ରବିବାର ଅନ୍ୟ ପିଲାଙ୍କ ସହ ଖେଳିବା ପରେ ଖାଇ ସାରି ଶୋଇ ପଡ଼ିଥିଲେ। ହେଲେ ବିଳମ୍ବିତ ରାତିରେ ନାବାଳକ କୋଠରିରେ ଝୁଲନ୍ତା ଅବସ୍ଥାରେ ଦେଖି ୱାର୍ଡେନ ଦାୟିତ୍ୱରେ ଥିବା କର୍ମଚାରୀ ବାଳସୁଧାର ଗୃହ ଅଧିକାରୀଙ୍କୁ ଜଣାଇଥିଲେ।

# ନିମ୍ନମାନର ହଷ୍ଟେଲ ନିର୍ମାଣ କରି ସରକାରୀ ଅର୍ଥ ତୋସରପାତ

- ଭିଜିଲାନ୍ସ ଦ୍ୱାରା ୨ ଠିକାଦାର ଗିରଫ
- ଅଧିକାରୀ, ଇଞ୍ଜିନିୟରଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି


ବିଜୟ କୁମାର ଅଗ୍ରୱାଲ


ଦୀପକ କୁମାର ଅଗ୍ରୱାଲ

ସୋନପୁର,୨୮।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ୪ଟି ନିମ୍ନମାନର ଅନୁସୂଚିତ ଜାତି(ଏସ୍‌ସି) ଛାତ୍ରୀନିବାସ ନିର୍ମାଣ କରି ସରକାରୀ ଟଙ୍କା ତୋସରପାତ ହୋଇଥିଲା। ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରୁଥିଲା। ଏହି ଘଟଣାରେ ପ୍ରଥମ ଶ୍ରେଣୀ ଠିକାଦାର ବିଜୟ କୁମାର ଅଗ୍ରୱାଲ ଓ ତାଙ୍କ ପାୱାର ଅଫ୍ ଆର୍ଟର୍ନି ହୋଲ୍ଡର ଦୀପକ କୁମାର ଅଗ୍ରୱାଲ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସୋମବାର ଉଭୟଙ୍କୁ ରାଉରକେଲାରୁ ଗିରଫ ପରେ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି।

ଭୁବନେଶ୍ୱର ଆଇଆରସି ଭିଲେଜରେ ଥିବା କେନ୍ଦ୍ର ସରକାରଙ୍କ ପିଏସ୍‌ୟୁ ମେସର୍ସ ହିନ୍ଦୁସ୍ତାନ ଷ୍ଟିଲ ୱାର୍କ୍ସ କନ୍‌ଷ୍ଟ୍ରକଶନ ଲିଃ(ଏଚଏସ୍‌ସିଏଲ) ନାମକ ଠିକାସଂସ୍ଥାକୁ ୨୦୧୭-୧୮ରେ କେବିକେ ଜିଲା ପାଇଁ ସ୍ୱତନ୍ତ୍ର ରିଭାଇଜ୍‌ଡ ଲଙ୍ଗ ଟର୍ମ ଆକ୍ସନ ପ୍ଲାନ(ଆରଏଲଟିଏପି) ଯୋଜନାରେ ଛାତ୍ରୀନିବାସ ନିର୍ମାଣ ପାଇଁ ରାଜ୍ୟ ସରକାର ଦାୟିତ୍ୱ ଦେଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଏଚଏସସିଏଲ ସହିତ ଚୁକ୍ତିନାମା କରିଥିଲେ। ଏହି କ୍ରମରେ ଏଚଏସସିଏଲଙ୍କ ଦ୍ୱାରା ନିଯୁକ୍ତ ଠିକାଦାର ସୁବର୍ଣ୍ଣପୁର ଜିଲାର ମୁକୁନ୍ଦପୁର, ଅସୁରମୁଣ୍ଡା, ବଡଭଇଁରୋ ଓ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ୨୦୧୯-୨୦ ମସିହାରେ ସମ୍ପୂର୍ଣ୍ଣ କରିଥିଲେ। ଗତ ଜୁଲାଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ ମୁକୁନ୍ଦପୁର ଆଶ୍ରମ ସ୍କୁଲ ପରିଦର୍ଶନ କରିବା ସମୟରେ ଛାତ୍ରୀନିବାସର ନିମ୍ନମାନର କାମ ତାଙ୍କ ଦୃଷ୍ଟିକୁ ଆସିଥିଲା। ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ୫-ଟି ସଚିବ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀନିବାସ ନିର୍ମାଣରେ ବ୍ୟାପକ ଅନିୟମିତତା କରି ଟଙ୍କା ହଡପ କରିଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁବର୍ଣ୍ଣପୁର ଜିଲାପାଳ ରାୟ ଗତ ଜୁଲାଇ ୫ ତାରିଖ ଦିନ ଜିଲା କାର୍ଯ୍ୟାଳୟ (ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ) ପତ୍ର ସଂଖ୍ୟା ୧୧୧୧, ତା୫।୭।୨୦୨୩ରିଖରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କୁ ପତ୍ର ଲେଖିଥିଲେ। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। କଟକ ଭିଜିଲାନ୍ସ ବିଭାଗର ବୈଷୟିକ ଟିମ୍ ଏଚଏସସିଏଲ ସାଇଟ୍ ଇଞ୍ଜିନିୟରଙ୍କ ଉପସ୍ଥିତିରେ ସୁବର୍ଣ୍ଣପୁର ଜିଲାର ୪ଟି ଛାତ୍ରୀ ନିବାସ ଅନୁଧାନ କରିଥିଲେ।

କୋଠା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଓ ଛାତ ସ୍ଲାବ୍ ମୋଟେଇ କମ ଥିବା ନଜରକୁ ଆସିଥିଲା। କୋଠାର ବାହାର, ଭିତର କାନ୍ଥ ଓ ଫ୍ଲୋରିଂରେ ଅନେକ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଛାତରୁ ପାଣି ଝରୁଥିବା ବେଳେ ଝରକା, କବାଟରେ ଶାଳକାଠ ବ୍ୟବହାର ହୋଇ ନ ଥିଲା। ବିଦ୍ୟୁତ୍ କାମ ଓ ସାନିଟାରି କାମରେ ଚୁକ୍ତିନାମା ଅନୁଯାୟୀ ଭଲ କମ୍ପାନୀର ସାମଗ୍ରୀ ବ୍ୟବହାର ହୋଇ ନ ଥିଲା। ଏପରି କି ଠିକାସଂସ୍ଥା ରୟାଲଟି ବାବଦ ଅର୍ଥ ଜମା କରି ନ ଥିଲା। ବୈଷୟିକ ଟିମ୍‌ର ପ୍ରାରମ୍ଭିକ ମୂଲ୍ୟାୟନ ଅନୁଯାୟୀ ଛାତ୍ରୀନିବାସ ନିର୍ମାଣରେ ସରକାରଙ୍କ ପ୍ରାୟ ୩୪ ଲକ୍ଷ ୧୪ ହଜାର ୪୯୫ ଟଙ୍କା ତୋସରପାତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ପିଏସ କେସ୍ ନଂ. ୮/୨୩ରେ ମାମଲା ରୁଜୁ ହୋଇଥିଲା। ସୂଚନା ପାଇ ଉଭୟ ଠିକାଦାର ଫେରାର ହୋଇଯାଇଥିଲେ। ତେବେ ଏହି ଦୁର୍ନୀତିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅଧିକାରୀ ଏବଂ ଦାୟିତ୍ୱରେ ଥିବା ବିଭାଗୀୟ ଇଞ୍ଜିନିୟରଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଛି। ଭିଜିଲାନ୍ସ ବିଭାଗ ଏ ଦିଗରେ ତଦନ୍ତ ଜାରି ରଖିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ବେଆଇନ ଟ୍ରକ୍ ପାର୍କିଂ ନେଲା ଜୀବନ

କେନ୍ଦୁଝର,୨୮।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଡଙ୍ଗାପାଣି ନିକଟ ଏନ୍‌ଏଚ୍ ୪୯ରେ ବେଆଇନ ଟ୍ରକ୍ ପାର୍କିଂ ଏକ ଜୀବନ ନେଇଛି। ଟ୍ରକ୍ ଚାପାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ଜଣକ ହେଲେ ସଦର ବ୍ଲକ୍ ପଦ୍ମପୁର ଗ୍ରାମର ଝୁଲଣା ମହାନ୍ତ (୪୦)। ପୋଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରି ତଦନ୍ତ କରୁଛି। ଉକ୍ତ ସ୍ଥାନରେ ବେଆଇନ ଟ୍ରକ୍ ପାର୍କିଂ ନେଇ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ଝୁଲଣା ସ୍ୱାମୀ ଭରଦ୍ୱାଜ ମହାନ୍ତଙ୍କ ସହିତ ଏକ ବାଇକ୍‌ରେ ଶୁଆକାଟି ଆଡୁ କେନ୍ଦୁଝର ଦେଇ ଗ୍ରାମ ଅଭିମୁଖେ ଯାଉଥିଲେ। ଏନ୍‌ଏଚ୍ ୪୯ର ଡଙ୍ଗାପାଣିଠାରେ ଲୁହାପଥର ଲୋଡିଂ ପାଇଁ ଶହ ଶହ ସଂଖ୍ୟାରେ ଟ୍ରକ୍ ଛିଡ଼ା ହୋଇଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ଭରଦ୍ୱାଜ ବାଇକ୍‌କୁ ୨ ଟ୍ରକ୍ ମଧ୍ୟରେ ନେଇ ଯାଉଥିବା ସମୟରେ ଏକ ଟ୍ରକ୍‌ରେ ଘଷି ହୋଇଯାଇଥିଲେ। ଫଳରେ ଭାରସାମ୍ୟ ହରାଇ ଉକ୍ତ ଦମ୍ପତି ବାଇକ୍‌ରୁ ଖସି ପଡ଼ିଥିଲେ। ଏହି ସମୟରେ ମହିଳାଙ୍କ ମୁଣ୍ଡ ଉପରେ ଏକ ଟ୍ରକ୍‌ର ପଛ ଚକ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିଲା। ଏ ନେଇ ସଦର ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ଥାନାରେ ଏକ ମାମଲା(ନଂ. ୨୯୪/୨୩)ରେ ରୁଜୁ କରାଯାଇ ତଦନ୍ତ ଚାଲିଛି। ରାସ୍ତା ଜାମ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ପ୍ରକାଶ ଯେ, କିଛି ଦିନ ହେଲା ଉକ୍ତ ରାସ୍ତାରେ ଲୁହାପଥର ଲୋଡିଂ ପାଇଁ ଟ୍ରକ୍ ଛିଡ଼ା ହେଉଥିବା କାରଣରୁ ରାସ୍ତା ଜାମ୍ ହେଉଛି। ଖଣି ସଂସ୍ଥା ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଟ୍ରକ୍ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି।


**ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର**

# ବୋଲେରୋକୁ ଘୋଷାରି ନେଲା ଟ୍ରେନ୍

## ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା

ପାରାଦୀପ,୨୮।୮ (ଶରତ ରାଉତ)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର କ୍ୟାଣ୍ଟିନ ପାଖରେ ସୋମବାର ସକାଳେ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ମାଲବାହୀ ଟ୍ରେନ୍ ଆଗକୁ ହଠାତ୍ ଆସିଯିବାରୁ ପ୍ରାୟ ୩୦ ମିଟର ପର୍ଯ୍ୟନ୍ତ ଘୋଷାରି ହୋଇଯାଇଛି। ଟ୍ରେନ୍‌ର ଗତିକୁ ଚାଳକ ନିୟନ୍ତ୍ରଣ କରିବା ପରେ ବୋଲେରୋକୁ ଉଦ୍ଧାର କରାଯାଇଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ଲୋକଙ୍କ କ୍ଷତି ହୋଇନାହିଁ। ଏହାପରେ ରେଲୱେ କର୍ତ୍ତୃପକ୍ଷ ଓ ବନ୍ଦର ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବୋଲେରୋ ଚାଳକଙ୍କ ଅସାବଧାନତା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଜଣେ ତଦନ୍ତକାରୀ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ବନ୍ଦର ନିଷିଦ୍ଧାଞ୍ଚଳରେ ଟ୍ରେନ୍ ଦ୍ୱାରା ପଣ୍ୟ ପରିବହନ ହେଉଥିବାରୁ ଅନେକ ସ୍ଥାନରେ ଟ୍ରେନ୍ ଲାଇନ ରହିଛି। ସେସବୁ ସ୍ଥାନରେ ଅନ୍ୟ ସାଧାରଣ ଯାନ ଯାତାୟାତବେଳେ ସତର୍କ ରହିବା ପାଇଁ କୁହାଯାଇଛି।







ଇସ୍ରୋ ପକ୍ଷରୁ ସୋମବାର ଜାରି ହୋଇଥିବା ସୂର୍ଯ୍ୟମିଶନ 'ଆଦିତ୍ୟ ଏଲ୍-୧' ସମ୍ପର୍କିତ ତଥ୍ୟ ଓ ଚିତ୍ର।

## ସେପ୍ଟେମ୍ବର ୨ ପୂର୍ବାହ୍ନ...

ଯାନରେ ବିଭିନ୍ନ ୱେଭ୍ ବ୍ରାଣ୍ଡର ୭ଟି ପ୍ଲେଲୋଡ୍ ରହିବ। ଆଦିତ୍ୟ-ଏଲ୍୧ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି। ଲାଗ୍ରାଞ୍ଜ ପଏଣ୍ଟ ହେଉଛି ସୂର୍ଯ୍ୟ ଏବଂ ପୃଥିବୀର ମହାକର୍ଷଣ ଶକ୍ତି ଯୋଗୁ ସୃଷ୍ଟ ବିସ୍ତୀର୍ଣ୍ଣ ଆକର୍ଷଣ ଏବଂ ବିକର୍ଷଣ ଅଞ୍ଚଳ। ଇନ୍ଧନ ବ୍ୟବହାର କମାଇ ପୋଜିଶନରେ ରହିବା ପାଇଁ ମହାକାଶ ଯାନ ଉକ୍ତ ସ୍ଥାନକୁ ବାଛିଥାନ୍ତି ବୋଲି ନାସା ପକ୍ଷରୁ କୁହାଯାଇଛି। ଇଟାଲୀୟ-ଫ୍ରେଞ୍ଚ ଗଣିତଜ୍ଞ ଜୋସେଫ୍-ଲୁଇସ୍ ଲାଗ୍ରାଞ୍ଜଙ୍କ ସମ୍ମାନାର୍ଥେ ଉକ୍ତ ପଏଣ୍ଟର ନାଁ ଲାଗ୍ରାଞ୍ଜ ରଖାଯାଇଛି। ଇସ୍ରୋ ସୂଚନା ଅନୁଯାୟୀ ଆଦିତ୍ୟ ଏଲ୍୧କୁ ଏକ ପିଏସ୍‌ଏଲ୍‌ଭି-ସି୫୭ ରକେଟ ସହାୟତାରେ ମହାକାଶକୁ ପ୍ରେରଣ କରାଯିବ। ମହାକାଶ ଯାନର ଭିଜିବଲ୍ ଏମିଶନ ଲାଇନ କରୋନାଗ୍ରାଫ୍ (ଭିଇଏଲ୍‌ସି) ପ୍ଲେଲୋଡ୍ ପ୍ରସ୍ତୁତ କରିବାରେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ(ଆଇଆଇଏ) ମୁଖ୍ୟ ଅନୁଷ୍ଠାନ। ସେହିପରି ପୁଣେର ଇଣ୍ଟରୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ ମିଶନ ପାଇଁ ସୋଲାର ଅଲ୍‌ଟ୍ରାଭାଓଲେଟ୍ ଇମେଜର ପ୍ଲେଲୋଡ୍ ବିକଶିତ କରିଛି। ସୂର୍ଯ୍ୟର ବାହ୍ୟ ପାର୍ଶ୍ୱର ତାପମାତ୍ରା ୬,୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ ହୋଇଥିବାବେଳେ ଏହାର କରୋନାର ତାପମାତ୍ରା କିପରି ଏକ ନିୟୁତ ଡିଗ୍ରୀରେ ପହଞ୍ଚିପାରୁଛି, ତାହା ଉପରେ ଭିଇଏଲ୍‌ସି ତଥ୍ୟ ସଂଗ୍ରହ କରିବ। ୟୁଭି ପ୍ଲେଲୋଡ୍ ସହାୟତାରେ ଏହା କରୋନା ଏବଂ ସୋଲାର କ୍ରୋମୋସ୍ପିୟର ଉପରେ ଅନୁଧ୍ୟାନ କରିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ୟୁ.ଆର. ରାଓ ସାଟେଲାଇଟ୍ ସେଣ୍ଟର ଦ୍ୱାରା ପ୍ରସ୍ତୁତ ଉକ୍ତ ସାଟେଲାଇଟ୍ ଶ୍ରୀହରିକୋଟାସ୍ଥିତ ଇସ୍ରୋ ସ୍ପେସ୍‌ପୋର୍ଟରେ ଚଳିତ ମାସ ଆରମ୍ଭରେ ପହଞ୍ଚିଥିଲା।

## ବଡ଼ ଗର୍ତ୍ତକୁ...

ତେବେ ରବିବାରର ଗର୍ତ୍ତ ବହୁତ ବଡ଼ ହୋଇଥିବାରୁ ରୋଭରକୁ ଗତିପଥ ବଦଳାଇବାକୁ ପଡ଼ିଥିଲା। ଚନ୍ଦ୍ରପୃଷ୍ଠରେ ରୋଭରର ଅଭିଯାନ ଅର୍ଦ୍ଧସ୍ୱୟଂକ୍ରିୟ ହୋଇଥିବାରୁ ଏହାର ଗତିଶୀଳତା ପାଇଁ ଇସ୍ରୋର ଗ୍ରାଉଣ୍ଡ ଷ୍ଟେଶନରୁ କମାଣ୍ଡ ପଠାଇବାକୁ ପଡୁଛି।







## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱିଜା ନକ୍ଷତ୍ର ପାରିବାରିକ ସ୍ନେହ ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। କୌଣସି ନୂତନ କାମ ଆରମ୍ଭ ସକାଶେ ବ୍ୟୟ ଅଟକଳ କରିପାରନ୍ତି। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସୁଫଳ ମିଳିବ। ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବ ଓ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ବୃଷ** – ରୋହିଣୀ ନକ୍ଷତ୍ରର ଆକସ୍ମିକ ଦୂରଯାତ୍ରା ସାଙ୍ଗକୁ ବ୍ୟୟବହୁଳତା ମାନସିକ ଯନ୍ତ୍ରଣାର କାରଣ ହେବ। କୌଣସି କାମ ସୁବିଧାରେ ନ ହେବାରୁ ମନ ଭଲ ରହିବ ନାହିଁ। ସଭା ସମିତି, କଚେରି ମାମଲା, ଚୁକ୍ତିପତ୍ର ଓ କଳା ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ। କୌଣସି ଦ୍ରବ୍ୟପ୍ରାପ୍ତିରେ ଜଣେ ବ୍ୟକ୍ତି ଅସହଯୋଗ କରିପାରେ।

**ମିଥୁନ** – ମୃଗଶିରା ନକ୍ଷତ୍ରର ପାରିବାରିକ ଦ୍ୱନ୍ଦ୍ୱର ଅବସାନ ଘଟିବା ବଦଳରେ ବୃଦ୍ଧି ପାଇବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ସ୍ଥଗିତ କାମ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର, ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** – ପୁନର୍ବସୁ ନକ୍ଷତ୍ରର ଘରୋଇ କାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଢ଼ିଯିବ। ତଥାପି ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠା ହୋଇପାରେ। ସାମାଜିକ ସ୍ତରରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି।

**ସିଂହ** – ମଘା ନକ୍ଷତ୍ର ଦୂର ସ୍ଥାନକୁ ଯିବା ପାଇଁ ସକାଳୁ ଅତ୍ୟାବଶ୍ୟକ କାର୍ଯ୍ୟ ସମାପନ କରିବାକୁ ବାଧ ହେବେ। ବ୍ୟବସାୟିକ ସ୍ଥିତିର ଶୁଭତ୍ୱ ହେତୁ ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସି ରହିବେ। ଦିନ ଭିତରେ ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସାମାଜିକ ସ୍ତରରେ ବନ୍ଧୁମିଳନରୁ ଖୁସି ହେବେ।

**କନ୍ୟା** – ଆଜିର ସାଂସ୍କୃତିକ, ସାମାଜିକ ଅନୁଷ୍ଠାନରେ ମନ ଖୁସି ହେଲା ଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ହସ୍ତା ନକ୍ଷତ୍ର ବାଣିଜ୍ୟ ଓ ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। ଯେକୌଣସି ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ଲଢ଼ିଲେ ମଧ୍ୟ ସମର୍ଥନ ପାଇବେ ନାହିଁ।

**ତୁଳା** – କର୍ମକ୍ଷେତ୍ରରେ ଅର୍ଥ, ସମ୍ମାନ, ପ୍ରଶଂସା ମଧ୍ୟ ପାଇ ଖୁସି ହେବେ। ଚିତ୍ରା ନକ୍ଷତ୍ରର ଘରୋଇ ସମସ୍ୟା ସମାଧାନ ହୋଇଯିବ, କିନ୍ତୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ କିଛି ନୂତନ କାମ ସୃଷ୍ଟି କରିବା ସକଶେ ଚିନ୍ତା କରି ପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ ଏବଂ କଳା, ସାହିତ୍ୟ, ସଭାସମିତିରେ ଯୋଗ ଦେଇପାରନ୍ତି।

**ବିଛା** – ଚେଷ୍ଟା ଅବ୍ୟାହତ ରଖନ୍ତୁ ଲକ୍ଷ୍ୟପ୍ରାପ୍ତି ଅବଶ୍ୟ ଘଟିବ। ଖର୍ଚ୍ଚର ପରିମାଣ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅନୁରାଧା ନକ୍ଷତ୍ର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ନିଜ ଲୋକମାନେ କାମରେ ଅବହେଳା କରିବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ଧନୁ** – ଆଜି ଦିନଟି ଆପଣଙ୍କ ସକାଶେ ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହେବ। ବିନୟଭାବ ପୋଷଣ କଲେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ମୂଳା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସାହାଯ୍ୟରେ କାମ ସୁବିଧାରେ ହେବାର ସୂଚନା ରହିଛି।

**ମକର** – ଆପଣଙ୍କ ମଧୁର କଥାରେ ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇପାରନ୍ତି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିବାର ସୂଚନା ରହିଛି। ଶ୍ରବଣା ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ପ୍ରଶାସନ, ପ୍ରକାଶନ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ** – ଆଜି ଶତଭିଷା ନକ୍ଷତ୍ର ମଜା ମଉଜ ମଧ୍ୟରେ ସମୟ ଅତିବାହିତ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ମନ୍ଦ ନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ। କଳହ ଆଶଙ୍କା କରି ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ବିଭିନ୍ନ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ।

**ମୀନ** – ଆଜି ଘରକାମକୁ ପଛରେ ପକାଇ ବନ୍ଧୁ ମେଳରେ ଅଧିକାଂଶ ସମୟ ଅତିବାହିତ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତାରେ ଲକ୍ଷ୍ୟ ହାସଲ କରିବେ। ସନ୍ତାନଙ୍କ ଦାବିକୁ ଅଗ୍ରାହ୍ୟ କରି ପରିବାରରେ କଳହ ଲାଗିବ। ଉତ୍ତରଭାଦ୍ରପଦ ନକ୍ଷତ୍ର ସାମାଜିକ ସ୍ତରରେ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେବେ।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଷ୍ଟ୍ରୀୟ କ୍ରୀଡ଼ା ଦିବସ, ଧ୍ୟାନ ଚାନ୍ଦଙ୍କ ଜନ୍ମଦିବସ, ଅଗଷ୍ଟ ୨୯ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୦ ଗତେ ଘ.୧୦।୩୨ ମଧ୍ୟେ, ଘ.୦୧।୦୨ ଗତେ ଘ. ୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ ଘ ୦୪।୨୭ ମଧ୍ୟେ ରାହୁକାଳ।

# ପାଠ ନ ଆସିବାରୁ ଛାତ୍ରଙ୍କୁ ପିଟିଲେ ଶିକ୍ଷକ

## କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଭିଭାବକ



**ନୀଳଗିରି, ୨୮।୮(ପ୍ରଶାନ୍ତ ବିଶ୍ୱାଳ):** ଭୟମୁକ୍ତ ହୋଇ ଛାତ୍ରୀଛାତ୍ରଙ୍କ ମନରେ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସରକାର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଘୋଷଣା କରିଛନ୍ତି। ହେଲେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ମଧୂପୁରିଆ ପ୍ରାଥମିକ ବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପାଠ ନ ଆସିବାରୁ ଦୁଇ ଛାତ୍ରଙ୍କୁ ଜଣେ ଶିକ୍ଷକ ଅମାନୁଷିକ ଭାବେ ବାଉଁଶ କଣିରେ ପିଟିଥିବା ଜଣାପଡିଛି। ଏହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଭାବକମାନେ ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବଗତ କରିଥିଲେ ମଧ ଏ ଦିଗରେ ଗୁରୁତ୍ୱ ଦିଆ ଯାଇ ନ ଥିଲା। ଫଳରେ ସେମାନେ ବାଧ ହୋଇ ସୋମବାର ନୀଳଗିରି ଉପଖଣ୍ଡ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କଠାରେ ଅଭିଯୋଗ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଭାବକଙ୍କ ମଧ୍ୟରେ ମିର୍ଜା ସରେନ, ରାମହରି ମାରାଣ୍ଡି, ନବକିଶୋର କିସ୍କୁ, ରୁହ୍ୟା ଟୁଡୁ, ଚନ୍ଦନ କୁମାର କିସ୍କୁ, ପାଣ୍ଡବ ସୋରେନ, ବନମାଳୀ ହେମ୍ବ୍ରମ, ଗିରିଶ ବାସ୍କେ, ଗୁରୁବା ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ଦାବି କରିଛନ୍ତି।

# ସୂର୍ଯ୍ୟ ମନ୍ଦିରରୁ ବାଲିକଢ଼ା କାର୍ଯ୍ୟ ପୁଣି ଆରମ୍ଭ

- ଗର୍ଭଗୃହରୁ ଖୁବ୍‌ଶୀଘ୍ର ବାହାରିବ ବାଲି
- ୧୨୦ ବର୍ଷ ପରେ ଖୋଲିବ ଗର୍ଭଗୃହର ପ୍ରବେଶ ପଥ

**କୋଣାର୍କ,୨୮।୮(ଜ୍ୟୋତିରାଜ ମହାନ୍ତି)**

୧୩ଶହ ଶତାବ୍ଦୀର ନିର୍ମିତ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦୀର୍ଘ ୧୨୦ବର୍ଷ ପରେ ପୁଣି ଖୋଲା ହେବା ପାଇଁ ଐତିହାସିକ ନିଷ୍ପତ୍ତି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ନିଆଯାଇ ଗତ ଜାନୁୟାରୀ ୩ରୁ ବାଲି କଢ଼ା କାର୍ଯ୍ୟ ଆରମ୍ଭ ହୋଇ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର କୌଣସି କାରଣକୁ ନେଇ ଏହି ବାଲି କଢ଼ା କାର୍ଯ୍ୟ ଦୀର୍ଘଦିନ ପାଇଁ ବନ୍ଦ ରଖାଯାଇଥିଲା। ତେବେ ସୋମବାର ଏଏସ୍‌ଆଇ ପକ୍ଷରୁ ନିଯୁକ୍ତ ଠିକାଦାର ଦ୍ୱାରା ୫ମାସ ପରେ ପୁନର୍ବାର କ୍ରେନ ସାହାଯ୍ୟରେ ବଡ଼ ବଡ଼ ଲୁହା ବିମ ସବୁ ଲଗାଯାଇ କାର୍ଯ୍ୟ କରାଯାଉଛି। ମାର୍ଚ୍ଚ ମାସରୁ ବନ୍ଦ ରହିବାରୁ ଏବେ ମନ୍ଦିର ଉତ୍ତର ଓ ପଶ୍ଚିମ କୋଣରେ ଲିଫ୍ଟ ପାଇଁ ମୂଳଦୁଆ ନିର୍ମାଣ ପରେ ଲୁହା ବିମ୍ ଲଗାଯାଇଛି। ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ମନ୍ଦିର ଚୂଡ଼ାରୁ ଗର୍ଭଗୃହରେ ରହିଥିବା ବାଲିକୁ ପର୍ଯ୍ୟାୟକ୍ରମେ ମନ୍ଦିର ପାଦଦେଶକୁ ସୁରକ୍ଷିତ ଉପାୟରେ ବାହାର କରାଯାଉଛି। ପାଦଦେଶରୁ ପାଇପ ସାହାଯ୍ୟରେ ବାଲିକୁ ସ୍ୱତନ୍ତ୍ର



ରାସ୍ତା ଦେଇ ଉତ୍ତର ପଶ୍ଚିମ କୋଣରେ ରଖାଯିବ। ବାଲି ନିଷ୍କାସନ କାର୍ଯ୍ୟ ସରିଲେ ପର୍ଯ୍ୟଟକଙ୍କ ପାଇଁ ଜଗମୋହନ ଦ୍ୱାର ଖୋଲାଯିବ ବୋଲି ସୂଚନା ମିଳିଛି।

ସୂଚନାଥାଉକି, କୋଣାର୍କ ସୂର୍ଯ୍ୟମନ୍ଦିରକୁ ଇଂରେଜମାନେ ଉଦ୍ଧାର କରିବା ପରେ ସୂର୍ଯ୍ୟମନ୍ଦିରର ଜଗମୋହନ ମନ୍ଦିରରୁ ପଥର ଖସିବାରୁ ଏହାକୁ ସୁରକ୍ଷିତ ରଖିବା ପାଇଁ ଗର୍ଭଗୃହରେ ସେମାନେ ଉପାୟ ନ ପାଇ ୧୯୦୩ରୁ ୧୯୦୯ ମସିହା ମଧ୍ୟରେ ସମ୍ପୂର୍ଣ୍ଣ ବାଲି ପୂରାଇ ଏହାର ସମସ୍ତ ପ୍ରବେଶ ପଥକୁ ସିଲ୍ କରିଦେଇଥିଲେ। ମାତ୍ର ପରେ କୋଣାର୍କ ସୁରକ୍ଷା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ବାଦଲ ଦାଶଙ୍କ ଗର୍ଭ ଗୃହରୁ ବାଲି କାଢି ସର୍ବସାଧାରଣ ପାଇଁ ପ୍ରବେଶ ପଥ ଖୋଲିବା ପାଇଁ ଦାବି ଓ କଟକର ଆଇନଜୀବୀଙ୍କର ଏହାକୁ ନେଇ ପିଏଲଆଇ କରିବା ପରେ ହାଇକୋର୍ଟ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସମସ୍ତ ତଥ୍ୟ ସଂଗ୍ରହ କରି ଗର୍ଭଗୃହରୁ ବାଲି କଢାଗଲେ କୌଣସି ବିପଦ ନଥିବା ପରାମର୍ଶ ଦେବା ପରେ ଓ କେନ୍ଦ୍ର ପାର୍ଲାମେଣ୍ଟ କମିଟିର ପରାମର୍ଶକ୍ରମେ ଏଏସ୍‌ଆଇ ପକ୍ଷରୁ ସୂର୍ଯ୍ୟମନ୍ଦିରର ଗର୍ଭଗୃହରୁ ବାଲି କାଢ଼ିବା ନିମନ୍ତେ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଥମେ ସୂର୍ଯ୍ୟମନ୍ଦିର ଜଗମୋହନ ମନ୍ଦିରର ଉପରିଭାଗ ପଶ୍ଚିମ ଦିଗରେ ୫ଫୁଟରେ ଏକ ସ୍ୱତନ୍ତ୍ର ଟନେଲ ପଥର କଟାଯାଇ ସୁରକ୍ଷିତ ଭାବେ ଗର୍ଭଗୃହରେ ଥିବା ବାଲିକୁ ସ୍ୱତନ୍ତ୍ର ଲିଫ୍ଟରେ ସ୍ଥାନାନ୍ତର କରାଯିବ। ଏ ନେଇ ବିଡିଆର ପ୍ରାଃ ଲିଃ ପକ୍ଷରୁ ବରିଷ୍ଠ ଇଞ୍ଜିନିୟର ଓ ଆର୍ଟିଟେକ ଡିଜାଇନର ଲୋକନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇର ଇଞ୍ଜିନିୟରଙ୍କ ଉପସ୍ଥିତିରେ ପର୍ଯ୍ୟାୟକ୍ରମେ କାର୍ଯ୍ୟ ହେଉଛି।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା ଆରମ୍ଭ



ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର।

## ପ୍ରଥମ ଦିନରେ ନାମ ଲେଖାଇଲେ ୩୬ ଛାତ୍ରୀଛାତ୍ର

**ସାକ୍ଷୀଗୋପାଳ,୨୮।୮ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)**

ପୁରୀ ଜିଲା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶବିଦ୍ୟାଳୟରେ ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ୩ଟି ବିଭାଗରେ ୨୪ଟି ଲେଖାଏ ଆସନରେ ସୋମବାରଠାରୁ ନାମଲେଖା ଆରମ୍ଭ କରାଯାଇଛି। ପୂର୍ବରୁ ପ୍ରବେଶିକା ପରୀକ୍ଷା ଦେଇଥିବା ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ନାମଲେଖା ପାଇଁ ଆସିଥିଲେ। ଏହି ନାମଲେଖା ପ୍ରକ୍ରିୟା ୨୮ ଓ ୨୯ ଦୁଇଦିନ ଚାଲିବ। ପ୍ରଥମ ବର୍ଷରେ ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଆଦିବାସୀ ଭାଷା ଏବଂ ଐତିହ୍ୟ ଆଦି ୩ଟି ବିଭାଗରେ ୩୬ଜଣ ଛାତ୍ରୀଛାତ୍ର ପ୍ରଥମଦିନ ନାମ ଲେଖାଇଛନ୍ତି। ପୂର୍ବାହ୍ନ ୧୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ନାମଲେଖା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରଶ୍ମିରେଖା ଦାଶ, ନିର୍ଦ୍ଦେଶକ(ପିଟିସି) ରଜତ କୁମାର ମାନସିଂ, ଅଧ୍ୟକ୍ଷ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସତ୍ୟ ଶିବ ସୁନ୍ଦର ମିଶ୍ର, ଆଡମିଶନ ଇନଚାର୍ଜ ଧନୁର୍ଦ୍ଧର ମୁଦୁଲି, ଶଙ୍କର ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ତ୍ରିପାଠୀ, ଡାଟା ଏଣ୍ଟ୍ରି ଅପରେଟର ଭବାନୀ ଶଙ୍କର ମିଶ୍ର, ଆଡ୍‌ମିଶନ ଆସିଷ୍ଟାଣ୍ଟ ସୀତାଂଶୁ ମହାପାତ୍ର ଓ ପ୍ରକାଶ ଚନ୍ଦ୍ର ଗୌଡ଼, ଆକାଉଣ୍ଟାଣ୍ଟ ମହେଶ୍ୱର ସ୍ୱାଇଁ, ପିଅନ ଗଣେଶ ସାହୁ ପ୍ରମୁଖ ନାମଲେଖା ପ୍ରକ୍ରିୟାରେ ସାମିଲ ଥିଲେ।

# ପଞ୍ଚଭୂତରେ ଲୀନ ହେଲେ କବି ଜୟନ୍ତ ମହାପାତ୍ର

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

**କଟକ,୨୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

ପଞ୍ଚଭୂତରେ ବିଲୀନ ହୋଇଛି ବିଶିଷ୍ଟ ସାହିତ୍ୟିକ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଦ୍ୱିଭାଷିକ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପାର୍ଥିବ ଶରୀର। ସୋମବାର କଟକ ଖାନନଗର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗତ ମହାପାତ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପୁତୁରା ଦେବ କୁମାର ଦାସ ମୁଖାଗ୍ନି ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶେଷକୃତ୍ୟ ସମୟରେ କୃଷି ଓ କୃଷକ ସଶକ୍ତୀକରଣ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ମହାନଗର ନିଗମର ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ତାଙ୍କ ସମ୍ପର୍କୀୟ ଓ ଶୁଭେଚ୍ଛୁମାନେ ଅଶ୍ରୁଳ ନୟନରେ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସୂଚନାଯୋଗ୍ୟ, ୯୫ ବର୍ଷୀୟ କବି ସ୍ୱର୍ଗତ ମହାପାତ୍ର ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ନିମୋନିଆରେ ଆକ୍ରାନ୍ତ ହେବା ପରେ ଗତ ୪ ତାରିଖରେ ତାଙ୍କୁ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ପରଲୋକ ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଏସ୍‌ସିବି ମେଡିକାଲକୁ ଯାଇ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ମରଶରୀରକୁ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନ 'ଚନ୍ଦ୍ରଭାଗା'କୁ ନିଆଯାଇଥିଲା। ସେଠାରେ ବହୁ ଶୁଭେଚ୍ଛୁ ଓ ପ୍ରଶଂସକ ତାଙ୍କର ଶେଷ ଦର୍ଶନ କରିଥିଲେ। ଡ. ମହାପାତ୍ର ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲେ ମଧ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାଜର ସବୁ ବର୍ଗର ଲୋକଙ୍କ ପ୍ରତି ତାଙ୍କର ଅହେତୁକ ଶ୍ରଦ୍ଧା ଓ ସ୍ନେହ ରହିଥିଲା। ଉଲ୍ଲେଖଯୋଗ୍ୟ, ୧୯୨୮ ଅକ୍ଟୋବର ୨୨ରେ କଟକରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମହାପାତ୍ର ଷ୍ଟିୱାର୍ଟ କଲେଜରୁ ଶିକ୍ଷାଗ୍ରହଣ କରିଥିଲେ। ପରେ ପାଟନା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହେବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ। ଉଭୟ ଓଡ଼ିଆ ଓ ଇଂଲିଶ ସାହିତ୍ୟରେ ତାଙ୍କର ଅସୀମ ଦକ୍ଷତା ଥିଲା। ଇଂଲିଶ ପୁସ୍ତକ 'ରିଲେସନଶିପ୍' ପାଇଁ ସେ ପ୍ରଥମ ଭାରତୀୟ କବି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୨୦୦୯ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ।



ଜୟନ୍ତ ମହାପାତ୍ରଙ୍କ ମରଶରୀରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ରାଜସ୍ୱ ଗ୍ରାମ ମାନ୍ୟତା ଦାବି, ବ୍ଲକ ଅଫିସ ଘେରାଉ

**ପାଟଣାଗଡ, ୨୮।୮(ପ୍ରହଲ୍ଲାଦ ପାଢ଼ି)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଖୁଣ୍ଟସମଲେଇ ପଞ୍ଚାୟତ ଅନ୍ତର୍ଗତ ଦଳପାଲିକୁ ରାଜସ୍ୱ ଗ୍ରାମ୍ୟ ମାନ୍ୟତା ଦାବି ନେଇ ଗାଁର ମହିଳାମାନେ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ଜିଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଆନ୍ଦୋଳନରେ ଗ୍ରାମ୍ୟ କମିଟି ସଭାପତି ରମାକାନ୍ତ ମେହେର, ଜିଲା ଆଦିବାସୀ କଲ୍ୟାଣ ସଂଘ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ଜନ୍ମେଜୟ ମେହେର,ପୂର୍ବତନ ସରପଞ୍ଚ ପଦ୍ମିନୀ ମେହେର, ଜୟରାମ ମେହେର, ଶଙ୍କର ମେହେର, ପ୍ରମୋଦ ମେହେର, ପ୍ରଭାକର ଦାସ, ମୋହନ ଚନ୍ଦ୍ର ବେହେରା, କୁବେର ମେହେର, କୁମାର ମେହେର, ବଳରାମ ମେହେର ସାମିଲ ହୋଇଥିଲେ।

# ଶାଳ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୨ଗିରଫ

**ପାଟଣାଗଡ, ୨୮।୮(ପ୍ରହଲ୍ଲାଦ ପାଢ଼ି)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଦମକିପାଲି ନିକଟରୁ ବନ ବିଭାଗ ଏକ ପିକ୍‌ଅପ ଭ୍ୟାନ ସହ ୨୦ ସେଫଟି ଶାଳପଟା ଜବତ କରିଛି। କାଠ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାଘବ ନାୟକ ଓ ସୁରେଶ ସିଆଲ। ଲରମ୍ଭା ଫରେଷ୍ଟ ବିଟ ଅଞ୍ଚଳରେ ଶାଳକାଠ ଚୋରାଚାଲାଣ ହେଉଥିବା ଖବର ପାଇ ଲରମ୍ଭା ଫରେଷ୍ଟର ପ୍ରିୟବ୍ରତ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ। ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବିପତ୍ର

**କଣ୍ଟାବାଞ୍ଜି, ୨୮।୮(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନାକୁ ସୋମବାର ଲିବେରାଲ ଡେମୋକ୍ରେଟିକ ଆସୋସିଏଶନ(ଏଲଡିଏ) ସଭାପିତ ଲବ ସୁନାଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା। ପରେ ୩ ଦଫା ଦାବିପତ୍ର ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଏସ. ମୌସୁମୀ କୁମ୍ଭାର ନିଖୋଜ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ, କଣ୍ଟାବାଞ୍ଜି ଜେଲର ଖବରଦାତାଙ୍କ ମୁଣ୍ଡ ସୁପାରୀ ଘଟଣାର ନିରପେକ୍ଷ ତଦନ୍ତ, ଲଳିତ ଜୈନ ମୃତ୍ୟୁ ଘଟଣାର ନିରପେକ୍ଷ କ୍ରାଇମବ୍ରାଞ୍ଚ ତଦନ୍ତ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଥାନାରେ ଉପସ୍ଥିତ ସ୍ଥାନୀୟ ତହସିଲଦାର ଅମୃତଲାଲ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ସୁରଥ ବେହେରା, ନାରୀନେତ୍ରୀ ପିଙ୍କି ଖର୍ସେଲ, ଭଜ ସିପ୍‌କା, ରାଜେନ୍ଦ୍ର ଦିପ ପ୍ରମୁଖ ସାମିଲ ଥିଲେ । ଏଥିପୂର୍ବରୁ ସରକାରୀ ବାଳିକା ହାଇସ୍କୁଲ ନିକଟରୁ ଏକ ଶୋଭାଯାତ୍ରାରେ ଥାନା ଅଭିମୁଖେ ଆସିଥିଲା।

# ଝାଡାବାନ୍ତି: ସିନ୍ଧେଇକେଲା ଗଲା ସ୍ୱତନ୍ତ୍ର ଡାକ୍ତରୀ ଦଳ

**ଭୁବନେଶ୍ୱର,୨୮।୮(ଅଭିଜିତ ଦାସ)**

ବଲାଙ୍ଗୀରେ ଜିଲା ସିନ୍ଧେଇକେଲା ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଛି। ଗତ ୪ ଦିନ ମଧ୍ୟରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ରୋଗୀ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୂଷିତ ପାଣିରୁ ଝାଡ଼ାବାନ୍ତି ବ୍ୟାପୁଥିବା କୁହାଯାଉଥିଲେ ମଧ ପ୍ରକୃତ କାରଣ ଜାଣିବା ସହ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱରରୁ ଏକ ୨ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଯାଇଛି। ଏଥିସହ ଡିଏମ୍ଇଟି ପକ୍ଷରୁ ସିନ୍ଧେଇକେଲା ସମେତ ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଭୀମଭୋଇ ମେଡିକାଲ କଲେଜରୁ ଡାକ୍ତରୀ ଓ ମାଇକ୍ରୋବାଇଲୋଜି ଦଳ ପଠାଇବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

# 'ବିକଶିତ ଭାରତ ଗଠନରେ ସହଭାଗିତା ଜରୁରୀ'

- ବରୁଣେଇରୁ ଆଇଆଇଟି ପର୍ଯ୍ୟନ୍ତ ସାଇକେଲ ଯାତ୍ରା
- ଶହୀଦ ସ୍ମୃତିସ୍ତମ୍ଭ ନିକଟରୁ ସଂଗୃହୀତ ହେଲା ମାଟି
- ଛାତ୍ରୀଛାତ୍ରଙ୍କୁ 'ପଞ୍ଚପ୍ରାଣ'ର ସଙ୍କଳ୍ପ କରାଇଲେ

**ଖୋର୍ଦ୍ଧା,୨୮।୮(ପ୍ରଭାତ ପାଣିଗ୍ରାହୀ)**

ଆଇଆଇଟି ଭୁବନେଶ୍ୱର ଆନୁକୂଲ୍ୟରେ ସୋମବାର 'ମୋ ମାଟି ମୋ ଦେଶ' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବରୁଣେଇ ପାଦଦେଶରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଐତିହାସିକ ଖୋର୍ଦ୍ଧାଗଡ଼ ଏବଂ ବୀର ପାଇକମାଟିର ଆରାଧ ଦେବୀ ମା'ବରୁଣେଇ, କରୁଣେଇଙ୍କ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୂଜାର୍ଚ୍ଚନା କରିଥିଲେ। ବରୁଣେଇ ପାଦଦେଶରେ ଥିବା ଶହୀଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପବିତ୍ର ସ୍ଥାନରୁ କଳସରେ ମାଟି ସଂଗ୍ରହ ପରେ ସାଇକେଲ ଶୋଭାଯାତ୍ରାରେ ଯୁବବର୍ଗଙ୍କ ସହ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। କ୍ୟାମ୍ପସ ପରିସରରେ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ସ୍ମାରକୀ ଫଳକ ସ୍ଥାପନ କରିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରୁଣେଇ ପାଦଦେଶରୁ ସାଇକେଲ୍ ଶୋଭାଯାତ୍ରାରେ ବାହାରିଛନ୍ତି।

ଛାତ୍ରୀଛାତ୍ରଙ୍କ ସହ ଚାରାରୋପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ରମାନେ ମାନବଶୃଙ୍ଖଳରେ ଭାରତ ମାନଚିତ୍ର ପ୍ରଦର୍ଶନ କରିଥିଲେ। ଆୟୋଜିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେଇ ସମବେତ ଛାତ୍ରୀଛାତ୍ରଙ୍କୁ 'ପଞ୍ଚପ୍ରାଣ'ର ଶପଥ କରାଇଥିଲେ କେନ୍ଦ୍ରମନ୍ତ୍ରୀ ପ୍ରଧାନ। ୨୦୪୭ ସୁଦ୍ଧା ଭାରତକୁ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନକୁ ସାକାର କରିବାକୁ ପଡିବ। ଦାସତ୍ୱ ଓ ଦୁର୍ବଳ ମାନସିକତାରୁ ଊର୍ଦ୍ଧ୍ୱରେ ଉଠିବା, ଦେଶର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବା, ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ ଏବଂ ଦେଶର ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ, ନାଗରିକ ଦାୟିତ୍ୱ କର୍ତ୍ତବ୍ୟକୁ ନିଷ୍ଠାର ସହ ପରିଚାଳନା ନେଇ ପ୍ରଧାନ ପ୍ରତିଜ୍ଞା କରାଇଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ଖୋର୍ଦ୍ଧା ହେଉଛି ଏକ ବୀର ମାଟି। ଦୁଇ ଶହ ବର୍ଷ ତଳେ ଏହି ବୀର ଭୂମିରେ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବୀର ପାଇକମାନେ ଇଂରେଜମାନଙ୍କ ସହ ଲଢେଇ କରିଥିଲେ। ଦେଶ ମାତୃକା ପାଇଁ ପାଇକବୀରଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମୀ, ଶହୀଦଙ୍କ ଗାଁ ମାଟିରୁ ସଂଗୃହୀତ ମାଟି କଳସରେ ନୂଆଦିଲ୍ଲୀ ଅଣାଯାଇ ସେଠାରେ ସ୍ମାରକୀ ନିର୍ମାଣରେ ବ୍ୟବହାର କରାଯିବ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ।

# ମା'ଙ୍କ ଗହଣା ବନ୍ଧାପକାଇ ହୋଟେଲ ଖୋଲିଥିଲି

୧୯୫୭ ଫେବୃୟାରୀ ୩ରେ ଯାଜପୁରରେ ଜନ୍ମ ଗ୍ରହଣ କରିଥିଲେ ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଡ. ଜିତେନ୍ଦ୍ର କୁମାର ମହାନ୍ତି। ଦିଲ୍ଲୀ ୟୁନିଭର୍ସିଟିରୁ ଗ୍ରାଜୁଏଶନ ଶେଷ କରି ଓଡ଼ିଶା ଫେରିବା ପରେ ମା'ଙ୍କ ସହଯୋଗରେ ହୋଟେଲ ଇଣ୍ଡଷ୍ଟ୍ରିରେ ପାଦ ରଖିଥିଲେ। ପ୍ରଥମେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରେ ହୋଟେଲ ସ୍ୱସ୍ତି ଖୋଲିଥିଲେ। ପରବର୍ତ୍ତୀ ସମୟରେ ଷ୍ଟାର୍ ହୋଟେଲ ସ୍ୱସ୍ତି ପ୍ରିମିୟମ, ଗୋପାଳପୁର ଓ ଚିଲିକାରେ ସ୍ୱସ୍ତି ଚିଲିକା ରିସୋର୍ଟ, ସାତପଡ଼ା ଓ ଭିତରକନିକାରେ ସ୍ୱସ୍ତି ଭ୍ୟାକେସନ୍ କ୍ଲବ୍, ସ୍ୱସ୍ତି ଏଜୁକେଶନାଲ ଫାଉଣ୍ଡେଶନ, ସ୍ୱସ୍ତି ଟ୍ରାଭେଲ୍ସ ଆଣ୍ଡ୍ ଏକ୍ସପୋର୍ଟ, ସ୍ୱସ୍ତି ପାମ୍ ରିସର୍ଟ ଭଳି ବଡ଼ ବଡ଼ ଅନୁଷ୍ଠାନ ଗଢ଼ିଥିଲେ। ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ସହ ଯୁବ ଉଦ୍ୟୋଗୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିବା ଡ. ମହାନ୍ତି ଇତିମଧ୍ୟରେ ହୋଟେଲ ଶିଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଲାଗି ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ବର୍ତ୍ତମାନ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶାର ଆଜୀବନ ଅଧ୍ୟକ୍ଷ ଅଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଥିବା ଡ. ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍କାର।



ଜେ.କେ. ମହାନ୍ତି, ସିଏମ୍‌ଡି, ସ୍ୱସ୍ତି ଗ୍ରୁପ୍

**ପ୍ରଶ୍ନ–ପର୍ଯ୍ୟଟନ ତଥା ହୋଟେଲ ଇଣ୍ଡଷ୍ଟ୍ରିରେ ଯାତ୍ରା କିପରି ଆରମ୍ଭ କରିଥିଲେ?**

ଉ– ୧୯୮୦ରେ ମା' ଗହଣା ବନ୍ଧା ପକାଇ ଦେଇଥିବା ୧ଲକ୍ଷ ଟଙ୍କାରୁ ହୋଟେଲ ଇଣ୍ଡଷ୍ଟ୍ରିରେ ପାଦ ରଖିଥିଲି। ଏକ୍ଷେତ୍ରରେ ଯିବା ପାଇଁ ବାପା ପ୍ରଥମେ ବାରଣ କରୁଥିଲେ ମଧ ପରବର୍ତ୍ତୀ ସମୟରେ ତାଙ୍କ ପ୍ରେରଣା ମୋତେ ଏତେ ସଫଳତା ଦେଇଛି। ମାଷ୍ଟର କ୍ୟାଣ୍ଟିନରେ ଥିବା ବର୍ତ୍ତମାନର ସ୍ୱସ୍ତି ଗ୍ରାଣ୍ଡ(ହୋଟେଲ ସ୍ୱସ୍ତି)ର ୧୦ଟି ରୁମ୍ ଓ ୯ଜଣ କର୍ମଚାରୀଙ୍କୁ ନେଇ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଏବେ ଇଂଲଣ୍ଡରୁ ହୋଟେଲ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଥିବା ମୋ ପୁଅ ମଧ ଏଥିରେ ଯୋଡି ହୋଇଛି। ପ୍ରାୟ ୧୫୦୦ ଲୋକଙ୍କୁ ନିଯୁକ୍ତି ଦେବା ସହ ସାରା ଓଡ଼ିଶାରେ ଏ ଦିଗରେ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରହିଛି।

**ପ୍ର–କିଟ୍ ବିଶ୍ୱବିଦ୍ୟାଳୟରୁ ଆପଣଙ୍କୁ ଡକ୍ଟରେଟ୍ ଉପାଧି ମିଳିଛି। ଏ ସମ୍ପର୍କରେ କ'ଣ କହିବେ?**

ଉ– ଏହି ସମ୍ମାନଜନକ ଉପାଧି ମୋତେ ମିଳିବ ବୋଲି ଜାଣି ନ ଥିଲି। ତେବେ ପରେ ଜାଣିବାକୁ ପାଇଲି ଯେ, ପ୍ରାୟ ୪୦ ବର୍ଷ ଧରି ପର୍ଯ୍ୟଟନ ତଥା ହୋଟେଲ ଇଣ୍ଡଷ୍ଟ୍ରି ପ୍ରତି ମୋର ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଉଛି। ମୋ ସ୍ୱର୍ଗତ ବାପା ମା', ପରିବାରର ସଦସ୍ୟ ଓ ସର୍ବୋପରି ଈଶ୍ୱରଙ୍କ କୃପାରୁ ଏହା ସମ୍ଭବ ହୋଇପାରିଛି। କିଟ୍ ଓ କିସ୍‌କୁ କୃତଜ୍ଞତା ଜଣାଇବାକୁ ଚାହିଁବି। ଏହା କେବଳ ଏକ ସମ୍ମାନ ନୁହେଁ, ଏହା ମୋ ପାଇଁ ଏକ ଦାୟିତ୍ୱ। ଓଡ଼ିଶାକୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ପରିବର୍ତ୍ତନ କରିବା ଦିଗରେ କାର୍ଯ୍ୟ କରୁଥିବା ପ୍ରତିଟି ବ୍ୟକ୍ତିଙ୍କ ସହ ଯୋଡି ହୋଇ ଏହି ପ୍ରୟାସକୁ ଆଗକୁ ନେବାକୁ ଏହି ସମ୍ମାନ ପ୍ରେରଣା ଦେବ।

**ପ୍ର– କେବେ କିଛି ସଂଘର୍ଷ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି କି?**

ଉ– ଅନେକ ସମସ୍ୟାର ମୁକାବିଲା କରି ଆଗକୁ ବଢ଼ିବାକୁ ପଡ଼ିଛି। ୧୯୯୯ ମସିହା ମହାବାତ୍ୟା ଓ କୋଭିଡ୍–୧୯ ମହାମାରୀ ସମୟରେ ସ୍ୱସ୍ତି ଗ୍ରୁପ୍‌ର କର୍ମଚାରୀଙ୍କ ଜୀବନଜୀବିକା ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀ ଜଗନ୍ନାଥଙ୍କ କୃପାରୁ ସେସମୟ ମଧ୍ୟ ଅତିକ୍ରମ କରିଯାଇଛି।

**ପ୍ର–ବିଜ୍‌ନେସ କ୍ଷେତ୍ରରୁ ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାରେ ସ୍ୱସ୍ତିଗ୍ରୁପ୍‌ର କ'ଣ ଲକ୍ଷ୍ୟ ରହିଛି?**

ଉ– ପର୍ଯ୍ୟଟନ ତଥା ହୋଟେଲ ଇଣ୍ଡଷ୍ଟ୍ରିରେ ଦକ୍ଷ କର୍ମଚାରୀ ନିୟୋଜିତ ହେଲେ ଏହି କ୍ଷେତ୍ରର ପ୍ରଗତି ତ୍ୱରାନ୍ୱିତ ହୋଇପାରିବ। ଦକ୍ଷ କର୍ମଚାରୀ ସୃଷ୍ଟି ପାଇଁ ୨୦୧୪ରେ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ୍ ଆରମ୍ଭ ହୋଇଥିଲା। ଏଠାରୁ ଶିକ୍ଷାଲାଭ କରିଥିବା ଛାତ୍ରୀଛାତ୍ର ନୋଭୋଟେଲ, ଷ୍ଟାର୍‌ଉଡ୍, ତାଜ୍, ଓବରଏ, ଲିଲା ଗ୍ରୁପ୍, ଆଇଟିସି ଭଳି ବିଶ୍ୱର ବଡ଼ବଡ଼ ହୋଟେଲରେ ନିଯୁକ୍ତ ହେବା ସହ ସ୍କିଲ୍ ଇଣ୍ଡିଆ ପକ୍ଷରୁ ଗୋଲ୍ଡ ମେଡାଲ ମଧ ହାସଲ କରିପାରିଛନ୍ତି।

**ପ୍ର– ପୁରୀରେ ନିର୍ମାଣାଧୀନ 'ସ୍ୱସ୍ତି ପ୍ରିମିୟମ ବିଚ୍ ରିସୋର୍ଟ' ସମ୍ପର୍କରେ କ'ଣ କହିବେ?**

ଉ– ପୁରୀ ସମୁଦ୍ର କୂଳରେ ପ୍ରଥମ ୫–ଷ୍ଟାର୍ ହୋଟେଲ ଭାବେ 'ସ୍ୱସ୍ତି ପ୍ରିମିୟମ ବିଚ୍ ରିସୋର୍ଟ' ସେବା ଯୋଗାଇବ। ଜଗନ୍ନାଥ ଧାମ ପୁରୀକୁ ବର୍ଷସାରା ଆସୁଥିବା ପର୍ଯ୍ୟଟକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେବାରେ ଏହା ସହାୟକ ହେବ। ୧୪ ମହଲା ଓ ୧୫୨ରୁମ୍ ବିଶିଷ୍ଟ ଏହି ହୋଟେଲରେ ଆଗନ୍ତୁକଙ୍କ ପାଇଁ ଡାଇନିଂ ରେଷ୍ଟୁରାଣ୍ଟ, ଫୁଡ୍ କୋର୍ଟ, ଜିମ୍, ଗେମ୍ ଜୋନ୍, ସ୍ୱିମିଂ ପୁଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ସୁବିଧା ଉପଲବ୍ଧ ହେବ। ୩ଟି ୱେଡିଂ ଭେନ୍ୟୁ ସହ କନ୍‌ଭେନଶନ୍ ଭେନ୍ୟୁ ଏହି ହୋଟେଲର ଅନ୍ୟତମ ଆକର୍ଷଣ।

**ପ୍ର– ଆପଣଙ୍କ ସଫଳତାର ମନ୍ତ୍ର କ'ଣ? ହୋଟେଲ ଇଣ୍ଡଷ୍ଟ୍ରିରେ ଭବିଷ୍ୟତ ଗଢ଼ିବାକୁ ଚାହଁଥିବା ଯୁବପିଢ଼ିଙ୍କୁ କ'ଣ ବାର୍ତ୍ତା ଦେବେ?**

ଉ– ଈଶ୍ୱର ଓ ଗୁରୁଜନଙ୍କ ଆଶୀର୍ବାଦ ହିଁ ମୋ ସଫଳତାର ମନ୍ତ୍ର। ଯୁବପିଢ଼ିଙ୍କୁ ଏତିକି କହିବି, ରାତାରାତି ସଫଳତା ମିଳେ ନାହିଁ। ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଈଶ୍ୱରଙ୍କ ଉପରେ ଭରସା ରଖି ଆଗକୁ ବଢ଼ିଲେ ସଫଳତା ନିଶ୍ଚୟ ମିଳିବ।

(ସାକ୍ଷାତ୍କାର: ଅନୁରାଧା ମହାରଣା, ଭୁବନେଶ୍ୱର)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୯ ଅଗଷ୍ଟ, ୨୦୨୩

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। **-ଶ୍ରୀଅରବିନ୍ଦ**



# ଗଣତନ୍ତ୍ରର ହତ୍ୟାକାରୀ

ଭାରତରେ ସପ୍ତାହକ ମଧ୍ୟରେ ଘଟିଥିବା କେତୋଟି ଘଟଣା ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟିକରିଛି। ୨୪ ଅଗଷ୍ଟରେ ମଧ୍ୟପ୍ରଦେଶର ସାଗର ଜିଲାରେ ଗୋଟିଏ ଦଳିତ ପରିବାର ଉପରେ ଆକ୍ରମଣ କରି ଜଣଙ୍କୁ ମାରିଦିଆଯିବା ସହ ତାଙ୍କ ମା'ଙ୍କୁ ଉଲଗ୍ନ କରିବା ଘଟଣା ଗଣମାଧ୍ୟମ ସାମ୍ନାକୁ ଆଣିଛି। ଉତ୍ତରପ୍ରଦେଶର ମୁଜାଫରନଗରରେ ଜଣେ ମୁସଲମାନ ଛାତ୍ରଙ୍କୁ ତାଙ୍କ ସହପାଠୀ ଚାପୁଡ଼ା ମାରିବା ଲାଗି ଶିକ୍ଷୟିତ୍ରୀଙ୍କ ଉତ୍ସାହପ୍ରଦ ନିର୍ଦ୍ଦେଶ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀରର କାଠୁଆ ଜିଲାରେ ଏକ ସ୍କୁଲରେ ଜଣେ ହିନ୍ଦୁ ଛାତ୍ର କଳାପଟାରେ 'ଜୟ ଶ୍ରୀରାମ' ଲେଖିଦେବାରୁ ଶିକ୍ଷକ ତାଙ୍କୁ ବାଡ଼େଇ ହସ୍ପିଟାଲରେ ପକାଇ ଦେଇଛନ୍ତି। ଉତ୍ତରପ୍ରଦେଶର ସେହି ମୁଜାଫରନଗରର ଅନ୍ୟ ଏକ ଘଟଣାରେ ଜଣେ ୧୯ ବର୍ଷୀୟା ହିନ୍ଦୁ ଗର୍ଭବତୀ ଯୁବତୀଙ୍କୁ ତାଙ୍କ ମା'ବାପା ତଣ୍ଟିଚିପି ମାରିଦେବା ଘଟଣା, ଅଗଷ୍ଟ ୨୭ରେ ମଣିପୁରର ନୂଆ ଲାମ୍ଫୁଲେନ୍‌ରେ ପୁନର୍ବାର ହିଂସା ଦେଖାଦେବା ଏବଂ ଦିଲ୍ଲୀର କେତେକ ମେଟ୍ରୋ ଷ୍ଟେଶନରେ ଖଲିସ୍ତାନୀ ସ୍ଲୋଗାନ ଭଳି ବହୁ ବିଷୟ ସୂଚାଉଛି ଯେ ଭାରତର ସାମାଜିକ ସ୍ଥିତି ଅତ୍ୟନ୍ତ ଶଢ଼ିପଚି ବିଗିଡ଼ିଗଲାଣି। ଏତେ ତ୍ରୁଟି ଦେଖାଦେବା ସତ୍ତ୍ୱେ ସ୍ୱୀକାର କରିବାକୁ ହେବ ଯେ, ସକ୍ରିୟ ଗଣମାଧ୍ୟମ ଓ ବିଶେଷକରି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ) ଯୋଗୁ ଏହିଭଳି ଜଘନ୍ୟ ଘଟଣାଗୁଡ଼ିକ ପଦାକୁ ବାହାରିଆସୁଛି। ଏହାର ଅର୍ଥ ନୁହେଁ ଯେ ପୂର୍ବରୁ ଏଭଳି ଘଟଣା ଘଟୁ ନ ଥିଲା। ଭାରତୀୟ ମାନସିକତା ସବୁବେଳେ ଏହି ଧାରାରେ ଚାଲିଆସିଛି। ଏବେ ସାମାଜିକ ଓ ଅନ୍ୟ ଗଣମାଧ୍ୟମର ସକ୍ରିୟତା ସହ ପ୍ରତିଦ୍ୱନ୍ଦ୍ୱିତା ଯୋଗୁ ଅନେକ ଘଟଣା ଲୁଚି ରହିପାରୁ ନାହିଁ।

ଉପରୋକ୍ତ ଘଟଣାଗୁଡ଼ିକ ଦେଶର ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ପଦାରେ ପକାଇବା ସହ ନାରୀ ସୁରକ୍ଷାର ଫମ୍ପା ଧ୍ୱନି ସହିତ ଅସହିଷ୍ଣୁତାକୁ ସାମ୍ନାକୁ ଆଣିଛି। ଉଦାହରଣସ୍ୱରୂପ ଦିଲ୍ଲୀରେ ଜି୨୦ ସମ୍ମିଳନୀ ଆରମ୍ଭ ହେବାର ଦୁଇ ସପ୍ତାହ ପୂର୍ବରୁ 'ଶିଖ୍ ଫର୍ ଜଷ୍ଟିସ'ର ସଦସ୍ୟମାନେ ରାଜଧାନୀର ୫ଟି ମେଟ୍ରୋ ଷ୍ଟେଶନରେ 'ଦିଲ୍ଲୀ ବନେଗା ଖଲିସ୍ତାନ' ଓ 'ଖଲିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଲେଖିଛନ୍ତି। ଏହା ବିଚ୍ଛିନ୍ନତାବାଦ ପରିବର୍ତ୍ତେ ସାଧାରଣ ଲୋକଙ୍କର ଆଜିର ସରକାର ଉପରେ କ୍ରୋଧକୁ ସୂଚାଉଛି।

> **ଭାରତୀୟ ଗଣତନ୍ତ୍ରର ତଣ୍ଟି ଆଜି ପ୍ରତ୍ୟେକ ଭାରତୀୟ ନାଗରିକ ହିଁ ଚିପୁଛି। ଆମର କ୍ଷତି କୌଣସି ଦଳ ବା ରାଜନେତା କରିପାରିବେ ନାହିଁ, ଯଦି ଆମେ ନିଜଆଡୁ ସବୁବେଳେ ସତର୍କ ରହି ପରିବର୍ତ୍ତନ କରିଚାଲୁଥିବା। ବ୍ୟକ୍ତିଗତ ସୁବିଧା ଖୋଜିବାକୁ ଯଦି ଦେଶରେ ପରିବର୍ତ୍ତନକୁ ବିରୋଧ କରିବା ଆମେ ନିଜେ ଗଣତନ୍ତ୍ରର ହତ୍ୟାକାରୀ ବୋଲି ବିବେଚିତ ହେବା।**

କିଛି ମାସ ଧରି ମେଇତି ଓ କୁକି ଆଦିବାସୀଙ୍କ ମଧ୍ୟରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ମଣିପୁରରେ ଚାଲିଥିବା ଜାତିଗତ ହିଂସା ଓ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ିଚାଲିବା ଭାରତର ଛବିକୁ ମଳିନ କରିଚାଲିଛି। ମଣିପୁରରେ ଦୁଇ ମହିଳାଙ୍କୁ ରାସ୍ତାରେ ଉଲଗ୍ନ କରି ଚଲାଇବା ସହ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଓ ଅନେକ ହଜାର ଘରକୁ ପ୍ରତିବାଦକାରୀମାନେ ଜାଳି ଛାରଖାର କରିଦେଇଛନ୍ତି। ୨୭ ଅଗଷ୍ଟରେ ଘରପୋଡ଼ି ସହ ହିଂସା ଘଟଣା ସୂଚାଇଦେଉଛି ଯେ, ମଣିପୁର ଏବେ ମଧ୍ୟ ଅଶାନ୍ତ ରହିଛି ଏବଂ ଭିତରୁ ଜଳିଚାଲିଛି। ଲୋକ ସଭାରେ ସରକାର ଅନାସ୍ଥା ଭୋଟ ଜିତିବା ସତ୍ତ୍ୱେ ମଣିପୁରର ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ଏହିଭଳି ଉଦାହରଣ ପ୍ରମାଣ କରିଦେଉଛି ଯେ, ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଏବେ କେବଳ ନାମକୁମାତ୍ର ହୋଇଗଲାଣି। ସେହି ବ୍ୟବସ୍ଥାରେ ସାଧାରଣ ନାଗରିକ ପାଇଁ କୌଣସି ସୁରକ୍ଷାକବଚ ବଞ୍ଚି ରହିନାହିଁ। ଏହା କେବଳ ଯେ ଭାଜପା କିମ୍ବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଯୋଗୁ ହେଉଛି ବୋଲି କହିବା ତ୍ରୁଟିପୂର୍ଣ୍ଣ ହେବ। ଗଣତନ୍ତ୍ରକୁ ସବୁ ରାଜନୈତିକ ଦଳ ତଣ୍ଟିଚିପି ମାରିବା ପାଇଁ ଦୀର୍ଘ ସମୟରୁ ଲାଗିପଡ଼ିଛନ୍ତି। ଲୋକ ପ୍ରତିନିଧି ଯଥା ବିଧାୟକ ଓ ସାଂସଦମାନଙ୍କ ସ୍ଥିତିକୁ ଦୁର୍ବଳ କରିବାକୁ ଚେଷ୍ଟା ଚାଲିଛି। ଗୋଟିଏ ପରିବାର ଯେତିକି କ୍ଷତିକାରକ ସେହିଭଳି ଗୋଟିଏ ନେତା ମଧ୍ୟ କ୍ଷତିକାରକ ବୋଲି ଭାରତର ରାଜନୀତି ଜାତୀୟ ସ୍ତରଠାରୁ ରାଜ୍ୟସ୍ତର ସବୁଠାରେ ପ୍ରମାଣ ଦେଇଚାଲିଛି। ସମ୍ଭବତଃ ସେଥିପାଇଁ ଆଜି ସବୁ ଦଳର ପ୍ରାୟ ସବୁ ବଡ଼ ନେତା ନିଜ ଭିତରେ କୋଳାକୋଳି ହୋଇ ବୁଝାମଣା କରିସାରିଲେଣି।

ବୁଝାମଣାର ଖେଳପଡ଼ିଆରେ ନେତାମାନଙ୍କୁ ପହଞ୍ଚାଇବା ପାଇଁ ପ୍ରତ୍ୟେକଟି ଭାରତୀୟ ନାଗରିକ ଦାୟୀ। ସ୍ୱାଧୀନତାର ଅର୍ଥ ବୁଝି ନ ଥିବା ଜାତିକୁ ମିଳିଯାଇଥିବା ସ୍ୱାଧୀନତାର ଅପବ୍ୟବହାର ହେବା ସୁନିଶ୍ଚିତ। ସେଥିପାଇଁ ଭାରତୀୟ ଗଣତନ୍ତ୍ରର ତଣ୍ଟି ଆଜି ପ୍ରତ୍ୟେକ ଭାରତୀୟ ନାଗରିକ ହିଁ ଚିପୁଛି। ଆମର କ୍ଷତି କୌଣସି ଦଳ ବା ରାଜନେତା କରିପାରିବେ ନାହିଁ, ଯଦି ଆମେ ନିଜଆଡୁ ସବୁବେଳେ ସତର୍କ ରହି ପରିବର୍ତ୍ତନ କରିଚାଲୁଥିବା। ବ୍ୟକ୍ତିଗତ ସୁବିଧା ଖୋଜିବାକୁ ଯଦି ଦେଶରେ ପରିବର୍ତ୍ତନକୁ ବିରୋଧ କରିବା ଆମେ ନିଜେ ଗଣତନ୍ତ୍ରର ହତ୍ୟାକାରୀ ବୋଲି ବିବେଚିତ ହେବା।

(୨୮।୮।୨୦୨୩ ସୋମବାର ପ୍ରକାଶିତ 'ଆମ ପିଲା ହୋଇଥିଲେ' ସମ୍ପାଦକୀୟରେ ଉତ୍ତରପ୍ରଦେଶର ମୁଜାଫରନଗର ସ୍ଥାନରେ ଭୁଲବଶତଃ ମୁଜାଫରପୁର ଲେଖାଯାଇଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।)



ଡ. ଏକାଦଶୀ ପ୍ରଧାନ

# ଜାତି ଖୋଜିଲେ ମୁକ୍ତି କାହିଁ

ଆମେ ଧର୍ମନିରପେକ୍ଷତା କଥା କହିଲେ ମଧ୍ୟ ଧର୍ମ, ସମ୍ପ୍ରଦାୟ, ଜାତିଗତ ବୈଷମ୍ୟତା ଦୃଷ୍ଟିରୁ ନାନା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଆମର ମହାପୁରୁଷ-ଧର୍ମ, ସମ୍ପ୍ରଦାୟ, ଜାତି ପ୍ରତି ବିଦ୍ୱେଷଭାବ ପୋଷଣ କରିନାହାନ୍ତି କି ଅସହନଶୀଳ ମନୋଭାବ ପ୍ରଦର୍ଶନ କରି ନାହାନ୍ତି। ଜାତିଭେଦ ଊର୍ଦ୍ଧ୍ୱରେ ରହି ସମାଜ ଓ ମାନବ ଜାତିର କଲ୍ୟାଣ ସାଧନ କରିବା ହେଉଛି ସବୁଧର୍ମ ସମ୍ପ୍ରଦାୟର ଲକ୍ଷ୍ୟ। ସନ୍ଥ ଭୀମଭୋଇ ଶୁଣାଇଥିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ।' ମହାତ୍ମା ବୁଦ୍ଧ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ସମାଜକୁ ଗୋଟିଏ ଐକ୍ୟ ମନ୍ତ୍ରରେ ବାନ୍ଧିବାକୁ ଚେଷ୍ଟା କରିଥିଲେ। ମୋଗଲ ସମ୍ରାଟ ଆକବର ସବୁ ଧର୍ମର ସାରମର୍ମକୁ ନେଇ 'ଦିନ୍-ଇ-ଇଲାହି' ନାମରେ ଏକ ସମନ୍ୱୟବାଦୀ ଧର୍ମର ପ୍ରଚାର କରିଥିଲେ। ଶ୍ରୀକୃଷ୍ଣ ଗୋପାଳ ଜାତିରେ ଜନ୍ମ ନେଇ ସର୍ବାଧିକ ଉଦାରତା ପ୍ରକାଶ କରି ଗୀତାରେ କହିଥିଲେ - 'ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।' ମାତ୍ର ଆଜି ଧର୍ମ ସମାଜରେ ପାରସ୍ପରିକ ଅସଦ୍‌ଭାବର କାରଣ ହୋଇଛି।

ମନୁଷ୍ୟ ଜାତି ଜାତିଗତ ପ୍ରମାଣପତ୍ରକୁ ନେଇ ପ୍ରଭାବିତ; ଏସବୁ ମନୁଷ୍ୟକୃତ। ଆଜି ଯେଉଁ ସାଂପ୍ରଦାୟିକ ଦଙ୍ଗା ଦେଶ, ଜାତି ଓ ବ୍ୟକ୍ତିକୁ ଆକ୍ରାନ୍ତ କରିଛି ତାହା ଜାତି ଓ ଧର୍ମଗତ ବିଦ୍ୱେଷ ପାଇଁ ସୃଷ୍ଟି ହୋଇଛି। ଏହା ଦେଶ ବା ଜାତିର ମହତ୍ତ୍ୱର ଲକ୍ଷଣ ନୁହେଁ, ବିଶୃଙ୍ଖଳାର ଲକ୍ଷଣ। ଜାତିର କଥା କହି ସମ୍ପ୍ରଦାୟର ବିଚାରବିମର୍ଶ କରି ଓଡ଼ିଶାରେ ମଧ୍ୟ ରାଜନୈତିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଅବକ୍ଷୟ ସୃଷ୍ଟି ହେଉଛି। ଜାତିଗତ ମତଭେଦକୁ ନେଇ ସଂଘର୍ଷ, ଅଶାନ୍ତି ସୃଷ୍ଟି ହେଉଛି। ଜାତିଗତ କାରଣ ଆଜି ସମ୍ପ୍ରଦାୟ ଗଣ୍ଡି ଭିତରେ ଛନ୍ଦି ହୋଇ ରାଜନୀତୀକରଣ ହେଉଛି।

ଜାତିକୁ ନେଇ ପ୍ରଶାସନିକ କ୍ଷେତ୍ରରେ ଟିକେ କେଁ ରହିଯାଇଛି। ଜମିବାଡ଼ି ରେଜିଷ୍ଟ୍ରି ବେଳେ କବଲାରେ ରାଜସ୍ୱ ବା ଅନ୍ୟ ବିଭାଗରେ ଜାତିକଥା ଉଲ୍ଲେଖ ରହୁଛି। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜାତିକଥା ଉଲ୍ଲେଖ ନ କରି କିମ୍ବା ଉଚ୍ଚ-ନୀଚ ଜାତି ବିଭେଦ ସୃଷ୍ଟି ନ କରି ମଣିଷ ଜାତି ବୋଲି ଉଲ୍ଲେଖ ହେଲେ ଅସୁବିଧା କ'ଣ ହୁଅନ୍ତା, ବରଂ ବିଶ୍ୱ ଭ୍ରାତୃପ୍ରେମ, ଭାଇଚାରା, ସାମ୍ପ୍ରଦାୟିକତା ଊର୍ଦ୍ଧ୍ୱରେ ରହି ସଂକୀର୍ଣ୍ଣତାର ତତ୍ତ୍ୱ ପ୍ରଶମିତ ହୁଅନ୍ତା। ଏବେ ଅବଶ୍ୟ ସାଙ୍ଗିଆ ଉଠିବାକୁ ବସିଲାଣି। ବାପାମା'ମାନେ ପିଲାଙ୍କ ନାମ ପରେ ସାଙ୍ଗିଆବିହୀନ କରି ପି.ଏସ୍. ଦିଲସାନ, ପି.ଏସ୍. ବିଜୟଲକ୍ଷ୍ମୀ, ଟି.ଏସ୍. ହଂସିକା ପ୍ରିୟଦର୍ଶିନୀ, କେ.ଏସ୍. ହଂସିତା, ଏସ୍.ଟି. ନର୍ମଦା, ପି.କେ. ଝାନ୍ସି, ଏମ୍.ଏସ୍. ବିଭୁପ୍ରସାଦ, ସ୍ଥିତିପ୍ରଜ୍ଞା ପ୍ରିୟଦର୍ଶିନୀ ଦେଲେଣି। ସ୍ୱାଗତଯୋଗ୍ୟ କଥା; ଏଥିରୁ ଜାତିର କୌଣସି ପ୍ରମାଣ ମିଳେନାହିଁ। ବହୁଦିନ ପୂର୍ବରୁ ସନ୍ଥ ଭୀମଭୋଇ 'ସ୍ତୁତି ଚିନ୍ତାମଣି'ରେ ଉଲ୍ଲେଖ କରିଛନ୍ତି-

'ସ୍ତ୍ରୀ ପୁରୁଷ ଦୁହିଁଙ୍କୁ ଗଢ଼ିଅଛି ଯୋଡ଼ିଏ
ସ୍ୱରୂପ ଦେଖ।
ଦ୍ୱିତୀୟ ଜାତିରୁ ତିନି ଜାତି ନାହିଁ
ସୁଜନେ କର ବିବେକ।।'

ବାସ୍ତବରେ ବିଶ୍ୱ ସୃଷ୍ଟିରେ ଦୁଇ ଜାତି ସ୍ତ୍ରୀ ଓ ପୁରୁଷ ଜାତି ବ୍ୟତୀତ ତୃତୀୟ ଜାତି କିଛି ନାହିଁ, ସର୍ବୋପରେ ମଣିଷ ଜାତି। ସ୍ୱାର୍ଥାନ୍ୱେଷୀ ମଣିଷ ମନଗଢ଼ା ଜାତିସୃଷ୍ଟିକରି ହିଂସା, ବିଦ୍ୱେଷ, ଘୃଣା, ସଂଘର୍ଷ, ସମସ୍ୟା ସୃଷ୍ଟି କରୁଛି। ଜାତିଗତ ବିଦ୍ୱେଷଭାବ, ସଦ୍‌ଭାବ ଓ ମୈତ୍ରୀକୁ ଧ୍ୱଂସ କରି ଦେଇଛି। ଜାତି ନାମରେ ସାଂପ୍ରଦାୟିକତା ସୃଷ୍ଟି ହେଉଛି। ଜାତିକୁ ଅସ୍ତ୍ର ଭାବରେ ବ୍ୟବହାର କରି ସୁବିଧାବାଦୀ ରାଜନୈତିକ ଗୋଷ୍ଠୀ ଫାଇଦା ଉଠାଉଛନ୍ତି। ବିଭିନ୍ନ ବର୍ବରୋଚିତ ଓ ନାରକୀୟ ଘଟଣା ଘଟୁଛି ଜାତି ପାଇଁ। ଜାଠ ଜାତିରୁ ସାଂପ୍ରଦାୟିକତା ଦଙ୍ଗା ଜାତି ବ୍ୟକ୍ତିଙ୍କୁ ଆକ୍ରାନ୍ତ କରିଥିଲା। ଏହି ବିଶୃଙ୍ଖଳା କ'ଣ ଦେଶ ବା ଜାତିର ମହତ୍ ଲକ୍ଷଣ?

ମଣିଷ ଶରୀରର ରକ୍ତ ଲାଲ। ବିଭିନ୍ନ ଜାତିଭେଦ ସୃଷ୍ଟିକରି ରକ୍ତର ରଙ୍ଗ ବଦଳାଇବାର ଶକ୍ତି କାହାର ନାହିଁ। ମାତ୍ର ମନ୍ଦିରକୁ ଦଳିତ ବା ସାବରୀମାଲା ମନ୍ଦିରରେ ମହିଳା ଜାତି ପ୍ରବେଶ ନ କରିବାରେ ମସୁଧା ରକ୍ତପାତ, ସଂଘର୍ଷ, ଈର୍ଷା, ବିଦ୍ୱେଷ ଓ ହିଂସାର ତାଣ୍ଡବଲୀଳା ସାଂପ୍ରଦାୟିକ ବଡ଼ପଣ୍ଡାମାନେ ସୃଷ୍ଟି କରୁନାହାନ୍ତି କି? ସାଂପ୍ରଦାୟିକ ଜାତିପ୍ରଥା ମଣିଷ ଜାତିକୁ ବିଭ୍ରାନ୍ତ କରୁଛି। ମନୁଷ୍ୟ ଜାତିର ଇତିହାସରେ ସବୁଠାରୁ ବଡ଼ ବଡ଼ ଅସନା ହେଉଛି ଆମର ଏ ସୁନ୍ଦର ପୃଥିବୀକୁ ଅସୁନ୍ଦର କରିବାରେ ଜାତିଗତ ପ୍ରଥା ପ୍ରଚଳନ କରି ବିଭେଦ ସୃଷ୍ଟିକରି ନଷ୍ଟଭ୍ରଷ୍ଟ କରିବା। ଆମେ ହିନ୍ଦୁ ମୁସଲମାନ ଭାଇ ଭାଇ କହୁଛେ ଭାଷଣରେ; ଯାତ୍ରା, ଚଳଚ୍ଚିତ୍ର ଜଗତରେ ସୁନ୍ଦର ନାଟକ ମାଧ୍ୟମରେ ହିନ୍ଦୁ ମୁସଲମାନ ମଧ୍ୟରେ ବୈବାହିକ ଜୀବନ ସହିତ ଜାତି, ସମ୍ପ୍ରଦାୟ ଊର୍ଦ୍ଧ୍ୱର



ଦୃଶ୍ୟପଟ ପରିବେଷଣ କରି ଆହ୍ଲାଦିତ ହେଉଛେ। ପ୍ରକୃତପକ୍ଷେ ଆମର ମାନସିକତା ଦ୍ୱନ୍ଦ୍ୱ ସୃଷ୍ଟି କରୁଛେ।

ଜାତି ଧର୍ମ ମଧ୍ୟରେ ବିରାଟ ପ୍ରାଚୀର ସୃଷ୍ଟି ହୋଇଛି। ନିଜ ନିଜ ରୁଚି ଅନୁସାରେ ଆମେ ଖାଦ୍ୟପେୟ ପୋଷାକ ପରିଧାନ କରୁଛେ। ଈଶ୍ୱର ଆଲ୍ଲା ଏକ କଥା କହୁଥିବା ବେଳେ ଛୋଟ ବଡ଼ ହିନ୍ଦୁ, ଖ୍ରୀଷ୍ଟିୟାନ କହି ବିଭେଦ ସୃଷ୍ଟି କରିବାର ଅର୍ଥ କ'ଣ। ସବୁ ଧର୍ମର ସାରତତ୍ତ୍ୱ ହେଉଛି ଈଶ୍ୱର ଭକ୍ତି। ଖାଦ୍ୟପେୟର ସଂଯମତା, ଜୀବ ହତ୍ୟା କରିବା ନାହିଁ; ଅହିଂସା ଆଚରଣ କରିବା। ମାତ୍ର ସ୍ୱାର୍ଥାନ୍ୱେଷୀ ମଣିଷ ଖାଦ୍ୟରେ ସଂଯମତା ନ ରଖି ମାଂସ ଆହରଣ କରିବା କୌଣସି ଜାତି, ଗୋତ୍ର, ସମ୍ପ୍ରଦାୟରେ ଉଲ୍ଲେଖ ନାହିଁ।

ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମରେ ମଧ୍ୟ ବିଭିନ୍ନ ଜାତି ବ୍ୟକ୍ତି ବିଶେଷ ଅଛନ୍ତି। ଏସବୁ ଗୋଟିଏ ଗୋଟିଏ ମତ। ବିଭିନ୍ନ ଜାତିରେ ଆମେ ହିଂସ୍ର ହୋଇ ବିଭିନ୍ନ ପ୍ରକାର ଖାଦ୍ୟ ଖାଉଛେ। ସାମାଜିକତା ଭିତରେ ଆମେ ଖାଦ୍ୟକୁ ନେଇ ଛୋଟ ବଡ଼ ଜାତି ବୋଲି କହୁଛେ। ମାତ୍ର ସବୁ ଧର୍ମ ସବୁ ଜାତିର ସାରତତ୍ତ୍ୱ ହେଉଛି ଜୀବେ ହିଂସା କରିବା ନାହିଁ। ଏ କଥା କିଏ ମାନୁଛି। ଆମେ ସମସ୍ତେ ଗୋପାଳନ, କୁକୁଡ଼ା ପାଳନ, ମତ୍ସ୍ୟଚାଷ କରୁଛେ, ଆମେ ପାଳୁଥିବା ଜନ୍ତୁଙ୍କୁ ଓ ଜୀବ ହିଂସା କରି ଖାଇବା ଏକଥା ବା କେଉଁ ଶାସ୍ତ୍ରରେ ଅଛି। ପ୍ରକୃତରେ କୌଣସି ଜାତି ସମ୍ପ୍ରଦାୟ ମତ ସହିତ କୌଣସି ମତର ବିରୋଧ ନାହିଁ। ଭାବର ବିଭିନ୍ନତା। ଜଣେ ଖାଣ୍ଟି ମୁସଲମାନ ପ୍ରକୃତପକ୍ଷେ ଖାଣ୍ଟି ହିନ୍ଦୁ। ଜଣେ ଖାଣ୍ଟି ହିନ୍ଦୁ ଜଣେ ଖାଣ୍ଟି ମୁସଲମାନ। ଯିଏ ଖାଣ୍ଟି ସେ ସବୁ ମତକୁ ଗ୍ରହଣ କରିବ। ଜଣେ ଭେଜାଲ ସ୍ୱାର୍ଥାନ୍ୱେଷୀ ନିଶ୍ଚୟ ଅନ୍ୟ ସବୁ ମତକୁ ଭେଜାଲ କହି ନିଜକୁ ନେଇ ବ୍ୟସ୍ତ ରହିବ। ଏହା ଖାଣ୍ଟିତ୍ୱର ଲକ୍ଷଣ ନୁହେଁ।

ଯାହାକୁ ଭିତ୍ତିକରି ସବୁକିଛି ତିଷ୍ଠି ରହିଛି ତାହା ହେଉଛି ମଣିଷ ଜାତିର ଧର୍ମ। ଏହା ଚିରନ୍ତନ ଓ ଶାଶ୍ୱତ। ମଣିଷର ବଞ୍ଚିବା ଓ ବଢ଼ିବାର ଧର୍ମ। ମାତ୍ର ଆଜି ମଣିଷ ମଧ୍ୟରେ ଜାତି, ଧର୍ମ, ହିଂସା, ବିଦ୍ୱେଷ, ଘୃଣା, ସଂଘର୍ଷରେ ପରିଣତ ହେଲାଣି। ଏହା ମଣିଷ ଜାତି ପାଇଁ ଶୁଭଙ୍କର ନୁହେଁ। ଧର୍ମ ଜାତିକୁ ନେଇ ସଂକୀର୍ଣ୍ଣତା ସାମ୍ପ୍ରଦାୟିକତା ମତଭେଦ ସୃଷ୍ଟି କରୁଛି। ଯେତେ ମଣିଷ ସେତେ ମତ ହୋଇପାରେ, ଭାବର ହିଁ ବିଭିନ୍ନତା ରହିବ, ମାତ୍ର ମଣିଷ ଜାତି ସବୁ ସଂକୀର୍ଣ୍ଣତା ଛୋଟ ବଡ଼ ଜାତି ଭାବନାର ଊର୍ଦ୍ଧ୍ୱରେ ରହି ଗୋଟିଏ ଆଦର୍ଶ ଗୋଟିଏ ଲକ୍ଷ୍ୟ ପରମତତ୍ତ୍ୱ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ହେଲେ ଆମର ମଙ୍ଗଳ, ସମାଜର ମଙ୍ଗଳ ହେବ।

**ହିତୈଷୀ ଭବନ**
**ଏରକଣା, ମାହାଙ୍ଗା, କଟକ**
**ମୋ-୯୯୩୭୯୦୬୧୫୪**



ଦ୍ୱିତୀଚନ୍ଦ୍ର ସାହୁ

# ଶିକ୍ଷାରେ ଏଆଇ

ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ପୁଅ ଚମକେଇ ଦେଲା ଭଳି କହିଲା - 'ବାପା! ମୋର ବିଦ୍ୟାଳୟର ପ୍ରୋଜେକ୍ଟ ଶେଷ କରିଦେଇଛି। କିନ୍ତୁ ଟିକେ ତୁମେ ଦେଖିଲା ପରେ ତା' କାମ ଶେଷ କରିବି।' ମୁଁ କିଛି କ୍ଷଣ ଚକିତ ହେଲି। ଏକଥା ନୁହେଁ ଯେ କିଶୋର ବୟସର ପିଲା ନିଜ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପକୁ ନିଜେ କରିପାରିବନି। ତା'ର ଦକ୍ଷତା ଓ ବୁଦ୍ଧିମତ୍ତା ଉପରେ ମୋର ସନ୍ଦେହ ନାହିଁ। ଖାଲି ଏତିକି ଦ୍ୱିଧା ରହିଲା ଯେ ବିଦ୍ୟାଳୟରେ ପ୍ରକଳ୍ପ ଦେଉ ଦେଉ ସେ ଆସି ବ୍ୟସ୍ତ କରିବ ପ୍ରକଳ୍ପ ସମ୍ପର୍କିତ ଆଇଡିଆ ନେବା ପାଇଁ। ବ୍ୟସ୍ତ କରିଦେବ କିଭଳି ତାକୁ ପ୍ରସ୍ତୁତ କରିବ। ସେ ସମ୍ପର୍କରେ ସ୍ଥୂଳ ଧାରଣା ଦେଇଦେଲେ ତେଣିକି ସେ ନିଜ ବାଗରେ ପ୍ରକଳ୍ପ ପ୍ରସ୍ତୁତ କରିବ। ପରେ ତାକୁ ଗୋଟି ଗୋଟି କରି ଦେଖାଇବ। ସବୁ ଠିକ୍‌ଠାକ୍ ପରେ ପ୍ରକଳ୍ପ ପ୍ରସ୍ତୁତି ବୃତ୍ତାନ୍ତ କରିବ। ଏଥର ତା'ର ବ୍ୟବହାରିକ ପରିବର୍ତ୍ତନରେ ମୁଁ ଯେତିକି ଖୁସି ସେତିକି ଚିନ୍ତିତ ହେଲି। ସାମାନ୍ୟ ନୀରବ ରହିବା ପରେ ସେ ନିଜ ଆଡୁ କହିଲା - 'ଆଶ୍ଚର୍ଯ୍ୟ ହେଉଛ କି ମୁଁ କେମିତି ତୁମକୁ ନ ପଚାରି ଏତେ ସବୁ କରିଦେଲି? କଥା କ'ଣ କି ଚାର୍ଟ ଜିପିଟି ସହାୟତାରେ ମୁଁ ଏତିକି କାମ କରିଦେଲି।' ମୁଁ ଟିକେ ଆହୁରି ମନନଶୀଳ ହେଲି। କେମିତି ସବୁ କଲା ପ୍ରଥମେ ତା'ଠାରୁ ଡେମୋ ଦେଖିବାକୁ ଚାହିଁଲି। ସେ କମ୍ପ୍ୟୁଟର ଖୋଲି ମୋତେ ଦେଖାଇଲା।

ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଚାର୍ଟ ଜିପିଟି କିଭଳି ସବୁ ତଥ୍ୟ ପ୍ରଦାନ କରୁଛି ତାକୁ ପରଖିଲି। ପୁଅ ଆମର ଖୁସି ହେଉଥିଲା। ମୁଁ ସାମାନ୍ୟ ଦୁଃଖୀ ହେଲି। ଭାବିଲି ବ୍ୟକ୍ତିଗତ ବୁଦ୍ଧିମତ୍ତାକୁ ଏବେ କୃତ୍ରିମ ବୁଦ୍ଧିମତ୍ତା ଗିଳି ଦେଇଛି। ପରେ ପ୍ରକଳ୍ପ ପରଖିବା ସହ ଆବଶ୍ୟକ ସଂଶୋଧନ ଲାଗି କହିଲି। ସେ ଖୁସି ହୋଇଗଲା। ପିଲାଙ୍କ ପାଇଁ ଗୁଗଲ ଆଉ ଗୁରୁ ହୋଇ ରହିନାହିଁ। ତା'ର ସ୍ଥାନ ଅଧିକାର କରିଛି ଚାର୍ଟ ଜିପିଟି। ଏଆଇ ବୈଷୟିକ ପାରଦର୍ଶିତାର ଚାର୍ଟ ଜିପିଟି ଗୋଟେ ଅଂଶ। ଏଆଇକୁ ନେଇ ସବୁ ସ୍ତରରେ ବହୁ ଚର୍ଚ୍ଚା। ଏମିତିକି ଜାତୀୟ ଶିକ୍ଷା ନୀତି-୨୦୨୦ରେ ଏଆଇ ଶୈକ୍ଷିକ ମୂଲ୍ୟାୟନକୁ ନେଇ ଗୋଟେ ଦିଗ ଉନ୍ମୁକ୍ତ ରଖାଯାଇଛି। ଏଥିରେ କୌଣସି ଦ୍ୱିଧା ନାହିଁ ପିଲାଙ୍କ ସ୍ଥିତି ଓ ପ୍ରଗତିକୁ ନେଇ ମୂଲ୍ୟାଙ୍କନ ଫଳାଫଳ ଖୁବ୍ ସୁନ୍ଦର ଭାବେ ପ୍ରତିଫଳିତ ହେବ। ଶିକ୍ଷାର୍ଥୀ, ଛାତ୍ରୀଛାତ୍ର, ଅଭିଭାବକ ସର୍ବୋପରି ଶିକ୍ଷା ବିଭାଗ ବି ଫଳାଫଳ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ଲାଗି ସହଜ ହେବ। କିନ୍ତୁ ଆମ ଦେଶ କିମ୍ବା ରାଜ୍ୟର ବିଦ୍ୟାଳୟର ଯେଉଁ ଭିତ୍ତିଭୂମି ରହିଛି ସେଥିରେ ଏଆଇ ମୂଲ୍ୟାୟନ ଫଳାଫଳ ଓ ପରବର୍ତ୍ତୀ ସୁଧାରକ୍ରମ ପଦକ୍ଷେପ କେତେ ପରିମାଣରେ ସହାୟକ ହେବ ତାହା ଏବେ ବି ପ୍ରଶ୍ନବାଚୀ।

ଏଆଇ ଶିକ୍ଷା କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟି କରିଛି ଅବଶ୍ୟ। ପିଲାଙ୍କ ଟିକିନିଖି ମୂଲ୍ୟାୟନ ସହ ଆବଶ୍ୟକ ଅନୁରୂପ ଶିକ୍ଷା ପ୍ରଦାନରେ କେବଳ ମାର୍ଗଦର୍ଶକ ହେବନି,ବରଂ ସେ ନିଜେ ବ୍ୟକ୍ତିଗତ ଶିକ୍ଷକ ଭାବେ ଆବଶ୍ୟକ ଶୈକ୍ଷିକ ସହାୟତା ଦେଇପାରିବ ମଧ୍ୟ। ବିବିଧତାଭରା ଶିକ୍ଷଣ ତଥ୍ୟ ପ୍ରଦାନରେ ଏଆଇ ନିଜର ପାରଦର୍ଶିତା ପ୍ରତିପାଦିତ କରିଚାଲିଛି ଏଯାବତ। ଆଗକୁ ଆହୁରି ବିପ୍ଳବ ସୃଷ୍ଟି ହେବ। ସହରାଞ୍ଚଳର ପିଲାମାନଙ୍କ ପାଇଁ ଏଆଇ ଅନ୍ୟତମ ଅବ୍ୟର୍ଥ ଅସ୍ତ୍ର ହୋଇପାରିବ। କିନ୍ତୁ ଗ୍ରାମାଞ୍ଚଳରେ ଅଧ୍ୟୟନରତ ପିଲାଙ୍କ ପାଇଁ ଏଇ ନୂଆ ବୈଷୟିକ ଆବିଷ୍କାର ବଡ଼ ଚାଲେଞ୍ଜ ସୃଷ୍ଟି କରିଛି। ୨୦୦୯ରୁ ଦେଶବ୍ୟାପୀ ଶିକ୍ଷା ଅଧିକାର ଆଇନ ଲାଗୁ ହେଲା। ମାତ୍ର ୩ବର୍ଷ ଭିତରେ ବିଦ୍ୟାଳୟର ଆନୁଷଙ୍ଗିକ ଭିତ୍ତିଭୂମି ସଜାଡ଼ିବା ସହ ଶିକ୍ଷକ ଓ ଛାତ୍ର ଅନୁପାତରେ ସୁଧାର ଆଣିବା ଲାଗି ସମସ୍ତ ରାଜ୍ୟ କାର୍ଯ୍ୟ କରିବାକୁ ସୁଯୋଗ ଦିଆଗଲା। କରୋନା କାଳକୁ ବାଦ୍ ଦେଲେ ଏକ ଦଶନ୍ଧି ବିତିଗଲା ଅଥଚ ସବୁ ବିଦ୍ୟାଳୟକୁ ବିଦ୍ୟାଳୟ ପରି ଗଢ଼ିବା ସମ୍ଭବ ହୋଇପାରି ନାହିଁ। ଆମ ରାଜ୍ୟ ତଥା ଦେଶର ସବୁ ପ୍ରାନ୍ତରକୁ ଏବେ ବି ବିଜୁଳି ଓ ନେଟୱର୍କ ଅପହଞ୍ଚ। ଜୀବନଜୀବିକା ନେଇ ବୃହତ୍ତର ଭାଗ ଅଭିଭାବକ ଚିନ୍ତାରେ ଦହଗଞ୍ଜ। ଏଭଳି କ୍ଷେତ୍ରରେ ଶିକ୍ଷାରେ ଏଆଇ ବୈଷୟିକ ସହାୟତା ତଥାପି ପ୍ରଶ୍ନବାଚୀ ସୃଷ୍ଟି କରୁଛି ଆମ ସମସ୍ତଙ୍କ ନିକଟରେ। ଅନ୍ୟ ଏକ ଦିଗ ହେଲା ଆମ ବିଦ୍ୟାଳୟରେ କର୍ମରତ ଶିକ୍ଷକ ଏବଂ ଶିକ୍ଷାରେ ଜଡ଼ିତ କର୍ମଚାରୀବୃନ୍ଦଙ୍କ ମଧ୍ୟରୁ ବଡ଼ ଗୋଷ୍ଠୀ ବୈଷୟିକ ଜ୍ଞାନରେ ବହୁ ପଛରେ। ଏଇ କାରଣରୁ ଶିକ୍ଷା ଓ ଶିକ୍ଷାର୍ଥୀ ସମ୍ପର୍କିତ ତଥ୍ୟ ପରିଚାଳନାରେ ଅନେକ ସମସ୍ୟା ଉପୁଜୁଛି। ଅଭିଭାବକ, ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷା ପ୍ରଶାସକ ସମସ୍ତେ ଏଆଇ ବୈଷୟିକ ଜ୍ଞାନରେ ପାରଦର୍ଶିତା ଲାଭ କରିବାକୁ ଯଥେଷ୍ଟ ସମୟ ଆବଶ୍ୟକ। ଏସବୁ ବାଦ୍ ଜଣେ ଶିକ୍ଷାର୍ଥୀ ପାଇଁ ତା' ଆଗରେ ସବୁଠାରୁ ବଡ଼ ପ୍ରେରଣା ହେଉଛି ତା'ର ଶିକ୍ଷକ, ଅଭିଭାବକ ଓ ପରିବେଶ। ତା' ସମ୍ମୁଖରେ ଥିବା ଶିକ୍ଷକର ଛବି ପ୍ରତିମୁହୂର୍ତ୍ତରେ ଜଳଜଳ ହୋଇ ଦିଶୁଥାଏ। ସେଇ ଶିକ୍ଷକ ବଦଳରେ ଏଆଇକୁ ଗ୍ରହଣ କରିବା ଭାରତୀୟ ବ୍ୟବସ୍ଥାରେ ଜଣେ ଶିକ୍ଷାର୍ଥୀ ପାଇଁ ଏତେ ସହଜ ନୁହେଁ।

ଶିକ୍ଷକର ବିକଳ୍ପ ବୋଲି ଯାହା ବହୁଳ ଭାବରେ ଆଲୋଚନା ହେଉଛି ସେଥିରେ ସତ୍ୟତା ନାହିଁ ବୋଲି ମୁଁ ବିଚାର କରେ। ଶୈକ୍ଷିକ ପ୍ରଗତି ଲାଗି ସମସ୍ତ ବିକଳ୍ପ ଓ ବିବିଧ ତଥ୍ୟ ପ୍ରଦାନ ସତ୍ତ୍ୱେ ଶିକ୍ଷକର ସ୍ଥାନ ଶିକ୍ଷାର୍ଥୀ ପାଇଁ ସେମିତି ସ୍ୱତନ୍ତ୍ର ରହିବ। କିନ୍ତୁ ଶିକ୍ଷକମାନଙ୍କ ପାଇଁ ଚାଲେଞ୍ଜ ବଢ଼ିବ। ଏଆଇ ବୈଷୟିକ ଆଧାରରେ ବିଦ୍ୟାଳୟରେ ଅଧ୍ୟୟନରତ ପିଲାଟି ଯେ କୌଣସି ସମୟରେ ପ୍ରଶ୍ନଟି ପଚାରିବାର ଅବକାଶ ରହିବ। ବିଦ୍ୟାଳୟ ସମୟ ପରେ ବି ପିଲାଙ୍କ ପ୍ରଗତିକୁ ନିରୀକ୍ଷଣ କରିବା ପ୍ରାଧାନ୍ୟ ରହିବ ଶିକ୍ଷକଙ୍କ ଉପରେ। ପଚାରିଥିବା ପ୍ରଶ୍ନଟିର ଉତ୍ତରକୁ ତୁରନ୍ତ ପ୍ରଦାନ କରିବାକୁ ପଡ଼ିବ ବୈଷୟିକ ପଦ୍ଧତିରେ। ନଚେତ ଶିକ୍ଷକମାନଙ୍କ ବ୍ୟକ୍ତିଗତ ପାରଦର୍ଶିତା ଏଆଇ ମୂଲ୍ୟାୟନ ବେଳେ ଅବଶ୍ୟ ଆଗକୁ ଆସିବ। ବିଦ୍ୟାଳୟ କାମ ପରେ ଶିକ୍ଷକମାନଙ୍କ ବ୍ୟକ୍ତିଗତ କାର୍ଯ୍ୟସୂଚୀକୁ ପ୍ରଭାବିତ କରିବ ନିଶ୍ଚିତ। ହୁଏତ ଆପଣଙ୍କ ପାରଦର୍ଶିତା ମୁତାବକ ବାର୍ଷିକ ଆର୍ଥିକ ଅଭିବୃଦ୍ଧିରୁ ଆପଣ ବଞ୍ଚିତ ହୋଇପାରନ୍ତି। ଏମିତିକି ମୋ ପୁଅ ଭଳି ଶିକ୍ଷକ ଓ ଅଭିଭାବକଙ୍କୁ ଏଆଇକୁ ନେଇ ଚମକପ୍ରଦ ଶିକ୍ଷାର୍ଥୀଙ୍କ ସାମ୍ନା କରିବାକୁ ପଡ଼ିବ ଆଗକୁ। ଏଆଇ ପିଲାଙ୍କ ବୁଦ୍ଧିମତ୍ତା ଓ ସୃଜନଶୀଳତାର ଅପମୃତ୍ୟୁ କରେଇବ ଯେତିକି ଶିକ୍ଷାର୍ଥୀକୁ ସ୍ୱୟଂସମ୍ପୂର୍ଣ୍ଣ ରୂପେ ଗଢ଼ିତୋଳିବା ସହ ଶିକ୍ଷା କ୍ଷେତ୍ରକୁ ପରିପୁଷ୍ଟ ଓ ବୁଦ୍ଧିମନ୍ତ କରିବ ସେତିକି।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ -୯୪୩୭୯୦୯୬୭୧**



## ଏଇ ଭାରତରେ

ପରିବାର ସଦସ୍ୟଙ୍କ ସହ ଶିକାରକୁ ଯାଉଥିବା ପିଲାଟିର ମନରେ ବିରାଟ ପରିବର୍ତ୍ତନ ଆସିବା ପରେ ସେ ଆଉ ଶିକାର ନ କରି ପ୍ରାଣୀମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଛନ୍ତି। ସେ ହେଉଛନ୍ତି ନାଗାଲାଣ୍ଡର ରୁଭୋତୋ ବେଲ୍‌ହୋ। ୨୦୦୩ରୁ ସେ ଏହି କାର୍ଯ୍ୟରେ ଲାଗିଛନ୍ତି। ଗୋଟିଏ ବିରଳ ପ୍ରଜାତିର ପକ୍ଷୀ ଶିକାର କରିବା ପରେ ସେ ଆଉ ଏହି କାର୍ଯ୍ୟ ନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କେବଳ ସେତିକି ନୁହେଁ, ବେଲ୍‌ହୋ ଉଦ୍ଧାର କରୁଥିବା ପଶୁପକ୍ଷୀଙ୍କ ଚିକିତ୍ସା ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସେମାନଙ୍କୁ ଚିକିତ୍ସା ପରେ ପୁନର୍ବାର ଜଙ୍ଗଲରେ ଛାଡ଼ିଦେଇଆସୁଛନ୍ତି। ସେ ଘରେ ମଧ୍ୟ ବିଲୁପ୍ତ ହୋଇଯାଉଥିବା ୬୦ଟି ପ୍ରଜାତିର ପଶୁ ଓ ପକ୍ଷୀ ରଖିଛନ୍ତି। ଏଥିପାଇଁ ୧ ଏକର ଜମିରେ ଘର କରି ତାହାକୁ ଏକ ମିନି ଚିଡ଼ିଆଖାନା କରିଛନ୍ତି। ସେଠାରେ ଅଛନ୍ତି ବିଭିନ୍ନ ବିରଳ ପ୍ରଜାତିର ବଗ, ପେଚା, ମାଙ୍କଡ଼, ଶୁଆ, ହରିଣ, ଚିତାବାଘ ଓ ଭାରତର କଳା କଇଁଛ। ଲୋକମାନଙ୍କୁ ଦେଖିବା ଲାଗି ସୁଯୋଗ ଦେଉଛନ୍ତି। ସବୁଠୁ ବଡ଼ କଥା ହେଉଛି, ଲୋପ ପାଇଯାଉଥିବା ଏହିସବୁ ପ୍ରଜାତିର ଜୀବଙ୍କ ପାଇଁ ସେ ସ୍ୱତନ୍ତ୍ର ଯତ୍ନ ନେଉଛନ୍ତି। ଏବେ ସେ ଆଉ ଏକ ଜମି କିଣି ତାଙ୍କ ମିନି ଚିଡ଼ିଆଖାନାକୁ ବଢ଼ାଇବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୯ ଅଗଷ୍ଟ ୧୯୯୮**

- ୟାଙ୍ଗନ୍‌ରୁ ଉତ୍ତର-ପୂର୍ବ ମ୍ୟାନମାରର ଟାଚିଲେକ ସହର ଅଭିମୁଖେ ଯାଉଥିବା ଫୋକର ଏଫ୍-୨୭ ନାମକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୯ ଯାତ୍ରୀ ମୃତ।
- ଶ୍ରମିକମାନଙ୍କର ନର୍ବନିମ୍ନ ମଜୁରି ହାର ଦୈନିକ ୩୫ ଟଙ୍କାରୁ ୪୦ ଟଙ୍କା ବୃଦ୍ଧି କରିବା ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ କେନ୍ଦ୍ରର ନିର୍ଦ୍ଦେଶ।
- ରାଜସ୍ଥାନର ରାଜସ୍ୱମନ୍ତ୍ରୀ ଗଙ୍ଗାରାମ ଚୌଧୁରୀଙ୍କ ଭୈରୋଁ ସିଂ ଶେଖାୱତଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 9 | 3 | | | | 7 | |
| 7 | 8 | | | | 9 | | | |
| | | | | 4 | | 1 | | |
| | | 6 | | | | | | |
| | | | 1 | | | | 9 | 5 |
| | 7 | | 2 | 6 | | | | |
| | | | 6 | 9 | | 8 | 2 | 7 |
| 2 | | | | 7 | | | 1 | |
| | | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 2 | 8 | 9 | 4 | 5 | 7 | 6 |
| 5 | 6 | 9 | 7 | 2 | 3 | 1 | 4 | 8 |
| 8 | 7 | 4 | 1 | 6 | 5 | 2 | 3 | 9 |
| 9 | 3 | 8 | 5 | 4 | 1 | 6 | 2 | 7 |
| 1 | 5 | 6 | 3 | 7 | 2 | 8 | 9 | 4 |
| 2 | 4 | 7 | 6 | 8 | 9 | 3 | 1 | 5 |
| 4 | 8 | 5 | 2 | 3 | 7 | 9 | 6 | 1 |
| 7 | 2 | 1 | 9 | 5 | 6 | 4 | 8 | 3 |
| 6 | 9 | 3 | 4 | 1 | 8 | 7 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡେଙ୍ଗୁ ସମସ୍ୟାରେ ବିରାମ ଲାଗୁ

ମହାଶୟ,

ଏ ବର୍ଷ ଡେଙ୍ଗୁ ଜ୍ୱର ଚିନ୍ତାର କାରଣ ପାଲଟିଲାଣି। ତେବେ ବେଳହୁଁ ସାବଧାନ୍। ଘର ଆଖପାଖରେ ଫଟା ଟାୟାର, ଭଙ୍ଗା ପାତ୍ର, ଫୁଲକୁଣ୍ଡ ନ ରଖିବା ଉଚିତ। ନର୍ଦ୍ଦମା ଯେପରି ସୃଷ୍ଟି ନ ହେବ, ସେଥିପ୍ରତି ଧ୍ୟାନ ଦେବା ଦରକାର। ବିଶେଷ ଭାବରେ ଏଡିସ୍ ମଶା କାମୁଡ଼ିଲେ ଡେଙ୍ଗୁ ଜ୍ୱର ହୋଇଥାଏ। ସେଥିପାଇଁ ସମସ୍ତେ ଫୁଲ୍‌ପ୍ୟାଣ୍ଟ ବ୍ୟବହାର କରନ୍ତୁ। ଏହି ମଶା ମୁଖ୍ୟତଃ ଆଣ୍ଠୁ ତଳକୁ କାମୁଡ଼ିଥାନ୍ତି। ତେଣୁ ସର୍ବଦା ସତର୍କ ରହିବା ଉଚିତ। ଡେଙ୍ଗୁର ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

## ଚିରନ୍ତନୀ

ଚିନ୍ତାହୀନ ଶୋକଶୂନ୍ୟ
ସୁଖ ସୌଭାଗ୍ୟର କୋଳାହଳ,
କାହିଁ ଲୁଚେ ଅନ୍ଧକାରେ
କାହିଁ ହୁଏ ଆଲୋକେ ଉଜ୍ଜ୍ୱଳ!
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବ୍ୟକ୍ତିଗତ ଉଦ୍ୟମରେ ମାଗଣା ମଧ୍ୟାହ୍ନଭୋଜନ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ପଞ୍ଚାୟତ ହାଇସ୍କୁଲ କେନ୍ଦୁପାଟି ସ୍କୁଲ ଶିକ୍ଷକଙ୍କ ଦ୍ୱାରା ବ୍ୟକ୍ତିଗତ ଉଦ୍ୟମରେ ସୋମବାରଠାରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ସମସ୍ତ ଛାତ୍ରୀଛାତ୍ର ଉତ୍ତମ ଭୋଜନ ପାଇବା ସହ ଖାଇ ଛୁଟି ସମୟରେ ଅନ୍ୟତ୍ର ନ ବୁଲି ସ୍କୁଲ କର୍ତ୍ତୃପକ୍ଷଙ୍କ ଆଖିଆଗରେ ଶୃଙ୍ଖଳିତ ପାଠପଢିବେ। ଶିକ୍ଷକଙ୍କ ଏଭଳି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହ ସାଧୁବାଦ ଦେଇଛନ୍ତି।

## ସଂକ୍ଷେପରେ

### ସରପଞ୍ଚ ସଂଘର ସାଧାରଣ ବୈଠକ

**କେସିଙ୍ଗା/ନର୍ଲା,୨୮।୮(ତୁମେଶ୍ୱର ସାହୁ/ସନ୍ତୋଷ ପାତ୍ର) :** କଳାହାଣ୍ଡି ଜିଲା ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝିଙ୍କ ସଭାପତିତ୍ୱରେ ବୈଠକ ଭାନପୁର ଗ୍ରାମପଞ୍ଚାୟତରେ ସୋମବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ସଂଘର ବିଭିନ୍ନ ସମସ୍ୟା ଦାବି ଯଥା ଶୀଘ୍ର ପୂରଣ କରା ନ ଗଲେ ଆସନ୍ତା ଅକ୍ଟୋବର ମାସ ଭୁବନେଶ୍ୱରରେ ଏକ ବିରାଟ ରାଲି କରାଯିବା ଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଙ୍ଗଠନ ବାବଦରେ ବିଭିନ୍ନ ଆଲୋଚନା କରାଯାଇଥିଲା। ଜିଲା ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ଶା, ଗୋପାଳ ହାତୀ, ରାହୁଲ ସାହୁ ଏବଂ ସମସ୍ତ ସରପଞ୍ଚ ଉପସ୍ଥିତି ଥିଲେ। ଆଗାମୀ ଦିନରେ ଜିଲା ସଭାପତିଙ୍କ ନିର୍ଦ୍ଦେଶ ଯାହା କାର୍ଯ୍ୟକ୍ରମ ହେବ ତାହା ନର୍ଲା ସଂଘ ପାଳନ କରିବା ପାଇଁ ପ୍ରସ୍ତାବ ଓ ସମର୍ଥନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ବେଲଖଣ୍ଡି ଧବଳେଶ୍ୱର ପୀଠରେ ରାମଚରିତ ମାନସ ପାରାୟଣ

**ତୁଣ୍ଡଲା,୨୮।୮(ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଧବଳେଶ୍ୱର ପୀଠରେ ଶିବା ଗୌରୀ ସାଂସ୍କୃତିକ ଅନୁଷ୍ଠାନ ଓ ବଲବମ ସଂଘ ପକ୍ଷରୁ ରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ କଳସ ଯାତ୍ରା କରାଯାଇଥିଲା। ଶୁକ୍ରବାରଠାରୁ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପାରାୟଣ କାର୍ଯ୍ୟକ୍ରମ ଓ ରାତିରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଛି। କାର୍ଯ୍ୟକ୍ରମରେ ଯଜ୍ଞ କର୍ତ୍ତା ଭାବେ ମନୋଜ କୁମାର ଭୋଇ ଓ ରେଣୁକା ଭୋଇ ରହିଥିବା ବେଳେ ପୂଜକ ରବି ନନ୍ଦ ଓ ପାରାୟଣ ଗାୟିକା ରୂପେ ବଲାଙ୍ଗୀର ଜିଲା ଦେଶିମୁଣ୍ଡା ଗ୍ରାମର ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ ଦାୟିତ୍ୱ ତୁଲାଇଛନ୍ତି। କାର୍ଯ୍ୟକ୍ରମ ରାଖୀ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିରେ ଶିବା ଗୌରୀ ସାଂସ୍କୃତିକ ଅନୁଷ୍ଠାନ ସଭାପତି ହୃଷି ପଟ୍ଟନାୟକ, ସମ୍ପାଦକ ମଧୁ ସାହୁଙ୍କ ସମେତ ଅନୁଷ୍ଠାନ ସମସ୍ତ ସଦସ୍ୟ ଏବଂ ଭକ୍ତମାନେ ସହଯୋଗ କରିଥିଲେ। ରାମାୟଣ ପାରାୟଣରେ ଦୂରଦୂରାନ୍ତରରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଆସି ଭଗବାନଙ୍କ ଆଶୀର୍ବାଦ ଲାଭ କରୁଛନ୍ତି।

# ବଡ଼ ପୋଡ଼ାଗୁଡ଼ା, ଲଡୁଗାଁ ପଞ୍ଚାୟତକୁ ମରୁଡ଼ି ଘୋଷଣା କର

■ ଦାବିପତ୍ର ପ୍ରଦାନ କଲେ ଚାଷୀ
■ ଦାବି ପୂରଣ ନ ହେଲେ ଆନ୍ଦୋଳନ


ବଡ଼ ପୋଡ଼ାଗୁଡ଼ା ପଞ୍ଚାୟତ ଚାଷୀମାନେ ଦାବିପତ୍ର ଦେଉଛନ୍ତି।


ଲଡୁଗାଁ ପଞ୍ଚାୟତ ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**କୋକସରା,୨୮।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅନେକ ପଞ୍ଚାୟତରେ ମରୁଡି ସ୍ଥିତି ଜଟିଳ ରୂପ ଧାରଣ କରିଥିବା ବେଳେ ବଡ଼ ପୋଡ଼ାଗୁଡ଼ା ପଞ୍ଚାୟତରେ ମରୁଡି ସ୍ଥିତି ସଙ୍ଗିନ ରହିଛି। ସୋମବାର ଏହି ପଞ୍ଚାୟତ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଆସି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ସହ ୭ ଦଫା ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କୁ ପ୍ରଦାନ କରିଛନ୍ତି। ସରକାର ସମସ୍ତ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି।

ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ୯୦ % ଲୋକ ଚାଷ ଉପରେ ନିର୍ଭର କରୁଥିବା ବେଳେ ଅନାବୃଷ୍ଟି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଛୋଟ ଚାଷୀଙ୍କୁ ଗଭୀର ନଳକୂପ ଦିଆଯାଉ, ସର୍ଗିଗୁଡ଼ା, ରଏନଗୁଡା, ବାବେକୋହରା, ତଲାଗାଁ, ଭାଲିଆଯୋର, ତେଲିଗୁଡା, ଚାଷୀଙ୍କ ବିଦ୍ୟୁତ୍ ଶୁଳ୍କ ଛାଡ଼, ବଡ଼ ପୋଡ଼ାଗୁଡ଼ା ଗ୍ରାମକୁ ମୋଡେଲ ଗ୍ରାମ ଘୋଷଣା କାରାଯାଉ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୃଷକ ମଞ୍ଚ ସଭାପତି ଟଙ୍କଧର ପୂଝାରୀ, ସମ୍ପାଦକ ହରିଶ୍ଚନ୍ଦ୍ର ନାଏକ, ସରପଞ୍ଚ ପ୍ରତିନିଧି ଧର୍ମାନନ୍ଦ ନାଏକ, ମନୋଜ କୁମାର ଦାସ, ଗୋବର୍ଦ୍ଧନ ନାଏକ, ନାଏବ ସରପଞ୍ଚ ବିଜୁ ନାଏକ, ଧନବଲ ମାଝି, ପରକ୍ଷିତ ବେଶ୍ରା, ଧନୁ ଦୁର୍ଗା, ବିମଳ ଦାସ, କୃଷ୍ଣଚନ୍ଦ୍ର ନାଏକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସେହିପରି ଲଡୁଗାଁ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଓ କ୍ଷୟକ୍ଷତି ଆକଳନ କରି ଇନପୁଟ ସବସିଡି ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ସୋମବାର ତହସିଲଦାର ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ଲଡୁଗାଁ ଅଞ୍ଚଳର ଚାଷୀ। ସୂଚନା ଯେ, ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଲଡୁଗାଁ ପଞ୍ଚାୟତରେ ସମ୍ଭାବ୍ୟ ମରୁଡି ସ୍ଥିତି ସୃଷ୍ଟି ହୋଇଛି। ଲଡୁଗାଁ ପଞ୍ଚାୟତ ଦେଇ ମେଗାଲିଫ୍ଟ କେନାଲ ପ୍ରବାହିତ ହେଉଥିବା ବେଳେ ଏହି ପ୍ରକଳ୍ପରୁ ମାତ୍ର କିଛି ଚାଷଜମିକୁ ଜଳସେଚନ ହେଉଥିବା ବେଳେ ୮୦ % ଜମିକୁ ଜଳସେଚିତ ହେଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜୟ ଜଗନ୍ନାଥ କୃଷକ ସଂଘ ସଭାପତି ଦୁର୍ଗା ପ୍ରସାଦ ଅଗ୍ରୱାଲ ଓ ସମ୍ପାଦକ ପଙ୍କଜ ମୁଖ ଚୌଧୁରୀଙ୍କ ନେତୃତ୍ୱରେ ଲଡୁଗାଁ ଅଞ୍ଚଳର ଚାଷୀ ଅଶୋକ ଅଗ୍ରୱାଲ, ସୁଶିଳ ପାଢ଼ୀ, ମୁକ୍ତେଶର ପଟ୍ଟନାୟକ, ସୁରେଶ ଚନ୍ଦ୍ର ଅଗ୍ରୱାଲ, ଧନଞ୍ଜୟ ମୁଣ୍ଡ, ଧର୍ମାନନ୍ଦ ଶବର, ଖଗେଶ୍ୱର ଚୌଧୁରୀ, ମଦନ ପାତ୍ର, ବଂଶୀଧାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପୁତୁରା ମାଡ଼ରେ କକା ମୃତ

**ନୂଆପଡ଼ା,୨୮।୮(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ବେଲଟୁକୁରି ଥାନା ଭୁମାଭଟା ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। କାକଙ୍କୁ ପୁତୁରା ବାଡିରେ ପିଟି ମାରି ଦେଇଥିବା ସୂଚନା ମିଳିଛି। କକା ବ୍ରିଜଲାଲ ମାଝି (୬୩)ଙ୍କୁ ପୁତୁରା ରାମ ମୋହନ ମାଝି (୨୬) ବାଡିରେ ପିଟି ମାରି ଦେଇଥିବା ବେଲଟୁକୁରି ଥାନାରେ ଅଭିଯୋଗ ହୋଇଛି। ସୋମବାର ଜମିରେ ପାଣି ମଡାକୁ ନେଇ କାକ ଓ ପୁତୁରା ମଧ୍ୟରେ କଥା କଟାକଟି ହୋଇଥିଲା। ପୁତୁରା ରାଗି ଯାଇ ହାତରେ ଧରିଥିବା ବାଡିରେ କାକଙ୍କୁ ପିଟିପିଟି ମାରି ଦେଲେ। ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବେଲଟୁକୁରି ଥାନାରେ ଏକ ହତ୍ୟା ମାମଲା (ନଂ.୬୬/୨୩) ରୁଜୁ କରି ଅଭିଯୁକ୍ତ ପୁତୁରା ରାମ ମୋହନଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଅଶୋକ କୁମାର ବିହାରୀ ସୂଚନା ଦେଇଛନ୍ତି।

## ଗାଳ୍ପିକ ଗୌରାଙ୍ଗ କୁମାର ସାହୁଙ୍କୁ ଜ୍ଞାନ ଗୌରବ ସମ୍ମାନ



ଗାଳ୍ପିକ ଗୌରାଙ୍ଗ କୁମାର ସାହୁଙ୍କୁ 'ଜ୍ଞାନ ଗୌରବ ସମ୍ମାନ' ପ୍ରଦାନ କରାଯାଉଛି।

**ଖଡ଼ିଆଳ,୨୮।୮(ସୁଜିତ୍ କୁମାର ପ୍ରଧାନ)**

ସାରସ୍ୱତ ସମାଜ ଓଡ଼ିଶା ପକ୍ଷରୁ ଗାଳ୍ପିକ ଗୌରାଙ୍ଗ କୁମାର ସାହୁଙ୍କୁ 'ଜ୍ଞାନ ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ଜୟଦେବ ଭବନଠାରେ ଅନୁଷ୍ଠାନର ରାଜ୍ୟସ୍ତରୀୟ ଦ୍ୱାଦଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ସମାରୋହରେ ଅନୁଷ୍ଠାନର ସଭାପତି ଶ୍ୱେତ କୁମାର ଘଡାଇ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ରକ୍ଷକ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇସ୍ରୋ ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ, ବିଶିଷ୍ଟ କବୟିତ୍ରୀ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ମଞ୍ଚାସୀନଥିଲେ। ପ୍ରକାଶ ଥାଉକି ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ସମ୍ପ୍ରତି ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିବା ସହିତ ଖଡ଼ିଆଳ ସାହିତ୍ୟ ସମିତିର ସମ୍ପାଦକ ତଥା ଅନ୍ୟାନ୍ୟ ସାହିତ୍ୟାନୁଷ୍ଠାନର ବିଭିନ୍ନ ପଦପଦବୀରେ ରହି ସାରସ୍ୱତ ସାଧନା କରୁଛନ୍ତି।

## ୪୧୪ ଅଭିଯୋଗରୁ ୨୨ ସମାଧାନ

**ଗୋଲାମୁଣ୍ଡା,୨୮।୮(ବଟକୃଷ୍ଣ ପଣ୍ଡା)**

**ଦ୍ୱାର ମୁହଁରେ ସେବା କାର୍ଯ୍ୟକ୍ରମ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଚିଚିଆ ଗ୍ରାମପଞ୍ଚାୟତରେ ଜନତାଙ୍କ ଦ୍ୱାର ମୁହଁ ସେବା କାର୍ଯ୍ୟକ୍ରମ ହୋଇଯାଇଛି। କାର୍ଯ୍ୟକ୍ରମରେ ଆବାସ ଗୃହ ସମସ୍ୟାରୁ ୨୬୫, ପିଡିଏସ ଚାଉଳ ୧୫ରୁ ୪ ସମାଧାନ, ମଧୁବାବୁ ଓ ଇନ୍ଦିରା ଗାନ୍ଧି ପେନସନ ଯୋଜନାର ୬୦ରୁ ୧୫ ସମାଧାନ, ତହସିଲ ସମ୍ବନ୍ଧୀୟ ୧୧ରୁ ୩ ସମାଧାନ, ଏମ୍‌ଜିଏନ୍‌ଆରଇଜିଏସ୍ ୧୮, ଅନ୍ୟାନ୍ୟ ୪୧ ଓ ସାମୂହିକ ସମସ୍ୟା ୪ ସମେତ ମୋଟ ୪୧୪ଟି ଅଭିଯୋଗରୁ ୨୨ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ସଚିନ ପାୱାର, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଅଶୋକ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାଏକ, ସମାଜିକ ସୁରକ୍ଷା ବିଭାଗରୁ ଚନ୍ଦନ ବିହାରୀ, କନିଷ୍ଠ ଯନ୍ତ୍ରୀ ମିତାଞ୍ଜଳି ଦାସ, ସ୍ୱାସ୍ଥ୍ୟ ବିଭାଗରୁ କୃଷ୍ଣମୋହନ ପାତ୍ର, ଉଦ୍ୟାନ ବିଭାଗରୁ ନିହାରିକା ବେହେରା, କୃଷି ବିଭାଗରୁ ଲିଙ୍ଗରାଜ ମେହେର, ଗ୍ରାମ ରୋଜକ ସେବକ ମଣ୍ଡା ବାବୁ, ଯୋଗାଣ ବିଭାଗରୁ ରୁପେଶ ବେମାଲ, ଜଳ ଓ ପରମଳରୁ ଅତିରିକ୍ତ ଯନ୍ତ୍ରୀ ସୁବାସ ପଣ୍ଡା , ଶିଶୁ ସମନ୍ୱିତ ବିକାଶରୁ ଯଶୋବନ୍ତି ନାଏକଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଗାଁ ସାଥି, ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନାକୁ ଲୋକଙ୍କ ନିକଟକୁ ପହଞ୍ଚାଯାଉଛି। ଆମ ପକ୍ଷରେ ଯେତେ ସମ୍ଭବ ସେତିକି ବିଭିନ୍ନ ପ୍ରକାର ସମସ୍ୟାର ସରକାରଙ୍କ ଯୋଜାନରେ ସାମିଲ କରି ସମାଧାନ କରାଯାଉଛି ବୋଲି ବ୍ଲକ ଅଧ୍ୟକ୍ଷ ମହାନନ୍ଦ ପ୍ରକାଶ କରିଛନ୍ତି।

## ବଦଳି ଆଦେଶକୁ ମାନୁନାହାନ୍ତି ଶିକ୍ଷକ



କର୍ଲାସୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର।

**ଭବାନୀପାଟଣା,୨୮।୮ (ଉତ୍ତମ କୁମାର ଦାଶ)**

**କର୍ଲାସୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
■ ୫ ଶ୍ରେଣୀକୁ ଜଣେ ଶିକ୍ଷକ, ପାଠପଢ଼ାରେ ବାଧା

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବୋରଭଙ୍ଗା କ୍ଲଷ୍ଟର ଅଧୀନ କର୍ଲାସୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ହେଲା ଜଣେ ଶିକ୍ଷକରେ ସ୍କୁଲ ଚାଲିଥିବା ଘଟଣା ସାମ୍ନାକୁ ଆସିଛି। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ୫ଟି ଶ୍ରେଣୀରେ ମୋଟ ୫୫ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଜଣେ ମାତ୍ର ଶିକ୍ଷକ ରହିଥିବାରୁ ଶିକ୍ଷାଦାନରେ ବାଧା ପ୍ରାପ୍ତ ସୃଷ୍ଟି ହୋଇଛି। ଏପରିକି ସମ୍ପୃକ୍ତ ଶିକ୍ଷକ ପାଠ ପଢ଼ାଇବା ସହ ନିର୍ବାଚନ ପ୍ରକ୍ରିୟାର ବୁଥ ଲେଭୁଲ ଅଫିସର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଶିକ୍ଷା କମିଟି ଓ ସ୍କୁଲ ଶିକ୍ଷକ ବାରମ୍ବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଏହି ସ୍କୁଲରେ ଅଧିକ ଶିକ୍ଷକ ପ୍ରଦାନ ପାଇଁ ଜଣାଇ ଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ପୂର୍ବରୁ ଜିଲା ଶିକ୍ଷା ଅଧିକାରୀଙ୍କ ଚିଠି ନମ୍ବର ୯୯୨୧ ତା ୧୯।୧୨।୨୨ ନିର୍ଦ୍ଦେଶକ୍ରମେ ଏହି ବିଦ୍ୟାଳୟରେ ଚିକିଲି ପ୍ରାଥମିକ ବିଦ୍ୟାଳୟ ସହଯୋଗୀ ଶିକ୍ଷକ ସୌମେନ୍ଦ୍ର ମହାନ୍ତିଙ୍କୁ ଏହି ସ୍କୁଲରେ ବଦଳି ପାଇଁ ବ୍ଲକ ଶିକ୍ଷା ଅଧିକାରୀ ୧୪ ଏପ୍ରିଲ ୨୦୨୩ରେ ଚିଠି ନମ୍ବର ୯୮୧ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମ୍ପୃକ୍ତ ଶିକ୍ଷକ କର୍ଲାସୋଡା ସ୍କୁଲରେ ଯୋଗ ଦେଇନାହାନ୍ତି। ଜିଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଗ୍ରାମବାସୀ ପୁଣି ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ଚୋରି ଉଦ୍ୟମ ବେଳେ ଧରାପଡ଼ି ଖାଇଲେ ଉତ୍ତମମଧ୍ୟମ

**ଭବାନୀପାଟଣା,୨୮।୮ (ଉତ୍ତମ କୁମାର ଦାଶ):** ଡକାୟତଙ୍କ ଟାର୍ଗେଟରେ ଏବେ ରାଜବାଟୀ। ଭବାନୀପାଟଣାରେ ଥିବା କଳାହାଣ୍ଡି ରାଜବାଟୀକୁ ରବିବାର ବିଳମ୍ବିତ ରାତିରେ ୧୦ରୁ ୧୨ଜଣ ଡକାୟତ ପଛପଟ ବାଡ ଡେଇଁ ପ୍ରବେଶ କରିଥିଲେ। ଏକଥା ସୁରକ୍ଷା କର୍ମୀ ଜାଣିବା ପରେ ମହାରାଜକୁ ଜଣାଇଥିଲେ। ସୁରକ୍ଷାକର୍ମୀମାନେ ଡକାୟତମାନଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ। ଅନ୍ୟ ଡକାୟତ ଚମ୍ପଟ ମାରିଥିବାବେଳେ ସୁରକ୍ଷା କର୍ମୀଙ୍କ ହାତରେ ଜଣେ ଡକାୟତ ଧରାପଡିଥିଲେ। ସୁରକ୍ଷା କର୍ମୀ ପଚରାଉଚରା କରିବାରୁ ଏହି ଡକାୟତି ଗ୍ୟାଙ୍ଗ ବିହାର ଅଞ୍ଚଳରୁ ଆସିଥିବା ଜାଣିବାକୁ ପାଇଥିଲେ। ସୁରକ୍ଷା କର୍ମୀ ଅଟକ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ। ପରେ ଯୁବକଙ୍କୁ ଭବାନୀପାଟଣା ଟାଉନ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିବା ଜଣାପଡିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେପଟେ ଏହି ଭିଡିଓଟି ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରିଛି । ରାଜବାଟୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିବା ପାଇଁ ମତ ପ୍ରକାଶ ପାଇଛି।

## କୁଶୁର୍ଲା-ସିଲେଟପଡ଼ା ରାସ୍ତା ନିର୍ମାଣ ପାଇଁ ପ୍ରାକ ପ୍ରସ୍ତୁତି

**କର୍ଲାମୁଣ୍ଡା,୨୮।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ କୁଶୁର୍ଲା ଛକଠାରୁ ସିଲେଟପଡା ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନରୁ ଅଞ୍ଚଳବାସୀ ଦାବି କରି ଆସୁଥିବା ବେଳେ ଚଳିତ ମାସରେ ଆରଡି ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ ପାଇଁ ପ୍ରାକ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ୨୦୧୫ରେ ତତ୍କାଳୀନ ଜିଲାପାଳଙ୍କ ସୁପାରିଶକ୍ରମେ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ କୁଶୁର୍ଲା ଛକରୁ ସିଲେଟପଡା ଓ ଶୀଶାଖାଲ ମଙ୍ଗଲାଜୋର ପର୍ଯ୍ୟନ୍ତ ନୂତନ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତାରେ ପିଚୁ ସମ୍ପୂର୍ଣ୍ଣ ଉଠିଯିବା ସହ ଖାଲଖମାମ ସୃଷ୍ଟି ହୋଇଥିବାରୁ ପ୍ରତ୍ୟହ ଯାତାୟାତ କରୁଥିବା ଜନସାଧାରଣ ଦୁର୍ଘଟଣାର ଶିକାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ନେଇ ବଲାଙ୍ଗୀର ଜିଲାରେ ୫-ଟି ସଚିବ ଭି.କେ. ପାଣ୍ଡିୟାନଙ୍କ ଏକ କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଉକ୍ତ ରାସ୍ତା ନିର୍ମାଣ ପାଇଁ ଲିଖିତ ଦରଖାସ୍ତ କରିଥିଲେ।


E_mail: eerwkesinga@yahoo.com
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA
No. 1521 Dt. 25.08.2023

To
The Chief Engineer, Roads
O/o the Engineer-in-Chief
Rural Works, Odisha,
Bhubaneswar

Sub: Grievance petition received during visit of 5T Secretary to Bolangir district on dt. 06.08.2023 about Siletpada to Kusurla road under ACA Scheme in Karlamunda Block under RWD Kesinga in the district of Kalahandi.

Sir,
In inviting kind reference to the subject cited above it is to state that the road Siletpada to Kusurla road has been developed by this division under ACA Scheme having length of 3.40 kms during the year 2015-16. Due to unavailability of fund for maintenance the road has been severe damage. The same has been raised during collector grievance. Now the ZP, Karlamunda Zone-2 has given grievance petition to 5T Secretary during his visit to Bolangir district. Hence an amount Rs.160.00 lakhs is required for maintenance of the road.
This is for favour of kind information and necessary action.

Encl: Copy of grievance petition

Yours faithfully
Superintending Engineer
Rural Works Division,
Kesinga

Memo No. 1522 Dt. 25.08.2023
Copy submitted to the Chief Construction Engineer, Rural Works Circle, Bhawanipatna for favour of kind information and necessary action.

Superintending Engineer

ରାସ୍ତା ନିର୍ମାଣ ପାଇଁ ଆରଡି ବିଭାଗର ଚିଠି।

ଏଥିରେ ସରକାରଙ୍କ ଆରଡ଼ି ପକ୍ଷରୁ କୁଶୁର୍ଲା-ସିଲେଟପଡା ରାସ୍ତା ୩.୪୦ କି.ମି. ରାସ୍ତା ନିର୍ମାଣ ପାଇଁ ୧ କୋଟି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ଆକଳନ କରିଥିବା କେସିଙ୍ଗା ଗ୍ରାମ ଉନ୍ନୟନ ସଂସ୍ଥା (ଆରଡ଼ି)ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୋସନ କୁଣ୍ଡୁଲୁ ସୂଚନା ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନିୟମିତତା

**ବୋଡେନ,୨୮।୮(ଟିକେଶ୍ୱର ନାଗ)**

■ ଜମି ମାଲିକ ଜିଲାପାଳଙ୍କ ଦ୍ୱାରସ୍ଥ
■ ଅନ୍ୟ ଲୋକଙ୍କ ଜମିର ବୀମା କରି ହାତେଇଲେ ବୀମାରାଶି

ନୂଆପଡା ଜିଲା ବୋଡେନ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଖଡିଆଳ ବ୍ଲକରୁ ଆସିଥିବା ଏକ ଅଭିଯୋଗ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଦିଲୀପ କୁମାର ତ୍ରିବେଦୀଙ୍କ ନାମରେ ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ସାନମହେଶ୍ୱର ମୌଜା ଖାତା ନଂ ୨୭ରେ ୧୨.୦୮ ଏକର ଜମି ରହିଛି। ଦିଲୀପ ଅଭିଯୋଗ କରିଛନ୍ତି ଯେ, ୨୦୨୨-୨୩ ବର୍ଷରେ ତାଙ୍କ ଜମିର ଫସଲ ବୀମା କରି ନ ଥିଲେ। କିନ୍ତୁ ଏହି ବର୍ଷ ତାଙ୍କ ଜମିର ବୀମା କରାଯିବା ସହ ୪ଜଣ ହିତାଧିକାରୀଙ୍କ ନାମରେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ବୀମା ରାଶି ପୈଠ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଛନ୍ତି। ଦିଲୀପ ତଦନ୍ତ କରି ଜଣିବାକୁ ପାଇଲେ ଯେ, ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଅନ୍ତର୍ଗତ ବଙ୍କାପୁର ଗ୍ରାମର ୪ଜଣ ହିତାଧିକାରୀଙ୍କ ଉତ୍କଳା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ଜମା ଖାତାରେ ବୀମାରାଶି ପୈଠ ହୋଇଛି। ସୂଚନାଯୋଗ୍ୟ ଯେ, ବଙ୍କାପୁର ସାନମହେଶ୍ୱରଠାରୁ ୨୨ କି.ମି. ଦୂରରେ ଅବସ୍ଥିତ। ଏଠାରେ ପ୍ରଶ୍ନ ଉଠୁଛି ଯେ, ବଙ୍କାପୁର ଗ୍ରାମର ହିତାଧିକାରୀ ସାନମହେଶ୍ୱର ଗ୍ରାମରେ ଥିବା ଅନ୍ୟ ଜଣଙ୍କ ଜମିର ହିତାଧିକାରୀ ଭାବେ କିପରି ଯୋଗ୍ୟ ବିବେଚିତ ହେଲେ। ଏପରି ଅନିୟମିତା ପାଇଁ ଏକ ର୍ୟାକେଟ ସକ୍ରିୟ ଥିବା ସନ୍ଦେହ କରି ଏହାର ତଦନ୍ତ ପାଇଁ ଦିଲୀପ ଜିଲାପାଳଙ୍କ ଦୃଷ୍ଟିକୁ ଆଣିଛନ୍ତି। ଇନ୍‌ସୁରାନ୍ସ କମ୍ପାନୀରୁ ତଥ୍ୟ ସଂଗ୍ରହ କରି ତଦନ୍ତ କରିବାକୁ କୃଷି ବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅନିୟମିତତା ପ୍ରମାଣିତ ହେଲେ ନିୟମ ଅନୁଯାୟୀ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର

**ଭବାନୀପାଟଣା,୨୮।୮(ଉତ୍ତମ କୁମାର ଦାଶ)**

**୩୧ରୁ ସାମୂହିକ ଛୁଟିରେ ଯିବେ କୃଷି ଅଧିକାରୀ, ଚିନ୍ତାରେ ଚାଷୀ**


କଳାହାଣ୍ଡି କୃଷି ସେବା ଅଧିକାରୀ ସଂଘ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡିଶା କୃଷି ସେବା ଅଧିକାରୀ ସଂଘ ନିଷ୍ପତ୍ତିକ୍ରମେ ଆସନ୍ତା ୩୧ରୁ ସାମୂହିକ ଛୁଟିରେ ଯିବେ କୃଷି ଅଧିକାରୀ। ଏ ନେଇ କଳାହାଣ୍ଡି କୃଷି ସେବା ଅଧିକାରୀ ସଂଘ ପକ୍ଷରୁ ଭବାନୀପାଟଣାରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କୃଷି ସେବା ଅଧିକାରୀ ସଂଘ ଦୀର୍ଘ ଦିନ ଧରି କ୍ୟାଡରର ପୁନର୍ବିନ୍ୟାସ ସମ୍ବନ୍ଧରେ ନିରନ୍ତର ସରକାରଙ୍କ ସହାୟତା ଲୋଡ଼ି ଆସିଛି। ସମୟାନୁସାରେ ସରକାରଙ୍କ ଦ୍ୱାରା ମଗାଯାଇଥିବା ସମସ୍ତ ତଥ୍ୟାବଳି ଦେବା ସହ ରାଷ୍ଟ୍ରୀୟ କୃଷି ସମ୍ପ୍ରସାରଣ ଓ ପ୍ରବନ୍ଧନ ସଂସ୍ଥାନ (ମେନେଜ) ଦ୍ୱାରା ସୁପାରିଶ କରାଯାଇଥିବା ପୁନର୍ବିନ୍ୟାସ ଦସ୍ତାବିଜ ସମ୍ବନ୍ଧୀୟ ଆଲୋଚନା ଉଚ୍ଚସ୍ତରୀୟ ଅଧିକାରୀ ତଥା କୃଷି ମନ୍ତ୍ରୀଙ୍କ ସହ କରି ଆସିଛି। ହେଲେ କୃଷି ମନ୍ତ୍ରୀଙ୍କ ଆଲୋଚନା ପରେ ଅଗଷ୍ଟ ୧୫ ତାରିଖ ସୁଦ୍ଧା ପଦକ୍ଷେପ ନିଆଯିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ହୋଇ ରହିଯାଇଛି। ଏହି ସକ୍ରାନ୍ତରେ କୃଷି ସେବା ସଂଘ ନିଜର ସାମୂହିକ ଛୁଟି ନିଷ୍ପତ୍ତିକୁ ଅଗଷ୍ଟ ୮ରୁ ସ୍ଥଗିତ କରିଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ କୌଣସି ଅଗ୍ରଗତି ନ ହେବା ଯୋଗୁ ଶେଷରେ ସାମୂହିକ ଛୁଟିରେ ଯିବାକୁ ସଂଘ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଖରିଫ ଋତୁ ଚାଲିଥିବା ସମସ୍ତ କୃଷି କାର୍ଯ୍ୟ ପୂର୍ଣ୍ଣକାଳିକ ଭିତ୍ତିରେ ଆଗେଇ ଚାଲିଛି। କୃଷି ବିଭାଗର ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିରବଚ୍ଛିନ୍ନ ସେବାରେ ବିହନ, ସାର ସୁବଣ୍ଟନ, ରୋଗପୋକ ନିୟନ୍ତ୍ରଣ, ପ୍ରଶିକ୍ଷଣ ଇତ୍ୟାଦି ବିଭିନ୍ନ ଯୋଜନା ସୂଚାରୁ ରୂପେ ସମ୍ପାଦନ ହେଉଛି। ଏହିଭଳି ମୁହୂର୍ତ୍ତରେ କୃଷି ଅଧିକାରୀଙ୍କ ସାମୂହିକ କାର୍ଯ୍ୟବନ୍ଦ ଡାକରା ଯୋଗୁ ରାଜ୍ୟରେ ଖରିଫ କାର୍ଯ୍ୟକ୍ରମ ବିପର୍ଯ୍ୟସ୍ତ ହେବାର ସମ୍ଭାବନା ଚାଷୀ ସମାଜରେ ହଇଚଇ ସୃଷ୍ଟି କରିଛି। ଦାବିପତ୍ର ପ୍ରଦାନ ସମୟରେ ଧର୍ମଗଡ଼ କୃଷି ଜିଲା ଅଧିକାରୀ ଜାମି ସୂର୍ଯ୍ୟ ରାଉତ, ଜୁନାଗଡ଼ ନାରାୟଣ ଉପାଧ୍ୟକ୍ଷ, ଭବାନୀପାଟଣା ଏଲପି ପଟେଲ, ନର୍ଲା ରଜତ କୁମାର ମିଶ୍ର ପ୍ରମୁଖଙ୍କ ସହ କୃଷି ସେବା ଅଧିକାରୀ ସଂଘ ଜିଲା ସଭାପତି ଚନ୍ଦ୍ର ମୋହନ ଚାନ୍ଦ, ସମ୍ପାଦକ ରାକେଶ ରଞ୍ଜନ ମାଝି, କୋଷାଧ୍ୟକ୍ଷ ନୌକେଶ୍ୱର ନାଗ ଉପସ୍ଥିତ ଥିଲେ। ଏହା ପୂର୍ବରୁ କୃଷି ସେବା ଅଧିକାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ବାଳିକା ହଷ୍ଟେଲ ଉଦ୍‌ଘାଟିତ

**ଖଡ଼ିଆଳ,୨୮।୮ (ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଡୁକୁଲାସ୍ଥିତ ସୁଲୋଚନା ଦେବୀ ବାଳିକା ଉଚ୍ଚ ବିଦ୍ୟାୟଳ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ବାଳିକା ହଷ୍ଟେଲ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବିଡ଼ିଓ ବିରସେନ ବେହେରା ଯୋଗଦେଇ ଛାତ୍ରୀମାନଙ୍କ ଉତ୍ତମ ଶିକ୍ଷା ବ୍ୟବସ୍ଥା ସାଙ୍ଗକୁ ଶିକ୍ଷିତ ପରିବେଶ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ହାଇସ୍କୁଲ ପରିଚାଳନା କମିଟି ସଭାପତି ଫକୀର ମୋହନ ଜଗତ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦୁବେ ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ ମାଧବ ମହାନନ୍ଦ, ସହକାରୀ ଯନ୍ତ୍ରୀ ବିକର୍ତ୍ତନ ହାସଦା, କନିଷ୍ଠ ଯନ୍ତ୍ରୀ ଦେବୀ ପ୍ରସାଦ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଏହି ଛାତ୍ରୀ ନିବାସରେ ଆବଶ୍ୟକ ଆନସାଙ୍ଗିକ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପଛୁଆ ବର୍ଗର ଦାଦନ ଖଟି ଯାଇଥିବା ଶ୍ରମିକଙ୍କ ଛାତ୍ରୀମାନେ ସମ୍ପର୍କୀୟ ଘରେ ରହି ଶିକ୍ଷା ଗ୍ରହଣ କରୁଛନ୍ତି, ରହିବାକୁ ସୁଯୋଗ ଦେବକୁ ଅନୁରୋଧ। ଏହି ଛାତ୍ରୀ ନିବାସ ସମ୍ପୂର୍ଣ୍ଣ ରୂପେ ଅନୁସୂଚିତ ଜନଜାତି ଛାତ୍ରୀଙ୍କ ପାଇଁ ଉଦ୍ଧିଷ୍ଟ ଅଟେ।

# ୧୦୯ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିଇଓମାନେ ଗଣଧାରଣାରେ ବସିଛନ୍ତି।

■ ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

■ ଏମଜିଏନ୍ଆରଇଜିଏସ୍, ଆବାସ ଯୋଜନା ଓ ପିଡିଏସ୍ ବଣ୍ଟନ ପ୍ରଭାବିତ

**ସୋନପୁର,୨୮।୮(ମୃତ୍ୟୁଞ୍ଜୟ ଶତପଥୀ)** ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସୋମବାର ଆନ୍ଦୋଳନ ୧୧ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିବାଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ଜିଲାର ସମସ୍ତ ୧୦୯ ପଞ୍ଚାୟତରେ କାର୍ଯ୍ୟରତ ମୋଟ ୬୫ ଜଣ ପିଇଓ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍, ସେଣ୍ଟ୍ରାଲ ଫାଇନାନ୍ସ କମିସନ(ସିଏଫସି) ଓ ଷ୍ଟେଟ୍ ଫାଇନାନ୍ସ କମିସନ(ଏସଏଫସି) ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡିଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଡିଏସ୍ ସାମଗ୍ରୀ ବଣ୍ଟନ, ଭତ୍ତା ବଣ୍ଟନ ଓ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହୋଇଛି। ପିଇଓ ପଦବୀର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ କରିବା ସହିତ ଦରମା ହାର ଲେବୁଲ ୫ ରୁ ଲେବୁଲ ୯ କୁ ଧାର୍ଯ୍ୟ କରିବା, ନୂତନ ପଦବୀ ସୃଷ୍ଟି କରି ୧୦ ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପିଇଓମାନଙ୍କୁ ପଦୋନ୍ନତି ପ୍ରଦାନ ସହିତ ଜିପିଡିଓ ପଦବୀରେ ଶତପ୍ରତିଶତ ପଦୋନ୍ନତି ପ୍ରଦାନ କରିବା ଓ ଓପିଆରଏସ୍ କ୍ୟାଡର ରୁଲରେ ଅନ୍ତର୍ଭୁକ୍ତ କରିବା ଭଳି ୨ ଦଫା ଦାବି ନେଇ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନରେ ଜିଲା ସଂଘର ସଭାପତି ସୁନିଲ କୁମାର ସାହୁ, ସମ୍ପାଦକ ସୁଶିଲ କୁମାର ମହାପାତ୍ର, ସୀତାରାମ ତ୍ରିପାଠୀ, ନନ୍ଦକିଶୋର ସୁନା, ନନ୍ଦ କିଶୋର ରାଉତ, ବିଶେଶ୍ୱର ଦାସ, ପଦ୍ମନାଭ ପଣ୍ଡା, ବିକ୍ରମ ସାହୁ, ଦିଲୀପ ପାଣ୍ଡିଆ, ଗୌରଚନ୍ଦ୍ର ସାହୁ, ସନାତନ ମହାଲିକ, ରମାକାନ୍ତ ନାୟକ, କ୍ଷୀରୋଦ ଚନ୍ଦ୍ର ସାମନ୍ତରା, ଶିବରାମ ମିଶ୍ର, ସଞ୍ଜୟ କୁମାର ପାଣିଗ୍ରାହୀ, ବୀରେନ ଦାସ, ଜ୍ୟୋତିରଞ୍ଜନ ସା, ପ୍ରତିଭା ବିଶ୍ୱାଳ, ରିତାଞ୍ଜଳି ପାଣିଗ୍ରାହୀ ଓ ଅଞ୍ଜଳି ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

**ଘଣ୍ଟାପଡ଼ା,୨୮।୮(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ବିଶସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ଚଢାଉ କରି ୪୧ ନଂ ମନମୁଣ୍ଡା – ସିନ୍ଧୁଗୋରା ରାଜ୍ୟ ରାଜପଥର ରୁଣ୍ଡିମହୁଲ ଖେଲପଡିଆ ନିକଟରେ ଚାଲାଣ ପାଇଁ ରଖା ଯାଇଥିବା ଗଞ୍ଜେଇ ଜବତ କରିଥିଲା। ପୋଲିସକୁ ଦେଖି ଚୋରା ବେପାରୀମାନେ ଫେରାର ହୋଇ ଯାଇଥିଲେ। ଜବତ ଗଞ୍ଜେଇ ଥାନାକୁ ଆଣି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଏହା ୧ କୁଇଣ୍ଟାଲ ୧୬କେଜି ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ନଂ ୧୪୩/୨୩ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### କୂଅରେ ପଡି ଯୁବକ ମୃତ

**ବୌଦ୍ଧ,୨୮।୮( ଅଜିତ କୁମାର ବାରିକ)** ବୌଦ୍ଧ ଥାନା ଅଧୀନ ଦେବଗଡ ଗ୍ରାମରେ ସୋମବାର କୂଅରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ବିଭୁଧେନ୍ଦ୍ର ମାଝି (୫୦)ବାରିପଟ କୂଅ ନିକଟକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ କୂଅରୁ ପାଣି କାଢିବା ସମୟରେ ଅସାବଧାନତା ବଶତଃ ପଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବୌଦ୍ଧ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**କାର୍ଯ୍ୟକ୍ରମରେ ଜିଲାପାଳ ଅନୁପସ୍ଥିତ ନେଇ ଅସନ୍ତୋଷ**

**ତଲଗାଁ,୨୮।୮(କୁନା ବେହେରା)** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପସ୍ଥିତ ଯୋଗୁ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ସମୁଦାୟ ୧୪୫ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୧୩୬ ବ୍ୟକ୍ତିଗତ ମାମଲା ଓ ୯ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ଶିବିରରେ ୧୦୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୭ ଜଣଙ୍କୁ ୭୯ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଦୁଇ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ. ତହସିଲଦାର ଶିବାନୀ ଦାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅନୁପସ୍ଥିତ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

**ବିନ୍ନିକା,୨୮।୮(ରାମ ଗୋପାଳ ବାଘ)** ୫ ଦଫା ଦାବି ନେଇ ସୋମବାର ଭାଜପା ତରଫରୁ ସ୍ଥାନୀୟ ବିଡିଓ ଆନନ୍ଦ କୁମାର ଦାସଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ଆବାସ ଘର ଦୁର୍ନୀତିର ସିବିଆଇ ତଦନ୍ତ, ପିସି କାରବାର ବନ୍ଦ କରିବା, ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବିନ୍ନିକା ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ, କୃଷି ଓ କୃଷକର ଉନ୍ନତି ପାଇଁ ପଦକ୍ଷେପ ଆଦି ଦାବି ରହିଛି। ପ୍ରାରମ୍ଭରେ ଦଳୀୟ କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପାର ବରିଷ୍ଠ ନେତା ବଳରାମ ସିଂ ଯାଦବଙ୍କ ନେତୃତ୍ୱରେ ବରିଷ୍ଠ ନେତା ବଳଦେବ ବେଦବାକ, ଶୋଭାକାର ମଲ୍ଲିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ସରୋଜ ପ୍ରଧାନ, ସଦାରାମ ଚାଉଳିଆ, ସମୀର ମହାକୁର, ସୁରେଶ ମିଶ୍ର, ମାଗିରାମ ପ୍ରଧାନ, ସୁକାନ୍ତ ଝାଙ୍କର, ତ୍ରିଲୋଚନ ଡାଙ୍ଗ, ମୁନୁ ଦଣ୍ଡସେନା, ଶୁଶିଲ ଦାସ, ସୁଶାନ୍ତ ବରର୍ଡ଼ି, ପ୍ରଶାନ୍ତ ଜାଲ,ଥବିର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ଥିଲେ।

# କୃଷି ଜିଲା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



କୃଷି ଜିଲା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଡୁଙ୍ଗୁରିପାଲି,୨୮।୮(ଦୀନବନ୍ଧୁ ସୁନା)** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କୃଷି ଅଧିକାରୀମାନେ ସାମୁହିକ ଛୁଟିରେ ଯିବା ପାଇଁ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ କୃଷି ଜିଲା ଅଧିକାରୀଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, କୃଷି ସେବା ସଂଘ ଦୀର୍ଘ ଦିନ ଧରି କ୍ୟାଡରର ପୁନର୍ବିନ୍ୟାସ ସମ୍ବନ୍ଧରେ ସରକାରଙ୍କ ସହାୟତା ଲୋଡିଆସିଛି ଏବଂ ସମୟାନୁସାରେ ସରକାରଙ୍କ ଦ୍ୱାରା ମଗା ଯାଇଥିବା ସମସ୍ତ ତଥ୍ୟାବଳୀ ଦେଇଆସିଛି। ଏଥିସହ ଉଚ୍ଚସ୍ତରୀୟ ଅଧିକାରୀ ତଥା କୃଷି ମନ୍ତ୍ରୀଙ୍କ ସହ ଆଲୋଚନା କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଆଲୋଚନା ସମୟରେ କୃଷିମନ୍ତ୍ରୀ ଅଗଷ୍ଟ ୧୫ ତାରିଖ ସୁଦ୍ଧା ପଦକ୍ଷେପ ନିଆଯିବା ପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଫଳରେ କୃଷି ଅଧିକାରୀମାନେ ସାମୁହିକ ଛୁଟି ନେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଡୁଙ୍ଗୁରିପାଲି ଓ ବିନିକା କୃଷି କାର୍ଯ୍ୟାଳୟର ଡୁଙ୍ଗୁରିପାଲି ଗୋଷ୍ଠୀ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଲିକ, ବିନିକା ଗୋଷ୍ଠୀ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ, ସହକାରୀ କୃଷି ଅଧିକାରୀ ସୈରେନ୍ଦ୍ରୀ ମିଶ୍ର, ଅଙ୍କିତା ପଣ୍ଡା, ଶତେଲିନା ମାହାଣା ପ୍ରମୁଖ କୃଷି ଜିଲା ଅଧିକାରୀ ଡୁଙ୍ଗୁରିପାଲି ବିପିନ ବିହାରୀ ଉଦ୍‌ଗାତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଯୋଗ ଦେଇଥିବା ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

**ତରଭା,୨୮।୮(ମାନଭଞ୍ଜନ ମିଶ୍ର)** ସୁବର୍ଣ୍ଣପୁର ଜିଲାର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ତରଭା ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବଳିତ ୧୮ ଗୋଟି ପଞ୍ଜୀକୃତ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫ଟି ସାମୁହିକ ଦରଖାସ୍ତ ରହିଥିବା ବେଳେ ୧୩ ଗୋଟି ବ୍ୟକ୍ତିଗତ ରହିଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତଗୁଡିକ ତୁରନ୍ତ ସମାଧାନ ପାଇଁ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଅନିଲ କୁମାର କୁଲୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ସୋନପୁର ଉପ ଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ରଞ୍ଜନ ପତି, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଅଧୀକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ ଶ୍ରୀକାନ୍ତ ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଏସିଏଫ ପ୍ରଫୁଲ୍ଲ କୁମାର ଧରୁଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ସଂସ୍କୃତି ଅଧିକାରୀ ଯମୁନା ପଧାନ, ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଆଇଆଇସି ଅନିତା କିଣ୍ଡୋ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଶିବିରରେ ଜିଲାପାଳ ରାୟ ଗର୍ଜା– ଖାରତରଭା ନିବାସୀ ଜଳନ୍ଧର ଦଳବେହେରାଙ୍କୁ ମଞ୍ଜୁର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ସମସ୍ତ ବ୍ଲକସ୍ତରୀୟ କର୍ମଚାରୀ ସହଯୋଗ କରିଥିଲେ।

# ସୁରକ୍ଷା କର୍ମୀଙ୍କ ଆକ୍ରମଣରେ ସୁରକ୍ଷା କର୍ମୀ ମୃତ

**ବୌଦ୍ଧ/ବଘିଆପଡା,୨୮।୮(ଅଜିତ କୁମାର ବାରିକ/ ଶ୍ରୀକାନ୍ତ ସାହୁ)** ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ସୁରକ୍ଷା କର୍ମୀଙ୍କ ଟାଙ୍ଗିଆ ଆକ୍ରମଣରେ ଅନ୍ୟ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଞ୍ଜନ ପ୍ରଧାନ। ବୌଦ୍ଧ ଥାନା ଅନ୍ତର୍ଗତ ଖୁଣ୍ଟିଆପଡା ଯୋଗୀଭଗରା ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ମୁତାବକ, ଖୋର୍ଦ୍ଧା– ବଲାଙ୍ଗୀର ରେଳପଥ କାର୍ଯ୍ୟ ବୌଦ୍ଧ ଜିଲାରେ ଚାଲୁ ରହିଛି। ଏହି ରେଳପଥ ଖୁଣ୍ଟିଆପଡା ଯୋଗୀଭଗରା ଗ୍ରାମ ମଧ୍ୟ ଦେଇ ଯାଉଛି। ଏଥିପାଇଁ ସେଠାରେ ଏକ ପୋଲ ନିର୍ମାଣ ଚାଲୁ ଥିବାରୁ ଠିକାସଂସ୍ଥା ଦ୍ୱାରା ସେହି ସ୍ଥାନରେ ଏକ କ୍ୟାମ୍ପ କରାଯାଇଛି। ସେହି କ୍ୟାମ୍ପରେ ଏମଜିଏସ ସଂସ୍ଥା ପକ୍ଷରୁ ବାଉଁଶୁଣୀ ଥାନା ରାଉତବାହାଲ ଗ୍ରାମର ରଞ୍ଜନ ପ୍ରଧାନ ଓ ବୌଦ୍ଧ ଥାନା ଅଧୀନ ଖୁଣ୍ଟିଆପଡା ଗ୍ରାମର ପ୍ରକାଶ ବେହେରା ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଥିଲେ। ରବିବାର ରାତିରେ କ୍ୟାମ୍ପ ପରିସରରେ କୌଣସି କଥାକୁ ନେଇ ଦୁଇ ସୁରକ୍ଷାକର୍ମୀ ରଞ୍ଜନ ଓ ପ୍ରକାଶଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାର କିଛି ସମୟ ପରେ ସୁରକ୍ଷା କର୍ମୀ ପ୍ରକାଶ ଏକ ଟାଙ୍ଗିଆରେ ଅତର୍କିତ ଭାବରେ ରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଫଳରେ ରଞ୍ଜନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ବୌଦ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ଏନେଇ ବୌଦ୍ଧ ଥାନା ପକ୍ଷରୁ ନଂ ୨୯୭/୨୩ ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

# ବୀରମହାରାଜପୁର ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ



ବୈଠକରେ ଉପସ୍ଥିତ ସଦସ୍ୟ।

**ଅମରପାଲି,୨୮।୮(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ପରିଚାଳନା କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସୟମ୍ଭୁନାଥ ଖଣ୍ଡଗିରିଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟିର ସମ୍ପାଦକ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦାମ ଚରଣ ସାହୁ ବୈଠକର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇବା ସହ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ସମସ୍ତ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ୫ଟି ଯୋଜନାରେ ମହାବିଦ୍ୟାଳୟ କୁ ମିଳିଥିବା କୋଟିଏ ଟଙ୍କାର ବିନିଯୋଗ ପାଇଁ ଜିଲାପାଳ ଆରଏଣ୍ଡବି ବିଭାଗ, ସୁବର୍ଣ୍ଣପୁରକୁ ଦାୟିତ୍ୱ ଦେଇଥିବା ବିଷୟ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମହାବିଦ୍ୟାଳୟର ବିଭିନ୍ନ କୋଠରୀର ରୂପାନ୍ତରୀକରଣ ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ରେ ଖାଲି ପଡ଼ିଥିବା ବିଭିନ୍ନ ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ବିଷୟରେ ସରକାରଙ୍କୁ ରିପୋର୍ଟ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ କମିଟିର ସଦସ୍ୟା ଅଧ୍ୟାପିକା ଗୀତାଞ୍ଜଳୀ ପୂଜାହାରୀ, ସଦସ୍ୟ ଅଧ୍ୟାପକ ଡ଼. ହିମାଂଶୁଶେଖର ପାଢ଼ୀ, ସାୟଦ ମୁଜାଫର୍ ଅଲ୍ଲୀ, ରାଧାକାନ୍ତ ବାଘ, ରଞ୍ଜିତ ରଥ ଓ ଜଗଦୀଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଫସଲ ନଷ୍ଟ କଲେ ହାତୀପଲ

**ଘଣ୍ଟାପଡ଼ା,୨୮।୮(ପ୍ରଭାତ କୁମାର ସାହୁ)** ବୌଦ୍ଧ ଜିଲାର କଣ୍ଟାମାଳ ରେଞ୍ଜ ଅଞ୍ଚଳରେ ହାତୀପଲ ବ୍ୟାପକ ଧାନ ଫସଲ କ୍ଷୟକ୍ଷତି କରୁଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ମହଲରେ ଭାଳେଣି ପଡିଯାଇଛି। ପ୍ରକାଶ ଯେ, କଣ୍ଟାମାଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାହଜପିଟା ଗ୍ରାମର ଗୋବିନ୍ଦ ମହାକୁଡ, ଚାନ୍ଦୁ ବିଶି, କୁଶଲେଶ୍ୱର୍ ମନହିରାଙ୍କ କ୍ଷେତରେ ହାତୀ ପଲ ପଶି ଧାନ ଫସଲ ନଷ୍ଟ କରି ଦେଇଛନ୍ତି। ପୁଣି କେମିତି ଚାଷ କରିବେ ସେ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସରକାରୀ ସହାୟତା ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ବରଗାଁ ଅଞ୍ଚଳରେ କିଛି ଦିନ ହେବ ହାତୀପଲ ଉପଦ୍ରବ କରିବାରେ ଲାଗିଛି। ବନ ବିଭାଗ ଆବଶ୍ୟକ ପାଟ୍ରୋଲିଂ ସହ ହାତୀ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ହାତୀ ପଲ ଫସଲ ନଷ୍ଟ କରିବା ସାଙ୍ଗକୁ ଗାଁ ମୁହାଁ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଧନ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଅମରପାଲି,୨୮।୮(ପୀତାମ୍ବର ସାହୁ)** ସୋମବାର ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା। ଶ୍ରାବଣ ମାସ ଶେଷ ସୋମବାର ହୋଇଥିବାରୁ ଚମ୍ପାମାଳସ୍ଥିତ ପ୍ରସିଦ୍ଧ ଚମ୍ପେଶ୍ୱର ମନ୍ଦିର, ଗୋଧନେଶ୍ୱର ମନ୍ଦିର, ପିତାମହୁଲ ଶିବମନ୍ଦିର, ବଡବର୍ଡାକଟା ବନେଶ୍ୱର ମନ୍ଦିର, ସୁନରୀବେର୍ଣ୍ଣ ଶିବମନ୍ଦିର, ଗୌଡଗାଡ ସପ୍ତେଶ୍ୱର ଶିବମନ୍ଦିର, ଠେଙ୍ଗୋ ଡ୍ୟାମସ୍ଥିତ ରାମେଶ୍ୱର ମନ୍ଦିର, କୁଞ୍ଜାପାଲି ଶିବମନ୍ଦିର, କେଂଝିରିଆପାଲି ଜ୍ଞାନେଶର ଶିବମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ବୋଲବମ ଭକ୍ତ ଶୈବପୀଠରେ ଜଳ ଢାଳିଥିଲେ। ବହଲପଦର ପଞ୍ଚାୟତର କେଶଲଗାସ୍ଥିତ ଯୋଗେଶ୍ୱର ଶୈବପୀଠରେ ଗଙ୍ଗା ଜଳସାଇ ହୋଇଥିଲା।

# ପରିବେଶ ସୁରକ୍ଷା ପାଇଁ ଶପଥ ପାଠ

**ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ**

**ଅମରପାଲି,୨୮।୮(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ଓ କମିରାର ମା' ମାହେଶ୍ୱରୀ ଜନକଲ୍ୟାଣ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ କରାଯାଇଛି। ଏଥିରେ କ୍ଲବର ସକ୍ରିୟ ସଦସ୍ୟ ଭାବେ ଜଗଦୀଶ ପଧାନ, ବ୍ରଜ ଚଉଲିଆ, ଲିଙ୍କୁନ ପଧାନ, ଜ୍ୟୋତି ଚଉଲିଆ, ଅମଳ ପଧାନ, ବିକାଶ ପଧାନ, ଦିନେଶ ପଧାନ, ସୁମନ୍ତ ପଧାନ, ଶରତ ପଧାନ, ମଦନ ବଡିଆ, ମନିସ ବଡିଆ ଓ ସିଦ୍ଧାର୍ଥ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସାମୁହିକ ବୃକ୍ଷରୋପଣ ପରେ ଗ୍ରାମର ପୋଖରୀ ହୁଡା, ଗାଧୁଆ ତୁଠ ସଫା କରଯାଇଥିଲା। ଏଥିରେ ନେହେରୁ ଯୁବ ସ୍ୱେଚ୍ଛାସେବୀ ମନୋରଞ୍ଜନ ଜଗଦଲା ଯୋଗଦେଇ ସମସ୍ତଙ୍କୁ ମାଟି ମା' ସହିତ ପରିବେଶର ସୁରକ୍ଷା ପାଇଁ ଶପଥ କରାଇଥିଲେ।




ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସଦସ୍ୟ।

# ବାଉଁଶ କାରିଗରଙ୍କୁ ବୌଦ୍ଧ ବନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା

**ତାଲିମ ପାଇଁ ଆସାମର ଜୋରହାଟ ଯିବେ ୪ କାରିଗର**



ବୌଦ୍ଧ ବନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବରେ ୪ କାରିଗର, ବୌଦ୍ଧ ବନଖଣ୍ଡ ଅଧିକାରୀ ଓ ଅନ୍ୟମାନେ।

**ବୌଦ୍ଧ,୨୮।୮(ଅଜିତ କୁମାର ବାରିକ)** ବୌଦ୍ଧ ଜିଲାରେ ବାଉଁଶ କାରିଗରୀକୁ କୌଳିକ ବୃତ୍ତି କରି ଅନେକ ପରିବାର ଗୁଜୁରାଣ ମେଣ୍ଟାଉଥିବା ବେଳେ ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବୌଦ୍ଧ ବନ ବିଭାଗ ଉଦ୍ୟମରେ ସିନ୍ଦୁରପୁର ବନ ସୁରକ୍ଷା ସମିତିର ତିନିଗୋଟି ମହିଳା ଗୋଷ୍ଠୀର ୩୦ ଜଣ ମହିଳାଙ୍କୁ ବାଉଁଶ କାରିଗରୀ ସଂପର୍କରେ ତାଲିମ ପ୍ରଦାନ କରାଯାଇଛି। ପୂର୍ବରୁ ଜିଲାରେ ବାଉଁଶ କାରିଗରମାନେ ବାଉଁଶରେ ଟୋକେଇ, ଭୁଗା, କୁଲା,ଚାଙ୍ଗୁଡି ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ତିଆରି କରୁଥିଲେ। ଏହି ତାଲିମ ପାଇବା ପରେ ବାଉଁଶ କାରିଗରମାନେ ଫୁଲଦାନୀ, କଲମ ଷ୍ଟାଣ୍ଡ, ଝୁଡି, ଲାଇଟ ଷ୍ଟାଣ୍ଡ ଭଳି ଅନେକ ସାମଗୀ ତିଆରି କରି ସେଗୁଡିକୁ ବିଭିନ୍ନ ପ୍ରଦର୍ଶନୀ ଓ ମହୋତ୍ସବରେ ବିକ୍ରୟ କରି ଭଲ ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ଲୋକଙ୍କ ବାଉଁଶ କାରିଗରୀ କ୍ଷେତ୍ରରେ ଆଗ୍ରହ ଦେଖି ୪ ଜଣ କାରିଗରଙ୍କୁ ଆସାମ ରାଜ୍ୟର ଜୋରହାଟକୁ ତାଲିମ ପାଇଁ ପଠାଯିବାର ବ୍ୟବସ୍ଥା ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ବୌଦ୍ଧ ବନବିଭାଗ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ହୋଇଥିବା ୪ ବାଉଁଶ କାରିଗର ହେଲେ ଜିଲାର ସୁନ୍ଦୁରପଙ୍ଗର ଚିନ୍ତାମଣି ନାଏକ, ବେଦଭୂମି ନାଏକ, ସୁରେନ୍ଦ୍ର ପ୍ରଧାନ ଓ ଯଶୋଦା ପ୍ରଧାନ। ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ବାଉଁଶ କାରିଗରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ଗନ୍ତବ୍ୟକୁ ନେଇ ସଫଳତା କାମନା କରିଥିଲେ। ସହକାରୀ ବନ ସଂରକ୍ଷକ ମିନାକ୍ଷୀ କୁମୁରାଙ୍କ ନେତୃତ୍ୱରେ ବାଉଁଶ କାରିଗରମାନେ ଆସାମର ଜୋରହାଟ ଅଭିମୁଖେ ଯାତ୍ରା କରିଛନ୍ତି। ଏହି କାରିଗରମାନେ ୧୦ ଦିନ ଧରି ତାଲିମ ଗ୍ରହଣ କରିବା ସହିତ ବାଉଁଶ ଚାଷ ଓ ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ହେଉଥିବା ବାଉଁଶ କାରିଗରୀ ପରିଦର୍ଶନ କରିବାର ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି। ବାଉଁଶ କାରିଗରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସମୟରେ ସହକାରୀ ବନ ସଂରକ୍ଷକ ଆଶିଷ କୁମାର କହଁର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ସାମ୍ବାଦିକ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ବନ ବିଭାଗ ପକ୍ଷରୁ ସତ୍ୟ ନାରାୟଣ ହୋତା ଧନ୍ୟବାଦ ଦେଇଥିଲେ। ରେଞ୍ଜ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ନମ୍ବର ବିହୀନ ବାଇକ୍ ଜବତ**

ବଡ଼ଗାଁ( ଅଶୋକ ଷଡ଼ଙ୍ଗୀ):ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ପଞ୍ଚାୟତ ଡେମୁପଡା ଗାଁ ନିକଟ ନିଛାଟିଆ ସ୍ଥାନରୁ ପୋଲିସ ଏକ ପଲସର ବାଇକ୍ ସୋମବାର ଜବତ କରିଛି। ଏହି ବାଇକ୍‌ଟି ୩ଦିନ ହେଲା ସେଠାରେ ଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଏହି ବାଇକ୍ କୌଣସି ଅପରାଧିକ ଗତିବିଧିରେ ସଂପୃକ୍ତ ଥିବା ଆଶଙ୍କା କରାଯାଉଛି।

## ସଂକ୍ଷେପରେ

### ୬୭ ଲିଟର ମଦ ଜବତ, ଜଣେ ଗିରଫ



**ହେମଗିର,୨୮।୮(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ଥାନାସ୍ଥିତ ଟପରିଆଠାରେ ଥିବା ଗୁଡୁଢାବାରୁ ହେମଗିର ପୋଲିସ ରବିବାର ରାତିରେ ଚଢାଉ କରି ୬୭ ଲିଟର ବିଦେଶୀ ମଦ ସହିତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଟପରିଆ ଗ୍ରାମର ଗଜେନ୍ଦ୍ର ସା(୩୨)। ସୂଚନାଯୋଗ୍ୟ, ଏଏସ୍‌ଆଇ ମିତ୍ରଭାନୁ ସା ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଗଜେନ୍ଦ୍ର ଢାବାରେ ମଦ ବିକ୍ରି କରୁଥିବା ନେଇ ଖବର ପାଇ ଚଢ଼ାଉ କରିଥିଲେ।

### ଦୁର୍ଘଟଣାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

କୁତ୍ରା,୨୮।୮(ଦେବାଶିଷ ସାହୁ): ସୁନ୍ଦରଗଡ ଜିଲା କୁତ୍ରା ଗର୍ଜିପଡ଼ା ଗ୍ରାମର ପୂର୍ବତନ ସରପଞ୍ଚ ମାନୁଏଲ ହେମରମ(୬୪)ଙ୍କ ବାଇକ୍ ଦୁର୍ଘଟଣାରେ ସୋମବାର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗତ ଗୁରୁବାର ହେମରମ ବାଇକ୍‌ରେ ଯାଉଥିବା ବେଳେ ବିଜୁ ଏକ୍ସପ୍ରେସ୍ ୱେ କୁତ୍ରା ବସଷ୍ଟାଣ୍ଡ ନିକଟରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଅନ୍ୟ ଏକ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ କୁତ୍ରା ଓ ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲାସ୍ଥିତ ଜୟପ୍ରକାଶ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରକାଶିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବ୍ଲକସ୍ତରୀୟ ପ୍ରାରମ୍ଭ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ନୂଆଗାଁ,୨୮।୮(ବିଜୟ ତ୍ରିପାଠୀ)
ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷ ସୁଧା ପ୍ରାଥମିକ ସ୍ତରରେ ସମସ୍ତ ଛାତ୍ରୀଛାତ୍ର ସାଧାରଣ ଜ୍ଞାନ ସହ ଭାଷା, ଗଣିତ ଆଦି ସମସ୍ତ ବିଷୟ ଉପରେ ଦକ୍ଷତା ହାସଲ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରାରମ୍ଭ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏନେଇ ପ୍ରତ୍ୟେକ ବ୍ଲକରେ ଶିକ୍ଷୟିତ୍ରୀ ଶିକ୍ଷକ ସାଧନକର୍ମୀଙ୍କ ଦ୍ୱାରା ତାଲିମ ଗ୍ରହଣ କରିବେ। ଶିକ୍ଷାବିଭାଗପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ନୂଆଗାଁ ବ୍ଲକରେ ଆରମ୍ଭ ହୋଇଛି ପ୍ରାରମ୍ଭ ତାଲିମ କାର୍ଯ୍ୟକ୍ରମ । ଏହାକୁ ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ନେଲସନ ଲମଗା ଉଦ୍‌ଘାଟନ କରିଥିଲେ। ବ୍ଲକର ବରିଷ୍ଠ ଶିକ୍ଷକ ତଥା ସାଧନକର୍ମୀ ସଞ୍ଜୟ କୁମାର ରଥ, ସାଧନକର୍ମୀ ମଧୁସୂଦନ କରିଆଲି, ଜୟବିହାରୀ ନାଏକ, ସିଆର୍‌ସିସି ଅଜୟ କୁମାର ସେଠି, ଅଘୋନୁ ବାରୁଆ, ସିଆର୍‌ସିସି ସନ୍ତୋଷ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ପର୍ଯ୍ୟାୟରେ ହାତିବାରୀ ଉଚ୍ଚ ବିଦ୍ୟାଳୟ ଓ ନୂଆଗାଁ ପଞ୍ଚାୟତ ହାଇ ସ୍କୁଲରେ ଅନୁଷ୍ଠିତ ହେଉଛି। ଉଭୟ କେନ୍ଦ୍ରର ୫୦ଶିକ୍ଷୟତ୍ରୀଶିକ୍ଷକଙ୍କୁ ଏହି ତାଲିମ ପ୍ରଦାନ କରାଯାଉଛି। ସେମାନଙ୍କୁ ନେଇ ୪ଟି ଲେଖାଏଁ ଗ୍ରୁପ କରାଯାଇ ଶିକ୍ଷଣ ଖସଡ଼ା ପ୍ରସ୍ତୁତ କରାଯାଇଛି । ସ୍କୁଲରେ ପିଲାଙ୍କୁ କିଭଳି ଭାବେ ଶିକ୍ଷଦାନ ଦିଆଯିବ, ପିଲାମାନେ କିଭଳି ଶତ ପ୍ରତିଶତ ଏହି ଯୋଜନାରେ ଉପକୃତ ହେବେ ସେ ନେଇ ସାଧନକର୍ମୀମାନେ ତାଲିମ ପ୍ରଦାନ କରିଥିଲେ। ଏହି ମିଶନଟି ୩ ରୁ ୯ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଉପରେ କେନ୍ଦ୍ରୀୟ ଅଟେ। ହାତୀବାରିଠାରେ ଚାଲିଥିବା ପ୍ରାରମ୍ଭ କାର୍ଯ୍ୟକ୍ରମରେ ସିଆର୍‌ସିସି ପ୍ରଶାନ୍ତ କେରକେଟା, ସାଧନକର୍ମୀ ଅରୁଣ କୁମାର ବେହେରା, ଭୋଲା ବାରିକ, ରମେଶ ଲେଖୁଆ ପ୍ରମୁଖ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଛନ୍ତି। ନୂଆଗାଁ ବିଇଓ ସସ୍ମିତା ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ତାଲିମ କେନ୍ଦ୍ର ଗୁଡିକରେ ସହକାରୀ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ ଓ ବାନେ କେଲ୍ଲୁଆ ପ୍ରମୁଖ ପରିଦର୍ଶନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମଟି ପର୍ଯ୍ୟାୟ କ୍ରମେ ୪ ଦିନ ଲେଖାଏଁ ଅନୁଷ୍ଠିତ ହେବ ।

# କ୍ଷତିପୂରଣ ନ ମିଳିଲା ଯାଏ ଆନ୍ଦୋଳନ ଚାଲିବ

ସୁନ୍ଦରଗଡ,୨୮।୮(ଜୟ ନାରାୟଣ ମେଣ୍ଡୁଲି)



ଖବରଦାତା ସମ୍ମିଳନୀରେ ବିଶ୍ୱ ମାନବ ଅଧିକାର ସଙ୍ଗଠନର କର୍ମକର୍ତ୍ତା।

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଜାମକାନୀ ଖଣି ଖନନ ପ୍ରକ୍ରିୟା ଏବେ ଆରମ୍ଭ ହୋଇଛି। ହେଲେ ଗ୍ରାମ ବାସୀଙ୍କୁ କ୍ଷତି ପୂରଣ ଏବଂ ସୁରକ୍ଷିତ ସ୍ଥାନାନ୍ତର ପ୍ରକ୍ରିୟା ନ କରି ପ୍ରଶାସନ ଜବରଦସ୍ତି ପୋଲିସ ଲଗାଇ କୋଇଲା ଖନନ କରି ଉଠାଉଛି। ଏହା ମାନବ ଅଧିକାରକୁ ଖୋଲାଖୋଲି ଉଲଘଂନ କରୁଛି। ତେଣୁ ବିସ୍ଥାପିତ ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନ ସହ ସୁରକ୍ଷିତ ସ୍ଥାନାନ୍ତର ପ୍ରକ୍ରିୟା ବନ୍ଦ ରଖିବାକୁ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନ(ଭାରତ)ପକ୍ଷରୁ ଦାବି କରାଯାଇଛି। ସୋମବାର ସ୍ଥାନୀୟ ପୂର୍ତ୍ତ ଡାକ ବଙ୍ଗଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଶ୍ୱ ମାନବ ଅଧିକାର ସଙ୍ଗଠନର ଜାତୀୟ ସଭାପତି ଡ.ଅଭିନ୍ନ ହୋତା ଏବଂ ସଙ୍ଗଠନର ଝାରସୁଗୁଡା ଜିଲା ସଭାପତି ତଥା ପଶ୍ଚିମ ଓଡିଶା ସଂଯୋଜକ ଡ. ଅଭିଷେକ ଲାଠ ପ୍ରକାଶ କରିଛନ୍ତି, ଆରମ୍ଭରୁ ଯେତେବେଳେ ଜାମକାନୀ ପ୍ରସଙ୍ଗ ଉଠିଲା ସେତେବେଳଠୁ ଆମେ ଜାମକାନୀ ଗ୍ରାମବାସୀଙ୍କ ସହିତ ଅଛୁ ବୋଲି କହିଥିଲୁ। ସେଠାରେ ଅନ୍ୟାୟ ଭାବେ ଲୋକଙ୍କ ଜମି ଦଖଲ କରାଯାଉଛି। ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ ବ୍ଲାଷ୍ଟିଙ୍ଗ୍ ହେଉଥିବା ସ୍ଥାନରେ ରଖାଯାଇଛି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଲୋକମାନେ ସେଠାରେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଦାବି ନେଇ ସେମାନେ ଗତ ୩ମାସ ଖଣି ବନ୍ଦ କରି ଆନ୍ଦୋଳନ କରିଥିଲେ। ପ୍ରଶାସନ କମ୍ପାନୀକୁ ସମର୍ଥନ ଦେଉଛି। ଖଣି ପାଇଁ

**ଜାମକାନୀ ପ୍ରସଙ୍ଗ**

ଜମି ହରାଇଥିବା ଲୋକଙ୍କୁ ପ୍ରକୃତ କ୍ଷତି ପୂରଣ ଦିଆଯାଇ ଖଣି କାର୍ଯ୍ୟ ଆରମ୍ଭ କରାଯାଉ ବୋଲି ସେମାନେ କହିଛନ୍ତି। ଗରିବ ଆଦିବାସୀଙ୍କୁ ମିଛ କହି ତାଙ୍କଠାରୁ ଦସ୍ତଖତ ନିଆଯାଉଛି। ବିଗତକିଛି ଦିନ ଧରି ଜାମକାନୀରେ କମ୍ପାନୀର ମନମୁଖୀ କାର୍ଯ୍ୟ ଯୋଗୁଁ ସେଠାରେ ଆନ୍ଦୋଳନ ମୁଣ୍ଡ ଟେକିଛି। ସ୍ଥାନୀୟ ବସୁନ୍ଧରା ଅଞ୍ଚଳରେ ମହାନଦୀ କୋଲ ଲିମିଟେଡ ପ୍ରତି ଏକର ପିଛା ୮୧ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ବେଳେ ଜାମକାନୀରେ କମ୍ପାନୀ ପ୍ରତି ଏକର ପିଛା ୨୬ଲକ୍ଷ ଟଙ୍କା ନ ଦେବା ପରିତାପର ବିଷୟ। ଗ୍ରାମବାସୀଙ୍କୁ କ୍ଷତି ପୂରଣ ନମିଳିବା ଯାଏ ଆନ୍ଦୋଳନ ଚାଲିବ ବୋଲି କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବିସ୍ଥାପନ ନେତା ନିର୍ମଳ ନାଏକ, ପଶ୍ଚିମ ଓଡିଶା ସ୍ୱୟନୟକାରୀସରୋଜ କୁମାର ସିଂହ ଓ ଜାମକାନୀ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରେଳ ଓଭରବ୍ରିଜ୍ ପ୍ରକଳ୍ପ ପାଇଁ ଜମିକିଣା ଆରମ୍ଭ

ରାଜଗାଙ୍ଗପୁର,୨୮।୮ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ରେଳ ଓଭରବ୍ରିଜ ପ୍ରକଳ୍ପ ଦୀର୍ଘ ବର୍ଷ ଧରି ଆରମ୍ଭ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ବିଭିନ୍ନ କାରଣ ନେଇ ଶେଷ ହୋଇପାରୁ ନ ଥିଲା। ଫଳରେ ଲୋକେ ଅସୁବିଧା ଭୋଗୁଥିଲେ। ଏହି ପ୍ରକଳ୍ପ ସଂପୂର୍ଣ୍ଣ ପାଇଁ ଜମି ଅଧିଗ୍ରହଣ ଏକ ମୁଣ୍ଡ ବ୍ୟଥାର କାରଣ ସାଜିଥିଲା। ରାଜ୍ୟ ସରକାର ସିଧାସଳଖ ପ୍ରକଳ୍ପରେ ପ୍ରଭାବିତ ହେଉଥିବା ବ୍ୟକ୍ତିବିଶେଷଙ୍କ ଠାରୁ ଜମି କିଣିବା ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ସୋମବାର ସବ୍‌ରେଜିଷ୍ଟର୍ ଅଫିସରେ ପ୍ରଥମ ପର୍ଯ୍ୟାୟରେ ୪ ପ୍ରକଳ୍ପ ପ୍ରଭାବିତଙ୍କ ଠାରୁ ସରକାର ଜମି କିଣିବା ଆରମ୍ଭ କରିଛନ୍ତି। ସରକାରଙ୍କ ତରଫରୁ ସୁନ୍ଦରଗଡ ଜିଲା ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲ ଦସ୍ତଖତ କରିଛନ୍ତି ଏବଂ ରେଜିଷ୍ଟ୍ରେସନ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ମଧ ଉପସ୍ଥିତ ଥିଲେ। ସୂଚନା ମୁତାବକ, ପ୍ରକଳ୍ପରେ ପ୍ରଭାବିତ ଲୋକଙ୍କୁ ଡିସିମିଲ ପିଛା ୧୪ ଲକ୍ଷ ଟଙ୍କା ଓ ଘର ଗୁଡିକର କାର୍ଯ୍ୟ ଦେଖି ସ୍କୋୟାର ଫୁଟ୍ ୧୪୦୦ ଟଙ୍କାରୁ ଆରମ୍ଭ କରାଯିବ।

## କରାଟେ ରେଫରୀ ସେମିନାରରେ ଭାଗ ନେଲେ ରଞ୍ଜନ




ପ୍ରଶିକ୍ଷକ ରଞ୍ଜନ ପାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ଟେନ୍‌ସା,୨୮।୮(ସମୀର କୁମାର ପାଢୀ)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ କରାଟେ ସଂଘ (ଓସ୍କା) ପକ୍ଷରୁ ଜାତୀୟ କରାଟେ ରେଫରୀ ଓ ବିଚାରକମାନଙ୍କ ପ୍ରଶିକ୍ଷଣ ଏବଂ ପରୀକ୍ଷା ଗତ ୨୬ରେ ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ ଓଡିଶା ରାଜ୍ୟ କରାଟେ ସଂଘ (ଓସ୍କା) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜିଲାଗୁଡିକରୁ ମୋଟ ୪୯ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏଥିରେ ବିଶ୍ୱ କରାଟେ ସଂଘ (ଡବ୍ଲ୍ୟୁକେଏଫ)ର ସ୍ୱୀକୃତିପ୍ରାପ୍ତ ରେଫରୀ ଏବଂ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ)ର ରେଫରୀ କମିଶନର ଚେୟାରମ୍ୟାନ ହାନ୍‌ସି ପ୍ରେମଜିତ ସେନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶ୍ୱ କରାଟେ ସଂଘ (ଡବ୍ଲ୍ୟୁକେଏଫ )ର ନୂତନ ନିୟମାବଳୀ ବିଷୟରେ ମଧ ପ୍ରଶିକ୍ଷଣ ଦେବା ସହିତ ବିସ୍ତୃତ ଆଲୋଚନା କରିଥିଲେ । ଏହି ଶିବିରରେ ବଣାଇଁ ଉପଖଣ୍ଡର ଏକ ମାତ୍ର ରାଜ୍ୟ (ଓସ୍କା) ଏବଂ ମୁକ୍ତ ଜାତୀୟ କରାଟେ ପ୍ରତିଯୋଗିତାରେ ପଦକପ୍ରାପ୍ତ କରିଥିବା ଓ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତାରେ ଭାଗ ନେଇଥିବା ବଣାଇଁ ଉପଖଣ୍ଡର କରାଟେ କ୍ରୀଡ଼ାବିତ ତଥା ଜାତୀୟ କରାଟେ ବିଚାରକ ଏବଂ ଉତ୍କଳ କରାଟେ ସ୍କୁଲ ଟେନସା ଶାଖାର ପ୍ରଶିକ୍ଷକ ରଞ୍ଜନ ପାତ୍ର ଏହି ସେମିନାରରେ ଅଂଶଗ୍ରହଣ କରି ପ୍ରମାଣପତ୍ର ପ୍ରାପ୍ତ କରିଥିଲେ।

# ବୃଦ୍ଧି ପାଉଛି ବେଆଇନ୍ ଲୁହା ସ୍କ୍ରାପ୍ କାରବାର

କୁଆଁରମୁଣ୍ଡା,୨୯।୮(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ରୁ ରାଉରକେଲା ପର୍ଯ୍ୟନ୍ତ ବେଆଇନ୍ ଲୁହା ସ୍କ୍ରାପ କାରବାର ବୃଦ୍ଧି ପାଇବାରେ ଲାଗିଛି। ବିନା କାଗଜପତ୍ରରେ କାରଖାନା ମାଲିକମାନେ ଲୁହାସ୍କ୍ରାପଗୁଡିକୁ କାରଖାନାରେ ତରଳାଇ ସ୍ପଞ୍ଜ ଲୁହା କରୁଛନ୍ତି। ପରେ ସେହି ସ୍ପଞ୍ଜ ଲୁହାରେ ବିଭିନ୍ନ ପ୍ରକାରର ଯନ୍ତ୍ରାଂଶ ତିଆରି କରି ବଜାରରେ ବିକ୍ରି କରି ବେଶ୍ ଲାଭବାନ ହେଉଛନ୍ତି। ଅନ୍ୟ ପକ୍ଷରେ ଚୋରା

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ସ୍କ୍ରାପଗୁଡିକ ଦୈନନ୍ଦିନ ରାଉରକେଲାରୁ କୁଆଁରମୁଣ୍ଡା ଶିଳ୍ପାଞ୍ଚଳକୁ ଟ୍ରକ,ପିକ୍‌ଅପ୍ ଭ୍ୟାନ ଜରିଆରେ ଆସୁଥିଲେ ମଧ ନିକଟସ୍ଥ ଥାନା, ଫାଣ୍ଡି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କୁଆଁରମୁଣ୍ଡା-ହାତୀବାରି ରୋଡରେ ଥିବା ଏକ କାରଖାନାରେ ଚୋରା ସ୍କ୍ରାପଗୁଡିକୁ ତରଳାଯାଇ ବିଭିନ୍ନ ପ୍ରକାରର ଲୌହ ସାରଞ୍ଜାମ ତିଆରି କରାଯାଇ ବଜାରରେ ବିକ୍ରି କରାଯାଉଛି। ଏଥିଯୋଗୁ ବିପୁଳ ପରିମାଣର ଜିଏସ୍‌ଟି ଠକେଇ ହୋଇଥିବା ଜିଏସ୍‌ଟି ଗୋଇନ୍ଦା ବିଭାଗ ପକ୍ଷରୁ ଗତ ୨୦୨୨ ଏପ୍ରିଲ ମାସରେ ହୋଇଥିବା ଚଢାଉରୁ ଜଣାପଡିଥିଲା। ଏହି ଅଞ୍ଚଳର ବିଭିନ୍ନ କାରଖାନାରୁ ଚୋରା ସ୍କ୍ରାପ କାରବାର ବହୁଳ ପରିମାଣରେ ଚାଲୁଥିବା ଅଭିଯୋଗ ହେଉଛି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ଆଇଟିଆଇରେ କ୍ରୀଡ଼ା ଦିବସ

ବଡ଼ଗାଁ, ୨୮।୮( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଆଇଟିଆଇରେ ଜାତୀୟ କ୍ରୀଡା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ମିନି ମାରାଥନ ଓ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସାରଥି ପାଣ୍ଡେ ଓ ଏଏସ୍‌ଆଇ ଆରୁପାନନ୍ଦ ଦାସ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଖେଳକୁଦର ଆବଶ୍ୟକତା ଉପରେ ବୁଝାଇଥିଲେ। ଆଇଟିଆଇ ନିର୍ଦ୍ଦେଶକ ଡ.ଅରୁଣ କୁମାର ନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ହୋଇଥିଲା। ଅନୁଷ୍ଠାନର ପ୍ରିନ୍ସିପାଲ ସାଗରିକା ନାଏକ, ଭାଇସ ପ୍ରିନ୍ସିପାଲ ପ୍ରଶାନ୍ତ ନାଏକଙ୍କ ସହିତ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। କ୍ରୀଡା ସଂଯୋଜକ ସୌରଭ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯକ୍ରମ ସଞ୍ଚାଳନ ହୋଇଥିଲା। ବଡ଼ଗାଁ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଭାତ ଦ୍ୱାରୀ କ୍ରୀଡା ପରିଚାଳନା କରିଥିଲେ। ଏଥିରେ ତାଙ୍କୁ ଅଜୟ ରାଜ, ଆରତୀ ଲାକ୍ରା, ଲୋକନାଥ ପଶାୟତ, ଦୁଷ୍ମନ୍ତ ତନ୍ତୀ, ମଧୁସ୍ମିତା ସମାଟ ସହଯୋଗ କରିଥିଲେ।

# ଗଡ଼ିଲା ସିଡିପି ପ୍ରକଳ୍ପର ସଚେତନତା ରଥ

ସୁନ୍ଦରଗଡ,୨୮।୮(ଜୟ ନାରାୟଣ ମେଣ୍ଡୁଲି)




କୃଷି ଅଧିକାରୀ ଓ ବ୍ଲକ କୃଷି ଅଧିକାରୀ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

ସ୍ଥାନୀୟ ସଦର ବ୍ଲକ ରାଣୀ ବଗିଚାସ୍ଥିତ କୃଷି କାର୍ଯ୍ୟାଳୟରୁ ବୃହତ ଜଳ ସେଚନ ଅଞ୍ଚଳରେ ଫସଲ ବିବିଧି କରଣ ଯୋଜନା (ସିଡିପି)ର ପ୍ରଚାର ପ୍ରସାର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଆଇଆର୍‌ଡି ସୁନ୍ଦରଗଡ ତରଫରୁ ସଚେତନତା ରଥ ସୋମବାର ଶୁଭାରମ୍ଭ କରାଯାଇଛି। ଖରିଫ ଋତୁରେ ଅଣଧାନ ଜାତୀୟ ଫସଲ ଚାଷ ପ୍ରତି ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ତଥା ବଜାର ଚାହିଦା ମୁତାବକ ଅଣ ଧାନ ଫସଲ ଚାଷ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନାରେ ଚାଷୀଙ୍କୁ ମିଳୁଥିବା ସୁବିଧା ସୁଯୋଗ ଉପରେ ସଚେତନ କରିବା ପାଇଁ ସଚେତନତା ରଥ ସୋମବାରଠାରୁ ଆସନ୍ତା ୩୧ ପର୍ଯ୍ୟନ୍ତ ସଦର ବ୍ଲକ ସ୍ଥିତ କୁଲ୍ଟା, ମଝପଦା, ସାଲେପାଲି ଗ୍ରାମ ପଞ୍ଚାୟତର ଫିଲିଙ୍ଗିବହାଲ, ବାଦଲ ପରା, ଲାଙ୍ଗବାହାଲ, ମଝାପଡ଼ା, ତେଲିମାଲ, ସୁଦର୍ଶିହି, ନୂଆପଡ଼ା, ଡୁମେଲବୁଡ଼, କୁମ୍ଭାରପଡ଼ା, ଅମସ୍ ରଙ୍ଗା, ସାଲେପାଲି, ମହାଲିଙ୍ଗପଡ଼ା, କୁମୁଟି ମୁଣ୍ଡା, ମାନ ମୁଣ୍ଡା, ଜରମଲ ଆଦି ଗ୍ରାମକୁ ପରିଭ୍ରମଣ କରି ସଚେତନ କରିବ। ଏହି ରଥକୁ ସହକାରୀ ବ୍ଲକ କୃଷି ଅଧିକାରୀ ସଂଘମିତ୍ରା ସାହୁ ଓ ବ୍ଲକ କୃଷି ଅଧିକାରୀ ଉଦିତ ନାଏକ ଉଦ୍‌ଘାଟନ କରିଥିବା ବେଳେ ସିଆଇଆର୍‌ଡିର ସିଡିପି ପ୍ରକଳ୍ପର ସଂଯୋଜକ ଗୋପାଳ ପେରୁଆ ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଶୁଖା ମହାଦେବ ଶୈବ ପୀଠରେ ଭକ୍ତଙ୍କ ସମାଗମ

ବାଲିଶଙ୍କରା,୨୮।୮(ହୃଦାନନ୍ଦ ବାରିକ)

ଶ୍ରାବଣ ମାସର ଶେଷ ସୋମବାରରେ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର ଶୁଖା ମହାଦେବ ଶୈବ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ମେଳା ବସିଥିଲା। ମନ୍ଦିର କମିଟି ଓ ତଳସରା ପୋଲିସ ଶାନ୍ତିଶୃଙ୍ଖଳା ପାଇଁ ସହାୟତାର ହାତ ବଢ଼ାଇଥିଲେ। ଓଡ଼ିଶାର ସୀମାନ୍ତ ପଡୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟରୁ ମଧ ଭକ୍ତମାନେ ଏହି ପୀଠକୁ ଆସିଥାନ୍ତି।



ଶୈବ ପୀଠରେ ଭକ୍ତଙ୍କ ସମାଗମ।

# ୩ ଘର ଭାଙ୍ଗିଲେ ହାତୀପଲ

**ବଡ଼ଗାଁ,୨୮।୮( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଉଦାରମା ଗାଁରେ ରବିବାର ରାତିରେ ହାତୀପଲ ପଶି ୩ ଟି ଘରକୁ ଭାଙ୍ଗି ଦେଇଛନ୍ତି। ୪ଟି ହାତୀ ଗାଁର ଭଗବାନ ମେହେର, ଲୁକାସ ସାମାଦ ଓ ଆମର ସାଲ କାଣ୍ଡୁଲାନାଙ୍କ ଘର ଭାଙ୍ଗି ଧାନ ଚାଉଳ ଓ ପନିପରିବା ଖାଇ ଦେଇଥିଲେ। ଏହି ହାତୀପଲଙ୍କୁ ଗ୍ରାମବାସୀ ବହୁ କଷ୍ଟରେ ଘଉଡାଇଥିଲେ। ପରେ ଭୋଇପାଲି ପଞ୍ଚାୟତ ଡେମୁପଡାର ସୋମବାରୁ ରୋହିଦାସଙ୍କ ଅଖୁ କିଆରୀରେ ପଶି ଥିଲେ। ୨୦ ଟି ହାତୀପଲ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ବର୍ତ୍ତମାନ ଏହି ହାତୀପଲ ମହାବୀର ପର୍ବତ ତଳି ଅଞ୍ଚଳରେ ରହିଥିବା ଜଣାପଡ଼ିଛି।

## ରାଜ୍ୟ କାର୍ଯ୍ୟକାରୀ ସଭାପତିଙ୍କ ଜନ୍ମଦିନରେ ୫୩ ୟୁନିଟ୍ ରକ୍ତ ସଂଗ୍ରହ

ସୁନ୍ଦରଗଡ,୨୮।୮(ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ଜନ୍ମଦିନରେ ସୁନ୍ଦରଗଡ଼ ବିଜେଡି ପକ୍ଷରୁ ସୋମବାର ଜିଲା ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ଡ. ବିନୟ ଟପ୍ପୋ ଏବଂ ସୁନ୍ଦରଗଡ଼ ମ୍ୟୁନିସିପାଲଟି ଉପାଧ୍ୟକ୍ଷ ଲଳାଟେନ୍ଦୁ ପରିଡ଼ା ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ,ବରିଷ୍ଠ ବିଜେଡି ନେତା ସନ୍ତୋଷ ଅମାତ, ଜୟନାରାୟଣ ତ୍ରିପାଠୀ, ପଞ୍ଚା ବାର୍ଲା, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ଗୌରାଙ୍ଗ ଧଳ,ସୁନିଲ ମହାପାତ୍ର, ଆଶିଷ ତ୍ରିପାଠୀ, ଶ୍ରଦ୍ଧାକର ସୁନ୍ୟାନ, ଶିବାଜି ନାଏକ, ବିସ୍ମୟ ରଞ୍ଜନ ପଟ୍ଟନାୟକ, ବିଜୟ ମିଞ୍ଜ, ଦେବ ମହାନ୍ତି, ମିତ୍ରଭାନୁ ପ୍ରଧାନ, ସୁରେନ୍ଦ୍ର ଭିଟରିଆ, ଜଳନି କେରକେଟା, ସୀତାକାନ୍ତ ପଟେଲ, ଅଜୟ ସାହୁ,ଚିଣ୍ଟୁ ଅର୍ଗଲ ପ୍ରମୁଖଙ୍କ ସହ ବିଜେଡିର ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ଯୋଗଦେଇଥିଲେ।



ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ କରାଯାଉଛି।

# ବିଦ୍ୟାଳୟ ଗେଟ୍, ପାଚେରି ଭାଙ୍ଗିଲା ଦନ୍ତା

କୁତ୍ରା,୨୮।୮(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା ବଡଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ। କେତେବେଳେ ଲୋକଙ୍କ ଜୀବନ ନେଉଛି ତ ଆଉ କେବେ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରୁଛି। ବର୍ତ୍ତମାନ ପୁଣି ଏକ ସ୍କୁଲ ପାଚେରି ଭାଙ୍ଗିଥିବା ଦେଖିବାକୁ ମିଳିଛି। ଘଟଣାରୁ ଜଣାପଡିଛି, ଶନିବାର ସାଧୁମଣ୍ଡାକୁ ୪୦ ଟିକିଆ ଝାଡ଼ଖଣ୍ଡି ହାତୀପଲ ଆସିଥିଲେ। ସେଥି ମଧ୍ୟରୁ ଗୋଟିଏ ଦନ୍ତା ସାଧୁମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆସି ଲୁହା ଗେଟ୍, ଝରକା, ପାଚେରି ଓ ପାଣି ପାଇପକୁ ଭାଙ୍ଗି ଦେଇଛି। ଏହାପରେ ସେ ଅନ୍ୟତ୍ର ପଳାଇଯାଇଥିବା ଜଣାପଡିଛି। ଏହାକୁ ନେଇ ବିଦ୍ୟାଳୟ ତଥା ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ ବିଦ୍ୟାଳୟ ଛୁଟି ସମୟରେ ଏହି




ହାତୀ ଭାଙ୍ଗିଥିବା ସ୍କୁଲ ପାଚେରି।

ଘଟଣା ଘଟିଥିବାରୁ ଛାତ୍ରୀଛାତ୍ର ଏକ ବଡ ବିପଦରୁ ରକ୍ଷା ପାଇଯାଇଛନ୍ତି। ଏଦିଗରେ ବନବିଭାଗ ଦୃଷ୍ଟି ଦେବାକୁ ଅଭିଭାବକ ଦାବି କରିଛନ୍ତି। ବନବିଭାଗ ଏହାର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି।

## ସମବାୟ ସମିତି ନିର୍ଦ୍ଦେଶକଙ୍କ ବିୟୋଗ

ସମ୍ବଲପୁର,(ଶୁଭାଶିଷ ପାଢ଼ୀ) ଯୁଯୁମୁରା ସେବା ସମବାୟ ସମିତି ନିର୍ଦ୍ଦେଶକ ତଥା ସ୍ଥାନୀୟ ଅନ୍ନପୂର୍ଣ୍ଣା କ୍ଲବର ସଭାପତି ହେମନ୍ତ ମାଝି (୪୦)ଙ୍କ କଟକ ବଡ ମେଡିକାଲରେ ପରଲୋକ ହୋଇଛି। ଖବର ପ୍ରଚାର ହେବା ପରେ ଯୁଯୁମୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହେମନ୍ତ ବିଜେଡିର ଜଣେ ସକ୍ରିୟ କର୍ମୀ ଥିଲେ। ତାଙ୍କର ମୃତ୍ୟୁରେ ବିଜେଡି ଯୁବନେତା ବରୁଣ ଦେହୁରି ଶୋକ ବ୍ୟକ୍ତ କରି ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଯୁଯୁମୁରା ସମବାୟ ସମିତି ପକ୍ଷରୁ ମଧ ଶୋକ ପ୍ରକାଶ ପାଇଛି। ପଛରେ ସ୍ତ୍ରୀ, ଝିଅ ଓ ମା'ବାପାଙ୍କୁ ଛାଡିଯାଇଛନ୍ତି। ୧୫ଦିନ ପୂର୍ବରୁ ତାଙ୍କ ବଡଭାଇ ପୋଲିସ କର୍ମଚାରୀ ସରୋଜ ମାଝିଙ୍କ ମୃତ୍ୟୁ ହୋଇଥିଲା।

### ସଂକ୍ଷେପରେ

## କୁଚିଣ୍ଡା କଲେଜରେ ଆଲୁମ୍ନି କର୍ମକର୍ତ୍ତା ଚୟନ

କୁଚିଣ୍ଡା,୨୮।୮(ବିରଞ୍ଚି ଦର୍ଚ୍ଚା):

କୁଚିଣ୍ଡା ମହାବିଦ୍ୟାଳୟରେ ରବିବାର ପୁରାତନ ଛାତ୍ର ସଂସଦ (ଆଲୁମ୍ନି) କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଲୁମ୍ନିର କାର୍ଯ୍ୟକାରିତା ଓ ପୁନର୍ଗଠନ ନିମନ୍ତେ ଆଲୋଚନା ହୋଇଥିଲା। ଏଥିରେ କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର ସ୍ୱାଗତ ଭାଷଣ ଦେଇ ଆଲୁମ୍ନିର ସକ୍ରିୟତା ଉପରେ ଆଲୋଚନା କରିଥିଲେ। ସଭାରେ ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ହରେକୃଷ୍ଣ ମହାପାତ୍ର, ମଳୟ ବେହେରା, ରାଜେଶ ଶର୍ମା, ରାଣପ୍ରତାପ ସିଂ, ସୁବାସ ଚନ୍ଦ୍ର ନାୟକ, ସୁରଥ ନାୟକ, ପ୍ରଭାତ ଶର୍ମା, ବରଦା ଶର୍ମା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପରେ ସଭାରେ ଆଲୁମ୍ନି ନୂତନ କମିଟି ଗଠନ ହୋଇଥିଲା। ପ୍ରଫୁଲ୍ଲ କୁମାର ସାହୁ ସଭାପତି, ପ୍ରଭାତ ବେହେରା ଉପସଭାପତି, ପୂର୍ଣ୍ଣେନ୍ଦୁ ମହାନ୍ତି ଓ ଅତୁଲ ଅଗ୍ରୱାଲ ସମ୍ପାଦକ, ଆନନ୍ଦ ଅଗ୍ରୱାଲ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। କମିଟି ସଦସ୍ୟ ଭାବେ ସଞ୍ଜୟ କୁମାର ବେହେରା, ରାଣା ପ୍ରତାପ ସିଂ, ସଞ୍ଜିତ ଶର୍ମା, ଦିଲୀପ ଗୁପ୍ତା ମନୋନୀତ ହୋଇଥିଲେ। ଆଗାମୀ ଦିନରେ କଲେଜରେ କମିଟିର ନିୟମିତ ବୈଠକ ଓ କାର୍ଯ୍ୟକ୍ରମ ନିମନ୍ତେ ଏକ ସ୍ୱତନ୍ତ୍ର ଅଫିସ ପ୍ରକୋଷ୍ଠ ଦେବାକୁ ଅଧକ୍ଷା ପଦକ୍ଷେପ ନେବେ ବୋଲି କହିଥିଲେ।

## ଜଳବିଭାଜିକା ପକ୍ଷରୁ ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମ

କୁଚିଣ୍ଡା,୨୮।୮(ବିରଞ୍ଚି ଦର୍ଚ୍ଚା):

କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଜଳବିଭାଜିକା ମିଶନ ପକ୍ଷରୁ ବେକାର ଯୁବକଙ୍କୁ ନେଇ ୧୫ ଦିନିଆ ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପିଏମ୍‌କେଏସ୍‌ୱାଇ (ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା)ରେ ପ୍ରଥମ ପର୍ଯ୍ୟାୟରେ ମୋଟ ୯ଗୋଟି ଜଳବିଭାଜିକା ଅଧୀନରେ ମୋଟ ୫୦ଜଣ ବେକାର ଯୁବକଙ୍କୁ ଏହି ତାଲିମ ପ୍ରଦାନ କରାଯାଉଛି। ଭାରତ ସରକାରଙ୍କ ଦ୍ୱାରା ବେକାର ଯୁବକଙ୍କ ଦକ୍ଷତା ବିକାଶ ନିମନ୍ତେ ଏହି ଯୋଜନା ଜଳବିଭାଜିକା ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟ ତାଲିମ ୧୧ତାରିଖରୁ ଆରମ୍ଭ ହୋଇଥିବା କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ କାର୍ଯ୍ୟକାରୀ ଅଧିକାରୀ (ପିଆଇଏ) ମହେନ୍ଦ୍ର ପାଣ୍ଡେ କହିଛନ୍ତି। ପ୍ରଥମ ପର୍ଯ୍ୟାୟ ତାଲିମ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ରିୱାର୍ଡ ଯୋଜନାରେ ସେହିଭଳି ୯ଗୋଟି ଜଳବିଭାଜିକା କମିଟି ଅଧୀନସ୍ଥ ପ୍ରାୟ ୫୦ଜଣ ଯୁବକ ଅଂଶଗ୍ରହଣ କରିବେ।

# ସାମନ୍ତବାଦ ଚିନ୍ତାଧାରା ବଦଳାଇ ଦାୟିତ୍ୱ ନେବାକୁ ପଡିବ

## ଭିମସାର ସମସ୍ୟା ନେଇ ସିଭିଲ ସୋସାଇଟି ବୈଠକ

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ) ବାରମ୍ବାର ଦାବି ପରେ ସମ୍ବଲପୁର ବୁର୍ଲାରେ ମେଡିକାଲ କଲେଜ ଓ ଗବେଷଣା କେନ୍ଦ୍ର ସ୍ଥାପିତ ହୋଇଥିଲା। ହେଲେ ଏବେ ଏଠାରେ ବହୁବିଧ ସମସ୍ୟା ଲାଗିରହିଛି। ଏଥିପାଇଁ କେବଳ ସରକାର ନୁହନ୍ତି, ଆମେମାନେ ମଧ ଦାୟୀ। ବିକାଶ ଦିଗରେ ନିଜ କାମ ଭଳି କେହି ଦାୟିତ୍ୱ ନେଉ ନାହାନ୍ତି। ପ୍ରଥମେ ନିଜ ଅନୁସାରେ ଦାୟିତ୍ୱ ନେବାକୁ ପଡିବ। ଭିମ୍‌ସାରକୁ ସ୍ୱୟଂଚାଳିତ ଘୋଷଣା ନେଇ ମଧ ତୀବ୍ର ଦାବି ହୋଇଥିଲା। ଘୋଷଣା ହେଲା ସତ ହେଲେ ନିର୍ଦ୍ଦେଶକଙ୍କୁ କ୍ଷମତା ଦିଆଗଲା ନାହିଁ। ତେଣୁ ଯିଏ ନିର୍ଦ୍ଦେଶକ ହେଲେ କ୍ଷମତାର ଅଭାବ ଓ ବିରୋଧ ଯୋଗୁ ଠିକ୍ କାମ ହୋଇପାରିଲା ନାହିଁ। ଭିମ୍‌ସାରରେ ଏବେ ମଧ ସାମନ୍ତବାଦ ଚିନ୍ତାଧାରାରେ ବିଭିନ୍ନ ବିଭାଗୀୟ ମୁଖ୍ୟ କାମ କରୁଛନ୍ତି। ୫ରୁ ୧୦ବର୍ଷ କାଳ ଜଣେ ଡାକ୍ତର ବିଭାଗୀୟ ମୁଖ୍ୟ ହୋଇ କାର୍ଯ୍ୟ କରୁଛନ୍ତି। ଫଳରେ ଅନ୍ୟମାନଙ୍କ ମଧରେ ଅସନ୍ତୋଷ ରହୁଛି। ଅନ୍ୟମାନଙ୍କୁ ସୁଯୋଗ ଦେଲେ ନିଶ୍ଚିତ ଭାବେ ନୂଆ ଚିନ୍ତାଧାରାରେ କାର୍ଯ୍ୟ ହୋଇ ଭିମ୍‌ସାର ପାଇଁ ମଙ୍ଗଳ ହେବ ବୋଲି ଭିମ୍‌ସାର ପରିଚାଳନା କମିଟି ସଦସ୍ୟ ଶିବ ନନ୍ଦ ପାନ୍ଥନିବାସରେ ଆୟୋଜିତ ସିଭିଲ ସୋସାଇଟି ବୈଠକରେ ମତବ୍ୟକ୍ତ କରିଥିଲେ। ଭିମ୍‌ସାର ପୂର୍ବତନ ଅଧୀକ୍ଷକ ଡାକ୍ତର ଗୁଣସାଗର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

ସ୍ୱୟଂଚାଳିତ ନିୟମରେ ଯାହା ଅଛି ତାହା ଭିମ୍‌ସାରରେ କାର୍ଯ୍ୟକାରୀ ହେଉ ନାହିଁ। ଗର୍ଭର୍ନିଂ ବଡି ବୈଠକ ହୋଇପାରୁ ନାହିଁ। ସ୍ଥାନୀୟ ନିର୍ଦ୍ଦେଶକ ନିଯୁକ୍ତି ସହ ପ୍ରଫେସର, ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟ କର୍ମଚାରୀ ପଦବୀ ଶୀଘ୍ର ପୂରଣ ପାଇଁ ଦାବି ହୋଇଥିଲା। ସେହିପରି ସମସ୍ତ ବଜେଟ ଅନ୍‌ଲାଇନରେ ଉପଲବ୍ଧ କରାଇବା ଆଦି ଦାବି ପୂରଣ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧରେ ସୁଧୀର ପୂଜାରୀ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଓମଟା ଡାକ୍ତର ପ୍ରମୋଦ ଶର୍ମା, ପ୍ରଫୁଲ୍ଲ ହୋତା, ଡାକ୍ତର ନନ୍ଦ କିଶୋର ଦେବତା, ସୂର୍ଯ୍ୟ ପାଣିଗ୍ରାହୀ, ଡ. ସଙ୍ଗିତା ନାଏକ, ଲମ୍ବୋଦର ମିଶ୍ର, ଦିଲିପ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଓକିଲ ଆନ୍ଦୋଳନ ସମୟରେ ଦୂରେଇ ଯାଇଥିଲେ

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ସିଭିଲ ସୋସାଇଟି ପକ୍ଷରୁ ଭିମ୍‌ସାର ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ହେଲେ ସିଭିଲି ସୋସାଇଟି ନେଇଥିବା ଏହି ପଦକ୍ଷେପ ଯେତିକି ଆଶା ସଞ୍ଚାର କରୁଛି ପୂରଣ ହେବା ନେଇ ସେତିକି ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାରଣ ପୂର୍ବରୁ ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନକୁ ସିଭିଲ ସୋସାଇଟି ସଦସ୍ୟମାନେ ସମର୍ଥନ ଜଣାଇଥିଲେ। ବୁଦ୍ଧିଜୀବୀମାନେ ଆନ୍ଦୋଳନରେ ଯୋଗ ମଧ ଦେଇଥିଲେ। ହେଲେ କୋର୍ଟ ସମ୍ମୁଖରେ ଘଟିଥିଲା ଅଭାବନୀୟ ଘଟଣା। ପ୍ରାୟ ୭୦ବର୍ଷ ଧରି ଚାଲିଥିବା ଆନ୍ଦୋଳନର ଦିଗ ବଦଳିଯାଇଥିଲା। ୩୦ରୁ ଊର୍ଦ୍ଧ୍ୱ ଓକିଲ ଗିରଫ ହେଲେ। ସେମାନଙ୍କୁ ବାର୍ କାଉନସିଲରୁ ନିଲମ୍ବନ କରାଗଲା। ପ୍ରାୟ ୩ମାସ ଜେଲ ଭିତରେ ରହି ଜାମିନରେ ଆସିଥିଲେ। ଏଭଳି ପରିସ୍ଥିତିରେ ସିଭିଲ ସୋସାଇଟିରେ ଥିବା ସଦସ୍ୟମାନେ ସରକାର ବିରୋଧରେ କିଛି କହିଲେ ନାହିଁ। ଯେଉଁ ସଦସ୍ୟ ଆନ୍ଦୋଳନଙ୍କୁ ସମର୍ଥନ କରିଥିଲେ ସେମାନେ ଗିରଫଦାରି ପରେ ଦୂରେଇ ଯାଇଥିଲେ। ତେଣୁ ଭିମ୍‌ସାର ପାଇଁ ଆନ୍ଦୋଳନ କରିବା, ସରକାରଙ୍କ ସହ ଆଲୋଚନା କରିବା ଭଳି ଲକ୍ଷ୍ୟ କେତେଦୂର ଫଳପ୍ରଦ ହେବ ତାହା ସମୟ କହିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ୪୪୫ ଭଉଣୀ ଭାଇ ନେଲେ ସଂସ୍କୃତ କଥୋପକଥନ ଶିକ୍ଷା

## ସଂସ୍କୃତ ସମ୍ଭାଷଣ ମାସ ପାଳିତ



ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂସ୍କୃତ ସମ୍ଭାଷଣ ମାସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଂସ୍କୃତ ଦିବସ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜେଶ ଦାଶ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲଇମୁରାର ଜନତା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଲୋକନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ୟରୁ ୫ମ ପର୍ଯ୍ୟନ୍ତ ୪୪୫ ଜଣ ଭଉଣୀ ଭାଇଙ୍କୁ ସଂସ୍କୃତ କଥୋପକଥନ ଶିକ୍ଷା ଦିଆଯାଇଥିଲା। ହସ୍ତ ଶିଳ୍ପ ବିଭାଗର କେଦାରନାଥ ରଣବିଡା ଉପସ୍ଥିତ ରହି ଶିଶୁଙ୍କୁ ପୁରସ୍କାର ବିତରଣ କରିଥିଲେ। ଗୁରୁମା ଶର୍ମିଳାରାଣୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଶ୍ରୀ କ୍ଲବ ପକ୍ଷରୁ ଅନ୍ନ ପ୍ରସାଦ ବିତରଣ



ଅତିଥି ମାନେ ଅନ୍ନ ପ୍ରସାଦ ବିତରଣ କରୁଛନ୍ତି।

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର )

ଶ୍ରାବଣ ମାସର ଶେଷ ସୋମବାରରେ ଦେବଗଡ ପୌରାଞ୍ଚଳ ୧୦ ନମ୍ବର ୱାର୍ଡ ରଜାମୁଣ୍ଡାସ୍ଥିତ ରାଜଶ୍ରୀ କ୍ଲବ ପକ୍ଷରୁ ସ୍ଥାନୀୟ ବାସିନ୍ଦା, ଶ୍ରଦ୍ଧାଳୁ ଓ ପଥଚାରୀଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିଥିଭାବେ ବରିଷ୍ଠ ଖବରଦାତା ସିଦ୍ଧାର୍ଥ ଗୁରୁ, ଜିଲା ନାଗରିକ କମିଟି ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର ପ୍ରସାଦ ବିତରଣ ପୂର୍ବକ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ୧୦ ନମ୍ବର ୱାର୍ଡର କାଉନସିଲର ଇତିଶ୍ରୀ ମିଶ୍ର, ୯ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅନ୍ନ ପ୍ରସାଦ ବିତରଣରେ କ୍ଲବର ରାଜେନ୍ଦ୍ର ଆଚାର୍ଯ୍ୟ, ଶଙ୍କର ନାୟକ, ଟିକୁ ସାହୁ, ଅଶୋକ ଦେହୁରୀ, ଆକାଶ ଦେହୁରୀ, କାହ୍ନା ଦାଶ, ସମୀର ନାୟକ, ଭରତ ସାହୁ, ସଞ୍ଜୟ ସାହୁ, କୁନା ଗଡତିଆ, ଆକାଶ ଧଳ ଓ ଟଙ୍କଧର ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୧୦୩ ଅଭିଯୋଗ ଶୁଣିଲେ ଜିଲାପାଳ

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର )

ବାରକୋଟ ବ୍ଲକ ଝରାକଣ୍ଟଳ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ୧୦୩ଟି ଅଭିଯୋଗର ଶୁଣାଣୀ କରିବାସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୋଟ ୧୦୩ଟି ଅଭିଯୋଗ ମଧରୁ ୭୨ ଟି ବ୍ୟକ୍ତିଗତ ଏବଂ ୩୧ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଶିବିରରେ ମୁଖ୍ୟତଃ ରାସ୍ତା ମରାମତି, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ବୃହତ ପାନୀୟ ଜଳ ପ୍ରକଳ୍ପ, ଜମି ପଟ୍ଟା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ , ଡ୍ରେନେଜ ସମସ୍ୟା ଆଦି ଉପରେ ଅଭିଯୋଗ ହୋଇଥିଲା।



ଜିଲାପାଳ ଲୋକଙ୍କଠୁ ଅଭିଯୋଗ ଶୁଣୁଛନ୍ତି।

ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ବାରକୋଟ ବିଡିଓ ବିଜୟ କୁମାସର ସୋଏ ଓ ଡେପୁଟୀ କଲେକ୍ଟର ଲୀଳାବତୀ ନାୟକଙ୍କ ସମେତ ସମସ୍ତ ବିଭାଗର ଜିଲା ସ୍ତରୀୟ ଅଧିକାରୀ ସାମିଲ ଥିଲେ।

## ଜିଲାସ୍ତରୀୟ ବିଦ୍ୟାଳୟ ସୁରକ୍ଷା ପ୍ରଶିକ୍ଷଣ ଶିବିର

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର)

ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଏକ ଦିବସୀୟ ବିଦ୍ୟାଳୟ ସୁରକ୍ଷା ପ୍ରଶିକ୍ଷଣ ଶିବିର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଜରୁରିକାଳୀନ ଅଧିକାରୀ ସୁଶାନ୍ତ କୁମାର ନାଏକଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲା ବିପର୍ଯ୍ୟୟ ପରିଚାଳନା ଓ ପରାମର୍ଶଦାତା ପ୍ରଭାତ କୁମାର ଲେଙ୍କା ଯୋଗଦେଇ ବିଦ୍ୟାଳୟ ସୁରକ୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ବିଦ୍ୟାଳୟଗୁଡ଼ିକରେ ସାମୂହିକ ସୁରକ୍ଷା ତଥା ମାନସିକ ଓ ଶାରୀରିକ ମୂଲ୍ୟବୋଧକ, ସାମାଜିକ ସୁରକ୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଆଗୁଆ ପ୍ରସ୍ତୁତି ଏବଂ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସ୍ଥାନମାନଙ୍କରେ ପରିଚାଳନା କରାଯିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ଉତ୍ତମ ପ୍ରସାଦ, ସି ଆର୍ପ୍ରା ସି ସି ପ୍ରାଣବନ୍ଧୁ ଘଡ଼େଇ ଓ ସମସ୍ତ ଜିଲାର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ,ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଯୋଗଦେଇଥିଲେ।

## ଟ୍ରକ୍‌-ବାଇକ୍ ଧକ୍କା, ଜଣେ ମୃତ

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର )

ବାରକୋଟ ଥାନା ଅନ୍ତର୍ଗତ ଝୁମ୍ପୁରା ଛକ ନିକଟରେ ବାଇକ୍ ଓ ଟ୍ରକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚାନ୍ଦିପୋଶି ଗ୍ରାମର ପ୍ରଦୀପ ଧିବର। ଅନ୍ୟ ଜଣେ ଯୁବକ ଗୁରୁତର ହୋଇ ପ୍ରଥମେ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାସହ ଉତ୍ୟକ୍ତ ଲୋକେ ୨୩ ନମ୍ବର ଜାତୀୟ ରାଜପଥରେ ମୃତଦେହ ରଖି ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ହମ୍ପସ ନିର୍ମାଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନ ବାହାନ ଅଟକି ରହିଥିଲା। ସୂଚନା ପାଇ ବାରକୋଟ ତହସିଲଦାର ପୋଲିସ ଉପସ୍ଥିତିରେ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇବା ସହ ଜିଲାପାଳଙ୍କ ସହ ଆଲୋଚନା ମଧମରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତ୍ରିରେ ରାଉରକେଲା ପଟୁ ବାରକୋଟ ଅଭିମୁଖେ ଏକ ଟ୍ରକ୍ ଆସୁଥିବା ବେଳେ ଝୁମ୍ପୁରା ଛକ ନିକଟସ୍ଥ ୨୩ ନମ୍ବର ଜାତୀୟ ରାଜପଥରେ ବିପରିତ ଦିଗରୁ ଅସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

# ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ସ୍ୱତନ୍ତ୍ର ପକ୍ସୋ କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ୍ ସନ୍ତୋଷ କୁମାର ନାୟକ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ଦେବଗଡ ଥାନା ଅଞ୍ଚଳର ଜଣେ ୧୭ ବର୍ଷିୟା ନାବାଳିକା ଘରେ ଏକୁଟିଆ ଥିବା ସୁଯୋଗ ନେଇ ନିକଟସ୍ଥ ଗ୍ରାମର ୨୦ ବର୍ଷ ବୟସ୍କ ଗୁରୁଚରଣ ବାଙ୍କିରା ତାଙ୍କୁ ବଳ ପୂର୍ବକ ବଳାତ୍କାର କରିଥିଲେ। ଗୁରୁଚରଣ ସଂପୃକ୍ତ ନାବାଳିକା ସହିତ ଅନେକଥର ବଳପୂର୍ବକ ଶାରିରୀକ ସମ୍ପର୍କ ରଖିବା ଯୋଗୁ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଏ ସମ୍ପର୍କରେ ଅନ୍ୟ କାହା ସମ୍ମୁଖରେ ପ୍ରକାଶ କଲେ ନାବାଳିକାଙ୍କୁ ଜୀବନରୁ ମାରିଦେବା ପାଇଁ ସେ ଧମକ ଦେଇଥିଲେ। ଏନେଇ ପୀଡିତା ନାବାଳିକା ୨୦୨୨ ମେ ୨ରେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଗୁରୁଚରଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଗୁରୁଚରଣ ସେହିଦିନ ଠାରୁ ସ୍ୱତନ୍ତ୍ର ଉପକାରାଗାରରେ ବିଚାରଧିନ ବନ୍ଦୀ ଭାବେ କାଳ କାଟୁଥିଲେ। ଏହି ମାମଲାକୁ ବିଚାର କରି ଅଦାଲତ ସାକ୍ଷ୍ୟ ମାନଙ୍କ ବୟାନ ଏବଂ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ପ୍ରମାଣ ଅଭାବରୁ ଗୁରୁଚରଣଙ୍କୁ ନିର୍ଦ୍ଦେଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀ ମୋକଦ୍ଦମା ପରିଚାଳନା କରୁଥିଲେ।

# କପିଳେଶ୍ୱର ମନ୍ଦିର ପରିଚାଳନା କମିଟି ଗଠିତ

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର )

ବାରକୋଟ ବ୍ଲକ ବଲଣ୍ଡା ପଞ୍ଚାୟତ ପୁରୁଣା ବାରକୋଟ ଗ୍ରାମରେ ଥିବା କପିଳେଶ୍ୱର ମନ୍ଦିର ପରିଚାଳନା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହେବା ସହ ପରିଚାଳନା କମିଟି ଗଠିତ ହୋଇଯାଇଛି। ମନ୍ଦିର ପୂଜକ ଗଣନାଥ ମହାପାତ୍ରଙ୍କ ଆବାହକତ୍ୱ ଓ ବଲଣ୍ଡା ସରପଞ୍ଚ ରଣଦୀପ ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ମନ୍ଦିରର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ, କମ୍ୟୁନିଟି ସେଣ୍ଟର ନିର୍ମାଣ, ମନ୍ଦିର ପରିସରରେ ବୃକ୍ଷରୋପଣ ଓ ସୌନ୍ଦର୍ଯ୍ୟୀକରଣ ଏବଂ ଜଳ ଯୋଗାଣ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା କରାଯାଇଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା ନିମନ୍ତେ ପରିଚାଳନା କମିଟି ଗଠନ କରାଯାଇଥିଲା। ଏହାର ସଭାପତି ଭାବେ ବାରକୋଟ ମହାବିଦ୍ୟାଳୟର ରୁଦ୍ର ନାରାୟଣ ସାହୁ, ଉପ ସଭାପତି ଆଇନଜୀବୀ ତନୁ ଚନ୍ଦ୍ର ପାତ୍ର, ସମ୍ପାଦକ ଗଣନାଥ ମହାପାତ୍ର, ସହ ସମ୍ପାଦକ ସୁବ୍ରତ ପ୍ରଧାନ, କୋଷାଧକ୍ଷ ଦୋଳ ଗୋବିନ୍ଦ ପ୍ରଧାନଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟାଭାବେ ସରପଞ୍ଚ ପ୍ରଧାନ ଓ ସମିତି ସଦସ୍ୟ ଦୁଃଖବନ୍ଧୁ ଭୂୟାଁଙ୍କ ସମେତ ଆଇନଜୀବୀ ଅଶୋକ କୁମାର ସାହୁ, ନରହରି ପ୍ରଧାନ, ରାମଚନ୍ଦ୍ର ପାତ୍ର, ଶୁକ୍ରସେନ ପ୍ରଧାନ, ରମାକାନ୍ତ ପ୍ରଧାନ, ଶାନ୍ତି ପାତ୍ର, ମିନତୀ ପାତ୍ର, ଦେବଦ ସାହୁ, ଧରଣୀ ବାଘ, ସନ୍ତୋଷ ମହାପାତ୍ର, ଦେବାନନ୍ଦ ମହାପାତ୍ର, ସୂର୍ଯ୍ୟମଣୀ ମାହାନ୍ତ, ବିବେକାନନ୍ଦ ସାହୁ, ପୁରନ୍ଦର ସାହୁ,ନିରଞ୍ଜନ ନନ୍ଦ, ଦିବାକର ବିଶ୍ୱାଳ ଓ ପ୍ରଭାକର ମହାକୁଳଙ୍କୁ ମନୋନୀତ କରାଯାଇଥିଲା। ମନ୍ଦିର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ୪ଲକ୍ଷ ଟଙ୍କାର ଠିକ୍ ବିନିଯୋଗ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ।

## ମୃତ ପରିବାରକୁ କ୍ଷତିପୂରଣ ଦିଆଯାଉ

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ):

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରକ କମ୍ପାନୀ ଅଧୀନରେ କାମ କରୁଥିବା ଇମ୍ପେରିଆଲ କମ୍ପାନୀରେ କାର୍ଯ୍ୟରତ ସମୟରେ ସାହସପୁରର ମଣିପ୍ରକାଶ ବେହେରାଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବି ନେଇ ସହକର୍ମୀମାନେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟିଥିଲେ। କର୍ମଚାରୀ ସଂଘ ଡିଭିଜନ ସମ୍ପାଦକ ସତ୍ୟରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ ଓ ଠିକା କର୍ମଚାରୀ ଜନ୍ମେଜୟ ବାଗଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ରହିଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କୁ ମୁତ୍ୟୁକାଳୀନ ବିଭିନ୍ନ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ। ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ତାଙ୍କ ପରିବାରକୁ ୭୦ ହଜାର ଟଙ୍କା ଦିଆଯାଇଥିଲେ ମଧ ଅନ୍ୟାନ୍ୟ ପ୍ରାପ୍ୟ ପାଇଁ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ଦୁର୍ଘଟଣା ପରେ ମଣିପ୍ରକାଶଙ୍କ ପରିବାର ସହ ଗ୍ରାମବାସୀ କ୍ଷତିପୂରଣ ଦାବିନେଇ ସମ୍ବଲପୁର-ସୋନପୁର ରାସ୍ତା ଅବରୋଧ କରିଥିଲେ। ଜିଲା ପ୍ରଶାସନ, ପୋଲିସ ଅଧିକାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଇମ୍ପେରିଆଲ କମ୍ପାନୀ ସହ ବୈଠକ ହୋଇଥିଲା।

# ଝାଙ୍କରପଡ଼ାରେ ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ବୈଠକ

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ):

ସମ୍ବଲପୁର ମହାନଗର ନିଗମର ସ୍ୱୟଂ ସହାୟକ ମହିଳା ସମନ୍ୱୟ ସମିତି ପକ୍ଷରୁ ୧୦ନଂ. ୱାର୍ଡ ହୀରାକୁଦ ଝାଙ୍କରପଡ଼ାଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ ସମିତି ଉପଦେଷ୍ଟା ତଥା ବିଜେଡି ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାସ ଯୋଗଦେଇ ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମନ୍ୱୟ ସମିତି ଉପସଭାନେତ୍ରୀ ସବିତା ପଣ୍ଡା ସଂଯୋଜନା କରିଥିବାବେଳେ ସାଧାରଣ ସମ୍ପାଦିକା ମିତାଲି ସାହୁ ସମସ୍ତ ଅଭିଯୋଗର ଚିଠା କରିଥିଲେ। ଏ ନେଇ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପାଣିଗ୍ରାହୀ, ଦିଲୀପ ଦାଶ, ରବୀନ୍ଦ୍ର କୁଅଁର, ସୀତାକାନ୍ତ ପଣ୍ଡା, ନିଶିଥ ଆକାଶ, ଗଜେନ୍ଦ୍ର ଦାଶ, ଉପସଭାନେତ୍ରୀ ସୁବର୍ଣ୍ଣ ନାଏକ, ବୀଣାପାଣି ଦାଶ ଉପସ୍ଥିତ ଥିଲେ।

# ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୨୮।୮(ଶଶାଙ୍କ ଶେଖର ଝାଙ୍କର )

ବାରକୋଟ ବ୍ଲକ କାଦୋପଡା ପଞ୍ଚାୟତ ସଦର ମହକୁମାରେ ପଲ୍ଲୀ ପ୍ରଗତି କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଉରକେଲାର ମିକ୍ସ ବ୍ରଦର ଫୁଟ୍‌ବଲ ଦଳକୁ ୨-୧ ଗୋଲରେ ପରାସ୍ତ କରି ରାଉରକେଲାର ଏସ୍ ବ୍ରଦର୍ସ ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଛି। ପଲ୍ଲୀ ପ୍ରଗତିକ୍ଲବ ସଭାପତିସରୋଜ ଗଡନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ବାରକୋଟ ଥାନା ଅଧିକାରୀ କନକ ମାଝି, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ବାରକୋଟ ବ୍ଲକର ପୂର୍ବତନ ଅଧକ୍ଷ ଦେବେନ୍ଦ୍ର ବେହେରା ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।




ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ନିମ୍ନମାନର ଛତୁଆ ଯୋଗାଣ, ବିଡ଼ିଓଙ୍କୁ ଦାବିପତ୍ର**

ବେଲପଡା,(ମନୋଜ କୁମାର ମିଶ୍ର) : ବେଲପଡା ବ୍ଲକ ବାଗଦୋର ପଞ୍ଚାୟତ ମାଲପଡା ଅଙ୍ଗନୱାଡି କେନ୍ଦ୍ରକୁ ନିମ୍ନମାନର ଖାଦ୍ୟ ବଣ୍ଟନ କରାଯାଇଥିବା ସ୍ଥାନୀୟ ସରପଞ୍ଚ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। କିନ୍ତୁ ଏଯାଏ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ କୋସଲ ମୁକ୍ତି ମୋର୍ଚ୍ଚା ନିନ୍ଦା କରିଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡ଼ିଓ ଭିକ୍ଟୋର ସୋରେନଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି। ଦାବିପତ୍ର ବେଳେ ଅଶିମ ପଟେଲ, ଜିତୁ ନାଏକ, ସିପୁନ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହନୁମାନ ମୂର୍ତ୍ତି ନିର୍ମାଣ ପାଇଁ ଭୂମିପୂଜନ

**ଲୋଇସିଂହା,୨୮।୮(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା-ପଦ୍ମପୁର ରାସ୍ତାର କନ୍ଦାଜୁରୀ ବସଷ୍ଟାଣ୍ଡ ନିକଟରେ ଏକ ଭବ୍ୟ ହନୁମାନ ମୂର୍ତ୍ତି ନିର୍ମାଣ ପାଇଁ ଭୂମିପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ନନ୍ଦ ପୂଜାର୍ଚ୍ଚନା କରିଥିବାବେଳେ କର୍ତ୍ତା ଦାୟିତ୍ୱ ସୋମନାଥ ବେହେରା ସସ୍ତ୍ରୀକ ନିର୍ବାହ କରିଥିଲେ। ଭଜନ, କୀର୍ତ୍ତନ କରି ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଉକ୍ତ ଛକ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଏହାକୁ ନେଇ ନେଇ ଗ୍ରାମର ଜଙ୍ଗଲି ମହାବୀର ଯୁବ ଅନୁଷ୍ଠାନ ଚିନ୍ତାବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଦସ୍ୟଙ୍କ ଉଦ୍ୟମ କ୍ରମେ ରବିବାର ଗ୍ରାମ ପ୍ରହରୀ ମଣ୍ଡପଠାରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରାଯାଇଥିଲା।

### ଜନଶୁଣାଣିରେ ହଷ୍ଟେଲରେ ନିମ୍ନମାନର ଖାଦ୍ୟ ବଣ୍ଟନ ଅଭିଯୋଗ

**ପାଟଣାଗଡ, ୨୮।୮(ପ୍ରହଲ୍ଲାଦ ପାଢ଼ୀ)**

ପାଟଣାଗଡ଼ରେ ସୋମବାର ଅନୁଷ୍ଠିତ ଜିଲାପାଳ ଜନଶୁଣାଣିରେ ଅନ୍ୱେଷା ହଷ୍ଟେଲର ନାନାବିଧ ସମସ୍ୟା ପ୍ରସଙ୍ଗ ଆସିଥିଲା। ଅନ୍ୱେଷା ହଷ୍ଟେଲ ଅଭିଭାବକ ସଂଘ ପାଟଣାଗଡ଼ ପକ୍ଷରୁ ଜିଲା ଆଦିବାସୀ କଲ୍ୟାଣ ସଂଘ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନ୍ୟତ୍ର ବଦଳି, ଖାଲିଥିବା ସମସ୍ତ ଷ୍ଟାଫ ନିଯୁକ୍ତି, ଛାତ୍ରଛାତ୍ରୀ ଅନୁପାତରେ ବିଜ୍ଞାନ, ଗଣିତ ଓ ଇଂଲିଶ ଶିକ୍ଷକ ନିଯୁକ୍ତି, ଛାତ୍ରୀଛାତ୍ରଙ୍କ ସଂଖ୍ୟାଦୃଷ୍ଟିରୁ ଅଧିକ ସ୍କୁଲ ବସ, ପାଣି ଓ ବିଜୁଳି ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଦାବି କରାଯାଇଛି। ଗତ ୨୧ତାରିଖରେ ବାସୀ ଖାଦ୍ୟ ଖାଇ ହଷ୍ଟେଲର ୪୭ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଦାବିପତ୍ର ପ୍ରଦନ ସମୟରେ ଅଭିଭାବକ ସଂଘ ସଭାପତି ଆନନ୍ଦ ସିଂ ବରିହା, ମମତା କୁମ୍ଭାର, ବୀଣା ତାଣ୍ଡି, ଜଗଦୀଶ ବରିହା, ତୁଳସୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଅ

- ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଖପ୍ରାଖୋଲ, ୨୮।୮(ଅଭୟ ତ୍ରିପାଠୀ)**

ବାଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏ ନେଇ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ସୋମବାର ଖପ୍ରାଖୋଲ ଯୁବାମଞ୍ଚ ନେତୃତ୍ୱରେ ଅଞ୍ଚଳର ଶହଶହ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରା କରି ବିଡ଼ିଓ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମାଧ୍ୟମରେ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ବିକ୍ଷୋଭକାରୀ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଆନ୍ଦୋଳନକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ମେଡିକାଲ ଅଫିସର ଡ଼ା ସୁରଜ କୁମାର ଦୀପଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଖପ୍ରାଖୋଲ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୂଳରୁ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ସୂଚନା ଅନୁସାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ଓ ଜଣେ ଭେଷେଜ ବିଶେଷଜ୍ଞ ସହ ପାଞ୍ଚଜଣ ଏମବିବିଏସ ଡାକ୍ତର ରହିବା। କଥା କିନ୍ତୁ ଏଠାରେ କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ବିକ୍ଷୋଭକାରୀ ଚେତାବନୀ ଦେଇଥିଲେ। ଏହିକାର୍ଯ୍ୟକ୍ରମରେ ଅଞ୍ଚଳର ବହୁବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।


ବିଡ଼ିଓ ବିଜୟ କୁମାର ହୋତାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଅନିୟମିତତା ନେଇ ଭାଜପାର ଦାବିପତ୍ର


ଦାବିପତ୍ର ପ୍ରଦାନ କରାଯାଉଛି।

**କୋକସରା,୨୮।୮(ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତରେ ସରକାରଙ୍କ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରି ସୋମବାର ଭାଜପା ପକ୍ଷରୁ ମହିମା ସରପଞ୍ଚ ଈଶରାମ କୋଲଥିଆଙ୍କ ଜରିଆରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଭାଜପା ଯୁବମୋର୍ଚ୍ଚା ଯୁବନେତା ବିଜୟଦେ ସାହୁଙ୍କ ନେତୃତ୍ୱରେ ମହିମା ପଞ୍ଚାୟତ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ ସରକାରୀ ଯୋଜନା ବାଟମାରଣା, ହିତାଧିକାରୀଙ୍କୁ ଅଣଦେଖା, ଆବାସ ଘର ଯୋଜନାରେ ଦୁର୍ନୀତି, ପିଡ଼ିଏସ ସାମଗ୍ରୀ ଠିକ ସମୟରେ ଯୋଗାଣ ନ ହେବା ଭଳି ପ୍ରମୁଖ ଅଭିଯୋଗ କରାଯାଇଛି। ପଞ୍ଚାୟତ ଘେରାଉ ସମୟରେ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ାଧଜ ନାଏକ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, ନକୁଳ ନାଏକ, ଶଶି ଭୂଷଣ ମାଝି, ରାମସିଂ ମାଝି, ସନାତନ ସୁନାନୀ, ସୁମେଶ ନାଏକ, ଦୁର୍ଲ୍ଲଭ ଦାସ, ମକରନ୍ଦ ବାଗ, କେଶରୀ ମାଝି, ମାଧବ ଭରତିଆ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆୟୁର୍ବେଦ ମହାବିଦ୍ୟାଳୟରେ ଅଧାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବଲାଙ୍ଗୀର,୨୮।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଏକ ସର୍ବଭାରତୀୟ ଅଧାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ତଥା ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ମିଳିତ ସଂଯୋଜନାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସର୍ବଭାରତୀୟସ୍ତରର ୩୦ଜଣ କାୟଚିକିତ୍ସା ବିଭାଗ ଅଧାପକ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଅଧକ୍ଷ ପ୍ରଫେସର ଡ. ଅରୁଣ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଭୀମଭୋଇ ସରକାରୀ ଭେଷଜ ମହାବିଦ୍ୟାଳୟ ଡିନ୍ ତଥା ଅଧକ୍ଷ ପ୍ରଫେସର ଡ. ସବିତା ମହାପାତ୍ର ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବାରଣାସୀ ସ୍ନାତକୋତ୍ତର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରଧାପକ ପ୍ରଫେସର ଡ. କମଲେଶ କୁମାର ଦ୍ୱିବେଦୀ ମଞ୍ଚାସୀନ ଥିଲେ। ସର୍ବଭାରତୀୟ କାୟଚିକିତ୍ସା ଅଧାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଡା ସୀମାଦ୍ରୀ ଭୂଷଣ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୮ ଅଗଷ୍ଟରୁ ଆରମ୍ଭ ହୋଇ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଅନୁଷ୍ଠିତ ହେବ। ଅନୁଷ୍ଠାନର ବରିଷ୍ଠ ପ୍ରଧାପକ ପ୍ରଫେସର ଡା. ମନୋଜ କୁମାର ସାହୁ, ପ୍ରଫେସର ଡ. ଶିବବ୍ରତ ବେହେରା, ପ୍ରଫେସର ଡା ସରିତା ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭାରତର ବିଭିନ୍ନ ରାଜ୍ୟରୁ ୧୨ଜଣ ବିଶିଷ୍ଟ ପ୍ରାଧାପକ ପ୍ରଶିକ୍ଷକ ରୂପେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନ ସମାରୋହରେ ଅନୁଷ୍ଠାନର ସମସ୍ତ ଅଧାପକ ଅଧାପିକା, ସ୍ନାତକୋତ୍ତର ଛାତ୍ରୀଛାତ୍ର ତଥା ଅନ୍ୟ କର୍ମଚାରୀ ଯୋଗଦାନ କରିଥିଲେ। ଶେଷରେ ଅଧାପିକା ଡା. ଉତ୍କଳିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ଡା. ଲିପ୍ସା ଦାସ, ଅଧାପକ ଡା ନିଗମାନନ୍ଦ ବଳ ସଭା ପରିଚାଳନା କରିଥିଲେ।


ସର୍ବଭାରତୀୟ ଅଧାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବିଡ଼ିଓଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ

**ମୁରିବାହାଲ, ୨୮।୮(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକର ଭାରତୀୟ ଷ୍ଟେଟବ୍ୟାଙ୍କ ଦ୍ୱାରା ସମସ୍ତ ସିଏସସି ସେଣ୍ଟର ପରିଚାଳକଙ୍କୁ ସିଏସସି ପ୍ଲସରେ ଅନ୍ତର୍ଭୁକ୍ତ କରାଯିବା ଦାବି ଉଠିଛି। ଏହି ଉପଲକ୍ଷେ ସିଏସସି ପରିଚାଳକ ସଂଘ ସଭାପତି ଜଗନ୍ନାଥ ରଣାଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହା ପରେ ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜନଧନ ଯୋଜନାରେ ଆର୍ଥିକ ଅନ୍ତର୍ଭୁକ୍ତ କରିବା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତ ସମସ୍ତ ଜନହିତ ଯୋଜନାକୁ ହସ୍ତାନ୍ତର କରିବା, ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ କରିବା ପ୍ରଭୃତି ଅନ୍ୟତମ। ଏଥିପୂର୍ବରୁ ଉଭୟ ବ୍ଲକର ସମସ୍ତ ସିଏସସି ପରିଚାଳକମାନେ ଏକ ବାଇକ ଶୋଭାଯାତ୍ରାରେ ମୁରିବାହାଲ ବ୍ଲକ କାର୍ଯାଳୟ ନିକଟକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଗୋବିନ୍ଦ ପୁଟେଲ, ଗୁଟାଫୁଲ ପୁଟେଲ, ଯାଜ୍ଞାସେନୀ ମେହେର, ଗିରିଧାରୀ ନାୟକ, ଧନସାଇ କୁମାର ମାଝି, ରୁଦ୍ରପ୍ରସାଦ ବେହେରା, କିଶୋରୀ ସାହୁ, ସୁଶାନ୍ତ କୁମାର ସାହୁ, ବିକାଶ କୁମାର ନେଉରା, ମକୁନ୍ଦ ବଛା, ମିଥୁନ ଗୁରୁ, ଦୋଳମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟକାରୀ ହୋଇପାରୁନି ନିର୍ଦ୍ଦେଶ

- ଧାର୍ଯ୍ୟ ସମୟରେ ଛାତ୍ରୀଛାତ୍ରଙ୍କୁ ମିଳିନି ହାଉସ ଡ୍ରେସ
- ବୁଧବାର, ଶନିବାର ବିଦ୍ୟାଳୟ ପୋଷାକ ପିନ୍ଧି ପିଲା ସ୍କୁଲ ଆସୁଛନ୍ତି

**ଲାଠୋର, ୨୮।୮(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର କେତେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ହାଉସ ଡ୍ରେସ ମିଳିନାହିଁ। ଫଳରେ ଛାତ୍ରୀଛାତ୍ର ବୁଧବାର ଏବଂ ଶନିବାର ହାଉସ ଡ୍ରେସ ବଦଳରେ ବିଦ୍ୟାଳୟ ପୋଷାକ ପରିଧାନ କରି ବିଦ୍ୟାଳୟକୁ ଆସୁଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା ୬୭୭୨/୧।୬।୨୦୨୩ରିଖଅନୁସାରେ ଚଳିତ ଶିକ୍ଷାବର୍ଷ ନିମନ୍ତେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧିନରେ ଥିବା ସମସ୍ତ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ଜଣ ପିଛା ୫ ଶହ ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ, ୨ଶହ ଟଙ୍କାରେ ୧ ହଳ ଯୋତା ଓ ୨ହଳ ମୋଜା, ୧୨୫ ଟଙ୍କାରେ ଗୋଟିଏ ଟି-ଶାର୍ଟ, ୧୨୫ ଟଙ୍କାରେ ଗୋଟିଏ ଟ୍ରାକ ପ୍ୟାଣ୍ଟ, ୩୦ ଟଙ୍କାରେ ଗୋଟିଏ ଟୋପି ଏବଂ ୨୦ ଟଙ୍କା ମୂଲ୍ୟରେ ଗୋଟିଏ ପରିଚୟ ପତ୍ର ଏହିପରି ୧ ହଜାର ଟଙ୍କା ମୂଲ୍ୟର ପୋଷାକ ପ୍ରଦାନ କରିବା କଥା। ସେଥିମଧ୍ୟରୁ ୬୦୦ ଟଙ୍କା ସମଗ୍ର ଶିକ୍ଷା ଯୋଜନାରୁ ଏବଂ ବଳକା ୪୦୦ ଟଙ୍କା ରାଜ୍ୟ ସରକାରଙ୍କ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରୁ ଭରଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ହେଲେ ଆଜିଯାଏ ସମଗ୍ର ଶିକ୍ଷା ଯୋଜନାରୁ ୬ଶହ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଗଙ୍ଗାଧର ମେହେର ଶିକ୍ଷାମାନକ ବୃଦ୍ଧି ଯୋଜନାରୁ ୪ ଶହ ଟଙ୍କା ପ୍ରଦାନ କରାଯାଇନାହିଁ। ଫଳରେ ଛାତ୍ରୀଛାତ୍ରମାନେ ବୁଧବାର ଏବଂ ଶନିବାର ହାଉସ ଡ୍ରେସ ଟ୍ରାକ ପ୍ୟାଣ୍ଟ, ଟି-ଶାର୍ଟ, ଟୋପି ଏବଂ ପରିଚୟ ପତ୍ର ବିନା ବିଦ୍ୟାଳୟକୁ ଆସୁଥିବା ଦେଖାଯାଉଛି। ସରକାରୀ ନିୟମ ଅନୁସାରେ ୩୦ ଜୁନ ୨୦୨୩ ସୁଦ୍ଧା ସମସ୍ତ ବିଦ୍ୟାଳୟକୁ ଏହି ପୋଷାକ ବଣ୍ଟନ ହୋଇଯିବା କଥା। ହେଲେ ବିଭାଗୀୟ ଅବହେଳା ହେତୁ ଆଜିଯାଏ କେବଳ ବିଦ୍ୟାଳୟ ପୋଷାକ ବଣ୍ଟନ ହୋଇଛି। ବିଭିନ୍ନ କ୍ଲଷ୍ଟର ସିଆରସିସିମାନଙ୍କୁ ପଚାରିଲେ ହାଉସ ଡ୍ରେସ ଟଙ୍କା ପ୍ରଦାନ କରାଯାଇ ନ ଥିବା ଯୋଗୁ ବିଦ୍ୟାଳୟମାନଙ୍କୁ ବଣ୍ଟନ ହୋଇନାହିଁ ବୋଲି କହୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ହାଉସ ଡ୍ରେସ ବଣ୍ଟନର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ୮୩ ଶ୍ରମିକଙ୍କୁ ମିଳିଛି ୩ଶହ ଦିନର କାମ

### ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

**ଖପ୍ରାଖୋଲ, ୨୮।୮(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ପଞ୍ଚାଦଶ ଅର୍ଥ କମିଶନ କାର୍ଯ୍ୟର ସାମାଜିକ ସମୀକ୍ଷା ଜଣାଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଜୟ କୁମାର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଭାବେ ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ ଯୋଗଦେଇଥିଲେ। ଏପିଓ ପ୍ରଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ।୨୦୨୨-୨୩ ଆର୍ଥିକ ବର୍ଷରେ ବ୍ଲକରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେବଳ ୮୩ ଶ୍ରମିକ ପରିବାର ୩ ଶହ ଦିନର କାମ ପାଇଥିବା ପ୍ରକାଶ କରିଥିଲେ। ସାମାଜିକ ସମୀକ୍ଷାକାରୀ ଦଳ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସହକାରୀ ଯନ୍ତ୍ରୀ କୁଳମଣି ଭୁଏ, ବ୍ଲକ ସାମାଜିକ ସମୀକ୍ଷକ ଅରବିନ୍ଦ ରଣା, ରେଞ୍ଜର ସୁନୀଲ କୁମାର ମିଶ୍ର, ସହକାରୀ ଉଦ୍ୟାନ ଅଧିକାରୀ ଜିନିତା ବରୁଆ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଶେଷଦେବ ମେହେର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିବାହୀ ଅଧିକାରୀ, ଜିଆରଏସ, ଭିଆର୍‌ପି, ଗାଁ ସାଥୀ ଉପସ୍ଥିତ ଥିଲେ।


ସାମାଜିକ ସମୀକ୍ଷାରେ ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧି।

## ଜଳବାୟୁ ପରିବର୍ତ୍ତନ ସଚେତନତା ଶୋଭାଯାତ୍ରା

**ବେଲପଡ଼ା, ୨୮।୮(ମନୋଜ କୁମାର ମିଶ୍ର)**

ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ଓ ସିଟଅନ ଫାଉଣ୍ଡେସନ କୋଲକାତାର ମିଳିତ ସହଯୋଗରେ ମୁଭ ଫର ଆର୍ଥ ଗ୍ଲୋବାଲ ସାଇକେଲ ଯାତ୍ରା ବେଲପଡ଼ା ବ୍ଲକର ବେହେରାମୁଣ୍ଡା ଗ୍ରାମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୃଥିବୀରେ ବର୍ତ୍ତମାନ ଜଳବାୟୁର ଦ୍ରୁତ ପରିବର୍ତ୍ତନ ଓ ଏହାର ପ୍ରଭାବ ସମାଜ ତଥା ପ୍ରତ୍ୟେକ ଜୀବନରେ କିପରି ପ୍ରଭାବିତ କରୁଛି ଓ ତାହାର ନିରାକରଣ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହି ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହେଇଥିଲା । ବେହେରାମୁଣ୍ଡା ଓ ଧୁଙ୍ଗିଆମୁଣ୍ଡା ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଅଂଶଭାଗି ନିଜ ନିଜ ସାଇକଲରେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବେହେରାମୁଣ୍ଡା ଗ୍ରାମ ମଧ୍ୟଭାଗରେ ଏକ ସଭା ହୋଇଥିଲା। ସଭାରେ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା।



ଜଳବାୟୁ ପରିବର୍ତ୍ତନ ପାଇଁ ବାହାରିଥିବା ସାଇକେଲ ରାଲି।

## ୨୨୫ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ

**ବେଲପଡା, ୨୮।୮ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ନବୀନ ମେହେର କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ଶ୍ରମିକମାନଙ୍କୁ ରାଜ୍ୟ ସରକାର ତରଫରୁ ସହାୟତା ପାଇଁ ଏକ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପାଟଣାଗଡ଼ ଉପଜିଲାପାଳ ବିଜୟାନନ୍ଦ ସେଠୀ ଯୋଗଦେଇ ନିର୍ମାଣ କୋଠାବାଡ଼ି ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ସରକାରୀ ସୁବିଧା ସୁଯୋଗ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ତ ରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଆଇନ ବିଷୟରେ ପରାମର୍ଶ ଦେଇ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ଜରିଆରେ ରାଜ୍ୟ ବାହାରକୁ କାମ କରିଯିବା ପାଇଁ କହିଥଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବେଲପଦା ବ୍ଲକ ଅଧକ୍ଷା ଟିନା କୁମ୍ଭାର, ପାଟଣାଗଡ଼ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ସରକାରୀ ଆଇନ ପରାମର୍ଶଦାତା ଇନ୍ଦୁ ଭୂଷଣ ଠାକୁର, ବ୍ଲକ ଜିପିଇଓ ଗୋବିନ୍ଦ ମାଝି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ କରାଯାଉଥିବା ସହାୟତା ବିଷୟରେ କହିଥିଲେ। ଶିବିରରେ ନୂତନ ଭାବରେ ପଞ୍ଜିକରଣ କରିଥିବା ୨୨୫ଜଣ ଶ୍ରମିକଙ୍କୁ ଅତିଥିମାନେ ଶ୍ରମିକ ପରିଚୟପତ୍ର ପ୍ରଦାନ କରିଥିଲେ। ସେହିପରି ଶ୍ରମିକ ପିଲାଙ୍କ ବିବାହ ପାଇଁ ୫୯ଜଣ ଆବେଦନକାରୀଙ୍କୁ ୨୯ ଲକ୍ଷ ୨୫ ହଜାର, ୧୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୩୦ ଲକ୍ଷ, ବିକଳାଙ୍ଗଙ୍କ ପାଇ ୧୫ ଜଣଙ୍କୁ ୭୫ ହଜାର, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ୧୬ ଜଣ ଆବେଦନକାରୀଙ୍କୁ ୭୬ ହଜାର ୨୦୦ ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯକ୍ରମକୁ ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଆୟୋଜନ କରାଯାଇଥିଲା ବେଳେ ଅଶୋକ ଡୁଙ୍ଗଡୁଙ୍ଗ, ପ୍ରଶାନ୍ତ ସୁନା, ଦିଲ୍ଲୀପ କାଲସାଏ ଏଥିରେ ସହଯୋଗ କରିଥିଲେ ।

### ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ


ଶ୍ରମିକ ହିତାଧିକାରୀଙ୍କ ପରିବାରକୁ ମୃତ୍ୟକାଳୀନ ସହାୟତା ପାଇଁ ୨ଲକ୍ଷ ଟଙ୍କାର ଚେକ ଅତିଥିମାନେ ପ୍ରଦାନ କରୁଛନ୍ତି ।

# ସ୍କୁଲରେ ତାଲା ପକାଇ ଧାରଣା

### ଶିକ୍ଷକ ନିଯୁକ୍ତି ଦାବି

**ବେଲପଡା,୨୮।୮ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ମାଲିମୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏହାର ପ୍ରତିବାଦରେ ସୋମବାର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ଖବର ପାଇ ବେଲପଡା ଏବିଓ ଚତୁର୍ଭୁଜ ମିର୍ଦ୍ଧା ଘଟଣାସ୍ଥଳରେ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରି ମଙ୍ଗଳବାର ୨ଜଣ ଶିକ୍ଷକ ଯୋଗାଇ ଦେବା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶଥାଉକି ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲରେ ୧୧୨ଜଣ ଛାତ୍ରୀଛାତ୍ର ଥିବା ବେଳେ ୨ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ୮ଟି ଶ୍ରେଣୀକୁ ୨ଜଣ ଶିକ୍ଷୟିତ୍ରୀ ପାଠ ପଢାଉଥିବା ସମ୍ଭବ ହେଉନାହିଁ। ଏଥିପୂର୍ବରୁ ବେଲପଡା ଶିକ୍ଷା ବିଭାଗକୁ ଅଭିଭାବକମାନେ ଶିକ୍ଷକ ନିଯୁକ୍ତି ଦାବି ବିଷୟରେ ଲେଖି ଜଣାଇଥିଲେ। ସେତେବେଳେ ୨ମାସ ଭିତରେ ଶିକ୍ଷକ ନିଯୁକ୍ତି କରାଯିବା ପ୍ରତିଶ୍ରୁତି ମିଳିଥିଲା । ହେଲେ ଶିକ୍ଷକ ନିଯୁକ୍ତି କରାଯାଇ ନ ଥିଲା। ଧାରଣାରେ ସ୍କୁଲ ପରିଚାଳନା କମିଟି ସଭାପତି ଗୁପ୍ତ ମେହେର, ସମ୍ପାଦକ ମକାରୁ ନାଏକ, ନରେନ୍ଦ୍ର ମେହେର, ଧନଞ୍ଜୟ ମେହେରଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।


ସ୍କୁଲ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

## ପାଇକମାଲ ହାଇସ୍କୁଲରେ କୌଶଳୀ ଶିବିର

ପାଇକମାଲ (ବଡ ଶତପଥୀ): ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ତିନି ଦିନିଆ କୌଶଳୀ ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧକ୍ଷତାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନ କୌଶଳ ଶିକ୍ଷାରେ କୌଶଳୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ବ୍ଲକର ୨୫ଟି ହାଇସ୍କୁଲର ଗଣିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସାଧନକର୍ମୀ କୀର୍ତ୍ତିଲାଲ ସାହୁ ଓ ମନୋଜ କୁମାର ସାହୁ ପ୍ରଶିକ୍ଷଣ ଦେଉଛନ୍ତି। ତ୍ରିଲୋଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ସଂକ୍ଷେପରେ

## ପର୍ଶୁରାମ ବାହିନୀ କର୍ମକର୍ତ୍ତା ଚୟନ

ପଦ୍ମପୁର,୨୮।୮(ପ୍ରଦୀପ୍ତ ଦାଶ): ପଦ୍ମପୁର ପର୍ଶୁରାମ ବାହିନୀର କର୍ମକର୍ତ୍ତା ଚୟନ ପଦ୍ମପୁର ବ୍ରାହ୍ମଣ କଲ୍ୟାଣ ମଣ୍ଡପରେ ସୋମବାର କରାଯାଇଛି। ଏଥିରେ ପର୍ଶୁରାମ ବାହିନୀ ସଭାପତି ଭାବେ ଭରତ ପଣ୍ଡା, ଉପସଭାପତି ବିଜୟ ଦାସ, ସମ୍ପାଦକ ଅରବିନ୍ଦ ପାଣିଗ୍ରାହୀ, ସହ ସମ୍ପାଦକ କୁନାଲ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁଧାଂଶୁ ତ୍ରିପାଠୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଭରତ ଶତପଥୀ, ନେତ୍ରମଣି ମିଶ୍ର, ରାଜେଶ ରଥ, ସୀତାଂଶୁ ଯୋଶୀ, ରାକେଶ ଦାସ, ଶ୍ରେୟାଂଶ ପାଣିଗ୍ରାହୀ ମନୋନିତ ହୋଇଛନ୍ତି। ପ୍ରମୋଦ ମିଶ୍ର, ରିପନ ତ୍ରିପାଠୀ, ବୁଲୁ ପାଣିଗ୍ରାହୀ, ଅମୀୟ ପୁରୋହିତ, ଜିତେନ ଦାସ, ସୋନୁ ଷଡଙ୍ଗୀ, ସୁରେଶ ମିଶ୍ର, ଚିନ୍ମୟ ପଣ୍ଡାଙ୍କ ସମେତ ପର୍ଶୁରାମ ବାହିନୀ ଓ ବ୍ରାହ୍ମଣ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ଚନ୍ଦ୍ରଶେଖର ପୁରୋହିତ ଏବଂ କୋଷାଧ୍ୟକ୍ଷ ଶାନ୍ତନୁ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ନାଟ୍ୟଗୁରୁ, ଗାୟିକା ସମ୍ବର୍ଦ୍ଧିତ



ବରପାଲି,୨୮।୮(ଚିତ୍ତରଞ୍ଜନ ସାହୁ): ବରଗଡ ଜିଲା ବରପାଲି ବ୍ଲକ ତିନକାନି ଗ୍ରାମର ନାଟ୍ୟଗୁରୁ ତଥା ତବଲା ବାଦକ ମୁରଲୀଧର ମହାମଲ୍ଲିକ ଓ ପତ୍ରାମୁଣ୍ଡା ଗ୍ରାମର ଗାୟିକା ରାଧାରାଣୀ ହାତୀଙ୍କୁ ବଲାଙ୍ଗୀର କଳାକାର ସଂଘ ପକ୍ଷରୁ ଚଉଷଠି ଯୋଗିନୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହାସହ ଗାୟିକା ହାତୀ ଭୁବନେଶ୍ୱର ରେକର୍ଡିଂ ଷ୍ଟୁଡିଓରେ ସଙ୍ଗୀତ ପରିବେଷଣ କରିବା ପାଇଁ ମନୋନିତ ହୋଇଛନ୍ତି।

## ଶୈବପୀଠରେ ଚକ୍ଷୁ ଚିକିତ୍ସା ଶିବିର

**ଅତାବିରା,୨୮।୮(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ଟୋପ ପଞ୍ଚାୟତର ଶ୍ରୀ ଶ୍ରୀ ବିଶ୍ୱନାଥ ମହାଦେବ ମନ୍ଦିର ପ୍ରାଙ୍ଗଣରେ ସୋମବାର ମହାନଦୀ ନେତ୍ର ଚିକିତ୍ସାଳୟ, ବୀରମହାରାଜପୁର ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ମିଳିତ ସହଯୋଗରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଖବରଦାତା ଜନକରାମ ଦାଶ ଏବଂ ଆକାଶ ମିଶ୍ର ଶିବିର ପରିଚାଳନା କରିଥିଲେ। ସମାଜସେବୀ କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରକୃତିବନ୍ଧୁ ଅନସୂୟା ଦେବତା, ଟାଟା ପାୱାର ଏସ୍‌ଡ଼ିଓ ମନ୍ମଥ ଦାଶ, ସରପଞ୍ଚ ଡୋଲେଶ୍ୱରୀ ବୁଡ଼ା, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ଟୋପ୍, ଜାଙ୍ଗେଡ଼, ଅମଲିପାଲି ପଞ୍ଚାୟତର ଶତାଧିକ ଲୋକ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୭୦ଜଣଙ୍କୁ ଚଷମା ଆବଶ୍ୟକତା ଥିବାବେଳେ ୯ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ବସ୍ ଯୋଗେ ନିଆଯାଇଥିଲା। ଚକ୍ଷୁରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ମହାନଦୀ ନେତ୍ର ଚିକିତ୍ସାଳୟର ଚକ୍ଷୁରୋଗ ବିଶେଷଜ୍ଞ ଆଦର୍ଶ ରଶ୍ମି ରଞ୍ଜନ ଦାଶ, ଦେବାଶିଷ ମେହେର, ଚନ୍ଦ୍ରଶେଖର ନନ୍ଦ, ବାଦଲ ଭୋଇ, ଭୃଙ୍ଗରାଜ ପ୍ରଧାନ ପ୍ରମୁଖ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଦିଲୀପ ସାହୁ, ସୁରେନ୍ଦ୍ର ମେହେର ଚକ୍ଷୁରୋଗୀଙ୍କ ପଞ୍ଜୀକରଣ କରିଥିଲେ। ଶିକ୍ଷାବିତ୍ ନିତ୍ୟାନନ୍ଦ ପ୍ରଧାନ, ଲେସଦେବ ପ୍ରଧାନ, ଅଚ୍ୟୁତ ବାରିକ, ଦୁର୍ଯ୍ୟୋଧନ ଗଡ଼ତିଆ, ସାଧୁ ଗଡ଼ତିଆ, ଅଜିତ ପ୍ରଧାନ, ଅତାବିରା ଆଶୀର୍ବାଦ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

## ବୁଢ଼ାରେ ଝୁଲଣ ରଥଯାତ୍ରା ସମ୍ପନ୍ନ

ପଦ୍ମପୁର,୨୮।୮(ପ୍ରଦୀପ୍ତ ଦାଶ) : ପଦ୍ମପୁର ବ୍ଲକ ବୁଢ଼ା ଗ୍ରାମରେ ମହା ଆଡ଼ମ୍ବର ସହିତ ଝୁଲଣ ରଥଯାତ୍ରା ସମ୍ପନ୍ନ ହୋଇଛି। ଏହି ଅବସରରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ରଥରେ ବସାଇ ନୃତ୍ୟ, ସଂକୀର୍ତ୍ତନ, ଦଣ୍ଡ ନାଚ ସହ ନଗର ପରିକ୍ରମା କରାଯାଇଥିଲା। ଉଭୟ ପୁରୁଷ ମହିଳା ରଥ ଟାଣିଥିଲେ। ଟିକେଶ୍ୱର ବରିହା, ବିରେନ ଦାଶ, ନୀଳମଣି ଖମାରୀ, ଖୁଞ୍ଚ ବରିହା, ଶିବଚନ୍ଦ୍ର ସାହୁ, ପରମେଶ୍ୱର ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଚାଷୀଙ୍କୁ ଘାରିଲା ମରୁଡ଼ି ଚିନ୍ତା

ବରଗଡ଼,୨୮।୮(ପ୍ରେମାନନ୍ଦ ଖମାରୀ)



ଚାଷୀମାନେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼ ଜିଲା ଚାଷୀଙ୍କୁ ସମସ୍ୟା ପିଛା ଛାଡୁନାହିଁ। ଚଳିତ ଖରିଫ ଋତୁରେ ଏପର୍ଯ୍ୟନ୍ତ ସ୍ୱାଭାବିକ ପରିମାଣଠାରୁ ଜିଲାରେ କମ୍ ବୃଷ୍ଟିପାତ ହୋଇଛି। ଫଳରେ ଜିଲାରେ ପୁଣି ମରୁଡ଼ି ଆଶଙ୍କା ପ୍ରକାଶ ପାଇଛି। ଏଭଳି ଆଶଙ୍କା କରି ସୋମବାର ଜିଲାର ବାରପାହାଡ଼ କୃଷକ ସଙ୍ଗଠନ ଜିଲାପାଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଛି। ଜିଲାପାଳ ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ସଙ୍ଗଠନ ଦେଇଥିବା ସ୍ମାରକପତ୍ରକୁ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଗ୍ରହଣ କରିଥିଲେ।

ଅମ୍ବାଭୋନା ବ୍ଲକର ଗୋଟିଏ ପାର୍ଶ୍ୱ ଜଙ୍ଗଲ ପାହାଡ଼ ଘେରା ହୋଇଥିବାବେଳେ ଅନ୍ୟପଟେ ମହାନଦୀ, ହୀରାକୁଦ ଜଳଭଣ୍ଡାର ରହିଛି। କିନ୍ତୁ ଏହି ବ୍ଲକ ଅଞ୍ଚଳର ଚାଷଜମିକୁ ଜଳଭଣ୍ଡାର ପାଣି ମାଡୁ ନ ଥିବାବେଳେ କିଛିବର୍ଷ ହେଲା ଠିକ୍ ଭାବେ ବୃଷ୍ଟିପାତ ହେଉନାହିଁ। ପ୍ରତି ଦୁଇ ତିନି ବର୍ଷ ବ୍ୟବଧାନରେ ମରୁଡ଼ି ହେଉଛି। ୨୦୨୧ ଖରିଫ ଋତୁରେ ଉକ୍ତ ବ୍ଲକ ସମ୍ପୂର୍ଣ୍ଣ ମରୁଡ଼ି ପ୍ରଭାବିତ ହୋଇଥିଲା। କିନ୍ତୁ ଚାଷୀମାନଙ୍କୁ ମରୁଡ଼ି କିମ୍ବା ଫସଲ ବୀମା ସହାୟତା ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଅନ୍ୟପଟେ ଏଥର ପାଣିପାଗକୁ ଭରସା କରି ସେମାନେ ଚାଷକାର୍ଯ୍ୟ କରିଛନ୍ତି। କିନ୍ତୁ ବର୍ତ୍ତମାନ ଦୁର୍ବଳ ମୌସୁମୀ ଚାଷୀଙ୍କ ପାଇଁ ପୁଣି ଚିନ୍ତାର କାରଣ ପାଲଟିଛି। ଜୁନ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୨୦୫.୬ ମି.ମି ଥିବାବେଳେ ମାତ୍ର ୧୮ ମି.ମି ବୃଷ୍ଟିପାତ ହୋଇଛି। ସେହିପରି ଜୁଲାଇରେ ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭.୨ ମି.ମି। ହେଲେ ଏହି ମାସରେ ଜିଲାରେ ୨୯୮ ମି.ମି ବୃଷ୍ଟିପାତ ହୋଇଛି। ଅଗଷ୍ଟ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୭୪.୪ମି.ମି ହୋଇଥିବାବେଳେ ଚଳିତ ମାସ ଏପର୍ଯ୍ୟନ୍ତ ୨୦୧ ମି.ମି ବୃଷ୍ଟିପାତ ହୋଇଛି। ଏଭଳି ଭାବେ ୩ ମାସରେ ଜିଲାରେ ୯୭୭.୨ ମି.ମି ବୃଷ୍ଟିପାତ ହେବା ସ୍ଥଳେ ୬୮୭ ମି.ମି ବୃଷ୍ଟିପାତ ହୋଇଛି।

ସ୍ୱାଭାବିକ ପରିମାଣଠାରୁ ୩୦ପ୍ରତିଶତ କମ୍ ବୃଷ୍ଟିପାତ ହୋଇଥିବା ଯୋଗୁ ଜିଲାରେ ଆସନ୍ନ ମରୁଡ଼ି ସ୍ଥିତି ଉପୁଜିଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଏଭଳି ସ୍ଥିତିରେ ଫସଲ ବଞ୍ଚାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଜମିକୁ ଜଳଯୋଗାଣ ବ୍ୟବସ୍ଥା କରିବାକୁ କୃଷକ ସଙ୍ଗଠନ ଦାବି କରିଛି। ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ଯୋଗାଇବା ସହିତ ଅଚଳ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ସଚଳ କରାଯିବା, ମେଗା ଜଳସେଚନ ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ଅଧିକରୁ ଅଧିକ ଜମିକୁ ପାଣି ମଡ଼ାଇବା ବ୍ୟବସ୍ଥା କରିବା, ରିହାତିରେ ଡିଜେଲ ପମ୍ପ ଏବଂ ଡିଜେଲ ଯୋଗାଇ ଦେବାକୁ ବାରପାହାଡ଼ କୃଷକ ସଙ୍ଗଠନ ସଭାପତି ଇଶାନ ଚନ୍ଦ୍ର ଭୋଇ, ସମ୍ପାଦକ ଅଭିମନ୍ୟୁ ପ୍ରଧାନ, ଅର୍ଜୁନ ସା, ପଞ୍ଚାନନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

**ବରଗଡ଼ ଜିଲା**
- ସ୍ୱାଭାବିକ ପରିମାଣରୁ ୩୦ ପ୍ରତିଶତ କମ୍ ବୃଷ୍ଟିପାତ
- ଜଳସେଚନ ବ୍ୟବସ୍ଥା ଦାବିରେ ଜିଲାପାଳଙ୍କୁ ଫେରାଦ

# ହସ୍ତତନ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବରଗଡ଼,୨୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକସଂସ୍ଥା(ଆଇଆଇଏଚ୍‌ଟି)ରେ ସୋମବାର ୪୫ଦିନିଆ ସାମର୍ଥ୍ୟ ହସ୍ତତନ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ହସ୍ତତନ୍ତ ବିକାଶ ମନ୍ତ୍ରଣାଳୟ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅନୁଶୀଳନରେ ୨୦ ଯୁବତୀ ଯୁବକଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ସରକାରଙ୍କ ତରଫରୁ ଷ୍ଟାଇପେଣ୍ଡ ଏବଂ ୱେଜ୍ କମ୍ପେନସେଶନ ଭାବେ ପ୍ରତିଦିନ ୩୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଯେତେବେଳେ ସାରାବିଶ୍ୱରେ ରୋଜଗାର ସମସ୍ୟା ଦେଖାଯାଇଛି, ସେତେବେଳେ ଆମ ଅଞ୍ଚଳର ହସ୍ତତନ୍ତ ଯୁବତୀ, ଯୁବକଙ୍କ ସ୍ୱାବଲମ୍ବନ ଏବଂ ରୋଜଗାରର ଏକ ବିସ୍ତୃତ ଦୃଶ୍ୟପଟ ସୃଷ୍ଟି କରେ ବୋଲି ମନ୍ତ୍ରୀ ସାହୁ କହିଥିଲେ। ବରଗଡ଼ ଅଞ୍ଚଳର ବୁଣାକାରଙ୍କ ଦକ୍ଷତା ଏବଂ କୁଶଳତା ବିଶ୍ୱବିଦିତ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତ୍ର ଉଚ୍ଚକୋଟୀର ଦକ୍ଷତାର ବାର୍ତ୍ତାବହ ବୋଲି ସେ କହିଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ ପ୍ରତିଷ୍ଠାନକୁ ପରିଦର୍ଶନ କରି ସାମର୍ଥ୍ୟ ପ୍ରଶିକ୍ଷାର୍ଥୀ, ଛାତ୍ରୀଛାତ୍ର ତଥା ଅନ୍ୟାନ୍ୟ କର୍ମଚାରୀମାନଙ୍କ ସମସ୍ୟା ବୁଝିଥିଲେ। ଖୁବ୍‌ଶୀଘ୍ର ଉକ୍ତ ପ୍ରତିଷ୍ଠାନରେ ବି-ଟେକ୍ ପାଠ୍ୟକ୍ରମ ଖୋଲିବା ପାଇଁ ସରକାରଙ୍କଠାରେ ପ୍ରସ୍ତାବ ଦେବେ ବୋଲି ମନ୍ତ୍ରୀ ସାହୁ କହିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଏମ୍. ଆନନ୍ଦନ, ରାଜେନ୍ଦ୍ର ସିକନ୍ଦର, ଦେବେନ୍ଦ୍ର ଯାଦବ, ବି. ବେହେରା, ସ୍ନିଗ୍ଧା ମିଶ୍ର, ପ୍ରଶିକ୍ଷକ ମମତା ମେହେର, ଶଙ୍କର ମେହେର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମକୁ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି ।

# ସାଇକେଲ ଯାତ୍ରାରେ ପରିବେଶ ସୁରକ୍ଷା ବାର୍ତ୍ତା

ବରଗଡ଼,୨୮।୮(ପ୍ରେମାନନ୍ଦ ଖମାରୀ)

ଗଛକଟା ଚାଲିଛି। ଜଙ୍ଗଲ କ୍ଷୟ ହେଉଛି। ଏଭଳି ସ୍ଥିତିରେ ବିଶ୍ୱ ତାପନ ଆଗାମୀ ଦିନ ପାଇଁ ବଡ଼ ବିପଦ ଭାବେ ଛିଡା ହୋଇଛି। ଏହାର ମୁକାବିଲା ପାଇଁ ଏବେଠାରୁ ପର୍ଯ୍ୟାପ୍ତ ଚାରାରୋପଣ ଜରୁରୀ ହୋଇ ପଡ଼ିଛି। ଏହି କ୍ରମରେ ରାଜସ୍ଥାନର ଅଲବାରରୁ ଦୁଇ ସାଙ୍ଗ ବିନୋଦ କୁମାର ଏବଂ ଦିଲୀପ କୁମାର ସାଇକେଲ ଯୋଗେ ଭାରତ ଭ୍ରମଣ କରି ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ରବିବାର ରାତିରେ ବରଗଡ଼ରେ ରାତ୍ରି ରହଣୀ ପରେ ସୋମବାର ସକାଳୁ ସେମାନେ ପୁଣି ସାଇକେଲ ଯାତ୍ରାରେ ବାହାରିଥିଲେ। ଯିବା ବାଟରେ ସ୍ଥାନୀୟ ଏସ୍‌ପି ଅଫିସ ଛକରେ ସେମାନଙ୍କୁ ଜନ କଲ୍ୟାଣ ସେବା ଟ୍ରଷ୍ଟ, ସମ୍ବିଧାନ ସୁରକ୍ଷା ମଞ୍ଚ, ଆମ୍ ଆଦ୍‌ମୀ ପାର୍ଟି ଆଦି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜନକଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ, ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ଅଲିମ ରିଜବି, ଆମ୍ ଆଦ୍‌ମୀ ପାର୍ଟିର ଆବାହକ ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ପାଇଁ ସାଇକେଲରେ ଭାରତ ଭ୍ରମଣ କରୁଥିବା ବିନୋଦ ଏବଂ ଦିଲୀପ କହିଥିଲେ, ରାଜସ୍ଥାନର ସରିସ୍କା ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ଗଛକଟା ଯୋଗୁ ତାହା ଧ୍ୱଂସ ହେବାରେ ଲାଗିଥିଲା। ତାହା ସେମାନଙ୍କ ଭାବାବେଗକୁ ଆଘାତ ଦେବା ସହିତ ପରିବେଶ ସୁରକ୍ଷା ପାଇଁ କିଛି କରିବାକୁ ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ଫଳରେ ଉଭୟେ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଭାରତ ଭ୍ରମଣ ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଗତ ମାର୍ଚ୍ଚ ୧୧ରୁ ଏହି ଯାତ୍ରାରେ ବାହାରିଥିବା ସେମାନେ କହିଛନ୍ତି। ଇତିମଧ୍ୟରେ ସେମାନେ ସାଇକେଲ ଯୋଗେ ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର, ଛତିଶଗଡ଼ ପରିକ୍ରମା କରିବା ସହିତ ୧୨ହଜାର ୫୦୦ କି.ମି ଅତିକ୍ରମ କରିସାରିଲେଣି। ବିଭିନ୍ନ ସଙ୍ଗଠନ ସହିତ ସାମିଲ ହୋଇ ୭ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରି ସାରିଥିବା ବିନୋଦ ଏବଂ ଦିଲୀପ କହିଛନ୍ତି। ଦେଶର ସବୁ ରାଜ୍ୟ ବୁଲି କନ୍ୟାକୁମାରୀରେ ସେମାନଙ୍କ ଯାତ୍ରା ସରିବ ଏବଂ ସାଇକେଲ ଯୋଗେ ୪୦ହଜାର କି.ମି ଯାତ୍ରା କରିବାର ଲକ୍ଷ୍ୟ ରହିଛି ବୋଲି ସେମାନେ କହିଛନ୍ତି। ପ୍ରତ୍ୟେକ ଲୋକ ବର୍ଷକୁ ଅତିକମ୍‌ରେ ଗୋଟିଏ ଲେଖାଏଁ ଚାରାରୋପଣ କରି ତାର ଯତ୍ନ ନେବାକୁ ବିନୋଦ ଏବଂ ଦିଲୀପ ନିବେଦନ କରିଛନ୍ତି।



ବରଗଡ଼ ଏସ୍‌ପି ଅଫିସ ଛକରେ ପରିବେଶପ୍ରେମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## କଂଗ୍ରେସ ନେତାଙ୍କ ଭାଜପାରେ ଯୋଗଦାନ

ପଦ୍ମପୁର,୨୮।୮(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ସିଦ୍ଧାର୍ଥ ଶଙ୍କର ମିଶ୍ର ଭାଜପାରେ ଯୋଗଦାନ କରିଛନ୍ତି। ସେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦାନ କରିଛନ୍ତି। କଂଗ୍ରେସ ନେତା ମିଶ୍ରଙ୍କ ଯୋଗଦାନକୁ ତାଙ୍କ ସମର୍ଥକ ଏବଂ ଭାଜପା କାର୍ଯ୍ୟକର୍ତ୍ତା ସ୍ୱାଗତ ଜଣାଇଛନ୍ତି। ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଆଦିବାସୀ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଭୁଏ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରୀତେଶ ବହିଦାର, ବରିଷ୍ଠ ନେତା ଗୋବର୍ଦ୍ଧନ ଅଗ୍ରୱାଲ, ଶ୍ରୀକାନ୍ତ ପାଣିଗ୍ରାହୀ, ଲମ୍ବୋଦର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ସରୋଜ ପାଣିଗ୍ରାହୀ, ଜିଲା ଉପ ସଭାପତି ସରୋଜ ସାମଲ, ମଣ୍ଡଳ ସଭାପତି ନିରାକାର ବରିହା, ସମିତି ସଭ୍ୟ ଆର୍ତ୍ତତ୍ରାଣ ସେଠ, ସତ୍ୟନାରାୟଣ ବେହେରା, ରାଜେନ୍ଦ୍ର ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ବରପାଲିରେ ଜବରଦଖଲ ଉଚ୍ଛେଦ

ବରପାଲି,୨୮।୮(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ସହରରେ ବହୁଦିନରୁ ସରକାରୀ ଜମିକୁ କିଛି ଲୋକ ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ଆଦେଶ କ୍ରମେ ଷ୍ଟେଟବ୍ୟାଙ୍କ ନିକଟ ସରକାରୀ ଜାଗାରେ ତିଆରି ହୋଇଥିବା ଗ୍ଲାସ ହାଉସକୁ ସୋମବାର ଭଙ୍ଗାଯାଇଛି। ତହସିଲଦାର ଋକ୍ମଣ ମେହେର, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ପୋଲିସ ଇନ୍ସପେକ୍ଟର ଜୟରଶ୍ମୀ ସେଠୀ, ତହସିଲ ସୁପରଭାଇଜର ଟିକେଶ୍ୱର ମଲ୍ଲିକ, ଆର୍‌ଆଇ ସେବକ ବାଗ ଏବଂ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଉକ୍ତ ଦୋକାନ ଗୃହକୁ ଭାଙ୍ଗି ଦିଆଯାଇଥିଲା। ରାସ୍ତା ସମ୍ମୁଖରେ ଜବରଦଖଲରେ ଥିବା ଆଉ କିଛି ଦୋକାନ ଗୃହକୁ ଆସନ୍ତା ୩୦ତାରିଖରେ ଉଚ୍ଛେଦ କରିବା ପାଇଁ ତହସିଲଦାରମେହେରସୂଚନାଦେଇଛନ୍ତି।



ଜବରଦଖଲରେ ଥିବା ଦୋକାନ ଗୃହକୁ ଭଙ୍ଗାଯାଉଛି।

## ଟିଏଫ୍ କଲେଜରେ ବିଶ୍ୱ ଉଦ୍ୟମିତା ଦିବସ

**ବରଗଡ଼,୨୮।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟ୍ରଷ୍ଟ ଫଣ୍ଡ (ଟିଏଫ୍) କଲେଜରେ ସୋମବାର ବିଶ୍ୱ ଉଦ୍ୟମିତା ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ସରୋଜ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ଶ୍ରୀମୁଖ ପ୍ରଧାନ ସଂଯୋଜନା କରିଥିଲେ। କିଷାନ ସଂଘର ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଉଦ୍ୟମିତା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱାବଲମ୍ବୀ ଭାରତ ଅଭିଯାନରେ ସାମିଲ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ୨୦୩୦ ସୁଦ୍ଧା ବରଗଡ଼ ଜିଲାକୁ ବେରୋଜଗାରମୁକ୍ତ ଜିଲା କରିବାକୁ ସେ ଅନୁରୋଧ କରିଥିଲେ। ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସମୃଦ୍ଧ ଭାରତ ଗଠନ ପୂର୍ବକ ସ୍ୱାବଲମ୍ବୀ ଭାରତ ସୃଷ୍ଟି ପାଇଁ ଆଗେଇ ଆସିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସଂଯୋଜକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ



ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ରିସୋର୍ସ ପର୍ସନ ଏବଂ ଅନ୍ୟମାନେ।

ବରଗଡ଼,୨୮।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଅଡିଟୋରିୟମରେ ଚାଲିଥିବା ଜିଲାସ୍ତରୀୟ ୨ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସ୍ୱାସ୍ଥ୍ୟ ଉପରେ ଆଧାରିତ ଏହି ତାଲିମ କାର୍ଯ୍ୟକ୍ରମରେ ଟୁନା ବିଶ୍ୱାଳ (ସିବିଏସ୍‌ଇ ୟୁନେସ୍କୋ ଏବଂ ଏନ୍‌ସିଇଆରଟି) ମୁଖ୍ୟ ରିସୋର୍ସ ପର୍ସନ ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଜିଲାର ୬୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# କର୍ମୀଙ୍କୁ ପରାମର୍ଶ ଦେଲେ ପିସିସି ସଭାପତି

ବରଗଡ଼,୨୮।୮(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ରବିବାର ବରଗଡ଼ ଗସ୍ତରେ ଆସିଥିଲେ। ସ୍ଥାନୀୟ ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ଜିଲା କଂଗ୍ରେସ କମିଟି ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱରେ ଦଳୀୟ କର୍ମୀ, ନେତୃବୃନ୍ଦଙ୍କ ସହିତ ସେ ଆଲୋଚନା କରିବା ସହିତ ଆସନ୍ତା ୨୦୨୪ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଲୋକଙ୍କ ସମସ୍ୟା ଏବଂ ହକ୍ ପାଇଁ ରାଜରାସ୍ତାରେ ଆନ୍ଦୋଳନ କରିବା ସହିତ ବ୍ଲକ ଅଫିସଗୁଡ଼ିକରେ ବ୍ୟାପକ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ନାରୀ ନିର୍ଯାତନା, ଚାଷୀମାରଣ ନୀତି, ବିଜୁଳି ନୀତି ବିରୋଧରେ ପ୍ରତିବାଦ କରିବାକୁ ପିସିସି ସଭାପତି ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ସେହିପରି ସଙ୍ଗଠନକୁ ବୁଥ୍ ସ୍ତରରୁ ସୁଦୃଢ଼ କରିବା ସହିତ ଏଥିପାଇଁ କମିଟି ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରଦୀପ ଦେବତା, ନିପନ କୁମାର ଦାଶ, ଯୁଗଳ ପ୍ରସାଦ ସିଂ, ସରୋଜ କୁମାର ଷଡ଼ଙ୍ଗୀ, ବ୍ରହ୍ମା ମହାକୁଡ଼, ପାଣ୍ଡବ କର୍ଣ୍ଣ, ଆଜାଦ ପତି, ରମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ପିସିସି ସଭାପତି ଦଳୀୟ କର୍ମୀଙ୍କୁ ବିଭିନ୍ନ ପରାମର୍ଶ ଦେଉଛନ୍ତି ।

# ସ୍କୁଲ ଖୋଲା ନ ଗଲେ ଭୋଟ୍ ବର୍ଜନ

ବରଗଡ଼,୨୮।୮(ପ୍ରେମାନନ୍ଦ ଖମାରୀ)



ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

ବରଗଡ଼ ଜିଲା ବିଜେପୁର ବ୍ଲକ ସାଇପାଲି ପଞ୍ଚାୟତ ଅନ୍ତର୍ଗତ ସାଲେଦମକି ଗ୍ରାମରେ ଥିବା ପ୍ରାଥମିକ ସ୍କୁଲ ବନ୍ଦ କରି ଦିଆଯାଇ ଉକ୍ତ ସ୍କୁଲକୁ ଟେଙ୍ଗରା ପ୍ରାଥମିକ ସ୍କୁଲରେ ମିଶାଇ ଦିଆଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବନ୍ଦ କରି ଦିଆଯାଇଥିବା ପ୍ରାଥମିକ ସ୍କୁଲକୁ ପୁଣି ଖୋଲାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହା କରା ନ ଗଲେ ଆସନ୍ତା ନିର୍ବାଚନରେ ଗ୍ରାମବାସୀ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସୋମବାର ସେମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସାଲେଦମକି ଗ୍ରାମର ଜନସଂଖ୍ୟା ୫୦୦ରୁ ଅଧିକ ହେବ। ୧୯୭୩ ମସିହାରୁ ଗ୍ରାମରେ ଏକ ପ୍ରାଥମିକ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ସ୍କୁଲରେ ଗ୍ରାମର ଛାତ୍ରୀଛାତ୍ର ପାଠ ପଢ଼ିଆସୁଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁସାରେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହାର କମ୍ ଥିବା ଦର୍ଶାଇ ଉକ୍ତ ସ୍କୁଲକୁ ବନ୍ଦ କରି ଦିଆଯିବା ସହିତ ଟେଙ୍ଗରା ଗ୍ରାମ ପ୍ରାଥମିକ ସ୍କୁଲରେ ମିଶାଇ ଦିଆଯାଇଛି। ତେବେ ସାଲେଦମକି ଗ୍ରାମରୁ ଟେଙ୍ଗରା ଗ୍ରାମର ଦୂରତ୍ୱ ପ୍ରାୟ ଦେଢ଼ କି.ମି ହୋଇଥିବାବେଳେ ଛାତ୍ରୀଛାତ୍ର ମୁଖ୍ୟରାସ୍ତା ଦେଇ ସେଠାକାର ପ୍ରାଥମିକ ସ୍କୁଲକୁ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ଅଭିଭାବକମାନେ ମଧ୍ୟ ସେଠାକୁ ନିଜ ପିଲାଙ୍କୁ ପଠାଇବାକୁ ଭୟ କରୁଛନ୍ତି। ଏଭଳି ସ୍ଥିତିରେ ପିଲାମାନେ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମରେ ବନ୍ଦ କରାଯାଇଥିବା ପ୍ରାଥମିକ ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ୱାର୍ଡସଭ୍ୟ ଲଳିତ କୁମାର ଭୋଇଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

**ଗ୍ରାମବାସୀଙ୍କ ଚେତାବନୀ**

## ଆଜି କ'ଣ କେଉଁଠି

ରାଉରକେଲା

- ଶ୍ରମ ବିଭାଗ କାର୍ଯ୍ୟାଳୟ ଘେରାଉ, ସେକ୍ଟର-୫ ଶ୍ରମ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଜାତୀୟ କ୍ରୀଡା ଦିବସ ପାଳନ, ସିଭିକ ସେଣ୍ଟର, ସେକ୍ଟର-୧୯, ସନ୍ଧ୍ୟା ସାଢେ ୬ଟା ।
- ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ, ସେକ୍ଟର-୬ ବସ୍ତିଆ ଭବନ, ପୂର୍ବାହ୍ନ ୧୦ଟା।
- ବ୍ରହ୍ମକୁମାରୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସେକ୍ଟର-୨୦, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଜଣ୍ଡିସ୍‌ରେ ନାବାଳିକା ମୃତ

ରାଉରକେଲା,୨୮।୮(ଦିନେଶ ମିଶ୍ର): ଜଣ୍ଡିସ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ନାବାଳିକାଙ୍କ ଆର୍‌ଜିଏଚ୍‌ରେ ମୃତ୍ୟୁ ହୋଇଛି। ମୃତ ନାବାଳିକା ହେଲେ ରାନି ନାୟକ(୭)। ସେକ୍ଟର-୭ ଜାମ୍‌ଟୋଲି ବସ୍ତିର ରାନୀଙ୍କୁ ଗତ କିଛିଦିନ ତଳେ ଜ୍ୱର ହେବାରୁ ସେ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଆର୍‌ଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ସୋମବାର ରାତି ସାଢ଼େ ୧ଟାରେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଏ ନେଇ ସେକ୍ଟର-୭ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯।୨୩) ରୁଜୁ ହୋଇଛି।

### ଷ୍ଟୋଭ ଫାଟି ଚିକିତ୍ସାଧୀନ ମହିଳା ମୃତ

ରାଉରକେଲା,୨୮।୮(ଦିନେଶ ମିଶ୍ର): ରୋଷେଇ କରୁଥିବା ବେଳେ ଷ୍ଟୋଭ ଫାଟିଯିବାରୁ ବିଶ୍ରା ଥାନା ଭୁମିଜଟୋଲ ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଫୁଲମଣି ଖଡିଆ(୫୮)। ଫୁଲମଣି ରବିବାର ଦିନ ୧୧ଟାରେ ଷ୍ଟୋଭରେ ରୋଷେଇ କରୁଥିଲେ। ଷ୍ଟୋଭଟି ଭଲ ଭାବେ ଜଳୁ ନ ଥିବାରୁ ଫୁଲମଣି ହାୱା ଦେଉଥିବାବେଳେ ହଠାତ ଷ୍ଟୋଭ ଫାଟି ଯାଇଥିଲା। ଫଳରେ କିରୋସିନ୍ ନିଆଁ ତାଙ୍କ ଦେହରେ ଖେଳେଇ ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ରାତିରେ ସମ୍ବଲପୁର ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

### ସାପ କାମୁଡ଼ାରେ ବୃଦ୍ଧ ମୃତ

ରାଉରକେଲା,୨୮।୮(ଦିନେଶ ମିଶ୍ର): ସାପ କାମୁଡ଼ାରେ ଗୁରୁତର ହୋଇ ଆର୍‌ଜିଏଚ୍‌ରେ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମିଖେଲ ଗୁଡିଆ(୬୭)। ଲାଠିକଟା ପୋଲିସ ଏକ ଅପମୃତ୍ୟୁ (ନଂ.୬।୨୩) ରୁଜୁ କରିଛି। ମିଖେଲ ଶୁକ୍ରବାର ରାତିରେ ଖାଇସାରି ଘର ବାରଣ୍ଡାରେ ଖଟିଆରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କ ବାମଗୋଡକୁ କାମୁଡି ଦେଇଥିଲା। ଫଳରେ ବୃଦ୍ଧଙ୍କ ଗୋଡ ଫୁଲିବା ସହ ଦେହହାତ ଘୋଳାବିନ୍ଧା ହୋଇଥିଲା। ପରିବାର ଲୋକେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନିଖିଳ ଉତ୍କଳ କୈବର୍ତ୍ତ ସମାଜ ପ୍ରତିଷ୍ଠା ଦିବସ ପ୍ରସ୍ତୁତି

ରାଉରକେଲା,୨୮।୮(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ନିଖିଳ ଉତ୍କଳ କୈବର୍ତ୍ତ ସମାଜର ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ସାଧାରଣ ସଭା ସେକ୍ଟର-୧୭ ସ୍ଥିତ ମଧୁସୂଦନ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୈବର୍ତ୍ତ ସମାଜର କାର୍ଯ୍ୟକାରୀ ସଭାପତି ନଟବର ବେହେରା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଭ୍ରମରବର ବେହେରା ଆସନ୍ତା ୯ତାରିଖରେ ସମାଜର ପ୍ରତିଷ୍ଠା ଦିବସ ପାଳନ ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିରେ ଇଞ୍ଜିନିୟର ଦେବେନ୍ଦ୍ର ନାଥ ବେହେରା, ସଙ୍ଗଠନ ସମ୍ପାଦକ ଧନେଶ୍ୱର ତରାଇ, ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାଥ ବେହେରା, ସୁଧାଂଶୁ ଶେଖର ସାହୁ, ଉପଦେଷ୍ଟା ଅର୍ଜୁନ ଚରଣ ସାହୁ ନିଜ ନିଜର ମତ ରଖିଥିଲେ। ଶେଷରେ ଉପସାଧାରଣ ସମ୍ପାଦକ ବନ୍ଧୁଆ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପାଠକଙ୍କ ହୃଦୟକୁ ସ୍ପନ୍ଦିତ କରେ ଗଙ୍ଗାଧର କବିତା

ରାଉରକେଲା,୨୮।୮(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠାନ ସଭାଗୃହରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସଂସଦର ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳଙ୍କ ଆବାହକତ୍ୱ ଏବଂ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ରାଉରକେଲା ସ୍ୱୟଂ ଶାସିତ କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପିକା ଡା. ସୁଚିତ୍ରା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗଙ୍ଗାଧରଙ୍କ କବିତାଧାର ପୌରାଣିକ କଥାବସ୍ତୁକୁ ଆଧୁନିକ ଶୈଳୀରେ ଚମତ୍କାର ଭାବେ ଉପସ୍ଥାପନ କରାଯାଇଛି। ଗଙ୍ଗାଧରଙ୍କ କାଳଜୟୀ କବିତାରେ ପ୍ରକୃତିର ଜୀବନ୍ତ ରୂପରେଖ ପାଠକଙ୍କ ହୃଦୟ ତନ୍ତ୍ରୀକୁ ସ୍ପନ୍ଦିତ କରିପାରିଛି। ସ୍ୱଭାବ କବିଙ୍କ କବିତାର ଛତ୍ରେ ଛତ୍ରେ ଶାଶ୍ୱତ ପ୍ରେମର ଅପୂର୍ବ ନିଦର୍ଶନ



ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭରି ରହିଛି ବୋଲି ମହାନ୍ତି କହିଥିଲେ। ମୁଖ୍ୟଅତିଥି ଭାବେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ସଭାପତି ସୁନୀଲ କାୟଲ ଯୋଗଦେଇ ସଂସଦର ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ସମର୍ପିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କବି ସୁଚିତ୍ରା ସାମଲଙ୍କ ପୁସ୍ତକ ଭକ୍ତି ପୁଷ୍ପାଞ୍ଜଳି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ସସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କବି ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ୨ୟ ପର୍ଯ୍ୟାୟରେ ବରିଷ୍ଠ ସାହିତ୍ୟିକ ରାଧାକାନ୍ତ ମହାରଣାଙ୍କ ଅଧ୍ୟକ୍ଷତା ଓ ସ୍ମିତା ମିଶ୍ର ଓ ଶ୍ୱେତ କୁମାର ବେହେରାଙ୍କ ସଂଯୋଜନାରେ ମୌସୁମୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସାହିତ୍ୟିକ ଏବଂ ବୁଦ୍ଧିଜୀବୀ ଯୋଗଦେଇ ସ୍ୱଭାବ କବିଙ୍କ ସାହିତ୍ୟର ବ୍ୟାଖ୍ୟା କରିଥିଲେ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ୪ ଗିରଫ

ରାଉରକେଲା, ୨୮।୮(ସଙ୍ଗୀତା ଜେନା)

ଉଦିତନଗର ଥାନା ଅଧୀନ ମାଲଗୋଦାମ ଅଞ୍ଚଳରେ ରବିବାର ସକାଳେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୪ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରୁଣ ତନ୍ତୀ, ନିରଜ ତନ୍ତୀ, ଧୀରଜ ତନ୍ତୀ ଓ ସୁରଜ ତଦନ୍ତୀ। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୦।୨୩) ରୁଜୁ କରି ଉକ୍ତ ୪ଜଣଙ୍କୁ ନୋଟିସ ଦେଇଛି। ସୂଚନାଯୋଗ୍ୟ, ମାଲଗୋଦାମ ଅଞ୍ଚଳର ଶୁକମଣି ଦେବୀଙ୍କୁ ଘରୁ ବାହାରିଯିବା ଲାଗି ଉକ୍ତ ଯୁବକମାନେ ଧମକ ଦେଉଥିଲେ। ଶୁକମଣିଙ୍କ ଜ୍ୱାଇଁ ସୁଜିତ ରାୟ ଯାଉଥିବା ବେଳେ ଉକ୍ତ ୪ଜଣ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସୁଜିତ ଆହତ ହୋଇ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି।

# ଠିକା ଶ୍ରମିକଙ୍କ ସମସ୍ୟା ନେଇ ସ୍ମାରକପତ୍ର ପ୍ରଦାନ

ରାଉରକେଲା,୨୮।୮(ସଙ୍ଗୀତା ଜେନା)

ଠିକା ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସୁନ୍ଦରଗଡ଼ ଜିଲା ବିଏମ୍‌ଏସ୍ ପକ୍ଷରୁ ରାଜ୍ୟ ସମ୍ପାଦକ ହିମାଂଶୁ ବଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଯୁଗ୍ମ ଶ୍ରମ ଅଧିକାରୀ ପି. ଆର. ଜେନାଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଜିଲା ସଭାପତି ଅମର ଜେସୱାଲ, ସମ୍ପାଦକ ସଞ୍ଜୟ ଶତପଥୀ, ଉମାକାନ୍ତ ସାମଲ, ରଶ୍ମୀ ପରିଡ଼ା, ରଶ୍ମୀ ରାଉତ, ଦିଲୀପ ଦାସ, ସତ୍ୟବାନ ନାୟକ, ଅଜିତ ଦାସ, ସୁରେନ୍ଦ୍ର ରାଉତ, ରାଜେନ୍ଦ୍ର ରାଉତ, ମୁକେଶ ବଡ଼ାଇକ, ରମା ନାୟକ, ଶ୍ରୀହରି ପାତ୍ର, ରାକେଶ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ଠିକା ମଜଦୁର ମହାସଂଘର ସାଧାରଣ ସଭା ଗତ ୧୭ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଠିକା ପ୍ରଥା ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି, ସମାନ କାର୍ଯ୍ୟକୁ ସମାନ ଦରମା, ଠିକା କର୍ମଚାରୀଙ୍କ ସାପ୍ତାହିକ ଛୁଟିରେ ହାଜିରା, ଅବସରକାଳୀନ ସୀମା ୬୦ବର୍ଷକୁ ବୃଦ୍ଧି ଓ ସର୍ବନିମ୍ନ ଦରମା ୨୧ହଜାର ଟଙ୍କା ଆଦି ପ୍ରମୁଖ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।



ଯୁଗ୍ମ ଶ୍ରମ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ୨୦୨୩ ଖରିଫ ଚାଷ ଖସଡ଼ା ପ୍ରସ୍ତୁତ

ରାଉରକେଲା,୨୮।୮(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ କୃଷି ଜିଲାରେ ୨୦୨୩ ଖରିଫ ଋତୁରେ ଧାନ ଓ ଅଣଧାନ ଫସଲ ପାଇଁ ଖସଡା ପ୍ରସ୍ତୁତ ହୋଇଛି। ସୁନ୍ଦରଗଡ଼ ଜିଲାରେ ୩ଲକ୍ଷ ୧୩ହଜାର ହେକ୍ଟର ଜମିରେ ଧାନ ଓ ଅଣଧାନ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନରେ ଜିଲାର ୧୭ଟି ବ୍ଲକର ୩ଲକ୍ଷ ୧୯ହଜାର ୪ଶହ ୬୧ଜଣ ଚାଷୀଙ୍କୁ ସାମିଲ କରାଯାଇଛି। ଏଥିସହିତ ମିଲେଟ ମିଶନ, ରାଜ୍ୟ ଯୋଜନାରେ ସବୁଜ ଘର ନିର୍ମାଣ, ଧନିଚା ଚାଷ ଓ ଛୋଟ ବୁଣା ଧାନଚାଷରେ ଘାସ ପରିଚାଳନା, ସମନ୍ୱିତ ଚାଷ ପଦ୍ଧତି ସହାୟତା, ବୃହତ୍ ଜଳସେଚନ ମାଧମରେ ଜିଲାରେ ଫସଲ ବିବିଧିକରଣ ଯୋଜନା ବ୍ୟୟବରାଦ ରାଶି ମଧ ପ୍ରସ୍ତୁତ ହୋଇଛି। ଚାଷୀମାନଙ୍କ ଶସ୍ୟକ୍ଷେତ୍ର ଶସ୍ୟ ଶ୍ୟାମଳା କରିବା ପାଇଁ ଜଳନିଧି, ସୌର ଜଳନିଧି ଯୋଜନା ମାଧମରେ ରିହାତି ଦରରେ ସିଞ୍ଚନ ଯନ୍ତ୍ର ଉପଲବ୍ଧ କରାଇବାକୁ ଯୋଜନା ରହିଛି।

ବିଶେଷ କରି ଖରିଫ ଋତୁରେ ଅଣଧାନ ଜାତୀୟ ଫସଲ ପ୍ରତି ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ତଥା ବଜାର ଚାହିଦା ମୁତାବକ ଅଣଧାନ ଫସଲ ଉତ୍ପାଦନ କରିବା ଏହାର ମୂଳ ଲକ୍ଷ୍ୟ ରହିଛି। ଏଥିସହ ଖରିଫ ଋତୁରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଥିବା ଉଚ୍ଚ ଓ ମଧ୍ୟମ କିସମ ଜମିରେ ଧାନ ପରିବର୍ତ୍ତେ ଅଣଧାନ ଚାଷ କରିବା ପାଇଁ ଚାଷୀମାନଙ୍କୁ ୩ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ମଧ କରାଯାଇଛି। ଅଣଧାନ ଚାଷରେ ଡାଲିଜାତୀୟ, ରାଶି, ଅଳସୀ, ଚିନାବାଦାମ, ମାଣ୍ଡିଆ, ମକା, ପନିପରିବା ଓ ମସଲା ଜାତୀୟ ଫସଲକୁ ସାମିଲ କରାଯାଇଛି। ସମନ୍ୱିତ ଚାଷ ପଦ୍ଧତିରେ ଅଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପୋଖରୀ ତଥା ଅଣପୋଖରୀ ଭିତ୍ତିକ ଚାଷ ଯଥା ଫୁଲଚାଷ, ମହୁମାଛି ପାଳନ, କୁକୁଡା ପାଳନ, ବତକ ପାଳନ, ମାଛ ଚାଷ, ଚିଙ୍ଗୁଡି ଚାଷ ଆଦି କରି ଚାଷୀକୁଳଙ୍କୁ ଏକ ସ୍ଥାୟୀ ରୋଜଗାର ପ୍ରଦାନ କରିବା ଲକ୍ଷ୍ୟ ରହିଛି ବୋଲି ପାନପୋଷ କୃଷି ଜିଲା ଅଧିକାରୀ ରେଲିଜିୟସ ବେକ ସୂଚନା ପ୍ରଦାନ କରିଛନ୍ତି।

### ଦୁର୍ଘଟଣା ଆହତ ଆର୍‌ଜିଏଚ୍‌ରେ ଭର୍ତ୍ତି

ରାଉରକେଲା,୨୮।୮(ସଙ୍ଗୀତା ଜେନା)

ସୋମବାର ମଧ୍ୟାହ୍ନରେ ବାସନ୍ତୀ କଲୋନୀ ଓଭରବ୍ରିଜ୍ ଉପରେ ୨ଟି ବାଇକ୍ ମଧ୍ୟରେ ଦୁର୍ଘଟଣା ହୋଇଥିଲା। ଭାଜପା ନେତା ହିରୋଜ ରାୟ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆର୍‌ଜିଏଚରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କୁ କୌଣସି ସହଯୋଗ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆର୍‌ଜିଏଚ୍ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

### ବଳାତ୍କାର ଅଭିଯୁକ୍ତ ଗିରଫ

ରାଉରକେଲା,୨୮।୮(ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳର ଜଣେ ମହିଳାଙ୍କୁ ସ୍ଥାନୀୟ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନିର୍ମଳ ଟପ୍ପୋ। ପୋଲିସ ଏକ ମାମଲା (ନଂ.୨୭୧।୨୩) ରୁଜୁ କରି ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ହାଇମାଷ୍ଟ ଲାଇଟ୍ ଲଗାଇବାକୁ ଦାବି

ବେଦବ୍ୟାସ,୨୮।୮ (ଆଲୋକ ସ୍ୱାଇଁ)

ବ୍ରାହ୍ମଣୀତରଙ୍ଗ ଅଞ୍ଚଳର ସମିଲ ଛକରେ ୨ଟି ହାଇମାଷ୍ଟ ଲାଇଟ ପୋଷ୍ଟ ରହିଛି। ଗୋଟିଏ ଶିଳ୍ପାଞ୍ଚଳକୁ ଯିବା ରାସ୍ତାରେ ଏବଂ ଅନ୍ୟଟି କଳୁଙ୍ଗା ଯିବା ରାସ୍ତାରେ। ଏଥିରେ ବିଜୁଳି ସଂଯୋଗ ଏବଂ ଲାଇଟ ବ୍ୟବସ୍ଥା ହୋଇନାହିଁ। ସନ୍ଧ୍ୟା ହେଲେ ସମିଲ ଛକ ଅନ୍ଧାର ହେଉଛି। ଏଠାରେ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

### ବେଦବ୍ୟାସରେ ଭକ୍ତଙ୍କ ଗହଳି

ବେଦବ୍ୟାସ,୨୮।୮ (ଆଲୋକ ସ୍ୱାଇଁ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସରେ ଶ୍ରାବଣ ମାସର ଶେଷ ସୋମବାରରେ ଭକ୍ତଙ୍କ ପ୍ରବଳ ଗହଳି ଦେଖାବାକୁ ମିଳିଥିଲା। ଚନ୍ଦ୍ରଶେଖର ଓ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ହଜାର ହଜାର ଭକ୍ତ ଜଳାଭିଷେକ କରିଥିଲେ। ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ଓ ପ୍ରଶାସନ ପକ୍ଷରୁ କଡ଼ା ବ୍ୟବସ୍ଥା କରାଯାଇଥିଲା।

# ନ୍ୟାୟ ପାଇଁ ଦାବିକଲେ ପରିବାର ଲୋକେ

ରାଉରକେଲା,୨୮।୮(ସଙ୍ଗୀତା ଜେନା)

ରାଉରକେଲା ରଘୁନାଥପାଲି ଥାନା ଅନ୍ତର୍ଗତ ଆଇଟିଆଇ ଛକର ଭାରତନାଟ୍ୟମ ନୃତ୍ୟଶିଳ୍ପୀ ରଶ୍ମିତା ରାଣୀଙ୍କ ମୃତ୍ୟୁକୁ ୧୨ ଦିନ ବିତିଯାଇଛି। ତେବେ ଯୌତୁକ ପାଇଁ ରଶ୍ମିତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ ଏଯାଏ ନ୍ୟାୟ ମିଳିନାହିଁ। ଏ ନେଇ ମୃତକଙ୍କ ପରିବାର ଲୋକେ ସୋମବାର ପୂର୍ବାହ୍ନରେ ସେକ୍ଟର-୫ସ୍ଥିତ ପାନ୍ଥ ନିବାସରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଓଡ଼ିଶା ସରକାର ହସ୍ତକ୍ଷେପ କରି ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

ଖବରଦାତା ସମ୍ମିଳନୀରେ ମୃତକଙ୍କ ବଡ଼ ଭିଣୋଇ ଧନବୀର ଦାସ ଅଭିଯୋଗ କରିଥିଲେ, ରଶ୍ମିତାଙ୍କ ବିବାହ ଭୁବନେଶ୍ୱର ଅଶୋକ ନଗରର ନିବାସୀ ତଥା ସମ୍ପ୍ରତି ବାଙ୍ଗାଲୋରରେ ରହୁଥିବା ଆଇଟି ଇଞ୍ଜିନିୟର ଗୌରୀଶଙ୍କର ଦଳେଇଙ୍କ ସହ ୨୦୨୩ ଜୁନ୍ ୨୩ତାରିଖରେ



ଖବରଦାତା ସମ୍ମିଳନୀରେ ମୃତକଙ୍କ ପରିବାର ଲୋକେ ସୂଚନା ଦେଉଛନ୍ତି।

**ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀଙ୍କ ମୃତ୍ୟୁ ଘଟଣା**

ହୋଇଥିଲା। ଏହି ସମୟରେ କନ୍ୟାପକ୍ଷ ସାଧମତେ ଉପହାର ଦେଇଥିଲେ। ବିବାହର ୮ଦିନ ନ ପୂରୁଣୁ ବରଘର ଲୋକେ ଅଧିକ ଯୌତୁକ ଦାବି କରିଥିଲେ ଏବଂ ରଶ୍ମିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଅନ୍ୟପକ୍ଷେ ପରକୀୟା ପ୍ରୀତିକୁ କେନ୍ଦ୍ର କରି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ୧୬ ତାରିଖରେ ରଶ୍ମିତା ନିଜ ଘର ଲୋକଙ୍କୁ ଫୋନ ଯୋଗେ ତାଙ୍କୁ ନିର୍ଯାତନା ଦିଆଯାଇଥିବା କହିଥିଲେ। ପରଦିନ ଅର୍ଥାତ୍ ୧୭ ତାରିଖରେ ଗୌରୀଙ୍କ ମା' ଫୋନ କରି ରଶ୍ମିତା ଅସୁସ୍ଥ ଥିବା ସୂଚନା ଦେବା ପରେ ପରିବାରବର୍ଗ ବାଙ୍ଗାଲୋର ଯାଇ ଝିଅ ଫାଶୀ ଲଗାଇ ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ଯୌତୁକ ପାଇଁ ପାଇଁ ହତ୍ୟା କରାଯାଇଥିବା ସନ୍ଦେହ କରି ମୃତା ରଶ୍ମିତାଙ୍କ ଭାଇ ବାଙ୍ଗାଲୋର ବାନ୍ଦେପାଲ୍ୟା ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୭୯/୨୩) ରୁଜୁ କରିଥିଲେ ମଧ ଅଭିଯୁକ୍ତଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଦାସ କହିଛନ୍ତି।

# ୟୁଥ୍ ହଷ୍ଟେଲ ଆସୋସିଏଶନର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୨୮।୮(ଦିନେଶ ମିଶ୍ର)

ସେକ୍ଟର-୩ ସ୍ଥିତ କାର୍ଯ୍ୟାଳୟ ପରିସରରେ ୟୁଥ ହଷ୍ଟେଲ ଆସୋସିଏଶନ ଅଫ୍ ଇଣ୍ଡିଆର ରାଉରକେଲା ଶାଖା ପକ୍ଷରୁ ୧୧୪ ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ରାଉରକେଲା ଶାଖା ଅଧ୍ୟକ୍ଷ ବୁଦ୍ଧଦେବ ବାସୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଦସ୍ୟା ମୋନାଲିସା ଗୌଡଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସିପି-୨ର ମହାପ୍ରବନ୍ଧକ ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି, ଅନୁଷ୍ଠାନର ଉପସଭାପତି ପ୍ରତାପ କୁମାର ସ୍ୱାଇଁ, ସରୋଜ କୁମାର ପଟ୍ଟନାୟକ, ନିରଞ୍ଜନ ବେହେରା, ସଚ୍ଚିଦାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଶରତଚନ୍ଦ୍ର ପଣ୍ଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଚିନ୍ମୟ ମହାନ୍ତ, ପ୍ରଣତୀ ପାଢୀ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପି. ସି. ମିଶ୍ର, ପି. କେ. ପାତ୍ର, ସମରକାନ୍ତ ମଲ୍ଲିକ, ସଲିଳ ସାହୁ, ରବି ଦାସ, ଇନ୍ଦିରା ପଟ୍ଟନାୟକ, ମୀନାକ୍ଷୀ ପାଢୀ, ଶାନ୍ତି ଦାଶ, କଳ୍ପନା ଲେଙ୍କା, ଶ୍ରଦ୍ଧାଶ୍ରୀ ପଟ୍ଟନାୟକ, ଉପେନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଖଣ୍ଡାୟତ କ୍ଷତ୍ରିୟ ମହାସଭା ପ୍ରସ୍ତୁତି ବୈଠକ

ରାଉରକେଲା,୨୮।୮(ଦିନେଶ ମିଶ୍ର)

ସେକ୍ଟର-୩ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ଖଡ୍‌ଗ ଭବନ ପରିସରରେ ନିଖିଳ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବରିଷ୍ଠ ସଦସ୍ୟ ବାବାଜୀ ଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆସନ୍ତା ଖଡ୍ଗ ଯାତ୍ରାକୁ ନେଇ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ଶଶଧର ପାତ୍ର ଯୋଗଦେଇ ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଦଶହରା ସମୟରେ ମହାସଭା ପକ୍ଷରୁ ଖଡ୍ଗ ଶୋଭାଯାତ୍ରା, ଖଣ୍ଡାୟତ କ୍ଷତ୍ରିୟମାନଙ୍କ ମଧ୍ୟରେ ଭାଇଚାରା ଓ ସମନ୍ୱୟ ରକ୍ଷା, ମହିଳାଙ୍କୁ ଅଗ୍ରାଧିକାର, ରାଜ୍ୟ ସମ୍ମିଳନୀ ପାଇଁ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଉପେନ୍ଦ୍ର ନାୟକ, ସୁରେନ୍ଦ୍ର ରାଉତ, ରାଧେଶ୍ୟାମ ପରିଡା, ରବିନାରାୟଣ ପରିଡା, କୁଞ୍ଜ ବିହାରୀ ରାଉତ, ସନ୍ତୋଷ ବିଶ୍ୱାଳ, ନାରାୟଣ ଚନ୍ଦ୍ର ସାମଲ, କିଶୋର ନାୟକ ପ୍ରମୁଖ ମତ ଦେଇଥିଲେ। ନୀଳମଣି ଜେନା, ନିହାର ରଞ୍ଜନ ଦାସ, ସନ୍ତୋଷ ପ୍ରଧାନ, ରବିନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସହାସଭାର ସଦସ୍ୟମାନେ।

# ଇସ୍ପାତ ଷ୍ଟାଡିୟମରେ ରିଲେ ରେସ୍

ରାଉରକେଲା,୨୮।୮(ବିପ୍ଳବ ରଞ୍ଜନ ଦାଶ)

ଜାତୀୟ କ୍ରୀଡା ଦିବସ ପାଳନ ଉପଲକ୍ଷେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଦେଶସାରା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କ୍ରମରେ ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ପକ୍ଷରୁ ରବିବାରଗ ଇସ୍ପାତ ଷ୍ଟାଡିୟମରେ ଏକ ରିଲେ ରେସ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ ପି.କେ. ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଫିଟ୍ ଇଣ୍ଡିଆ ଅଭିଯାନ ପ୍ରତି ଅଙ୍ଗୀକାରବଦ୍ଧତାର ନିଦର୍ଶନ ସ୍ୱରୂପ ଅନେକ ପ୍ରତିଷ୍ଠିତ କ୍ରୀଡା ବ୍ୟକ୍ତିତ୍ୱ ମଧ ଏହି ଅବସରରେ ଉପସ୍ଥିତ ରହିଥିଲେ। ଆରଏସପିରେ ନବ ନିଯୁକ୍ତ ପ୍ରାୟ ୬୫ଜଣ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୯ଟି ଦଳ



ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ରିଲେ ରେସ୍ ପ୍ରତିଯୋଗିତା ଚାଲିଛି।

ପୁରୁଷ ବର୍ଗ, ୬ଟି ମିଶ୍ରିତ ବର୍ଗ ଏବଂ ୩ଟି ଦଳ ମହିଳା ବର୍ଗରେ ଭାଗ ନେଇଥିଲେ। ୪ଜଣିଆ ସଦସ୍ୟ ବିଶିଷ୍ଟ ଦଳମାନଙ୍କୁ ନେଇ ଦୌଡ଼କୁଦ ହୋଇଥିଲା। ପ୍ରାରମ୍ଭରେ ପ୍ରୋଟୋକଲ ହସ୍ପିଟାଲିଟି, କ୍ରୀଡ଼ା ଓ ବିମାନ ବନ୍ଦର ବିଭାଗର ଜିଏମ୍ ଆର. କେ. ବର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରଘୁନନ୍ଦନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାରେ ଓଲଟିଲା ଟିପ୍ପ ବୋଝେଇ ହାଇୱା

ନାକଟିଦେଉଳ (ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ଚମ୍ପାଳି ପୋଲ ନିକଟ ହାତୀମରାଠାରେ ରାସ୍ତା ମଝିରେ ଏକ ଟିପ୍ପ ବୋଝେଇ ହାଇୱା (ଓଡି୧୫ଡବ୍ଲ୍ୟୁ-୭୫୨୩) ଓଲଟି ପଡ଼ିଛି। ହାଇୱା ରେଢ଼ାଖୋଲ ପଟରୁ ନାକଟିଦେଉଳ ଆସୁଥିବା ବେଳେ ହାତୀମରା ବୁଲାଣି ରାସ୍ତାରେ ଆଗଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଗାଡି ଚାଳକ ରେଢ଼ାଖୋଲ ଥାନା ବାସୁପାଲି ଗ୍ରାମର ବିଜୟ ମୁଣ୍ଡା ସାମାନ୍ୟ ଆହତ ହୋଇଛନ୍ତି। ନାକଟିଦେଉଳ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ୩୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର,୨୮।୮(ବି.ଶଙ୍କର): ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ସୋମବାର ଚଢାଉ କରି ଏକ କାର୍ ଭିତରୁ ୩୦କେଜି ଗଞ୍ଜେଇ ଜବତ ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ରାଜ୍ୟର ଜିତେନ୍ଦ୍ର କୁମାର ଦୁବେ ଓ ଲକ୍ଷ୍ମଣ ରାଏ। ଅଭିଯୁକ୍ତମାନେ କାର୍ ଭିତରେ ସିକ୍ରେଟ ଚାମ୍ବର କରି ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ଅବକାରୀ ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ ୱେ ଶାସନ ପାପପାଲିଠାରେ ଧରିଥିଲା। ଏହି ଗଞ୍ଜେଇ ବୌଦ୍ଧ ଜିଲାରୁ ବିହାରକୁ ଚୋରା ଚାଲାଣ ହେଉଥିଲା। ଗଞ୍ଜେଇ ସହ ଜବତ କାର୍ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲିଅବକାରୀ କାର୍ଯ୍ୟାଳୟର ଡେପୁଟି କମିଶନର ସୂଚନା ଦେଇଛନ୍ତି ।

### ହୀରାକୁଦରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ): ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ବିଜୁ ଜନତା ଦଳ ହୀରାକୁଦ କାର୍ଯ୍ୟାଳୟଠାରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ହିଣ୍ଡାଲ୍‌କୋ ସିଏସ୍‌ଆର ପ୍ରବନ୍ଧକ ସୁକାନ୍ତ ମହାପାତ୍ର ଶିବିର ଉଦ୍‌ଘାଟନ କରିଥିଲେ। ବିଘ୍ନେଶ୍ୱର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ଦିଲୀପ ଦାଶ, ରବିନ୍ଦ୍ର କୁଅଁର, ସବିତା ପଣ୍ଡା, ମିତାଲି ସାହୁ, ସୁବର୍ଣ୍ଣ ନାୟକ, ଲକ୍ଷ୍ମୀପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

### ଚକ ସମସ୍ୟା ନେଇ ଆର୍‌ଡିସିଙ୍କ ଦ୍ୱାରସ୍ଥ

ସମ୍ବଲପୁର,୨୮।୮(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁଦୋପାଲି ଓ ଦଣ୍ଡେଇପାଲି ଗ୍ରାମର ଚାଷୀମାନେ ସୋମବାର ଚକ ସମାସ୍ୟା ନେଇ ଆର୍‌ଡିସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଜୁ କଷକ ଜନତା ଦଳର ପୂର୍ବତନ ଜିଲା ସଭାପତି ରାମସାଗର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଆର୍‌ଡିସି କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଚକ ସମସ୍ୟା ପାଇଁ ସେମାନେ ଅସୁବିଧା ଭୋଗୁଛନ୍ତି। ଚକ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ଜୋରଜବରଦସ୍ତ ଚାଷ କରିବାକୁ ବାଧ କରାଯାଉଥିବା କହିଛନ୍ତି। ଏଣୁ ପୂର୍ବପରି ମେଜର ବ୍ୟବସ୍ଥାରେ ଚାଷ ସୁବିଧା କରିବାକୁ ନେଇ ଆର୍‌ଡିସିଙ୍କ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି।

### ଉଚ୍ଛେଦ ଦୋକାନୀ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୨୮।୮(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବରେଇପାଲି ଛକ ଅଞ୍ଚଳରେ ଉଚ୍ଛେଦ ହୋଇଥିବା ଦୋକାନୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଏହି ଦାବିପତ୍ରରେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ କରିବା ସହ ଆଗକୁ ଆଉ ଉଚ୍ଛେଦ ନ କରିବାକୁ ଉଲ୍ଲେଖ ରହିଛି। ଉଚ୍ଛେଦ ପୂର୍ବରୁ ଅଧିକ କିଛି ଦିନ ସମୟ ଦେବାକୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ କାଉନସିଲର ନିଳାମ୍ବର ମହାନନ୍ଦ, ଯୁବ ଭାଜପାର ଜିଲା ସଭାପତି ଅଶ୍ୱିନୀ ମାଝିଙ୍କ ସମେତ ବରେଇପାଲିର ଉଚ୍ଛେଦ ହୋଇଥିବା ବହୁ ଦୋକାନୀ ଉପସ୍ଥିତ ଥିଲେ।

### ଜିଲାପରିଷଦ ସଭାପତିଙ୍କ ଭିମ୍‌ସାର ପରିଦର୍ଶନ

ସମ୍ବଲପୁର,୨୮।୮(ଶୁଭାଶିଷ ପାଢୀ): ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ମଙ୍ଗଳବାର ବୁର୍ଲା ଭିମ୍‌ସାର ମେଡିକାଲ ପରିଦର୍ଶନ କରିଛନ୍ତି। ପ୍ରଥମେ ସେ ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ପରେ ସେ ଭିମସାର ଅଧୀକ୍ଷକ ଡା. ଲାଲ ମୋହନ ନାୟକଙ୍କ ସହିତ ରୋଗୀ ଓ ଡାକ୍ତରଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦୁର୍ଘଟଣାର ଶିକାର ହୋଇ ଭିମ୍‌ସାରରେ ଚିକିତ୍ସିତ ହେଉଥିବା ମୁଖ୍ୟମନ୍ତ୍ରୀଙ୍କୁ ଅଭିନବ ଢଙ୍ଗରେ ପ୍ରଶଂସା କରି ଚର୍ଚ୍ଚାରେ ଥିବା ବରଗଡ଼ର ଖଗେଶ୍ୱର ଦେହୁରିଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ହସ୍ପିଟାଲ ପରିଚାଳକ ଦୀପିକା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମାନବ ସମାଜ ଥିବା ପର୍ଯ୍ୟନ୍ତ କଳା ବଞ୍ଚିରହିବ

## ତପସ୍ୱିନୀ ପ୍ରେକ୍ଷାଳୟରେ ଲୋକକଳା ମହୋତ୍ସବ

ସମ୍ବଲପୁର,୨୮।୮(ବି.ଶଙ୍କର)



ମହୋତ୍ସବ ଶୁଭାରମ୍ଭ କରୁଛନ୍ତି ଅତିଥିମାନେ।

କଳାର କେବେ ମୃତ୍ୟୁ ନାହିଁ। ମାନବ ସମାଜ ଥିବା ପର୍ଯ୍ୟନ୍ତ କଳା ବଞ୍ଚି ରହିବ। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଲୋକକଳା ମହୋତ୍ସବ ଉଦ୍‌ଘାଟନ କରି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର ଏହା କହିଛନ୍ତି।

ସେ ଆହୁରି କହିଥିଲେ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ କଳା ପ୍ରତି ଲୋକଙ୍କ ରୁଚି ବଦଳିଯାଉଛି। ଏହାର ଆଦୃତି ମଧ୍ୟ ହ୍ରାସ ପାଉଛି। ଏହା ଯେପରି ବଞ୍ଚି ରହିବ ସେଥିପାଇଁ ସମସ୍ତ ଦିଗରୁ ଉଦ୍ୟମ ହେବା ଆବଶ୍ୟକ। କଳାର ମୌଳିକତା କ୍ଷୁର୍ଣ୍ଣ ନ ହୋଇ ସେଥିରେ ଅଶ୍ଳୀଳତା ସ୍ଥାନ ପାଇବା ଉଚିତ ନୁହେଁ। ଗଙ୍ଗାଧର ମେହେର କଲେଜର ପ୍ରାକ୍ତନ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ପଶ୍ଚିମ ଓଡ଼ିଶାର ଆତ୍ମା ହେଉଛି ଲୋକକଳା। ଏହା ଆମର ଅସ୍ମିତାର ପରିଚୟ। ଏହାକୁ ଲୋକପ୍ରିୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ଲୋକ କଳାର ସ୍ୱାତନ୍ତ୍ର୍ୟତା ଉପରେ ଆଲୋଚନା କରି ଲୋକପ୍ରିୟ ଗୀତ ଲେ ଲେ ଲେ ବଉଳ... ଗାଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ତର୍ପଣ ପ୍ରଧାନ ଓ ଦିବ୍ୟାନି ଚଇନି ଉତ୍ସବ ସଂଯୋଜନା କରିଥିଲେ। ଆୟୋଜକ ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ଡ. ଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବରଧରା ଗ୍ରାମର ରାଧାକୃଷ୍ଣ ମଣ୍ଡଳୀ ସମ୍ପ୍ରଦା, ବରିଷ୍ଠ ସଞ୍ଚାର ଗାୟକ ଅଲେଖ ସାହୁ, ଦୁଃଖନାଶନ ବେହେରା ଏବଂ ବାସୁଦେବ ବାରିକ ଓ ଦଳ ସଂଚାର, ରାଧେଶ୍ୟାମ ପଣ୍ଡା ଓ ଇନ୍ଦ୍ରାଣୀ ପଟେଲଙ୍କ ଦଳ ପାଲା, ସୁବର୍ଣ୍ଣପୁର ଜିଲା ସର୍ଗୁଲ ଗ୍ରାମର କଳାକାରମାନେ କୀର୍ତ୍ତନ, ଝାରସୁଗୁଡ଼ା ଜିଲା ସାହାସବଗାର ଗୌର ଖମାରୀ ଦାସକାଠିଆ ଓ ବରଗଡ଼ ଜିଲା କୁସନପୁରୀର ନବୀନ ଭୋଇ କରମସାନି ପରିବେଷଣ କରିଥିଲେ। ସାଂସ୍କୃତିକା ପୁରୋହିତ ଓ ଅମୃତ ସାଗର ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମହୋତ୍ସବରେ କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ତିନିଶହ କଳାକାର ଯୋଗ ଦେଇଥିଲେ।

# ପ୍ରଶାସନିକ ଉଦାସୀନତାରୁ ବଢୁଛି ପ୍ରଦୂଷଣ

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ)

ପଶ୍ଚିମ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଫୋରମ ଆନୁକୂଲ୍ୟରେ ପ୍ରଦୂଷଣ ଓ ପରିବେଶ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରତାପ କର ସଭାପତିତ୍ୱ କରି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁ ପ୍ରଦୂଷଣ ବଢିବାରେ ଲାଗିଛି ବୋଲି କହିଥିଲେ। ଦୈନିକ ଖବରକାଗଜ ଜନମୁଖର ସମ୍ପାଦକ ବୀରେନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି, ମନୋରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ନିହାଲ ସିଂ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଜୀବନବୀମା ନିଗମର ପ୍ରବନ୍ଧକ ରମେଶ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଖବରଦାତା ରାଜେନ୍ଦ୍ର କୁମାର ହୋତା ଧନ୍ୟବାଦ ଦେଇଥିଲେ। ଜନମୁଖ ସମ୍ପାଦକ ପାଣିଗ୍ରାହୀଙ୍କୁ ଫୋରମର ନୂତନ ସଭାପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। କମିଟିର ବିଭିନ୍ନ ପଦରେ ନବୀନ ନନ୍ଦ, ଚନ୍ଦ୍ରଚୁଡ ସିଂହ, ଅଶ୍ୱିନୀ ପଟ୍ଟନାୟକ, ଭୂପେନ ସାହୁ, ଆଶୁତୋଷ ଦେହୁରି, ବିପିନ ବିହାରୀ ମିଶ୍ର, ରମେଶ ପ୍ରଧାନ, ଜୟ ପ୍ରକାଶ ପ୍ରଧାନ, ଧନେଶ୍ୱର ସାହୁ, ସନ୍ତୋଷ ଭୂମିଜ, ଶ୍ରୀକାନ୍ତ ପଣ୍ଡା, ସତ୍ୟ ପ୍ରଧାନ ନିର୍ବାଚିତ ହୋଇଥିଲେ।

# ଭାଜପାର ବଳମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ



ପଞ୍ଚାୟତ ଅଫିସ ଆଗରେ ଭାଜପା କର୍ମକର୍ତ୍ତାଙ୍କ ବିକ୍ଷୋଭ।

ନାକଟିଦେଉଳ,୨୮।୮(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ କିସିଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ସୋମବାର ବଳମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ନାକଟିଦେଉଳ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିଲେ ମଧ୍ୟ ସେପରି କିଛି ବିକାଶ ହୋଇପାରିନାହିଁ। ନାଳରେ ପୋଲ ନ ଥିବାରୁ ଲୋକେ ନିଜେ କାଠପୋଲ ତିଆରିକରି ଯାତାୟାତ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଣରେ ଚଞ୍ଚକତା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ପଞ୍ଚଦଶ ଅର୍ଥ କମିଶନ ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଅନିୟମିତତା ହୋଇଛି। ନିକଟରେ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ତେବେ କାର୍ଯ୍ୟଖସଡ଼ା ପ୍ରସ୍ତୁତି ସମୟରେ ପଲ୍ଲିସଭା, ଗ୍ରାମ ସଭା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରାଯାଇଛି ବୋଲି ଦଳ ଅଭିଯୋଗ କରି ପଞ୍ଚାୟତର ଜିଆର୍‌ଏସ୍‌ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛି। ଏହି ଅବସରରେ କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଭିନ୍ନ ଗ୍ରାମ ବୁଲି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପରେ ପଞ୍ଚାୟତ ଅଫିସକୁ ଆସି ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତା ନେଇ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ବଳମ ପଞ୍ଚାୟତ ଭାଜପା ସଭାପତି ରଞ୍ଜନ କୁମାର ଭୁତିଆ, କିସିଣ୍ଡା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ଭୁତିଆ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ଭୁବନ ପ୍ରଧାନ, ଅମୂଲ୍ୟ ସାହୁ, କ୍ଷେତ୍ରବାସୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଜ୍ୱାଇଁ ହତ୍ୟାକାରୀ ଶ୍ୱଶୁରଙ୍କୁ ଆଜୀବନ କାରାଦଣ୍ଡ

କୁଚିଣ୍ଡା,୨୮।୮(ବିରଞ୍ଚ ଦର୍କା)

କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ କରି ଜ୍ୱାଇଁ ହତ୍ୟାକାରୀ ଶ୍ୱଶୁର ହରିରାମ ମଗରଙ୍କୁ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ, ମହୁଲପାଲି ଥାନା କୁକମ ଗ୍ରାମର ଅଭିଯୁକ୍ତ ହରିରାମ ମଗରଙ୍କ ଘରେ ତୀର୍ଥବାଦୀ ଘରଜ୍ୱାଇଁ ଭାବେ ଥିଲେ। ତୀର୍ଥ ସବୁବେଳେ ମଦ୍ୟପାନ କରି ସ୍ତ୍ରୀ, ପରିବାର ଏବଂ ଶ୍ୱଶୁରଙ୍କ ଉପରେ ଅତ୍ୟାଚାର କରୁଥିଲେ। ଏହାକୁ ସହ୍ୟ କରି ନ ପାରି ଶ୍ୱଶୁର ମଗର ୨୦୧୯ ମେ ୧୧ରେ ଘରେ ମାତାଲ ହୋଇ ଶୋଇଥିବା ଜ୍ୱାଇଁ ତୀର୍ଥଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପିଏଲ୍ କେସ୍ ନଂ-୨୬୪ ଅନୁଯାୟୀ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ସହକାରୀ ସରକାରୀ ଓକିଲ ରବିନ୍ଦ୍ର କୁମାର ନାୟକ ପରିଚାଳନା କରୁଥିଲେ।

# ବାଲିଚର ଫସଲର କ୍ଷତିପୂରଣ ଦାବି କଲା ଭାଜପା



ଯୁଯୁମୁରା ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାରେ ଗତ ଲଗାଣ ବର୍ଷାରେ ବାଲିଚର ହୋଇ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସୋମବାର ଯୁଯୁମୁରା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ତହସିଲଦାର ଅଭିଷେକ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ କ୍ରମେ ଜୁଲାଇ ଶେଷ ଓ ଅଗଷ୍ଟ ପ୍ରଥମ ସପ୍ତାହରେ ଜିଲାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ହୋଇଥିଲା। ଜିଲାର ଯୁଯୁମୁରା ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଥିଲା। ପ୍ରବଳ ବର୍ଷାରେ ବ୍ୟାପକ କ୍ଷତି ହୋଇଥିଲା। ଘର ଭାଙ୍ଗିବା ସହ ଧାନ ଫସଲ ନଷ୍ଟ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଘାଇ ହୋଇ ବିଲରେ ପାଣି ମାଡିଯାଇ ବାଲିଚର ହୋଇଯାଇଥିଲା। ଏହା ଦ୍ୱାରା ସମସ୍ତ ୧୮ ଗୋଟି ପଞ୍ଚାୟତା ଚାଷୀମାନେ ପ୍ରଭାବିତ ହୋଇଛନ୍ତି। ରାଜସ୍ୱ ବିଭାଗର ଟିମ୍ ତଦନ୍ତ କରି ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଥିଲେ। କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଦସ୍ୟ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ରାଜେନ୍ଦ୍ର ବଗର୍ତ୍ତି, ବିଶୋକ କୁମାର ମାଝି, ରଞ୍ଜନ ବିଶ୍ୱାଳ, ସନ୍ତୋଷ ପଟେଲ, ଉଜ୍ଜ୍ୱଳ ମିର୍ଦ୍ଧା, ଅର୍ଜୁନ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ଖଣିଜ ଉତ୍ତୋଳନ, ପରିବହନ ବନ୍ଦ କଲେ



କୋଇଲାଖଣି ଆଗରେ ଶ୍ରମିକଙ୍କ ଧାରଣା ।

ରେଙ୍ଗାଲି,୨୮।୮(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା କୋଇଲା ଖଣି ୨ ଓ ୩ ନମ୍ବରରେ ୫ ଦଫା ଦାବି ନେଇ ଶ୍ରମିକମାନେ ସୋମବାର ଉତ୍ତୋଳନ ଓ ପରିବହନ କାର୍ଯ୍ୟ ବନ୍ଦ କରିଛନ୍ତି। ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନ ଓ ଶ୍ରମିକଙ୍କ ନେଇ ତ୍ରିପାକ୍ଷିତ ବୈଠକ ହୋଇଥିଲା। ଏଥିରେ ଶ୍ରମିକଙ୍କ ୫ଦଫା ଦାବି ଉପରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଥିଲା। ହେଲେ ସମାଧାନ ନ ହେବାରୁ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ସକାଳ ୬ଟାରୁ ଆନ୍ଦୋଳନକୁ ଓହ୍ଲାଇଥିଲା। ଏନ୍‌ଏଲ୍‌ସି କମ୍ପାନୀ ପକ୍ଷରୁ ଡିଜିଏମ୍ ଏଚ୍‌ଆର୍ ନିରଜ ସିହ୍ନା, ଏଚ୍‌ଆର୍ ସୁବ୍ରତ ବିଶ୍ୱାଳ, ଆଦାନୀ ପକ୍ଷରୁ ଏଚ୍‌ଆର୍ ମୁଖ୍ୟ ଏମ୍. କେ. ପନବର, ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ତରଫରୁ କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ, ସମ୍ପାଦକ ହିମାଂଶୁ ମଲ୍ଲିକ, ସହସମ୍ପାଦକ ନବିନ ରାଉତ, ଅମିୟ ସତପଥୀ, ଦୁର୍ଗା ଭୋଇ, ପ୍ରଦିପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କମ୍ପାନୀ ଆସନ୍ତା ୩୧ତାରିଖ ମଧ୍ୟରେ ସମସ୍ତ ଦାବି ପୂରଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ସନ୍ଧ୍ୟା ୬ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହେଇଥିଲା।

# ଗାଁ କଲ୍ୟାଣ ସମିତି ସଦସ୍ୟଙ୍କ ତାଲିମ ଶିବିର

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ)

ଧନକଉଡା ବ୍ଲକ କଳାମାଟି ପଞ୍ଚାୟତ ରାଜୀବ ଭବନ ପରିସରରେ ସୋମବାର ଗାଁ କଲ୍ୟାଣ ସମିତି (ଜିକେଏସ୍) ସଦସ୍ୟସଦସ୍ୟାଙ୍କ ଦକ୍ଷତା ବିକାଶ ପାଇଁ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାମାଟି ସରପଞ୍ଚ ସୁଷମା ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ। ସିଏଚ୍‌ସି ଆୟୁଷ ମେଡିକାଲ ଅଫିସର ଚିରଞ୍ଜୀବି ସୁପକାର ଯୋଗଦେଇ ଜିକେଏସ୍ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ପିଏଚ୍‌ଇଓ ରୁନି ପଟ୍ଟନାୟକ ଜିକେଏସ୍ ପରିଚାଳନା ନେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶା, ୱାର୍ଡମେମ୍ବର, ଏସ୍‌ଏଚ୍‌ଜି ସଭ୍ୟା ପ୍ରମୁଖ ଯୋଗଦାନ କରିଥିଲେ। ଯେଉଁମାନେ ରହିଯାଇଛନ୍ତି ସେମାନଙ୍କୁ ମଙ୍ଗଳବାର ବସନ୍ତପୁର ପଞ୍ଚାୟତରେ ତାଲିମ ଦିଆଯିବ ବୋଲି କୁହାଯାଇଛି।

# ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ




ଅତିଥିଙ୍କସହ ପୁରସ୍କୃତ ଖେଳାଳିମାନେ।

କୁଚିଣ୍ଡା,୨୮।୮(ବିରଞ୍ଚ ଦର୍କା)

ସମ୍ବଲପୁର ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ କୁଚିଣ୍ଡା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ତ୍ରିଦିବସୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି କନିଷ୍ଠ ବର୍ଗର ୯ରୁ କମ୍ ଓ ୧୯ରୁ କମ୍ ପର୍ଯ୍ୟନ୍ତ ୬ଟି ବିଭାଗରେ ଜିଲାର ୯ ବ୍ଲକର ୧୧୦ ଖେଳାଳି ସାମିଲ ହୋଇଥିଲେ। କୁଚିଣ୍ଡା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରାଜେଶ ଶର୍ମା ଓ ଜିଲା ସଂଘ ସଭାପତି ହୃଦାନନ୍ଦ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଟୁର୍ନାମେଣ୍ଟରେ ୧୯ଜଣ ଚାମ୍ପିୟନ ଓ ୧୯ଜଣ ରନର୍ସଅପ ଘୋଷିତ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଡିଏଫ୍‌ଓ ଦେବାର୍ଚ୍ଚନ ବେହେରା, ରାଜ୍ୟ ରେଫରି ଲକ୍ଷପତି ନନ୍ଦ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନଳିନ କୁମାର, ଜିଲା ସଂଘ ସଭାପତି ନାଏକ, କୁଚିଣ୍ଡା ସଂଘ ସଭାପତି ଶର୍ମା, ସମ୍ପାଦକ ସିମନ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପଙ୍କୁ ପୁରସ୍କୃତ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ କର୍ମଶାଳା

ସମ୍ବଲପୁର,୨୮।୮(ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ସହଯୋଗରେ ଟିଏଲ୍‌ଏମ୍ ବିକାଶ ଓ ଇସିସିଇ ଯାନ୍ତ୍ରିକତା ଉପରେ ତାଲିମ କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବ୍ଲକ ସିଡିପିଓ ସୁଭାଷିନୀ ପଟେଲ, ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ସିଏସ୍‌ଆର୍ ମୁଖ୍ୟ ବିଶାଲ ରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଏଥିରେ ୧୨ ଅଙ୍ଗନୱାଡି କର୍ମୀ, ୬ ମହିଳା ସୁପରଭାଇଜର ଓ ୬ ଜଣ ପ୍ରୋଜେକ୍ଟ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ସିଏସ୍‌ଆର୍ ବିଭାଗ, ବ୍ଲକ ପ୍ରଶାସନ ଓ ଚାଇଲ୍ଡଲାଇନ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



କର୍ମଶାଳାରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

# ପରିବାରରେ କିଚେନ୍‌ଗାର୍ଡେନର ଆବଶ୍ୟକତା ଅଛି

## କୋଲକାତା କର୍ମଶାଳାରେ ପଶ୍ଚିମ ଓଡ଼ିଶା ଡାକ୍ତର

ସମ୍ବଲପୁର,୨୮।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ସମେତ ପଶ୍ଚିମ ଓଡ଼ିଶାର ଆୟୁର୍ବେଦିକ ଡାକ୍ତରୀଦଳ କୋଲକାତାର ହରିଶ ମୁଖାର୍ଜୀ ରୋଡ୍‌ସ୍ଥିତ ଏକଲ ଭବନଠାରେ ଏକଦିବସୀୟ କର୍ମଶାଳାରେ ଯୋଗ ଦେଇଛନ୍ତି। ବନଔଷଧିର ପ୍ରଚାରପ୍ରସାର ଓ ସଂରକ୍ଷଣ ରଖି ଯୋଜନାବଦ୍ଧ ଭାବେ ସନ୍ତୁଳିତ ଜୀବନ ଶୈଳୀକୁ ପରିବର୍ତ୍ତନ କରିବାର ବର୍ତ୍ତମାନ ସମୟ ଆସିଛି। ପ୍ରତି ପରିବାରରେ ମଧୁମେହ, ରକ୍ତଚାପ, ହୃଦ୍‌ରୋଗ, କ୍ୟାନ୍‌ସର ଭଳି ଅଣସଂକ୍ରାମକ ରୋଗ ମୁଣ୍ଡ ଟେକିଛି। ଏହାକୁ ପ୍ରତିହତ କରିପାରିଲେ ସୁସ୍ଥ ବ୍ୟକ୍ତି, ସୁସ୍ଥ ପରିବାର, ସୁସ୍ଥ ଗ୍ରାମ ଓ ସୁସ୍ଥ ରାଷ୍ଟ୍ର ଗଠନ ହୋଇପାରିବ। ମାନସିକତାରେ ପରିବର୍ତ୍ତନ ଆଣି ପ୍ରକୃତି ପରିବେଶ ଓ ଜୀବନଶୈଳୀ ପରିବର୍ତ୍ତନର ସୈନିକ ହୋଇ ଆମକୁ ତୃଣମୂଳ ସ୍ତରରୁ କାର୍ଯ୍ୟ କରିବାକୁ ହେବ ବୋଲି କର୍ମଶାଳାରେ ମତପ୍ରକାଶ ପାଇଥିଲା। ଡା. ଦୀପକ ତିୱାରୀ, ଡା. ଅଭିଜିତ ଘୋଷ, ଡା. ଅର୍କପ୍ରଭୋ ଜାନା ପ୍ରମୁଖ ଆଲୋଚାନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ପଶ୍ଚିମ ଓଡିଶାରୁ ଯୋଗ ଦେଇଥିବା ଅର୍ଚ୍ଚନା ସାହାନି ବାର୍ଷିକ କ୍ଷେତ୍ରିୟ ବିବରଣୀ ପାଠ କରିଥିବା ବେଳେ ସତ୍ୟବ୍ରତ ପାଣିଗ୍ରାହୀ, ଭୋଲା ପ୍ରସାଦ ଦଣ୍ଡସେନା, ସାନନ୍ଦ ମେହେର, ଶିବାନୀ ସୋନୀ, ସଞ୍ଜିବ କୁମାର ସାହୁ ଓ ଡାକ୍ତର ରାଜାରାମ ଷଡଙ୍ଗୀଙ୍କ ସମେତ ପୂର୍ବ ଓଡିଶାର ଗୌତମ ବୁଦ୍ଧ ସିଂ ସାମନ୍ତ ଯୋଗ ଦେଇଥିଲେ। ବନୌଷଧି, ଆୟୁର୍ବେଦିୟ ଗୁଳ୍ମଲତାର ବ୍ୟବହାର ସହିତ ପ୍ରତି ପରିବାରରେ କିଚେନ ଗାର୍ଡେନର ଆବଶ୍ୟକତା ନେଇ ଆଲୋଚକମାନେ ମତ ରଖିଥିଲେ ।




କୋଲକାତା କର୍ମଶାଳାରେ ପଶ୍ଚିମ ଓଡ଼ିଶାର ଡାକ୍ତରୀଦଳ ।

## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ :** ବିଗତ କିଛି ସପ୍ତାହ ହେବ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ସୋମବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୧୧୦ (୧୧୦.୦୯) ପଏଣ୍ଟ ବଢ଼ି ୬୫,୯୯୭ (୬୫,୯୯୬.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୪୦(୪୦.୨୫) ପଏଣ୍ଟ ବୃଦ୍ଧି ଘଟି ୧୯,୩୦୬(୧୯,୩୦୬.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଜିଓର ଗୁରୁତ୍ୱ-ମୁକେଶ

ନୂଆଦିଲ୍ଲୀ,୨୮।୮

ଗତ କିଛି ବର୍ଷ ହେବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ସାରା ଦେଶରେ ବ୍ୟାପକ ଚର୍ଚ୍ଚା ହେଉଥିବାବେଳେ ଉକ୍ତ ଏଆଇକୁ ସମସ୍ତଙ୍କ ପାଖରେ ଓ ସବୁ ସ୍ଥାନରେ ପହଞ୍ଚାଇବାକୁ ଜିଓ ପ୍ରୟାସ ଆରମ୍ଭ କରିଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆରଆଇଏଲ)ର ୪୬ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅବସରରେ ଆରଆଇଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ମତପ୍ରକାଶ କରିଛନ୍ତି। ବିଶେଷ କରି ଭାରତୀୟମାନେ ଏଆଇ ମଡେଲ୍‌ର ଅଗ୍ରଣୀ ଭୂମିକା ଗ୍ରହଣ କରିବା ଏବଂ ଏହି ନୂତନ ପ୍ରଯୁକ୍ତିର ଲାଭକୁ ଭାରତୀୟ ନାଗରିକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଜିଓ ପ୍ଲାଟଫର୍ମ ଆଗ୍ରହୀ ବୋଲି ମୁକେଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏପରିକି ଆରଆଇଏଲର ଏଜିଏମ୍ ଅବସରରେ ସେ ଉକ୍ତ ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ଘୋଷଣା କରିବା ସହ କହିଛନ୍ତି, ଜିଓର ଅଭିବୃଦ୍ଧି ପାଇଁ ଏଆଇ ହେଉଛି ସବୁଠୁ ଆକର୍ଷଣୀୟ ଦିଗନ୍ତ। ସେହିଭଳି ଦୀର୍ଘସ୍ଥାୟୀ ଅଭ୍ୟାସ ଓ ସବୁଜ ଭବିଷ୍ୟତକୁ ଗ୍ରହଣ କରି ଉଭୟ କ୍ଲାଉଡ୍ ଓ ଏଜ୍ ଲୋକେଶନରେ ୨୦୦୦ ମେଗାୱାଟ୍‌ର ଏଆଇ-ପ୍ରସ୍ତୁତ କମ୍ପ୍ୟୁଟର ଦକ୍ଷତା ସୃଷ୍ଟି କରିବା ପାଇଁ ଜିଓର ପ୍ରତିବଦ୍ଧତା ବିଷୟରେ ମୁକେଶ ଘୋଷଣା କରିଛନ୍ତି। ବିଶେଷ କରି ବିଶ୍ୱ ସ୍ତରରେ ଏଆଇ ବିପ୍ଳବ ଦୁନିଆକୁ ଏକ ନୂଆ ଆକାର ପ୍ରଦାନ କରୁଛି ଏବଂ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଶିଳ୍ପ, ଅର୍ଥନୀତି, ଦୈନନ୍ଦିନ ଜୀବନରେ ଖୁବ୍‌ଶୀଘ୍ର ବିପ୍ଳବ ଆଣି ତା'ର ସଂଜ୍ଞା ବଦଳାଇଦେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ


ମୁକେଶ ଅମ୍ବାନୀ

ରହିବା ପାଇଁ ଭାରତକୁ ନିଶ୍ଚିତ ରୂପେ ଏଆଇର ନବସୃଜନ, ଅଭିବୃଦ୍ଧି ଓ ଜାତୀୟ ସମୃଦ୍ଧିକୁ ବ୍ୟବହାର କରିବାକୁ ପଡ଼ିବ ବୋଲି ମୁକେଶ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୭ ବର୍ଷ ପୂର୍ବେ ସମସ୍ତଙ୍କ ପାଖରେ ଓ ସବୁ ସ୍ଥାନରେ ବ୍ରଡବ୍ୟାଣ୍ଡ୍ ସଂଯୋଗ ପ୍ରଦାନ କରିବାକୁ ଜିଓ ପ୍ରତିଶ୍ରୁତି ଦେଇଥିଲାବେଳେ ବର୍ତ୍ତମାନ ଆମେ ତାହା ମଧ୍ୟ ପ୍ରଦାନ କରିଛୁ, ଆଜି ଜିଓ ଏଆଇକୁ ସମସ୍ତଙ୍କ ପାଖରେ ଓ ସବୁ ସ୍ଥାନରେ ପହଞ୍ଚାଇବାର ପ୍ରତିଶ୍ରୁତି ଦେଉଛି। ଆଗାମୀ ଦିନରେ ଆମେ ତାହା ପ୍ରଦାନ କରିବୁ ବୋଲି ସେ କହିଛନ୍ତି। ବିଶ୍ୱସ୍ତରରେ ଏଆଇକୁ ନେଇ ଚାଲିଥିବା ନବସୃଜନ ବିଶେଷ କରି ଜେନେରେଟିଭ୍ ଏଆଇ କ୍ଷେତ୍ରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଭାବାନ କର୍ମଚାରୀ ଓ ଦକ୍ଷତାରେ ଉନ୍ନତି ଆଣୁଛି। ଆଗାମୀ ଦିନରେ ସବୁ କ୍ଷେତ୍ର ପାଇଁ ଭାରତ ସ୍ୱତନ୍ତ୍ର ଏଆଇ ମଡେଲ୍ ଓ ଏଆଇଭିତ୍ତିକ ସମାଧାନ ବିକାଶ କରିବା ଉଦ୍ୟମରେ ଜିଓ ପ୍ଲାଟଫର୍ମସ୍ ଆଗରେ ରହିବାକୁ ଚାହୁଁଛି, ଫଳରେ ଏଆଇର ଲାଭକୁ ଭାରତୀୟ ନାଗରିକ, ବ୍ୟବସାୟ ଓ ସରକାରଙ୍କ ନିକଟରେ ପହଞ୍ଚାଇ ହେବ। ସେହିପରି ଭାରତ ପାଖରେ ସେହି ବ୍ୟାପକତା, ଡାଟା ଓ ପ୍ରତିଭା ରହିଛି ବୋଲି ମୁକେଶ କହିଛନ୍ତି।

## ବୀମା କ୍ଷେତ୍ରରେ ଆର୍ଆଇଏଲ୍

ନୂଆଦିଲ୍ଲୀ,୨୮।୮

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ)ର ୪୬ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ) ସୋମବାର ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆରଆଇଏଲର ଚେୟାରମ୍ୟାନ ତଥା ଏମଡି ମୁକେଶ ଅମ୍ବାନୀ ଜିଓ ଫାଇନାନସିଆଲ ସର୍ଭିସେସକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ଏପରିକି ମୁକେଶ କହିଛନ୍ତି, ବର୍ତ୍ତମାନ କମ୍ପାନୀ ବୀମା କ୍ଷେତ୍ରରେ ପ୍ରବେଶ କରିବ। ଏହି କମ୍ପାନୀ ଜୀବନ ବୀମା ସହ ସାଧାରଣ ଏବଂ ସ୍ୱାସ୍ଥ୍ୟ ବୀମା ମଧ୍ୟ ଉପଲବ୍ଧ କରାଇବ। ଅପରପକ୍ଷରେ ଏଜିଏମକୁ ସମ୍ବୋଧିତ କରି ମୁକେଶ କହିଛନ୍ତି, ଜିଓ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ସମସ୍ତ ଶେୟାରଧାରକଙ୍କୁ ମୁଁ ଧନ୍ୟବାଦ ଜଣାଉଛି, ନିକଟରେ କମ୍ପାନୀ ଫାଇନାନ୍ସିଆଲ କାରବାରକୁ ଅଲଗା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ପ୍ରତ୍ୟେକ ଶେୟାର ଧାରକଙ୍କୁ ଜିଓ ଫାଇନାନ୍ସିଆଲ ୧:୧ ଆଧାରରେ ଶେୟାର ଦେଇଥିଲା।

## ଗଣେଶ ପୂଜାରେ ଜିଓ ଏୟାର ଫାଇବର

ନୂଆଦିଲ୍ଲୀ,୨୮।୮




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆରଆଇଏଲ୍)ର ୪୬ ତମ ସାଧାରଣ ପରିଷଦ ବୈଠକ (ଏଜିଏମ) ସୋମବାର ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ଆରଆଇଏଲର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଅନେକ ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷ କରି କମ୍ପାନୀ ଚଳିତ ବର୍ଷ ଗଣେଶ ପୂଜା (ସେପ୍ଟେମ୍ବର-୧୯)ରେ ଜିଓ ଏୟାର ଫାଇବରର ଆନୁଷ୍ଠାନିକ ଶୁଭାରମ୍ଭ ହେବ ବୋଲି ମୁକେଶ ମତପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ଗ୍ରାହକମାନେ ବିନା ୱାୟାରଲେସ୍ (ତାର)ରେ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ୍ ସର୍ଭିସ୍ ପାଇପାରିବେ। ଏପରିକି ଯେଉଁଠାରେ ଫାଇବର ଅପଟିକ ପହଞ୍ଚିନାହିଁ, ଗ୍ରାହକମାନେ ସେଠାରେ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ପାଇପାରିବେ। ସେହିଭଳି ୫ଜି ନେଟୱର୍କ ଜରିଆରେ ଉକ୍ତ ସେବା ଦେଶବାସୀଙ୍କୁ ଯୋଗାଇଦିଆଯିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଜିଓ ପାଖରେ ୫ କୋଟିରୁ ଅଧିକ ଗ୍ରାହକ ଥିଲାବେଳେ ଆଗାମୀ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅପରପକ୍ଷରେ କମ୍ପାନୀ ଗତ ୧୦ବର୍ଷ ମଧ୍ୟରେ ମୋଟ ୧୫୦ ବିଲିୟନ ଡଲାର ନିବେଶ କରିଛି, ଏହି ସ୍ୱଳ୍ପ ଅବଧି ମଧ୍ୟରେ କୌଣସି କମ୍ପାନୀ ଦ୍ୱାରା ଏହା ସର୍ବାଧିକ ପୁଞ୍ଜିନିବେଶ ବୋଲି ଅମ୍ବାନୀ କହିଛନ୍ତି।

## ରିଲାଏନ୍ସ ବୋର୍ଡରେ ଆକାଶ, ଈଶା, ଅନନ୍ତ

ନୂଆଦିଲ୍ଲୀ,୨୮।୮



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ)ର ୪୬ ତମ ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ) ସୋମବାର ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ଆରଆଇଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କମ୍ପାନୀ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ନୂତନ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷ କରି ଆରଆଇଏଲ ବୋର୍ଡରେ ଈଶା ଏମ୍ ଅମ୍ବାନୀ, ଆକାଶ ଏମ୍ ଅମ୍ବାନୀ ଏବଂ ଅନନ୍ତ ଏମ୍ ଅମ୍ବାନୀଙ୍କୁ ସାମିଲ କରାଯାଇଥିବାବେଳେ ନୀତା ଅମ୍ବାନୀ ବୋର୍ଡରୁ ଅବସର ନେଇଛନ୍ତି ବୋଲି ମୁକେଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ବୋର୍ଡର ଅନ୍ୟ ଅଂଶୀଦାରଙ୍କ ଅନୁମୋଦନ ପରେ ରିଲାଏନ୍ସ ଇଣ୍ଡିଆର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଈଶା ଏମ୍ ଅମ୍ବାନୀ, ଆକାଶ ଏମ୍ ଅମ୍ବାନୀ ଏବଂ ଅନନ୍ତ ଏମ୍ ଅମ୍ବାନୀଙ୍କୁ ବୋର୍ଡରେ ସାମିଲ (ନିଯୁକ୍ତ) କରିବାକୁ ବୋର୍ଡ ବିଚାର କରିଥିଲା। ଏପରିକି ବୋର୍ଡର ଉକ୍ତ ପ୍ରସ୍ତାବରେ ଅଂଶୀଦାରମାନେ ସହମତି ପ୍ରକାଶ କରିବା ପରେ ଈଶା,ଆକାଶ ଓ ଅନନ୍ତ ବୋର୍ଡରେ ସାମିଲ ହୋଇଥିଲେ ବୋଲି ଆରଆଇଏଲ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ନୀତା ଅମ୍ବାନୀ ବୋର୍ଡରୁ ଇସ୍ତଫା ଦେଇଥିବାବେଳେ ସେ ରିଲାଏନ୍ସ ଫାଉଣ୍ଡେଶନର ଚେୟାରମ୍ୟାନ ରହିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆଗାମୀ ଭବିଷ୍ୟତରେ ଈଶା, ଆକାଶ ଓ ଅନନ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେତୃତ୍ୱ ନେବେ ବୋଲି କୁହାଯାଉଛି।

## ବଜାରରେ ହୋଣ୍ଡାର ନ୍ୟୁ ହର୍ନେଟ

ନୂଆଦିଲ୍ଲୀ,୨୮।୮




ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହର୍ନେଟ୍-୨.୦କୁ ବଜାର ପ୍ରବେଶ ସହ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଏବଂ ସିଇଓ ସୁତ୍ସୁମି ଓଟାନି କହିଛନ୍ତି,ସରକାରଙ୍କ ନିୟମ ଅନୁସାରେ ନୂତନ ମଡେଲଗୁଡ଼ିକୁ ପ୍ରସ୍ତୁତ କରିବା ଲାଗି ଏଚ୍‌ଏମ୍‌ଏସ୍‌ଆଇ ଦ୍ରୁତ ଗତିରେ କାର୍ଯ୍ୟ କରୁଥିବାବେଳେ ଓବିଡି୨ ନିୟମ ପାଳନ କରୁଥିବା ୨୦୨୩ ହର୍ନେଟ୍ ୨.୦କୁ ଉନ୍ମୋଚନ ସହିତ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ନୂଆ ହର୍ନେଟ୍ ୨.୦କୁ ବଜାର ପ୍ରବେଶ କରାଇ ନୂଆ ପିଢ଼ିର ଗ୍ରାହକମାନଙ୍କ ସ୍ୱପ୍ନ ପୂରଣ କରିଛୁ। ବିଶେଷ କରି ଉନ୍ନତ ସୁବିଧା ସୁଯୋଗ ସହିତ ନୂଆ ହର୍ନେଟ୍ ୨.୦ର ଆକର୍ଷଣୀୟ ଗ୍ରାଫିକ୍ ଓ ବିଶାଳ ଟାଙ୍କିର ଡିଜାଇନ୍ ଉକ୍ତ ମୋଟରସାଇକେଲ୍‌କୁ ଏକ ଭିନ୍ନ ଆକାର ପ୍ରଦାନ କରିଛି। ଏଥିରେ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଏଲ୍‌ଇଡି ୱିଙ୍କର, ଏକ୍ସ-ଆକାରର ଏଲ୍‌ଇଡି ଟେଲ୍ ଲ୍ୟାମ୍ପ, ପ୍ରିମିୟମ୍ ଛୋଟ ମଫଲର, ଆଲୟ ହ୍ୱିଲ୍ ଓ ସ୍ପ୍ଲିଟ୍ ସିଟ୍ ଆଦି ଗାଡ଼ିକୁ ଆକର୍ଷଣୀୟ ତଥା ଆନ୍ତର୍ଜାତିକ ଷ୍ଟାଇଲ୍ ପ୍ରଦାନ କରୁଛି।

ଅପରପକ୍ଷରେ ନ୍ୟୁ ୨୦୨୩ ହର୍ନେଟ୍ ୨.୦ରେ ଶକ୍ତିଶାଳୀ ୧୮୪.୪୦ ସିସି, ୪ ଷ୍ଟ୍ରୋକ୍, ସିଙ୍ଗଲ ସିଲିଣ୍ଡର ବିଏସ୍-୬ ଓବିଡି୨ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇ ଇଞ୍ଜିନ ରହିଛି, ବିଶେଷ କରି ଚାଳକଙ୍କ ସୁରକ୍ଷା ଓ ସହଜ ଗିୟର ସିଫ୍ଟ ପାଇଁ ନୂଆ ଆସିଷ୍ଟ ଓ ସ୍ଲିପର କ୍ଲଚ୍ ରହିଥିବାବେଳେ ଅପ୍-ସାଇଡ୍ ଡାଉନ୍ ସାମ୍ନା ଫର୍କ, ସମ୍ପୂର୍ଣ୍ଣ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ ପ୍ୟାନେଲ୍, ପେଟାଲ ଡିସ୍କ ବ୍ରେକ୍ ଓ ସିଙ୍ଗଲ-ଚ୍ୟାନେଲ୍ ଏବିଏସ୍ ରହିଛି।

## ଡ୍ରିମ୍ ଗାର୍ଲ ୨ ସହ ଆଇମନ୍ତ୍ରାର ବୁଝାମଣା

ନୂଆଦିଲ୍ଲୀ,୨୮।୮

ଦେଶର ପ୍ରମୁଖ ଘରୋଇ ଆୟୁର୍ବେଦିକ ସଂସ୍ଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ଅଗ୍ରଣୀ ବ୍ରାଣ୍ଡ୍ ଆଇମନ୍ତ୍ରା ବଲିଉଡ ଚଳଚ୍ଚିତ୍ର ଡ୍ରିମ୍ ଗାର୍ଲ ୨ ସହ ଦ୍ୱିପାକ୍ଷିକ ବୁଝାମଣା କରିଛି। ଉକ୍ତ ବୁଝାମଣା ଅନୁଯାୟୀ ଆଇମନ୍ତ୍ରା ଡ୍ରିମ୍ ଗାର୍ଲ ୨ ପ୍ରଚାର ପ୍ରସାର କରିବ। ଉଲ୍ଲେଖଯୋଗ୍ୟ, ଜଣାଶୁଣା ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜ ସାଣ୍ଡିଲ୍ୟ ନିର୍ଦ୍ଦେଶିତ ବଲିଉଡ ଚଳଚ୍ଚିତ୍ର (ହିନ୍ଦୀ ଫିଲ୍ମ) ଡ୍ରିମ୍ ଗାର୍ଲ ୨ ଏକ ଭିନ୍ନ ଧରଣର ପାରିବାରିକ କାହାଣୀ ହୋଇଥିବାବେଳେ ଏଥିରେ ଫୁଲ କମେଡି, ଇମୋଶନ ଓ ଡ୍ରାମା ଅନ୍ତର୍ଭୁକ୍ତ। ଉକ୍ତ ଚଳଚ୍ଚିତ୍ରରେ ଆୟୁଷ୍ମାନ ଖୁରାନା, ଅନନ୍ୟା ପାଣ୍ଡେ, ପରେଶ ରାୱଲ, ଅନୁ କପୁର , ରାଜପାଲ ଯାଦବ ଏବଂ ଅଭିଷେକ ବାନାର୍ଜୀ ଓ ଅନ୍ୟମାନେ ଅଭିନୟ କରିଛନ୍ତି। ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ଏମ୍‌ଡି ଡ. ସଞ୍ଜୀବ ଜୁନେଜା କହିଛନ୍ତି, ଆମେ ଡ୍ରିମ୍ ଗାର୍ଲ ୨ ସହ ଜଡିତ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଇମନ୍ତ୍ରାର ଆୟୁର୍ବେଦିକ ଆଇ ଡ୍ରପ୍‌ସର ପ୍ରଚାର ଓ ପ୍ରସାର ହେବ। ଫଳରେ ଉଭୟ ସଂସ୍ଥାର କାରବାର ବୃଦ୍ଧି ସହ ଆଇମନ୍ତ୍ରାର ପ୍ରଡକ୍ଟଗୁଡିକର ଗୁଣବତ୍ତା ଆଦି ସମ୍ପର୍କରେ ବ୍ୟାପକ ସଚେତନତା ମଧ୍ୟ ଚଳଚ୍ଚିତ୍ର ଜରିଆରେ କରାଯିବ ବୋଲି ସେ ମତପ୍ରକାଶ କରିଛନ୍ତି।




## ଫୁର୍‌ସତ୍



# ସେପ୍ଟେମ୍ବର ୨୮ରେ ପ୍ରଭାସଙ୍କ 'ସାଲାର'

ମୁମ୍ବାଇ

ସାଉଥ୍ ଅଭିନେତା ପ୍ରଭାସଙ୍କ ଫିଲ୍ମ 'ଆଦିପୁରୁଷ' ପରେ ଏବେ ତାଙ୍କୁ ପ୍ରଶାନ୍ତ ନିଲଙ୍କ ନିର୍ଦ୍ଦେଶିତ ସିନେମା 'ସାଲାର'ରେ ଦେଖିବାକୁ ମିଳିବ। ମୁଭି ସେପ୍ଟେମ୍ବର ୨୮ରେ ରିଲିଜ୍ ହେବାକୁ ଯାଉଛି। ରିଲିଜ୍ ପୂର୍ବରୁ ବକ୍ସ ଅଫିସରେ ୪୦୦ ହଜାର ଡଲାର ରୋଜଗାର କରିଛି। ସେପ୍ଟେମ୍ବର ୭ରେ ଏଟଲୀ କୁମାରଙ୍କ ବଡ଼ ବଜେଟ ଫିଲ୍ମ 'ଯବାନ' ମୁକ୍ତିଲାଭ କରିବ। ଏହାର ୨୧ ଦିନ ପରେ 'ସାଲାର' ମୁକ୍ତିଲାଭ କରିବ। ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରରେ ପ୍ରଭାସଙ୍କ ସହ ପୃଥ୍ୱୀରାଜ ସୁକୁମାରନ୍, ଶ୍ରୁତି ହାସନ, ଈଶ୍ୱରୀ ଏବଂ ଜଗପତି ବାବୁ ପ୍ରମୁଖ ବିଭିନ୍ନ ଭୂମିକାରେ ନଜର ଆସିବେ। ଆମେରିକାରେ ଫିଲ୍ମର ପ୍ରି-ବୁକିଂ ଆରମ୍ଭ ହୋଇଯାଇଛି। ମୁଭିର କୌଣସି ଗୀତ କିମ୍ବା ଟ୍ରେଲର ରିଲିଜ୍ ହୋଇନାହିଁ। କେବଳ ଫିଲ୍ମର ଟିଜରରୁ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି। ଟିଜରରେ ପ୍ରଭାସଙ୍କୁ 'ଡାଇନୋସର' ଭାବରେ ବର୍ଣ୍ଣନା କରାଯାଇଛି। 'ରିବେଲ୍ ଇଜ୍ ବ୍ୟାକ୍' ବୋଲି ସେଥିରେ ଲେଖାଯାଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଫିଲ୍ମର ଟ୍ରେଲର କିମ୍ବା କୌଣସି ଗୀତ ରିଲିଜ୍ ହୋଇପାରେ। 'ସାଲାର' ୫ଟି ଭାଷାରେ ମୁକ୍ତିଲାଭ କରିବ। ତେବେ ପ୍ରଭାସ ଅନେକ ଫିଲ୍ମ ଭେଟି ଦେଇଥିବାବେଳେ ପ୍ରଶଂସକଙ୍କ ପ୍ରିୟ ହୋଇପାରିଛନ୍ତି।

# ସବୁଜ ପୃଥିବୀକୁ ଜୀବନ୍ତ ରଖିବା ଅପରିହାର୍ଯ୍ୟ

**ଆ**ମର ସବୁଜ ପୃଥିବୀ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପୃଥିବୀ ସାମ୍ନା କରୁଥିବା ସମସ୍ତ ସଙ୍କଟ ମଧ୍ୟରୁ ଅଧିକାଂଶ ମନୁଷ୍ୟ କୃତ। ଜନସଂଖ୍ୟା ବୃଦ୍ଧି, ଦ୍ରୁତ ଶିଳ୍ପାୟନ, ବିଶ୍ୱ ତାପନ ଆଦି ଜୀବନ୍ତ ପୃଥିବୀ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଆଧୁନିକତାର ବଶବର୍ତ୍ତୀ ହୋଇ କେତେକ ଦେଶ ନିଜନିଜ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଆଣବିକ ଅସ୍ତ୍ରଶସ୍ତ୍ର ବିକଶିତ କରିବା ଜାରି ରଖିଛନ୍ତି। ଅସ୍ତ୍ରଶସ୍ତ୍ର ବିକଶିତ କରିବା ତୁଳନାରେ ଏସବୁର ପରୀକ୍ଷଣ ପୃଥିବୀ ଲାଗି ବିପଦ ସୃଷ୍ଟି କରୁଛି। ୧୯୪୫ ରୁ ୧୯୯୬ ମଧ୍ୟରେ ସମଗ୍ର ପୃଥିବୀରେ ୨ ହଜାରରୁ ଅଧିକ ଆଣବିକ ପରୀକ୍ଷଣ କରାଯାଇଛି। ଆଣବିକ ପରୀକ୍ଷଣ ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ ନେଇ ସ୍ୱୀକୃତି ପରେ ଏଥିରେ ସୁଧାର ଆସିଛି।

ସଚେତନତା ସୃଷ୍ଟି ପାଇଁ ୧୯୯୧ ଅଗଷ୍ଟ ୨୯ରେ କାଜାଖସ୍ତାନର ସେମିପାଲାଟିନ୍ସ୍କ ଆଣବିକ ପରୀକ୍ଷଣ ସ୍ଥାନକୁ ବନ୍ଦ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୦୯ ଡିସେମ୍ବର ୨ରେ ଜାତିସଂଘ ସାଧାରଣ ସଭାର ୬୪ ତମ ଅଧିବେଶନରେ ଆଣବିକ ନିରସ୍ତ୍ରୀକରଣ ନିମନ୍ତେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ସର୍ବସମ୍ମତି କ୍ରମେ ଏହା ଗ୍ରହଣ ହୋଇଥିଲା। ତେଣୁ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅଗଷ୍ଟ ୨୯କୁ ପରମାଣୁ ପରୀକ୍ଷଣ ନିରୋଧୀ ଦିବସ ଭାବେ ପାଳନ କରାଯାଉଛି। ୨୦୧୦ ରେ ଆଣବିକ ଅସ୍ତ୍ର ବିକଶିତ ନ କରିବା ଲାଗି ଉଦ୍ଦିଷ୍ଟ ଥିବା ଚୁକ୍ତିରେ ସମସ୍ତ ଦେଶ ଆଣବିକ ଅସ୍ତ୍ର ବିନା ବିଶ୍ୱର ଶାନ୍ତି ଏବଂ ନିରାପତ୍ତା ହାସଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିବର୍ଷ ଏହି ଦିବସ ପାଳନ ଅବସରରେ ଭବିଷ୍ୟତ ବଂଶଧରଙ୍କ ପାଇଁ କିଭଳି ପୃଥିବୀକୁ ଜୀବିତ ରଖିବା ଅପରିହାର୍ଯ୍ୟ ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ଏହା ସହିତ ଅଦୂରଦର୍ଶୀ ମନୋଭାବକୁ ଦୂର କରାଯିବା ଲାଗି ଉଦ୍ୟମ ମଧ୍ୟ ହୋଇଥାଏ।



### ଆଣବିକ ପରୀକ୍ଷଣ ନିରୋଧୀ ଦିବସ

ଆଣବିକ ପରୀକ୍ଷଣ କରି ଏବେ ସବୁ ଦେଶ ନିଜର ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଏହା ପୃଥିବୀ ପ୍ରତି କେତେ ଯେ ବିପଦପୂର୍ଣ୍ଣ ତାହା କେହି ବି ଚିନ୍ତା କରୁନାହାନ୍ତି। ପ୍ରଥମେ ୧୬ ଜୁଲାଇ ୧୯୪୫ରେ ଆଣବିକ ପରୀକ୍ଷଣ କରାଯାଇଥିଲା। ଆମେରିକା ଦ୍ୱାରା ନ୍ୟୁ ମେକ୍ସିକୋର ଆଲାମୋଗୋର୍ଡୋର ମରୁଭୂମିରେ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା। ଆଣବିକ ପରୀକ୍ଷଣକୁ ରୋକିବା ପାଇଁ ୧୯୬୬ରେ ନ୍ୟୁକ୍ଲିୟର ଟେଷ୍ଟ ବ୍ୟାନ ଟ୍ରିଟି (ସିଟିବିଟି)ରେ ବିଶ୍ୱର ବହୁ ଦେଶ ସ୍ୱାକ୍ଷର କରିଥିଲେ। ଏହି ଦିବସ ପାଳନ ଅବସରରେ ବିଶ୍ୱ ବ୍ୟାପୀ ସବୁଜ ଜୀବନ୍ତ ପୃଥିବୀକୁ ବଞ୍ଚାଇ ରଖିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।

## କଣ୍ଢେଇ ଫେରାଇବାକୁ ବିମାନରେ ଆସିଲେ ୬ହଜାର ମାଇଲ

**ୱାଶିଂଟନ:** ଜଣେ ୯ ବର୍ଷୀୟା ଝିଅର ଖୁସି ପାଇଁ ପାଇଲଟ୍ ଜଣକ ଯାହା କରିଛନ୍ତି, ସେଥିଲାଗି ସେ ଚର୍ଚ୍ଚାକୁ ଆସିଛନ୍ତି। ବିମାନ ଯାତ୍ରା ସମୟରେ ଅନେକେ ତାଙ୍କର କିଛି ଜିନିଷ ଭୁଲି ଯାଇଥିବା ନଜରକୁ ଆସିଛି। ତେବେ ନିକଟରେ ଏକ ଛୋଟପିଲା ବିମାନରେ ତା' କଣ୍ଢେଇ ଭୁଲି ଛାଡ଼ିଯାଇଥିଲା। ପାଇଲଟ ଜଣକ ସେହି ଖେଳଣାକୁ ଫେରାଇବାକୁ ୬ହଜାର ମାଇଲ ବିମାନରେ ଆସିଥିବା ଜଣାପଡ଼ିଛି। ଆମେରିକାର ଏୟାରଲାଇନ୍ସରେ କାମ କରୁଥିବା ପାଇଲଟ୍ ଜେମ୍ସ ଡେନେନ୍‌ଙ୍କୁ ଫେସ୍‌ବୁକ ଜରିଆରେ ଜଣାପଡିଲା କି ବାଲେନ୍‌ଟିନା ନାମକ ଜଣେ ଝିଅର କଣ୍ଢେଇ ହଜିଯାଇଛି। ଯାହା ଶେଷଥର ପାଇଁ ଟୋକିଓର ବିମାନ ବନ୍ଦରରେ ଦେଖାଯାଇଥିଲା। ଝିଅର ପରିବାର ଇଣ୍ଡୋନେସିଆ ଯାତ୍ରା କରି ଟେକ୍ସାସ୍ ଫେରୁଥିଲେ। ସେମାନଙ୍କୁ ମଝିରେ ଟୋକିଓରେ ରହିବାକୁ ପଡିଥିଲା। ଜେମ୍ସ ଏହା ଜାଣି ଟୋକିଓ ଏୟାରଲାଇନ୍ସ ସହ ସମ୍ପର୍କ କଲେ। ଏହାପରେ ହଜିଥିବା ସେହି କଣ୍ଢେଇ ବାବଦରେ ସେ ଜାଣିବାକୁ ପାଇଥିଲେ। ଜେମ୍ସ ସେହି କଣ୍ଢେଇର ଫଟୋକୁ ବାଲେନ୍‌ଟିନାକୁ ପଠାଇଲେ। ପରେ ସେ ବିମାନରେ ୬ହଜାର ମାଇଲ ଯାତ୍ରା କରି ଝିଅର ସେହି କଣ୍ଢେଇକୁ ଫେରାଇଥିଲେ। ଝିଅଟି ୩ ସପ୍ତାହ ପରେ ହଜିଥିବା କଣ୍ଢେଇକୁ ପାଇଗଲା। ତେବେ ପାଇଲଟ୍ ଜେମ୍ସଙ୍କ ଘର ବାଲେନ୍‌ଟିନାଙ୍କ ଘର ପାଖରେ। ଏଥିସହ ଜେମ୍ସ ଝିଅଟିକୁ ଉପହାର ସ୍ୱରୂପ କିଛି ଜିନିଷ ଦେଇଥିଲେ। ବାଲେନ୍‌ଟିନା କହିଛନ୍ତି, ଏହି କଣ୍ଢେଇ ତାଙ୍କ ପାଇଁ ଅମୂଲ୍ୟ। ଏହା ତାଙ୍କୁ ବହୁତ ଖୁସି ଦିଏ। ଜେମ୍ସ ମଧ୍ୟ ବାଲେନ୍‌ଟିନାଙ୍କୁ ସାହାଯ୍ୟ କରି ଖୁସି ଥିବା କହିଛନ୍ତି। ସେ କହିଛନ୍ତି, ଲୋକଙ୍କୁ ସାହାଯ୍ୟ କରିବା ତାଙ୍କୁ ଅଧିକ ପସନ୍ଦ ଆସେ।



## ସବୁଠୁ ଛୋଟ ଭ୍ରମଣକାରୀଙ୍କ ୨୩ ଦେଶ ଭ୍ରମଣ

ୱେଲିଂଟନ୍

ସାଧାରଣତଃ ମା'-ବାପା ଅତିଛୋଟ ପିଲାଙ୍କୁ ବାହାରକୁ ନେଇ ଯାଇ ନ ଥାନ୍ତି। ହେଲେ ନ୍ୟୁଜିଲାଣ୍ଡର ଏକ ଦମ୍ପତି ତାଙ୍କ ୧୧ ମାସର ଶିଶୁକୁ ନେଇ ବିଶ୍ୱ ବୁଲିବାରେ ଲାଗିଛନ୍ତି। ତେବେ ଦୁନିଆର ସବୁଠୁ ଛୋଟ ଭ୍ରମଣକାରୀ ଭାବେ ଆଟଲାସ୍ ମାଣ୍ଟଗୋମେରି ଏଥି ମଧ୍ୟରେ ୨୩ଟି ଦେଶ ବୁଲିସାରିଲାଣି। ୨୯ ବର୍ଷୀୟ ବେକ୍ସ ଲୁଇସ୍ ଏବଂ ୩୧ ବର୍ଷୀୟ ୱିଲ ମାଣ୍ଟଗୋମେରିଙ୍କ ସ୍ୱପ୍ନ ପୂରା ବିଶ୍ୱ ବୁଲିବା, ଯାହାକୁ ସେ ଶୀଘ୍ର ପୂରଣ କରିବାକୁ ଯାଉଛନ୍ତି। ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଦମ୍ପତି ପ୍ରତିଦିନ କେବଳ ୪ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୩୩୦ ଟଙ୍କାରେ ଖାଦ୍ୟ ଖାଇବା ସହ ବହୁତ କମ୍ ଖର୍ଚ୍ଚରେ ବୁଲୁଛନ୍ତି। ପିଲାଙ୍କୁ ନେଇ ବାହାରକୁ ଯିବାରେ ଅସୁବିଧା ହୋଇଥାଏ। ହେଲେ ଏହି ଦମ୍ପତି ତାଙ୍କ ୬ ସପ୍ତାହର ଶିଶୁକୁ ନେଇ ବିଶ୍ୱ ବୁଲିବାକୁ ଆରମ୍ଭ କରିଥିଲେ। କେବଳ ୧୧ ମାସ ମଧ୍ୟରେ ଉକ୍ତ ଶିଶୁ ୧୩ ଦେଶ ବୁଲିଥିବା ସେମାନେ କହିଛନ୍ତି। ଯେତେବେଳେ ଲୁଇସ୍ ମାର୍ଟର୍ନିଟି ଛୁଟିରେ ଥିଲେ, ସେତେବେଳେ ସେମାନେ ବିଶ୍ୱ ଭ୍ରମଣ ପାଇଁ ବାହାରିଥିଲେ। ସେତେବେଳେ ଆଟଲାସ୍‌କୁ ମାତ୍ର ୬ ସପ୍ତାହ ହୋଇଥିଲା। ଲୁଇସ୍ କହିଛନ୍ତି, ଆଟଲାସ୍ ସବୁଠୁ ଛୋଟ ଶିଶୁ, ଯିଏ ଏତେ କମ୍ ବୟସରେ ଏତେ ସ୍ଥାନ ବୁଲିପାରିଛି। ସେମାନେ ଯେତେବେଳେ ନୌକାରେ ଯାଉଥିଲେ, ଆଟଲାସ୍‌ର ସେତେବେଳେ ଦାନ୍ତ ଉଠିବା ଦେଖିଥିଲେ। ପରେ ସେ ଫ୍ରାନ୍ସରେ ଖାଦ୍ୟ ଖାଇବା ଆରମ୍ଭ କରିଥିଲା। ସେମାନେ ତାଙ୍କ ଭ୍ୟାନ୍ ସାହାଯ୍ୟରେ ୟୁରୋପର ଅଧିକାଂଶ ଦେଶ ଭ୍ରମଣ କରିସାରିଲେଣି। ଏ ପର୍ଯ୍ୟନ୍ତ ସେମାନେ ଇଟାଲୀ, ଡେନମାର୍କ, ଅଷ୍ଟ୍ରିଆ, ଚିକିଆ, ସ୍ୱିଡେନ, ନରୱେ, ସ୍ଲୋଭେନିଆ, ସୁଇଜରଲାଣ୍ଡ, ପୋଲାଣ୍ଡ, ନେଦରଲାଣ୍ଡ, ଜର୍ମାନୀ, ଫ୍ରାନ୍ସ, ସ୍କଟ୍‌ଲାଣ୍ଡ, ଇଂଲଣ୍ଡ, ସିଙ୍ଗାପୁର ଆଦି ସ୍ଥାନ ବୁଲିସାରିଲେଣି। ତାଙ୍କ ଯାତ୍ରା ଆରମ୍ଭ ଲୁଇସ୍‌ଙ୍କ ପରିବାରରୁ ଆରମ୍ଭ ହୋଇଥିଲା। ସେଠାରୁ ସେମାନେ ୧୪ ହଜାର ଡଲାର ଅର୍ଥାତ୍ ୧୧ ଲକ୍ଷ ୫୬ ହଜାର ଟଙ୍କାର ଏକ ଭ୍ୟାନ୍ କିଣିଲେ। ଏହାପରେ ସେମାନେ ତାଙ୍କ ଯାତ୍ରା ଆରମ୍ଭ କଲେ। ଲୁଇସ୍‌ଙ୍କ କହିବା ଅନୁସାରେ, ଭ୍ୟାନ୍‌ରେ ପର୍ଯ୍ୟାପ୍ତ ପରିମାଣର ଜାଗା ଅଛି। ତା' ମଧ୍ୟରେ ସମସ୍ତ ପ୍ରକାରର ସୁବିଧା ମଧ୍ୟ ରହିଛି। ତାଙ୍କ ଯାତ୍ରା ସମାପ୍ତ ହେବା ବେଳକୁ ଦେଶ ସଂଖ୍ୟା ୨୫ରେ ପହଞ୍ଚିଯାଇଥିବ। ସେମାନେ ସବୁ ଦେଶର ଖାଦ୍ୟକୁ ମଧ୍ୟ ମନ ଭରି ଖାଇଥିଲେ। ଏଥିପାଇଁ ସେମାନେ ପୂର୍ବରୁ ବହୁତ ସଞ୍ଚୟ କରିଥିଲେ।



# କମାନ୍ତୁ ପେଟ ଚର୍ବି

ସାଧାରଣତଃ ମୋଟା ହେଲେ କିମ୍ବା ଶିଶୁ ଜନ୍ମ ପରେ ଅଧିକାଂଶ ମହିଳାଙ୍କର ପ୍ରଥମେ ପେଟରେ ଚର୍ବି ଜମିବା ଆରମ୍ଭ ହୋଇଯାଏ। ଯାହାକି ଫିଗରକୁ ଖରାପ କରିଥାଏ। ହେଲେ ଏପରି ସମସ୍ୟା କମାଇ ନିଜକୁ ଏକ ଷ୍ଟାଇଲିସ୍ ତଥା ସୁନ୍ଦର ଲୁକ୍ ଦେବାକୁ ଚାହୁଁଥିଲେ ପ୍ରତିଦିନ କରନ୍ତୁ ଏହି ତିନୋଟି ଏକ୍ସରସାଇଜ୍...



**ସୁପରମ୍ୟାନ୍ ପୋଜ୍:** ମ୍ୟାଟ୍ ଉପରେ ପେଟ ମାଡ଼ି ଶୋଇପଡନ୍ତୁ। ନିଃଶ୍ୱାସ ଭିତରକୁ ଟାଣି ଦୁଇ ଗୋଡ଼, ଦୁଇ ହାତ ଏବଂ ମୁଣ୍ଡକୁ ଉପରକୁ ଉଠାନ୍ତୁ । କିଛି ସମୟ ରଖିବା ପରେ ଧୀରେ ଧୀରେ ନିଃଶ୍ୱାସ ଛାଡି ଗୋଡ଼, ହାତ, ମୁଣ୍ଡ ତଳକୁ କରନ୍ତୁ। ୧୫ଥର ଏହିପରି କରିବା ପରେ ଟିକେ ରିଲାକ୍ସ କରି ପୁଣି ୧୫ ଥର ଲେଖାଏ ୨ ଥର କରନ୍ତୁ। ଏହାଦ୍ୱାରା ପେଟ, ଅଣ୍ଟା, ଜଙ୍ଘ ଏବଂ ବାହୁରେ ଜମୁଥିବା ଚର୍ବି କମିଯିବ।

**ପୁସଅପ୍:** ଏକ୍ସରସାଇଜ୍ କରୁଥିବା ପ୍ରାୟ ସମସ୍ତେ ପୁସ୍ଅପ୍‌କୁ ପସନ୍ଦ କରନ୍ତି। କାରଣ ଏହାଦ୍ୱାରା ନା କେବଳ ପେଟର ଚର୍ବି କମିଥାଏ ବରଂ ପେଟ, ହାତ, ଗୋଡ଼ ଆଦିର ମାଂସପେଶୀ ମଜଭୁତ ହୋଇଥାଏ। ପ୍ରଥମେ ମ୍ୟାଟ୍‌ରେ ପେଟ ମାଡ଼ି ଶୋଇଯାନ୍ତୁ। ଦୁଇ ପାପୁଲି ଏବଂ ଗୋଡ଼ର ଅଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ଧୀରେ ଧୀରେ କହୁଣି ବଙ୍କା କରି ଶରୀରକୁ ତଳକୁ ଖସାନ୍ତୁ ଏବଂ ପୁଣି ଉପରକୁ ଉଠାନ୍ତୁ। ଦିନକୁ ଅତି କମ୍‌ରେ ୩୦ଥର ପୁସ୍ଅପ୍ କରନ୍ତୁ। ପ୍ରଥମେ ୧୫ ଥର ଏବଂ ୩୦ ସେକେଣ୍ଡ ରିଲାକ୍ସ କରିବା ପରେ ପୁଣି ୧୫ଥର କରନ୍ତୁ।

**ମାଉଣ୍ଟେନ କ୍ଲାଇମ୍ବର:** ଏଥିରେ ମଧ୍ୟ ପ୍ରଥମେ ମ୍ୟାଟ୍‌ରେ ପେଟ ମାଡି ଶୋଇଯାଆନ୍ତୁ। ଦୁଇ ପାପୁଲି ଏବଂ ଗୋଡ଼ର ଆଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ମନେରଖନ୍ତୁ କହୁଣି ଯେପରି ସମ୍ପୂର୍ଣ୍ଣ ସିଧା ରୁହେ । ଗୋଟିଏ ଗୋଡ଼ର ଆଣ୍ଠୁକୁ ଛାତି ପର୍ଯ୍ୟନ୍ତ ଆଣି ପୁଣି ପଛକୁ ନିଅନ୍ତୁ। ଅନ୍ୟ ଗୋଡ଼ର ଆଣ୍ଠୁକୁ ସେହିଭଳି ଛାତି ପର୍ଯ୍ୟନ୍ତ ଆଣି ପଛକୁ ନିଅନ୍ତୁ ଯେପରି ଆପଣ ପାହାଡ଼ ଚଢୁଛନ୍ତି। ଏହିପରି ୩୦ ଥର କରନ୍ତୁ।

# ଏମିତି ବଢ଼ାନ୍ତୁ ପିଲାଙ୍କ ହାଇଟ୍

ବୟସ ଅନୁସାରେ ପିଲାମାନଙ୍କ ହାଇଟ୍ ଠିକ୍ ଭାବେ ନ ବଢ଼ିଲେ ଅଭିଭାବକଙ୍କ ଚିନ୍ତା ବଢ଼ିଯାଏ । ତେବେ ବର୍ତ୍ତମାନ ଆଉଟ୍‌ଡୋର ଗେମ୍ ନ ଖେଳିବା, ଅଧିକ ସମୟ ମୋବାଇଲ୍,କମ୍ପ୍ୟୁଟର ଆଦି ଦେଖିବା, ଅସନ୍ତୁଳିତ ଖାଦ୍ୟ ଖାଇବା ଏହାର ମୁଖ୍ୟ କାରଣ। ତେଣୁ ଏମିତିରେ ପିଲାଙ୍କ ହାଇଟ୍ ଠିକ୍ ଭାବେ ବଢ଼ିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

■ ପିଲାଙ୍କ ଶରୀର ବୃଦ୍ଧି ନିମନ୍ତେ ଭଲ ଖାଦ୍ୟ ସହିତ ଆବଶ୍ୟକ ଶାରୀରିକ ବ୍ୟାୟାମ। ତେଣୁ ସମୟ ବାହାର କରି ପ୍ରତିଦିନ ଅତି କମ୍‌ରେ ୧-୨ ଘଣ୍ଟା ପିଲାଙ୍କୁ ପାର୍କ କିମ୍ବା ଖେଳପଡ଼ିଆରେ ଖେଳିବାକୁ ନିଅନ୍ତୁ। ଦୌଡ଼ିବା, ବାହାରେ ଖେଳକୁଦ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ଉଚ୍ଚତା ମଧ୍ୟ ବଢ଼ିବ।

■ ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍, ମାର୍କେଟ୍‌ରେ ମିଳୁଥିବା ଚିପ୍ସ, କେକ୍ ଭଳି ପ୍ୟାକେଜ୍‌ଡ୍ ଫୁଡ୍ ବଦଳରେ ଘରେ ପ୍ରସ୍ତୁତ ସୁଷମ ଖାଦ୍ୟ ପିଲାଙ୍କ ପାଇଁ ସବୁଠୁ ଭଲ । ଯାହାକି ସେମାନଙ୍କୁ ଫିଟ୍ ରଖିବା ସହ ଭଲ ଭାବେ ବଢ଼ିବାରେ ସାହାଯ୍ୟ କରିଥାଏ ।

■ ହାଇଟ୍ ବଢ଼ାଇବା ଲାଗି ଯୋଗ, ବ୍ୟାୟାମ ଆଦି ପିଲାଙ୍କ ପାଇଁ ଅତି ଉତ୍ତମ। ଏହା ଉଭୟ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଭଲ ।

■ ପ୍ରତିଦିନ ପିଲାକୁ ଓହଳିବା ଅଭ୍ୟାସ କରାନ୍ତୁ। ଗଛ ଡାଳର ସୁବିଧା ଥିଲେ କିମ୍ବା ପାର୍କ ହେଉ ବା ଘରେ ଏକ ବାର୍ ଲଗାନ୍ତୁ। ଏଥିରେ ଓହଳିବା ଦ୍ୱାରା ପିଲାର ଶୀଘ୍ର ହାଇଟ୍ ବଢ଼ିଥାଏ ।

■ ସାଇକେଲ୍ ଚଲାଇବା ଦ୍ୱାରା ପିଲାଙ୍କ ଗୋଡ଼ର ମାଂସପେଶୀ ଏବଂ ହାଡ଼ ମଜଭୁତ ହୋଇଥାଏ ଏବଂ ହାଇଟ୍ ବଢ଼ିବାରେ ବେଶ୍ ସାହାଯ୍ୟ କରିଥାଏ।

■ ସେହିପରି ସୁଇମିଂ ବା ପହଁରିବା ଦ୍ୱାରା ବି ପିଲାଙ୍କ ଶରୀର ଉପରେ ବହୁତ ଭଲ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ମାଂସପେଶୀ ମଜଭୁତ ହୁଏ, ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ ଏବଂ ଉଚ୍ଚତା ମଧ୍ୟ ବଢ଼ିଥାଏ ।

# ଆତ୍ମସୁରକ୍ଷା



ଆଜିର ଦିନରେ ଚାରିଆଡ଼େ ଅପରାଧ ଏତେମାତ୍ରାରେ ବଢ଼ିଚାଲିଛି ଯେ, ପିଲାଠୁ ବୃଦ୍ଧ ସମସ୍ତେ ବିଶେଷ କରି ନାରୀମାନେ ଅସୁରକ୍ଷିତ। ତେଣୁ ପାଠପଢ଼ା, ଜବ୍ ଆଦି ଲାଗି ବାହାରକୁ ଯାଉଥିବା, ଏକାକୀ ବାହାରେ ରହୁଥିବା ଝିଅ କିମ୍ବା ମହିଳାଙ୍କଠାରୁ ଆରମ୍ଭ କରି ଗୃହିଣୀମାନେ ବି ଆତ୍ମସୁରକ୍ଷା ଲାଗି ବିଭିନ୍ନ ଦିଗ ପ୍ରତି ସଜାଗ ରହିବା ଦରକାର...

**ଆତ୍ମସୁରକ୍ଷା କୌଶଳ ଶିଖିବା ଜରୁରୀ:** ସାଧାରଣତଃ ନାରୀ ଅବଳା ଦୁର୍ବଳା ଏହି ଧାରଣା ଅଧିକାଂଶଙ୍କ ମନରେ ରହିଛି। ଯେଉଁଥିପାଇଁ ନାରୀଟିଏ ହିଁ ସର୍ବପ୍ରଥମେ ଯେକୌଣସି ଅପରାଧର ଶିକାର ହୋଇଥାଏ। ହେଲେ ଜୁଡ଼ୋ, କରାଟେ, ଟାଏକୋଣ୍ଡୋ, କୁମ୍ଫୁ ଆଦି ବିଭିନ୍ନ ଆତ୍ମରକ୍ଷା କଳା କୌଶଳ ଶିଖିବା ଦ୍ୱାରା ଜଣେ ଶାରୀରିକ ସ୍ତରରେ ମଜଭୁତ ହୋଇପାରିବା ସହ ଯେକୌଣସି ଅସୁବିଧାର ମୁକାବିଲା ସାହସର ସହ କରିପାରିବ। ତେବେ ଯେଉଁମାନେ ଏହିସବୁ କୌଶଳ ନ ଜାଣିଛନ୍ତି ସେମାନେ ସୁରକ୍ଷା ଦୃଷ୍ଟିରୁ ବାହାରକୁ ବାହାରିବା ପୂର୍ବରୁ ପାଖରେ ପେପରସ୍ପ୍ରେ, ଡିଓଡରାଣ୍ଟ, ନେଲ୍‌କଟର, ଛୁରି, ସେଫ୍ଟି ପିନ୍, ଲଙ୍କାଗୁଣ୍ଡ ପରି ଛୋଟ ଛୋଟ ଜିନିଷ ରଖନ୍ତୁ। ଯାହାକି ଅଘଟଣ ସମୟରେ କାର୍ଯ୍ୟରେ ଲାଗିପାରିବ।

**ସେଫ୍ଟି ଆପ୍ ବ୍ୟବହାର କରନ୍ତୁ:** ବର୍ତ୍ତମାନ ମହିଳାଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ଅନ୍ ଲାଇନ୍ ଆପ୍ ସୁବିଧା ଯୋଗାଇ ଦିଆଯାଉଛି। ତେଣୁ ସେଫ୍ଟିପିନ୍, ରକ୍ଷା, ହିମତ୍, ସ୍ମାର୍ଟ ୨୪X୭, ସେକ୍ ଟୁ ସେଫ୍ଟି, ବିସେଫ୍ଟି ଭଳି ଆପ୍‌କୁ ନିଜ ମୋବାଇଲ୍ ଫୋନ୍‌ରେ ଡାଉନ୍‌ଲୋଡ୍ କରନ୍ତୁ। ଏହାର ବ୍ୟବହାର ଭଲ ଭାବେ ଶିଖନ୍ତୁ। ଏଭଳି ଆପ୍‌ରେ ସାଧାରଣତଃ ଆବଶ୍ୟକ ବେଳେ ବ୍ୟବହାର କରୁଥିବା ମହିଳାଙ୍କ ଫୋନ୍‌ରୁ ପୋଲିସ କଣ୍ଟ୍ରୋଲ୍‌ରୁମ୍‌କୁ ସୂଚନା ମିଳିବା ମାତ୍ରେ ଜିପିଏସ୍ ଦ୍ୱାରା ଲୋକେଶନ୍ ଟ୍ରାକ୍ କରାଯାଇ ତୁରନ୍ତ ସାହାଯ୍ୟ ଯୋଗାଇ ଦିଆଯାଇଥାଏ।

**ରୁହନ୍ତୁ ଆଲର୍ଟ:** କାହାକୁ ଜଣାଇ କେବେ ବିପଦ ଆସେନି। ତେଣୁ ଘରେ ହେଉ ଅଥବା ବାହାରେ ନିଜର ସୁରକ୍ଷାକୁ ନେଇ ସତର୍କ ରୁହନ୍ତୁ। ବାହାରକୁ ଯିବାବେଳେ ଗହଣା କିମ୍ବା କୌଣସି ଦାମୀ ଅଳଙ୍କାର ପିନ୍ଧନ୍ତୁ ନାହିଁ । ପାଖରେ ଅଧିକ କ୍ୟାଶ୍ ରଖିବା ମଧ୍ୟ ଠିକ୍ ନୁହେଁ। ଯଦି କୌଣସି ନୂଆ ସ୍ଥାନକୁ ଏକୁଟିଆ ଯାଉଛନ୍ତି, ସେଥିନେଇ ଘରେ ପୂର୍ବରୁ ଜଣାନ୍ତୁ। ଉକ୍ତ ସ୍ଥାନରେ ପହଞ୍ଚିବା ପରେ ପରିବାର ଓ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗରେ ଥାଆନ୍ତୁ। ମନେରଖନ୍ତୁ ବାହାରକୁ ଯିବା ସମୟରେ ଯଦି ଆପଣଙ୍କ ମନରେ କେବେ ବି କୌଣସି ବ୍ୟକ୍ତି କିମ୍ବା ପରିସ୍ଥିତିକୁ ନେଇ ସନ୍ଦେହ ଉପୁଜେ, କିଏ ଆପଣଙ୍କୁ ଫଲୋ କରେ ଅବା ହଠାତ୍ ଆକ୍ରମଣ କରେ ଯଥାଶୀଘ୍ର ରାସ୍ତା ବଦଳାଇ ଜନଗହଳି ସ୍ଥାନକୁ ଯାଆନ୍ତୁ। ଭୟରେ ଚୁପ୍ ରହିବା ବଦଳରେ ଆବଶ୍ୟକ ସ୍ଥଳେ ପ୍ରତିବାଦ କରନ୍ତୁ ଏବଂ ଏ ନେଇ ନିକଟସ୍ଥ ପୋଲିସ ଷ୍ଟେଶନରେ ସୂଚନା ଦିଅନ୍ତୁ।

**କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ-** ବର୍ତ୍ତମାନ ଖବରକାଗଜ ଏବଂ ନ୍ୟୁଜ୍ ଚ୍ୟାନେଲଗୁଡିକରେ ପ୍ରତିଦିନ ଟଙ୍କା ଚୋରି ଖବର ପ୍ରସାରିତ ହେଉଛି। ଏମିତିରେ ସୁରକ୍ଷା ପାଇଁ କ୍ୟାଶ୍ ବଦଳରେ କାର୍ଡ କିମ୍ବା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ। ରାତି ଅଧିକ ହୋଇଗଲେ ଏଟିଏମ୍‌ରୁ ଟଙ୍କା ବାହାର କରିବାରେ ଭୁଲ୍ କରନ୍ତୁ ନାହିଁ। ସବୁବେଳେ ଦିନ ସମୟରେ କିମ୍ବା ସନ୍ଧ୍ୟାରେ ଏଟିଏମ୍‌ରୁ ଟଙ୍କା ବାହାର କରିବା ପାଇଁ ଚେଷ୍ଟା କରନ୍ତୁ। ଯଦି ରାତିରେ ଅକସ୍ମାତ୍ ଟଙ୍କା ଦରକାର ପଡ଼େ, ତା'ହେଲେ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍ ବ୍ୟବହାର କରନ୍ତୁ। ଏହାଦ୍ୱାରା ଲୁଟ୍‌ପାଟ୍‌ର ଶିକାର ହେବାଠୁ ବର୍ତ୍ତିଯିବେ। ଏଟିଏମ୍‌ରେ ଟ୍ରାଞ୍ଜାକ୍ସନ୍‌ରେ କୌଣସି ଅସୁବିଧା ହେଲେ କୌଣସି ଅଜଣା ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନିଅନ୍ତୁ ନାହିଁ। ନଚେତ୍ ଚୋରି, ଡକାୟତି ସହ ଜୀବନପ୍ରତି ବିପଦର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।

**ଲୋକ ସମ୍ପର୍କ ବଢ଼ାନ୍ତୁ:** ଆଜିକାଲି ଅଧିକାଂଶ କେବଳ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଆଖପାଖରେ କାହାର କ'ଣ ହେଲା ସେ ଦିଗରେ ଆଦୌ ଅବଗତ ନ ଥା'ନ୍ତି। ହେଲେ ପାଖ, ପଡ଼ୋଶୀ କିମ୍ବା ସହକର୍ମୀ ଓ ବନ୍ଧୁଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ହଠାତ୍ କୌଣସି ଅସୁବିଧା ପରିସ୍ଥିତିରେ ପରିବାର ସଦସ୍ୟ କିମ୍ବା କେହି ଆତ୍ମୀୟ ପାଖରେ ପହଞ୍ଚି ପାରିବେ ତାହା ସବୁବେଳେ ସମ୍ଭବ ହୋଇପାରେନି। ହେଲେ ଏଭଳି ପରିସ୍ଥିତିରେ ଯଦି ଆପଣ ଅନ୍ୟମାନଙ୍କ ସହିତ ପୂର୍ବରୁ ପରିଚିତ ହୋଇଥିବେ ତେବେ ନିଶ୍ଚୟ ସାହାଯ୍ୟ ପାଇପାରିବେ। ତଣୁ ନିଜ ସୁରକ୍ଷା ଲାଗି ସବୁବେଳେ ଲୋକ ସମ୍ପର୍କ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ।

**ପବ୍ଲିକ୍ ଟ୍ରାନ୍ସପୋର୍ଟ ହୋଇପାରେ ବିପଦପୂର୍ଣ୍ଣ:** ଯିବା ଆସିବା କରିବା ଲାଗି ଅଧିକାଂଶ ମହିଳା ପବ୍ଲିକ ଟ୍ରାନ୍ସପୋର୍ଟର ସାହାଯ୍ୟ ନେଇଥାନ୍ତି। ହେଲେ ଯଦି ଆପଣଙ୍କୁ ରାତିରେ ଯିବା ଆସିବା କରିବାକୁ ପଡୁଥାଏ, ତେବେ ଖାଲି ଥିବା ବସ୍ କିମ୍ବା ଅଟୋ ବଦଳରେ ଲୋକ ଗହଳି ଥିବା ଟ୍ରାନ୍ସପୋର୍ଟର ସୁବିଧା ନିଅନ୍ତୁ। ଯଦି ଏକୁଟିଆ କୌଣସି ଗାଡ଼ିରେ ଯିବାକୁ ପଡ଼େ ତେବେ ଯଥାଶୀଘ୍ର ସେ ଗାଡ଼ିର ନମ୍ବର ନିଜ ପରିବାର ଏବଂ ସମ୍ପର୍କୀୟଙ୍କୁ ଏସ୍ଏମ୍ଏସ୍ କରିଦିଅନ୍ତୁ। ଫଳରେ କୌଣସି ଅସୁବିଧା ହେଲେ ଉକ୍ତ ଗାଡ଼ି ବିଷୟରେ ଜାଣିବା ସହଜ ହୋଇପାରିବ।

**ନିଅନ୍ତୁନି ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ:** ଅଧିକାଂଶ ଯୁବତୀ ଏବଂ ମହିଳା ରାସ୍ତାରେ ଲିଫ୍ଟ ମାଗୁଥିବା ଦେଖିବାକୁ ମିଳେ। ହେଲେ ଅଜଣା ଲୋକଙ୍କ ସହ ବିଶେଷକରି ଚାରିଚକିଆ ଯାନରେ ଲିଫ୍ଟ ନେବା ସୁରକ୍ଷିତ ନୁହେଁ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ସେହିପରି କୌଣସି ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ଦିଅନ୍ତୁ ନାହିଁ। ଜୀବନପ୍ରତି ବିପଦ ଆଶଙ୍କା ବଢ଼ପାରେ।

## ଏମାନେ କ'ଣ କରନ୍ତି



**ସମସ୍ତଙ୍କୁ ଆତ୍ମରକ୍ଷା କୌଶଳ ଶିଖିବା ଦରକାର**

**ଅଂଶିତା ସାହୁ**(ଛାତ୍ରୀ, ଖୋର୍ଦ୍ଧା)- ଆଜିର ଦିନରେ ନାରୀ ସୁରକ୍ଷା ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ। ଯଦିଓ ନାରୀଟିଏ କୌଣସି କ୍ଷେତ୍ରରେ ପୁରୁଷଠାରୁ କମ୍ ନୁହେଁ ତଥାପି ସେ ଅନେକ ଅଘଟଣର ଶିକାର ହେବା ଦୁର୍ଭାଗ୍ୟଜନକ। ମୋ ମତରେ କୌଣସି ନାରୀ ନିଜକୁ ଦୁର୍ବଳା ଭାବିବା ଠିକ୍ ନୁହେଁ। ପାଠ ପଢି କେବଳ ଉଚ୍ଚ ଶିକ୍ଷିତା ହେବା କିମ୍ବା ବଡ ଚାକିରି କଲେ ହେବ ନାହିଁ ଆତ୍ମସୁରକ୍ଷା ପାଇଁ ଶାରୀରିକ ସ୍ତରରେ ମଧ୍ୟ ସଶକ୍ତ ହେବାକୁ ପଡିବ। ଏଥିପାଇଁ ଜୁଡୋ, କରାଟେ ଭଳି ବିଭିନ୍ନ ମାର୍ଶଲ ଆର୍ଟ ବେଷ୍ଟ ଅପ୍ସନ। ନିଜେ ମଧ୍ୟ କରାଟେ ବ୍ଲାକ୍ ବେଲ୍ଟ ହାସଲ କରିସାରିଛି ଏବଂ ଆଗକୁ ଆହୁରି ଟ୍ରେନିଂ ଜାରି ରଖିଛି। ମୋ ମତରେ ସବୁ ଝିଅ ଏଭଳି ଆତ୍ମରକ୍ଷା କୌଶଳ ଶିଖିବା ନିହାତି ଆବଶ୍ୟକ।



**ସୁରକ୍ଷା ପ୍ରତି ସଜାଗ ରହିବା ଆବଶ୍ୟକ**

**କୃଷ୍ଣପ୍ରିୟା ଆଚାର୍ଯ୍ୟ**(କର୍ମଜୀବୀ, ଭୁବନେଶ୍ୱର)- ବର୍ତ୍ତମାନ ଯେଉଁଭଳି ଚୋରି,ଡକାୟତି, ଅପରାଧ ବଢିଚାଲିଛି ଏମିତିରେ ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ସମସ୍ତଙ୍କୁ ସତର୍କ ରହିବା ଆବଶ୍ୟକ। ନିଜ କଥା କହିବି, ସୁରକ୍ଷା ଦୃଷ୍ଟିରୁ ରାତିରେ ଏକା କେଉଁଆଡେ ନ ଯିବା, ପାଖରେ ଅଧିକ ଟଙ୍କା ନ ରଖି ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବା, ବାହାରକୁ ଯିବା ବେଳେ ସୁନାଗହଣା ନ ପିନ୍ଧିବା ଆଦି ଦିଗରେ ଯତ୍ନଶୀଳ ରହିଥାଏ। ଅସୁବିଧାରେ ସାହାଯ୍ୟ ପାଇଁ ସର୍ବଦା ପାଖ ପଡୋଶୀଙ୍କ ସହ ସୁସମ୍ପର୍କ ରଖେ। ତେବେ କେବଳ ନିଜେ ନୁହେଁ ଦୁଇ ଝିଅଙ୍କୁ ମଧ୍ୟ ଏସବୁ ଶିଖାଇଥାଏ। ସେମାନଙ୍କୁ ଶାରୀରିକ ସ୍ତରରେ ଦୃଢ ଏବଂ ମାନସିକ ସ୍ତରରେ ସାହାସୀ ହେବା ଲାଗି କରାଟେ ତାଲିମ ନେବାକୁ ପଠାଉଛି।





## ସୌନ୍ଦର୍ଯ୍ୟ

# ଗ୍ଲୋ କରିବ ଫେସ୍

ବର୍ତ୍ତମାନ କେବେ ପ୍ରବଳ ବର୍ଷା ତ କେବେ ଅସହ୍ୟ ଗରମ। ପାଣିପାଗର ଏଭଳି ପରିବର୍ତ୍ତନର ପ୍ରଭାବ ପଡୁଛି ତ୍ୱଚା ଉପରେ। ତ୍ୱଚା ରୁକ୍ଷ ଲାଗିବା ସହ ଟ୍ୟାନିଂ ସମସ୍ୟା ମଧ୍ୟ ଦେଖାଦେଉଛି। ଏମିତିରେ କିପରି ତ୍ୱଚାକୁ ହେଲ୍‌ଦି କରିବା ସହ ଏହାର ଗ୍ଲୋ ବଢ଼ାଇ ପାରିବେ ଜାଣି ରଖନ୍ତୁ ଟିପ୍ସ ...

▸▸ ଏକ ଚାମଚ ମହୁ ସହିତ ଏକ ଚାମଚ ଲେମ୍ବୁରସ ମିଶାନ୍ତୁ। ଏହାକୁ ମୁହଁ, ହାତ, ପାଦରେ ଲଗାଇ ଭଲ ଭାବେ ମସାଜ କରନ୍ତୁ। ଅଧଘଣ୍ଟା ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହାଦ୍ୱାରା ତ୍ୱଚା କୋମଳ ହେବା ସହ ଅଧିକ ଗ୍ଲୋ କରିବ।

▸▸ ୨ ଚାମଚ ବେସନରେ ଅଧା ଚାମଚ ହଳଦୀ ଏବଂ ଆବଶ୍ୟକ ମାତ୍ରାରେ ଗୋଲାପ ଜଳ କିମ୍ବା ପାଣି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ତ୍ୱଚା ଡଲ୍ ଲାଗୁଥିଲେ କିମ୍ବା ଟ୍ୟାନିଂ ସମସ୍ୟା ଥିଲେ ଏହି ପ୍ୟାକ୍ ଖୁବ୍ ଲାଭଦାୟକ। ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇଦିଅନ୍ତୁ। ତ୍ୱଚା ଡ୍ରାଏ ହୋଇଥିଲେ ଏଥିରେ ମହୁ ମିଶାଇଲେ ଅଧିକ ଉପକୃତ ହୋଇପାରିବେ। ସପ୍ତାହରେ ୨-୩ ଥର ଏହାକୁ ବ୍ୟବହାର କଲେ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ ହେବ।





▸▸ ବର୍ଷାଦିନିଆ ଖରା ଖୁବ୍ ଟାଣ। ତେଣୁ ତ୍ୱଚା ସିଝିବା ବା କଳା ପଡ଼ିବା ସମସ୍ୟା ଅନେକଙ୍କଠାରେ ଦେଖିବାକୁ ମିଳେ। ଯାହାକୁ ଦୂର କରିବା ଲାଗି ଆପଣ ଗୋଟିଏ ଟମାଟୋ ସହିତ ୨ ଚାମଚ ଦହି ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ତ୍ୱଚାରେ ବିଶେଷ କରି ଖରାରେ ପ୍ରଭାବିତ ସ୍ଥାନରେ ଭଲ ଭାବେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୀରେ ଧୀରେ ଘଷି ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଡଲ୍‌ନେସ୍ କମ୍ ହୋଇ ବ୍ରାଇଟ୍ ଲାଗିବ।

▸▸ କଞ୍ଚା ଆଳୁ ରସ ତ୍ୱଚାର ଟ୍ୟାନିଂ ସମସ୍ୟା ଦୂର କରି ଗ୍ଲୋ ବଢ଼ାଇବା ଲାଗି ସବୁଠୁ ଭଲ ଅପ୍ସନ। ଗୋଟିଏ କଞ୍ଚା ଆଳୁରୁ ଚୋପା ଛଡ଼ାଇ ଭଲ ଭାବେ ଗ୍ରାଇଣ୍ଡ କରିଦିଅନ୍ତୁ। ତୁଳା ସାହାଯ୍ୟରେ ଏହି ରସକୁ ମୁହଁ ବେକ, ହାତ, ପାଦ ଆଦି ସ୍ଥାନରେ ଲଗାଇ ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ପ୍ରତିଦିନ କିମ୍ବା ସପ୍ତାହରେ ୩-୪ ଥର ଏହାକୁ ଲଗାଇଲେ ଶୀଘ୍ର ରେଜଲ୍ଟ ପାଇପାରିବେ।

## ଖାଦ୍ୟରୁଚି

# ଲାଉ ଚୋପା ଚଟଣି

**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଲାଉ ଚୋପା, ମଧ୍ୟ ଆକାରର ଟମୋଟୋ ୨ଟି, ରାଶି ୧୦୦ଗ୍ରାମ, ତେଲ ଏକ ବଡ଼ ଚାମଚ, ଚିନି ୨ ଛୋଟ ଚାମଚ, ରସୁଣ କୋଳା ୫ଟି, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଲାଉ ଚୋପାକୁ ଭଲ ଭାବେ ଧୋଇ ପାଣିରେ ଭିଜେଇ ଦିଅନ୍ତୁ। ଅଧଘଣ୍ଟା ପର୍ଯ୍ୟନ୍ତ ଭିଜିବା ପରେ ଏହାକୁ କାଢ଼ି ଦିଅନ୍ତୁ। ରସୁଣ ଏବଂ ଟମାଟୋକୁ ଛୋଟ ଛୋଟ କାଟି ଦିଅନ୍ତୁ। ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଟମାଟୋ ଏବଂ ଲାଉ ଚୋପା ପକାଇ କିଛି ସମୟ ଭାଜନ୍ତୁ। ଭାଜି ହୋଇଗଲେ ସେଥିରେ କଟା ରସୁଣ, ଲଙ୍କାଗୁଣ୍ଡ ଏବଂ ଲୁଣ ପକାଇ ଅଳ୍ପ ଭାଜି ଚୁଲା ବନ୍ଦ କରିଦିଅନ୍ତୁ। ଗରମ କମିଯିବା ପରେ ଏହାକୁ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢି ତା' ଉପରେ ଅଳ୍ପ ରାଶି ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଲାଉ ଚୋପା ଚଟଣି। ଏହାକୁ ଖାଇବାର ମଜା ନିଅନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶୋଭାଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କୋଲକାତାସ୍ଥିତ ରାଜ୍ୟ ବିଧାନସଭା ପରିସରରେ ବନମହୋତ୍ସବ ୨୦୨୩ ର ଉଦ୍‌ଘାଟନ କରୁଛନ୍ତି।

# ଭାଜପା ଡିସେମ୍ବରରେ ଲୋକ ସଭା ନିର୍ବାଚନ କରିପାରେ: ମମତା

**କୋଲକାତା,୨୮।୮**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀ ପୁଣି ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଭାଜପା ଚଳିତ ବର୍ଷ ଡିସେମ୍ବରରେ ଲୋକ ସଭା ନିର୍ବାଚନ କରିପାରେ। ଏଥିପାଇଁ ଗୈରିକ ଦଳ ତା'ର ପ୍ରସ୍ତୁତି ଚଳାଇଛି। ଏପରିକି ଏହି ଦଳ ପ୍ରଚାର ପାଇଁ ସମସ୍ତ ହେଲିକପ୍ଟର ମଧ୍ୟ ବୁକ୍ କରିଛି। ଟିଏମ୍‌ସି ଛାତ୍ର ପରିଷଦର ପ୍ରତିଷ୍ଠା ଦିବସ ଅବସରରେ କୋଲକାତାଠାରେ ସୋମବାର ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ସେ ଚେତାବନୀ ଦେଇଛନ୍ତି ଯେ, ଭାଜପାର ତୃତୀୟ କାର୍ଯ୍ୟକାଳରେ ଦେଶ ଏକ ଏକଛତ୍ର ଶାସନର ସମ୍ମୁଖୀନ ହେବ। ରାଜ୍ୟରେ ଏକ ବେଆଇନ ବାଣ କାରଖାନାରେ ହୋଇଥିବା ବିସ୍ଫୋରଣ ପାଇଁ ମମତା କିଛି ଲୋକଙ୍କ ବେଆଇନ କାର୍ଯ୍ୟକଳାପକୁ ଦାୟୀ କରିଛନ୍ତି। ଆଉ ପୋଲିସର ସହଯୋଗରେ ଏହା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

# ରାଜ୍ୟରେ ଶଶୀକଳା ସିଣ୍ଡ୍ରୋମର ଲକ୍ଷଣ ଦେଖାଗଲାଣି: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୨୮।୮(ସୁନିତ୍ ମିଶ୍ର)**

ଗଣତନ୍ତ୍ରରେ ମର୍ଯ୍ୟାଦା ଓ ପରମ୍ପରାର ନିଜସ୍ୱ ସ୍ଥାନ ଅଛି। ଓଡ଼ିଶାରେ ଗତ ମେ ମାସରୁ ଶଶୀକଳା ସିଣ୍ଡ୍ରୋମର ଲକ୍ଷଣ ଦେଖାଗଲାଣି। ତେବେ ଗଣତନ୍ତ୍ରର ଲକ୍ଷ୍ମଣରେଖା ଭିତରେ ସମସ୍ତେ ରହିବା ଜରୁରୀ। ଦମ୍ଭ ଦେଖାଇ ସମ୍ବିଧାନକୁ ନିଜ ଢଙ୍ଗରେ ଚଲାଇବା ପାଇଁ ଯେଉଁମାନେ ଭାବିଛନ୍ତି ସେମାନେ ଭୁଲ୍ ଭାବୁଛନ୍ତି। ଏହି ଭ୍ରମକୁ ସେମାନେ ଦୂର କରନ୍ତୁ ବୋଲି ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ଗଣତନ୍ତ୍ରର ସୀମା ଉଲ୍ଲଂଘନ ହେଉଛି। ଭୁବନେଶ୍ୱର ଏମ୍‌ପିଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀ ଗସ୍ତ କରିବା ବେଳେ ତଥାକଥିତ ବିରୋଧ କରିବାର ପ୍ରାୟୋଜିତ ଯୋଜନା କରାଯାଉଛି। ଗଣତନ୍ତ୍ରରେ ଯାହା ପାଖରେ ସଂଖ୍ୟାବଳ ଅଛି, ସେମାନେ ଯଦି ଦମ୍ଭ ଦେଖାଇ ପ୍ରତିପକ୍ଷ ଓ ଅସହମତ ଥିବା ଲୋକଙ୍କୁ ଅପମାନିତ କରିବେ ତେବେ ଏହାଠୁ ବଳି କିଛି ଜଘନ୍ୟ କଥା ହୋଇ ନ ପାରେ। ବ୍ରିଟିଶରାଜ ବେଳେ ଇଷ୍ଟ ଇଣ୍ଡିଆ କମ୍ପାନୀର ଦମ୍ଭ ମଧ୍ୟ ଏହିଭଳି ଥିଲା। ଓଡ଼ିଶାରେ ପଲ୍ଲିସଭା ନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଥିବା କୁହାଯାଉଛି। ସରକାରୀ ନିର୍ଦ୍ଦେଶ ସମ୍ବିଧାନର ପରିଧି ଭିତରେ ନା ବାହାରେ ବୋଲି ସେ ପ୍ରଶ୍ନ କରିଛନ୍ତି। ଆମ ପୂର୍ବଜମାନେ ଏଠାରେ ସଂଘର୍ଷ କରି ଦେଶ ପାଇଁ ସ୍ୱତନ୍ତ୍ରତା ଆଣିଥିଲେ। ସମ୍ବିଧାନ ବ୍ୟବସ୍ଥା ଲାଗୁ କରିଥିଲେ। କିନ୍ତୁ ସମ୍ବିଧାନକୁ ଦମ୍ଭ ଦେଖାଇ ତାଙ୍କ ଢଙ୍ଗରେ ଚଲାଇବେ ଓ ଲମ୍ବା ସମୟ ସାମ୍ବିଧାନିକ ଅବ୍ୟବସ୍ଥାରୁ ସୁରକ୍ଷା ଦେଇଦେବେ ବୋଲି ଯେଉଁ ବରିଷ୍ଠ ଅଧିକାରୀମାନେ ଭାବୁଛନ୍ତି, ସେମାନେ ଭ୍ରମରେ ଅଛନ୍ତି। ଗଣତନ୍ତ୍ରରେ ଆଇନକାନୁନ ଓ ସାମ୍ବିଧାନିକ ମର୍ଯ୍ୟାଦା ଅଛି। ଗଣତନ୍ତ୍ରର ସବୁଠୁ ଊର୍ଦ୍ଧ୍ୱରେ ଲୋକମତ ଅଛି। ମୁଖ୍ୟମନ୍ତ୍ରୀ ଅଗଣତାନ୍ତ୍ରିକ କାମକୁ ପ୍ରଶ୍ରୟ ଦେବେନି ବୋଲି ରାଜନୈତିକ ବିରୋଧୀ ଦଳଭାବେ ତାଙ୍କଠାରୁ ମୋର ଅପେକ୍ଷା ରହିଛି। ଓଡ଼ିଶାରେ ଆଲୋଚନା, ସମାଲୋଚନା ହେଉ। ବିରୋଧ ରାଜନୈତିକ ସ୍ତରରେ କରାଯାଉ। ଗଣତନ୍ତ୍ରକୁ ସମ୍ମାନ ଦିଆଯାଉ। କିଛି ସରକାରୀ ଅଧିକାରୀ ଯେଉଁଭଳି ହାତବାରିସି ହେଉଛନ୍ତି, ସେମାନେ ଏପ୍ରକାର ଅଗଣତାନ୍ତ୍ରିକ ଓ ବେଆଇନ କାମରୁ ନିବୃତ୍ତ ରୁହନ୍ତୁ। ସାଢେ ୪ କୋଟି ଓଡ଼ିଆଙ୍କ ତରଫରୁ ଏହି ନିବେଦନ କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପ୍ରଶାନ୍ତ ଜଗଦ୍ଦେବ ଘଟଣାରେ ଧରାପଡ଼ିଛି କେନ୍ଦ୍ରମନ୍ତ୍ରୀଙ୍କ ଦୋମୁହାଁ ନୀତି: ବିଜେଡି

**ଭୁବନେଶ୍ୱର,୨୮।୮(ଅନିଲଦାସ)**

ବିଜେଡି ସାଧାରଣ ଜୀବନରେ କୌଣସି ପ୍ରକାର ହିଂସା କିମ୍ବା ବାଧା ସୃଷ୍ଟି କରିବା ଉପରେ ବିଶ୍ୱାସ କରେ ନାହିଁ। ଆମ ସୂଚନା ଅନୁଯାୟୀ ସେଭଳି କୌଣସି ଅଘଟଣ ଘଟି ନ ଥିଲା । ଯଦି ଏହା ଘଟିଥାନ୍ତା ତେବେ ବିଜେଡି ପ୍ରଥମେ ଏହାକୁ ନିନ୍ଦା କରିଥାନ୍ତା । ଭୁବନେଶ୍ୱର ଏମ୍‌ପି ଅପରାଜିତାଙ୍କ ଉପରେ ଆକ୍ରମଣକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟ ଉପରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସୋମବାର ଗଣମାଧ୍ୟମକୁ ଏହା କହିଛନ୍ତି। ଉଦାହରଣ ଦେଇ ସେ କହିଛନ୍ତି, ଚିଲିକାର ତତ୍କାଳୀନ ବିଜେଡି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଭାଜପାର ବାଲୁଗାଁ ନଗର ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ୨୦୨୧ ସେପ୍ଟେମ୍ବର ୮ରେ ବାଲୁଗାଁଠାରେ ଆକ୍ରମଣ କରିଥିଲେ । ଜଗଦ୍ଦେବଙ୍କୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଦଳରୁ ନିଲମ୍ବିତ କରିଥିଲେ । ପରେ ତାଙ୍କୁ ବିଜେଡି ସଭାପତି ଦଳରୁ ବହିଷ୍କାର କରିଥିଲେ । ମୁଖ୍ୟମନ୍ତ୍ରୀ ଗୁଣ୍ଡାଗର୍ଦ୍ଦି ଉପରେ ବିଶ୍ୱାସ କରନ୍ତି ନାହିଁ । ତେବେ ସେହି ଜଗଦ୍ଦେବଙ୍କୁ ଫୁଲମାଳ ପିନ୍ଧାଯିବା ସହିତ ଧର୍ମେନ୍ଦ୍ରଙ୍କ ଆଶୀର୍ବାଦ ଏବଂ ନିୟମିତ ବୈଠକ ଯୋଗୁ ଭାଜପାରେ ଯୋଗ ଦେବାକୁ ପ୍ରସ୍ତୁତ ଅଛନ୍ତି । ଆପଣ ଓଡ଼ିଶାର ଲୋକମାନଙ୍କ ପାଇଁ କେଉଁ ଉଦାହରଣ ସୃଷ୍ଟି କରୁଛନ୍ତି। ଓଡ଼ିଶାର ଲୋକଙ୍କୁ କି ବାର୍ତ୍ତା ଦେବାକୁ ଚାହାନ୍ତି। ଜଣେ ବ୍ୟକ୍ତି ଯିଏ ଗୁଣ୍ଡାଗିରି ଏବଂ ଗୁଣ୍ଡାଗର୍ଦ୍ଦି ପାଇଁ ବିଜେଡିରୁ ବହିଷ୍କୃତ ହୋଇଥିଲେ, କେବଳ ରାଜନୈତିକ ଫାଇଦା ପାଇଁ ତାଙ୍କୁ ଗ୍ରହଣ କରୁଛି କି। ଏଥିରେ ଆପଣ ଓଡ଼ିଶାର ଲୋକଙ୍କୁ କିପରି ସାମ୍ନା କରିବେ। ଗଣତନ୍ତ୍ର ବିଷୟରେ ଆପଣଙ୍କର ସମସ୍ତ କଥା କେବଳ ଲୋକ ଦେଖାଣିଆ ବୋଲି ଓଡ଼ିଶାବାସୀ ଜାଣିଥିବା ସସ୍ମିତ କହିଛନ୍ତି।


ସସ୍ମିତ ପାତ୍ର

# ବସ୍ତିବାସିନ୍ଦାଙ୍କ ଭୋଟ ପାଇଁ ପଟ୍ଟା ବଣ୍ଟନ ନାଟକ: ମନମୋହନ

**ଭୁବନେଶ୍ୱର, ୨୮।୮(ସୁନିତ୍ ମିଶ୍ର)**

ଶିକ୍ଷିତ ଲୋକଙ୍କ ଭୋଟ୍ ଭାଜପା ସହିତ ଅଛି। ତେଣୁ ସହରାଞ୍ଚଳରେ ବସ୍ତି ବାସିନ୍ଦାଙ୍କ ଭୋଟ ବିଜେଡିକୁ ଭରସା। ଭୁବନେଶ୍ୱରରେ ଯଦି ବସ୍ତି ବାସିନ୍ଦାମାନେ ବିଜେଡିକୁ ପ୍ରତ୍ୟାଖାନ କରିବେ ତେବେ ରାଜଧାନୀରେ ସେମାନେ ୧୦% ଭୋଟ୍ ବି ପାଇବେନି। ତେଣୁ କେବଳ ବସ୍ତି ବାସିନ୍ଦାଙ୍କ ଭୋଟ ପାଇବା ପାଇଁ ନିର୍ବାଚନ ଆଗରୁ ଏହି ପଟ୍ଟା ବଣ୍ଟା ନାଟକ ଆରମ୍ଭ କରିଛନ୍ତି। ନିର୍ବାଚନ ଆସିଲେ ଶାସକ ଦଳର ବସ୍ତିବାସିନ୍ଦାଙ୍କ କଥା ମନେପଡେ। ୨୩ ବର୍ଷରେ ବିଜେଡି ବସ୍ତିରେ ଗରିବ ଲୋକମାନେ କିଭଳି ରୁହନ୍ତି କେବେ ହେଲେ ବୁଲିକି ଦେଖିନି। ଭୁବନେଶ୍ୱରରେ ବସ୍ତିବାସିନ୍ଦାଙ୍କ ପାଇଁ ବାସଗୃହ ନିର୍ମାଣଲାଗି ନିଜେ ମୁଖ୍ୟମନ୍ତ୍ରୀ ଥରେ ନୁହେଁ, ୨ ଥର ଶୁଭ ଦେଇଛନ୍ତି। କିନ୍ତୁ ତାହା କେବଳ ଫଟୋରେ ସୀମିତ ରହିଛି। ଗୋଟିଏ ପ୍ରକଳ୍ପକୁ ବାରମ୍ବାର ଶୁଭ ଦେବା, ଗୋଟିଏ ଯୋଜନାକୁ ବାରମ୍ବାର ଘୋଷଣା କରିବାରେ ବିଜେଡି ସରକାର ଦେଶରେ ଏକ ନମ୍ବର ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ସହରାଞ୍ଚଳରେ ବସ୍ତିବାସିନ୍ଦାଙ୍କୁ ଦିଆଯାଇଥିବା କାଗଜରେ ଏହା ଏକ ଫର୍ମ ବୋଲି ଉଲ୍ଲେଖ କରାଯାଇଛି। ଏହା ତଳକୁ ଏହା ଏକ ପ୍ରମାଣପତ୍ର ବୋଲି ଲେଖା ହୋଇଛି । ଆଉ ଏହାକୁ ରାଜ୍ୟ ସରକାର ପଟ୍ଟା ବୋଲି କହୁଛନ୍ତି । ପ୍ରଥମେ ସରକାର ସ୍ପଷ୍ଟ କରନ୍ତୁ ଏହା ଫର୍ମ ନା ପ୍ରମାଣପତ୍ର ନା ପଟ୍ଟା । ରାଜ୍ୟରେ ଏକ ଜାଲିଆ ସରକାର ଚାଲିଛି । ସହରାଞ୍ଚଳରେ ନବେ ଦଶକରେ ବସ୍ତିବାସିନ୍ଦାଙ୍କୁ ଯେଉଁ ପଟ୍ଟା ମିଳିଛି ସେଥିରେ ସ୍ପଷ୍ଟ ଭାବରେ ଲେଖାହୋଇଛି ଯେ, ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନା ଅନୁସାରେ ଏହା ମିଳିଥିବା ପଟ୍ଟା । ହେଲେ ଏବେ ସରକାର ଯେଉଁ କାଗଜ ଧରାଉଛନ୍ତି ସେଥିରେ କେଉଁଠି ବି ପଟ୍ଟା ଶବ୍ଦ ଲେଖାନାହିଁ ବୋଲି ମନମୋହନ କହିଛନ୍ତି।

## ଅଧ୍ୟାପକଙ୍କ ଡକ୍ଟରେଟ୍ ଲାଭ



ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ରାକେଶ ରୋଶନ ଶତପଥୀ ସୋଆ କୃଷି ମହାବିଦ୍ୟାଳୟର ଉଦ୍ଭିଦ ରୋଗ ନିଦାନ ବିଭାଗରୁ ସମ୍ମାନଜନକ ଡକ୍ଟରେଟ୍ (ପିଏଚ୍.ଡି.) ଲାଭ କରିଛନ୍ତି। ଉଦ୍ଭିଦ ରୋଗ ନିଦାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଯୁକ୍ତ ଶତପଥୀଙ୍କ ଗବେଷଣାତ୍ମକ ସନ୍ଦର୍ଭ "Studies on survey and management of *Alternaria zinniae*, the incitant of leaf spot and flower blight of marigold (*Tagetes erecta L*), ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଖ୍ୟାତନାମା ପ୍ରଧାନ ବୈଜ୍ଞାନିକ ଡକ୍ଟର ଦିନେଶ ସିଂହ ତଥା ବାଂଲାଦେଶ ରାଜସାହି ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡକ୍ଟର ମହମ୍ମଦ ହାସନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସମ୍ମାନସୂଚକ ଡକ୍ଟରେଟ୍‌କୁ ଶ୍ରୀଯୁକ୍ତ ଶତପଥୀ ତାଙ୍କ ପରିବାର ତଥା ମହାପ୍ରଭୁଙ୍କୁ ସମର୍ପିତ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଶ୍ରୀଯୁକ୍ତ ଶତପଥୀ ସାକ୍ଷୀଗୋପାଳ ଦାସ ବିଦ୍ୟାଧରପୁର ନିବାସୀ ଶରତ ଚନ୍ଦ୍ର ଶତପଥୀ ଓ ସ୍ୱର୍ଣ୍ଣପ୍ରଭା ଶତପଥୀଙ୍କ ଏକମାତ୍ର ସନ୍ତାନ।

ଧ-୧୧୭୦

# ବିଜେଡି ମୁଖପାତ୍ରଙ୍କ ଅବସ୍ଥା ମିଚ୍ଛୁଆ ରାଧୁଆ ଭଳି ହେବ: ପୃଥ୍ୱୀରାଜ

**ଭୁବନେଶ୍ୱର, ୨୮।୮(ସୁନିତ୍ ମିଶ୍ର):** ବିଜେଡି ମୁଖପାତ୍ରଙ୍କ ଅବସ୍ଥା ମିଚ୍ଛୁଆ ରାଧୁଆ ଭଳି ହେବ । ସେ ଏତେ ମିଛ କହିଲେଣି ଯେ, ଆଗକୁ ସତ କହିଲେ ବି କେହି ବିଶ୍ୱାସ କରିବେ ନାହିଁ । କେବଳ ନିଜର ଗୁମାସ୍ତାଙ୍କୁ ଖୁସି କରିବା ପାଇଁ ସେ କପୋଳକଳ୍ପିତ ଗଳ୍ପ କହୁଛନ୍ତି ଓ ପାଗଳର ପ୍ରଳାପ କରୁଥିବା ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ପୃଥ୍ୱୀରାଜ ଟୁଇଟ୍ ଜରିଆରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ଟାର୍ଗେଟ କରି କହିଛନ୍ତି, ଶାସକ ଦଳର ନେତା ଓ କର୍ମୀ ଗୁଣ୍ଡାଗର୍ଦ୍ଦିର କେଉଁ ସୀମାକୁ ଯାଆନ୍ତି, ତାକୁ ରାଜ୍ୟ ସାରା ଦେଖୁଛନ୍ତି। ଆପଣ ତ ସେହି ଗୋଟିଏ ଲାଉର ମଞ୍ଜି, ସବୁ ସତ ଜାଣିଲା ପରେ ବି ଚୁପ୍ ରହିବାକୁ ବାଧ୍ୟ ହେଉଛନ୍ତି। ଆମେ ଆପଣଙ୍କ ଅବସ୍ଥା କ'ଣ ବୁଝିପାରୁଛୁ। ଆଜି ଆମ ନେତା ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ଅଗଣତାନ୍ତ୍ରିକ ବ୍ୟବସ୍ଥାକୁ ନେଇ ଯେଉଁ କଥା କହିଛନ୍ତି ଆପଣ ଥରେ ନିଜ ମନକୁ ପଚାରନ୍ତୁ। ସେ ଠିକ କହିଲେ ନା ଭୁଲ୍ କହିଲେ ଚିନ୍ତା କରନ୍ତୁ। ଆପଣଙ୍କ ଦଳ ଯାହାଙ୍କୁ ପାର୍ଟିରୁ ସସ୍‌ପେଣ୍ଡ କରେ, ତାଙ୍କୁ ପରେ ଦଳରେ ରଖେ।

# ଜନପ୍ରତିନିଧି ଓ ଜନତାଙ୍କ ମତକୁ ନ୍ୟୂନ ଦେଖାଇବାର ଚେଷ୍ଟା ଚାଲିଛି: ଭାଜପା

**ଭୁବନେଶ୍ୱର, ୨୮।୮(ସୁନିତ୍ ମିଶ୍ର):** ଗଣତନ୍ତ୍ରରେ ପ୍ରତିବାଦର ବି ଗୋଟିଏ ପରିଧି ରହିଛି। ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ପ୍ରତିବାଦ କରିବାର ଅଧିକାର ଅଛି। କିନ୍ତୁ ପ୍ରାୟୋଜିତ ଭାବେ ଲୋକ ଲଗାଇ ବିଶେଷ କରି ମହିଳାଙ୍କୁ ନେଇ ଟେକା ପଥର ଫିଙ୍ଗିବା, ଅଣ୍ଡା ମାଡ଼ କରିବା, ଅସମ୍ମାନ କରିବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଏହା କେବେ ବି ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ରାଜ୍ୟସାରା ଜନପ୍ରତିନିଧିଙ୍କୁ ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଉଛି। ଜନପ୍ରତିନିଧି ଏବଂ ଜନତାଙ୍କ ମତକୁ ନ୍ୟୂନ ଦେଖେଇବା ପାଇଁ ପ୍ରଚେଷ୍ଟା ଚାଲିଛି। ଗତକାଲି ଭୁବନେଶ୍ୱର ଏମ୍‌ପିଙ୍କ ଉପରେ ଶାସକ ବିଜେଡିର ପ୍ରାୟୋଜିତ ଆକ୍ରମଣ ଅତ୍ୟନ୍ତ ଲଜ୍ଜାଜନକ । ଏହି ଆକ୍ରମଣ ସମ୍ପୂର୍ଣ୍ଣ ଭାବେ ବିଜେଡି ଏବଂ ରାଜ୍ୟ ସରକାର ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ପ୍ରାୟୋଜିତ। ଓଡ଼ିଶାରେ ମା'ଙ୍କୁ ସମ୍ମାନ ଏବଂ ମହିଳା ସଶକ୍ତୀକରଣର ନାରା ଦେଉଥିବା ବିଜେଡି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମୁଖା ସମ୍ପୂର୍ଣ୍ଣ ଖୋଲିଯାଇଛି। ଏହାକୁ ଭାଜପା ଘୋର ନିନ୍ଦା କରୁଛି ବୋଲି ଭାଜପା ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଲେଖାଶ୍ରୀ ଆହୁରି କହିଛନ୍ତି ଯେ, ଗୋଟିଏ ପଟେ ମା'ଙ୍କୁ ସମ୍ମାନ ଓ ମହିଳା ସଶକ୍ତୀକରଣର ନାରା ଦେଉଥିବା ବେଳେ ଆଉ ଗୋଟିଏ ପଟେ ମହିଳା ଏବଂ ଗୁଣ୍ଡାମାନଙ୍କୁ ଲଗାଇ ଜନ ପ୍ରତିନିଧିମାନଙ୍କୁ ବିଜେଡି ଆକ୍ରମଣ କରୁଛି। ଏହା ବିଜେଡି ଓ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି ବୋଲି ଲେଖାଶ୍ରୀ କହିଛନ୍ତି।

# ଭୋଟରଙ୍କୁ ଅହଙ୍କାର ଦେଖାଉଛନ୍ତି ଅପରାଜିତା: ବିଜେଡି

**ଭୁବନେଶ୍ୱର,୨୮।୮(ଅନିଲଦାସ)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରବିବାର ନିଜ ସଂସଦୀୟ କ୍ଷେତ୍ର ଗସ୍ତବେଳେ ଗିରିଙ୍ଗ ଛକରେ ମିଶନ ଶକ୍ତିର ମହିଳା ଓ ବିଜେଡି କର୍ମୀ ତାଙ୍କୁ ବିରୋଧ କରିଥିବା ସେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଅପରାଜିତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୋଶିଆଲ ମିଡିଆରେ ଟାର୍ଗେଟ୍ କରିଛନ୍ତି । ବିଜେଡି ପକ୍ଷରୁ ଏହା କଡ଼ା ବିରୋଧ କରାଯାଇଛି। ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଅପରାଜିତାଙ୍କୁ ଜବାବ ଦେଇ କହିଛନ୍ତି, ଭୁବନେଶ୍ୱରର ସାଧାରଣ ଲୋକଙ୍କୁ ଆପଣ ଗୁଣ୍ଡା ବୋଲି କହିଛନ୍ତି। । ଭୁବନେଶ୍ୱରର ମହିଳାମାନେ ଆପଣଙ୍କୁ ଆକ୍ରମଣ କରିବାକୁ ଆସିଥିବା କହି ସେମାନଙ୍କୁ ଅପମାନିତ କରିଛନ୍ତି । ସେମାନେ ପ୍ରାସଙ୍ଗିକ ପ୍ରଶ୍ନ ପଚାରୁଛନ୍ତି, ଆପଣ କାହିଁକି ତାହାକୁ ଏଡ଼ାଉଛନ୍ତି ଏବଂ ସେମାନଙ୍କୁ ଗୁଣ୍ଡା ବୋଲି କହୁଛନ୍ତି। ଓଡ଼ିଆ ଲୋକଙ୍କୁ ଏବଂ ବିଶେଷକରି ଓଡ଼ିଶାର ମହିଳାମାନଙ୍କୁ ଗୁଣ୍ଡା ବୋଲି କହି ଅପମାନିତ ନ କରିବାକୁ ଶ୍ରୀମୟୀ କହିଛନ୍ତି। ପଥର ଧରିଥିବା କିଛି ନକଲି ଫଟୋ ପୋଷ୍ଟ କରି ମହିଳାମାନଙ୍କୁ ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି । ଜଣେ ଜନପ୍ରତିନିଧି ଭାବେ ସେମାନଙ୍କ ସେବା କରିବା ପାଇଁ ଅଛନ୍ତି, ସେମାନଙ୍କୁ ଏକଚ୍ଛତ୍ରବାଦୀ ଶାସନ କରିବା ପାଇଁ ନୁହେଁ। ଓଡ଼ିଶାର ଲୋକମାନେ ଆପଣଙ୍କର ଅହଙ୍କାର ଏବଂ ରାଜ୍ୟର ମହିଳା ଓ ପୁରୁଷମାନଙ୍କ ପ୍ରତି ଆଚରଣ ଦେଖୁଛନ୍ତି । ଏହାର ଉପଯୁକ୍ତ ଜବାବ ରାଜ୍ୟବାସୀ ଦେବେ ବୋଲି ଶ୍ରୀମୟୀ କହିଛନ୍ତି ।

# କଂଗ୍ରେସରେ ନୱାଜ

**ଭୁବନେଶ୍ୱର, ୨୮।୮(ସୁନିତ୍ ମିଶ୍ର):** କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବରିଷ୍ଠ ସଂଖ୍ୟାଲଘୁ ନେତା ମହମ୍ମଦ ଶାହା ନୱାଜ ନିଜର ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ସୋମବାର ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନୱାଜଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶରତ କହିଛନ୍ତି, ଦଳରେ ନୱାଜଙ୍କ ପୁନଃ ଯୋଗଦାନ କଂଗ୍ରେସକୁ ଦୃଢ଼ୀଭୂତ କରିବ। ନୱାଜ କହିଛନ୍ତି, ଆଗାମୀ ଦିନରେ କଂଗ୍ରେସ କିପରି ମଜଭୁତ ହେବ ଓ ସଂଖ୍ୟାଲଘୁ ଭଉଣୀ, ଭାଇଙ୍କର ବିକାଶ ହେବ ସେଥିନେଇ ସେ କାର୍ଯ୍ୟକରିବେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ବିଭାଗର ସଂଯୋଜକ କେ. ରାଜୁ ଓ ଏଆଇସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ରାଜେଶ ଲିଲୋଠିଆ ପ୍ରମୁଖ ଉପସ୍ଥିତ ଥିଲେ।


## Classified Everyday 0674-2580101, 2549949


REAL ESTATE

**SALE**

2BHK / 3BHK flat available at Jatani Gate with affordable price, near to handover position, all Banks, BDA, RERA Approved. Booking contact: 9776776644, 9776406644, 9337244895. D-74574

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

**Sale Industrial Land & Shed Opposite fishing harbour, Chandipur, Balasore, Land 1.5Acres 125'X522' with 14000sqft. shed, boundary wall, borewell, servant quarter. Contact: 9861056868.** D-74575

Chakeisihani Yellow Zone 1200sqft. @2300/- and 1700sqft. @1300/-, 7008711445, 6372801963. D-1169

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

Duplex sale at-Bhubaneswar, @ 57Lakhs only. Contact-9777433701. D-75206

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଭୁବନେଶ୍ୱର ପାହାଳ **NH** ପାଖରେ **developed yellowzone plot boundary, road,** ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। **6370354458.** D-75207




Ground Floor accommodation with Parking/ Amenities for Office/ Residence VSS Nagar. 7978059473. D-1140




**Newly open Spa positively health benefits with expert therapist. 9938843929.** D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Spa Kerala body Massage only best Therapist @699/- Bhubaneswar. 9337672475. D-1132

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit before Notary, Dhenkanal I, Mamita Agarwalla, aged about 45 years, W/o. Manoj Kumar Agarwalla, At-Ratan Bazar, Caltex, P.O-Dhenkanal, P.S-Town, Dist.-Dhenkanal state that in my Aadhaar Card bearing No-XXXXXXXX4508 my name has been mentioned as Mamita Agarwalla. My son name is Aniket Agarwalla and in his Passport bearing No. N8069388 my name has been mentioned as Mamita. Mamita Agarwalla and Mamita is one and same person. Henceforth I shall be known as Mamita Agarwalla for all purposes. D-74090

## ମନେ ପଡ଼ନ୍ତି

### ଚତୁର୍ବିଂଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନଟବର ମହାନ୍ତି**

ବସନ୍ତ ନିବାସ, ଅରିଲୋ, କଟକ
ଆବିର୍ଭାବ: ୧୪।୦୨।୧୯୧୨
ତିରୋଧାନ: ୨୪।୦୮।୧୯୯୯

ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ପରିଜନ ଓ ଛାତ୍ରଛାତ୍ରୀବୃନ୍ଦ ।

ଧ-୧୦୩୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଆହ୍ଲାଦିନୀ ଦାସ**

ତିରୋଧାନ: ତା୧୦।୦୮।୨୦୨୨ରିଖ
(ଶ୍ରାବଣ ଶୁକ୍ଳପକ୍ଷ ତ୍ରୟୋଦଶୀ)
ସ୍ୱାମୀ: ପ୍ରଫୁଲ୍ଲ ଚନ୍ଦ୍ର ଦାସ
ପୁରୁଣା ସଦରଥାନା ଲେନ୍, ପୁରୀ

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ଥାନ ଅପୂରଣୀୟ। ତୁମର ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ। ପରିବାରବର୍ଗ: ସ୍ୱାମୀ, ପୁତ୍ର, ପୁତ୍ରୀମାନେ, ପୁତୁରା ଏବଂ ଝିଆରୀମାନେ ।

ଧ-୬୯୦୯୧

# ଅଲିମ୍ପିକ୍ସରେ ଭାରତ

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ୧୨୪ ବର୍ଷ ଇତିହାସରେ ପ୍ରାଧାନ୍ୟ ବିସ୍ତାର କରିଥିବା କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ତୁଳନାରେ ଗତ ୨୭ଟି ଅଲିମ୍ପିକ କ୍ରୀଡ଼ାରେ ଭାରତର ପ୍ରଦର୍ଶନ ଉତ୍ସାହଜନକ ମନେହୁଏ ନାହିଁ। ଆଶା ଓ ବିଶ୍ୱାସ ଆମର କ୍ରୀଡ଼ାବିତ୍‌ମାନେ ପୂର୍ବ ପ୍ରଦର୍ଶନରେ ଉନ୍ନତି ଆଣି ପ୍ୟାରିସ୍-୨୦୨୪ ଅଲିମ୍ପିକ୍ସରେ ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିବେ। 'ଜାତୀୟ କ୍ରୀଡ଼ା ଦିବସ' ଅବସରରେ ଏହା ହେଉଛି ସବୁଠାରୁ ବଡ଼ ଆହ୍ୱାନ।



ଅଶୋକ ମହାନ୍ତି

ନିର୍ବିବାଦରେ ଦେଶର ମହାନତମ ଏବଂ ସଫଳତମ କ୍ରୀଡାବିତ୍‌ର ମାନ୍ୟତା ପାଇଥିବା କିମ୍ବଦନ୍ତୀ ହକି ଖେଳାଳି ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କର ୧୧୮ ତମ ଜନ୍ମବାର୍ଷିକୀ ଅଗଷ୍ଟ ୨୯ ତାରିଖ ଦିନ ସାରା ଦେଶରେ 'ଜାତୀୟ କ୍ରୀଡ଼ାଦିବସ' ଭାବେ ପାଳନ ହେଉଛି। ଏହି ଅବସରରେ ଏହି ମହାନ୍ ହକି ଖେଳାଳିଙ୍କର ଅଲିମ୍ପିକ୍ କ୍ରୀଡ଼ାରେ ଅନ୍ଧବିଶ୍ୱସନୀୟ କୀର୍ତ୍ତି ଓ କୃତୀକୁ ମନେପକାଇ ସାମ୍ପ୍ରତିକ ପରିସ୍ଥିତିରେ ଆମ ଦେଶର କ୍ରୀଡ଼ାବିତ୍‌ମାନଙ୍କର ପୂର୍ବ ପ୍ରଦର୍ଶନ ଏବଂ ଆସନ୍ତା ବର୍ଷ ୨୦୨୪ରେ ପ୍ୟାରିସଠାରେ ହେବାକୁ ଯାଉଥିବା ୩୩ତମ ଅଲିମ୍ପିକ୍ କ୍ରୀଡ଼ାରେ ପଦକ ଜିତିବା ସମ୍ଭାବନା ଉପରେ ସମ୍ୟକ୍ ଆଲୋଚନା ପ୍ରାସଙ୍ଗିକ ମନେହୁଏ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ କ୍ରୀଡ଼ା ବିଶେଷ ଭାବେ ଭାରତୀୟ ହକିର ସୁବର୍ଣ୍ଣ ଯୁଗର (୧୯୨୮ ରୁ ୧୯୬୪) ମହାନାୟକ ଥିଲେ ସ୍ୱର୍ଗତ ଧ୍ୟାନଚାନ୍ଦମ୍। ୩ଟି ଅଲିମ୍ପିକ୍ (୧୯୨୮ ଆମ୍‌ଷ୍ଟରଡାମ, ୧୯୩୨ – ଲସଏଞ୍ଜେଲ୍ସ, ୧୯୩୬ – ବର୍ଲିନ୍)ରେ ଭାରତୀୟ ହକି ଦଳକୁ ସ୍ୱର୍ଣ୍ଣ ପଦକ ଜିତେଇବାରେ ଧ୍ୟାନଚାନ୍ଦ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଲିମ୍ପିକ୍ କ୍ରୀଡ଼ା ଇତିହାସରେ ଦଳଗତ କ୍ରୀଡ଼ାରେ ଯୁକ୍ତରାଷ୍ଟ୍ର ଆମେରିକାର ପୁରୁଷ ବାସ୍କେଟବଲ ଦଳ ସମୁଦାୟ ୧୬ ଥର ସ୍ୱର୍ଣ୍ଣପଦକ ଜିତି ସଫଳତମ ଦଳ ଭାବେ ବିବେଚିତ ହେଉଛି। ଏହା ପଛକୁ ଭାରତୀୟ ପୁରୁଷ ହକି ଦଳ ସମୁଦାୟ ୮ ଥର ସ୍ୱର୍ଣ୍ଣ ପଦକ ଜିତି ଦ୍ୱିତୀୟ ସଫଳତମ ଦଳଭାବେ ମାନ୍ୟତା ପାଇଛି। ଆସନ୍ତାବର୍ଷ ଜାତୀୟ କ୍ରୀଡ଼ା ଦିବସ ପାଳନ ହେଲାବେଳକୁ ପ୍ୟାରିସ ଅଲିମ୍ପିକ୍ ସମାପ୍ତ ହେବାର ୧୫ ଦିନ ବିତି ଯାଇଥିବ। ଆମ ଦେଶରୁ କ୍ରୀଡାବିତ୍‌ମାନେ କେତେ ସଫଳ ହେଲେ ତାହା ସ୍ପଷ୍ଟ ହୋଇ ସାରିଥିବ। ଗତ ୩ଟି ଅଲିମ୍ପିକ୍ସରେ ଆମର କ୍ରୀଡ଼ାବିତ୍‌ଙ୍କର ପ୍ରଦର୍ଶନ ଥିଲା ଏହିପରି ୨୦୧୨– ଲଣ୍ଡନ: ପଦକ – ୬, (ରୌପ୍ୟ – ୨, ବ୍ରୋଞ୍ଜ୍ – ୪), ୨୦୧୬–ରିଓ: ପଦକ– ୨ (ରୌପ୍ୟ–୧, ବ୍ରୋଞ୍ଜ–୧), ୨୦୨୦–୨୧ ଟୋକିଓ: ପଦକ ୭ (ସ୍ୱର୍ଣ୍ଣ–୧, ରୌପ୍ୟ–୨, ବ୍ରୋଞ୍ଜ୍–୪), ଅଲିମ୍ପିକ୍ସ କ୍ରୀଡ଼ା ଇତିହାସରେ ଟୋକିଓ କ୍ରୀଡ଼ାରେ ଆମ କ୍ରୀଡ଼ାବିତଙ୍କ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ସର୍ବାଧିକ ରୋମାଞ୍ଚ ଆଣିଥିଲା ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ପଦକ ହାସଲ ଏବଂ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳର ବ୍ରୋଞ୍ଜ ପଦକ ହାସଲ।

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ୧୨୪ ବର୍ଷ ଇତିହାସରେ ଯେଉଁ କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ପ୍ରାଧାନ୍ୟ ବିସ୍ତାର କରିଆସିଛନ୍ତି ତା' ସହିତ ତୁଳନା କଲେ ବିଗତ ୨୭ଟି ଅଲିମ୍ପିକ କ୍ରୀଡ଼ାରେ ଭାରତର ପ୍ରଦର୍ଶନ (ଜନସଂଖ୍ୟା–୧୩୯ କୋଟି, ମେଡାଲ୍ସ: ସ୍ୱର୍ଣ୍ଣ–୧୦, ରୌପ୍ୟ–୯, ବ୍ରୋଞ୍ଜ– ୧୬, ସମୁଦାୟ–୩୫) ଉତ୍ସାହଜନକ ମନେହୁଏ ନାହିଁ। ଗତ ଟୋକିଓ ଅଲିମ୍ପିକ୍ସରେ ଆମର କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଗୋଟିଏ ସ୍ୱର୍ଣ୍ଣ ସହ ୭ଟି ପଦକ ଜିତିବାରୁ ଭାରତ ୪୮ତମ ସ୍ଥାନରେ (ଗତ ୪ ଦଶନ୍ଧିରେ ଶ୍ରେଷ୍ଠ ସ୍ଥାନ)ରେ ରହିଥିଲା। ଭାରତୀୟ ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଆଥ୍‌ଲେଟିକ୍ସ ଇଭେଣ୍ଟରୁ ଦେଶ ପାଇଁ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତି ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। (ଏହା ପୂର୍ବରୁ କେବଳ ଅଭିନବ ବିନ୍ଦ୍ରା ବନ୍ଧୁକ ଚାଳନାରେ ୨୦୦୮ ବେଜିଂ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଥିଲେ)।

ବର୍ତ୍ତମାନର ଆହ୍ୱାନ ହେଉଛି କିପରି ବିଗତ ବର୍ଷମାନଙ୍କର ସୀମିତ ସଫଳତାକୁ ଅତିକ୍ରମ କରି ଭାରତ ବିଶ୍ୱରେ ଏକ କ୍ରୀଡ଼ାଶକ୍ତି ଭାବେ ପ୍ରତିଷ୍ଠାଲାଭ କରିବ। ଏପରି ସ୍ଥିତିକୁ ବିଚାରକୁ ନେଇ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡ଼ିକ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଯୁବପିଢ଼ିଙ୍କୁ କ୍ରୀଡ଼ାପ୍ରତି ଆକୃଷ୍ଟ କରିବା ପାଇଁ 'ଖେଲୋ ଇଣ୍ଡିଆ' କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଟପ୍ (ଟାର୍ଗେଟ୍ ଅଲିମ୍ପିକ ପୋଡିୟମ) ଯୋଜନା ମାଧ୍ୟମରେ ପ୍ରତିଭାବାନ ଏବଂ ପଦକ ଆଶାୟୀ କ୍ରୀଡ଼ାବିତ୍‌ମାନଙ୍କୁ ବିଦେଶରେ ପ୍ରଶିକ୍ଷଣ ଏବଂ ପର୍ଯ୍ୟାପ୍ତ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ପୂର୍ବତନ ଅଲିମ୍ପିଆନ୍ ଏବଂ ପ୍ରସିଦ୍ଧ କ୍ରୀଡ଼ାବିତମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ଅଲିମ୍ପିକ୍ ଗୋଲ୍ଡ କ୍ୱେଷ୍ଟ', 'ଗନ ଫରଗ୍ଲୋରି', 'ପି.ଟି. ଉଷା ଆଥ୍‌ଲେଟିକ୍ସ ଏକାଡେମୀ' ଭଳି ପ୍ରଶିକ୍ଷଣ କେନ୍ଦ୍ର/ ଏକାଡେମୀମାନଙ୍କୁ ସରକାର ସହାୟତା ପ୍ରଦାନ କରୁଛନ୍ତି। ଦେଶର ବିଶିଷ୍ଟ ଶିଳ୍ପପତି ଓ ଶିଳ୍ପାନୁଷ୍ଠାନମାନଙ୍କ ସହିତ ସହଭାଗିତାରେ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭା ଚୟନ ଏବଂ ଆଧୁନିକ ପ୍ରଶିକ୍ଷଣ ସୁବିଧା ଉପଲବ୍ଧ ହେଉଛି। ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ ପାଇଁ ଆମ କ୍ରୀଡ଼ାବିତ୍‌ମାନେ ଜୋର୍‌ଦାର ପ୍ରସ୍ତୁତି ଜାରି ରଖିଛନ୍ତି। ପଦକ ସମ୍ଭାବନା ଥିବା କ୍ରୀଡ଼ା ଶୃଙ୍ଖଳାଗୁଡ଼ିକ ମଧ୍ୟରୁ ତୀରନ୍ଦାଜୀ, କୁସ୍ତି, ବନ୍ଧୁକ ଚାଳନା, ଭାରୋତ୍ତୋଳନ, ପୁରୁଷ ହକି, ବ୍ୟାଡ୍‌ମିଣ୍ଟନ ଏବଂ ଟ୍ରାକ୍ ଆଣ୍ଡ ଫିଲ୍ଡରେ ବିଶେଷ ଧ୍ୟାନ ଦିଆଯାଉଛି।

ଆଶା ଓ ବିଶ୍ୱାସ ଆମର କ୍ରୀଡ଼ାବିତ୍‌ମାନେ ପୂର୍ବ ପ୍ରଦର୍ଶନରେ ଉନ୍ନତି ଆଣି ପ୍ୟାରିସ୍–୨୦୨୪ ଅଲିମ୍ପିକ୍ସରେ ଉତ୍ସାହଜନକ ପ୍ରଦର୍ଶନ କରି ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିବେ। ଆଜି 'ଜାତୀୟ କ୍ରୀଡ଼ା ଦିବସ' ପାଳନ ଅବସରରେ ଏହା ହେଉଛି ସବୁଠାରୁ ବଡ଼ ଆହ୍ୱାନ।




ନୀରଜ ଚୋପ୍ରା

## ଅନ୍ୟ ଦେଶର ପଦକ ରେକର୍ଡ

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ୧୨୪ ବର୍ଷ ଇତିହାସରେ ଯେଉଁ କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ପ୍ରାଧାନ୍ୟ ବିସ୍ତାର କରିଆସିଛନ୍ତି ଏବଂ ସମୁଦାୟ ପଦକ ଜିତିବାରେ ଯେଉଁ ୧୦ଟି ଦେଶ ସର୍ବାଗ୍ରେ ରହିଛନ୍ତି ତାହାର ଏକ ତାଲିକା ନିମ୍ନରେ ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ଉଭୟ ବିଶାଳ ଓ ସ୍ୱଳ୍ପ ଜନସଂଖ୍ୟାର ଦେଶଗୁଡ଼ିକ ରହିଛନ୍ତି।

| କ୍ର.ସଂ. | ଦେଶ | ଜନସଂଖ୍ୟା (କୋଟିରେ) | ଜିତିଥିବା ପଦକ ସଂଖ୍ୟା (ସ୍ୱର୍ଣ୍ଣ–ରୌପ୍ୟ–ବ୍ରୋଞ୍ଜ) | ମୋଟ | କେତୋଟି ଅଲିମ୍ପିକ୍ସ |
|---|---|---|---|---|---|
| ୧ | ଯୁକ୍ତରାଷ୍ଟ୍ର ଆମେରିକା | ୩୩,୧୯ | ୧୦୬୧–୮୩୦–୭୩୮ | ୨୬୨୯ | ୨୮ |
| ୨ | ସୋଭିଏଟ୍ ରୁଷ | ୧୪.୫ | ୩୯୫–୩୧୯–୨୯୬ | ୧୦୧୦ | ୦୯ |
| ୩ | ଗ୍ରେଟ୍ ବ୍ରିଟେନ | ୫.୬୩ | ୨୮୪–୩୧୮–୩୧୪ | ୯୧୬ | ୨୯ |
| ୪ | ଚାଇନା | ୧୪୧.୧୧ | ୨୬୩–୧୯୯–୧୭୪ | ୬୩୬ | ୧୧ |
| ୫ | ଫ୍ରାନ୍ସ | ୬.୭୭ | ୨୨୩–୨୫୧–୨୭୭ | ୭୫୧ | ୨୯ |
| ୬ | ଇଟାଲି | ୫.୯୧ | ୨୧୭–୧୮୮–୨୧୩ | ୬୧୮ | ୨୮ |
| ୭ | ଜର୍ମାନୀ | ୮.୩୨ | ୨୦୧–୨୦୭–୨୪୭ | ୬୫୫ | ୧୭ |
| ୮ | ହଙ୍ଗେରି | ୦.୯୭ | ୧୮୧–୧୫୪–୧୭୬ | ୫୧୧ | ୨୭ |
| ୯ | ଜାପାନ | ୧୨.୫୭ | ୧୬୯–୧୫୦–୧୭୮ | ୪୯୭ | ୨୩ |
| ୧୦ | ଅଷ୍ଟ୍ରେଲିଆ | ୨.୫୪ | ୧୬୪–୧୨୬–୨୧୦ | ୫୪୭ | ୨୭ |

### ସ୍ୱଳ୍ପ ଜନସଂଖ୍ୟା (୨ କୋଟିରୁ କମ୍) ବିଶିଷ୍ଟ ଦେଶ

| କ୍ର.ସଂ. | ଦେଶ | ଜନସଂଖ୍ୟା | ଜିତିଥିବା ପଦକ ସଂଖ୍ୟା (ସ୍ୱର୍ଣ୍ଣ–ରୌପ୍ୟ–ବ୍ରୋଞ୍ଜ) | ମୋଟ | କେତୋଟି ଅଲିମ୍ପିକ୍ସ |
|---|---|---|---|---|---|
| ୧ | ପୂର୍ବ ଜର୍ମାନୀ | ୧.୬୧ ଲକ୍ଷ | ୧୫୩–୧୨୯–୧୨୭ | ୪୦୯ | ୦୫ |
| ୨ | ସ୍ୱିଡେନ | ୧.୦୧ ଲକ୍ଷ | ୧୪୭–୧୭୭–୧୭୯ | ୫୦୩ | ୨୮ |
| ୩ | ଫିନ୍‌ଲାଣ୍ଡ | ୦.୫୫ ଲକ୍ଷ | ୧୦୧–୮୫–୧୧୯ | ୩୦୫ | ୨୬ |
| ୪ | ନେଦରଲାଣ୍ଡ୍ସ | ୧.୭୫ ଲକ୍ଷ | ୯୫–୧୦୫–୧୨୨ | ୩୨୨ | ୨୭ |
| ୫ | ରୋମାନିଆ | ୧.୯୧ ଲକ୍ଷ | ୯୦–୯୭–୧୨୧ | ୩୦୮ | ୨୨ |
| ୬ | କ୍ୟୁବା | ୧.୧୩ ଲକ୍ଷ | ୮୪–୬୯–୮୨ | ୨୩୫ | ୨୧ |
| ୭ | ନରୱେ | ୦.୫୪ ଲକ୍ଷ | ୬୧–୫୨–୫୦ | ୧୬୩ | ୨୭ |
| ୮ | ଜାମାଇକା | ୦.୨୮ ଲକ୍ଷ | ୨୬–୩୬–୨୬ | ୮୮ | ୧୮ |

DSPL-202



# ଦୁଇ ବର୍ଷ ତଳେ ପରିବାରକୁ ଭେଟିଥିଲେ କିଶୋର

ନୂଆଦିଲ୍ଲୀ,୨୮।୮(ପି.ଟି.)

ସାଧାରଣତଃ କ୍ରୀଡ଼ା ସହ ଜଡ଼ିତ ସମସ୍ତ ଆଥ୍‌ଲେଟ ଶୈଶବରୁ ଉକ୍ତ କ୍ରୀଡ଼ାକୁ ଆପଣେଇଥାନ୍ତି। ତେବେ ଓଡ଼ିଶାର ଓଭରନାଇଟ ସେନ୍‌ସେସନ୍ ଜାଭେଲିନ୍ ଥ୍ରୋୟର କିଶୋର ଜେନାଙ୍କ କାହାଣୀ ସମ୍ପୂର୍ଣ୍ଣ ଭିନ୍ନ । ଆରମ୍ଭରୁ ଭଲି ଖେଳ ସହ ଜଡ଼ିତ ଥିବା କିଶୋର ୨୦୧୫ରେ ୨୦ବର୍ଷ ବୟସରେ ଜାଭେଲିନ୍ ଅଭ୍ୟାସ କରିବା ଆରମ୍ଭ କରିଥିଲେ। ନିୟମିତ ଭଲ ପ୍ରଦର୍ଶନ କରିବା ସହିତ ପ୍ରଥମ ଓଡ଼ିଆ ଭାବରେ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ସହିତ ସେ ପଞ୍ଚମ ସ୍ଥାନ ଅଧିକାର ମଧ୍ୟ କରିଥିଲେ। ତେବେ ଏକ ସାକ୍ଷାତ୍‌କାର ସମୟରେ କିଶୋର କହିଛନ୍ତି, ସେ ବିଗତ ଦୁଇବର୍ଷ ହେଲା ନିଜ ଗ୍ରାମକୁ ଆସିନାହାନ୍ତି କି ମାତା ପିତାଙ୍କୁ ଭେଟି ନାହାନ୍ତି। ଏପରି କି ପ୍ୟାରିସ୍ ୨୦୨୪ ପାଇଁ ପ୍ରସ୍ତୁତି ଲକ୍ଷ୍ୟ ଥିବାରୁ ଆଗାମୀ ଏକ ବର୍ଷ ପାଇଁ ମଧ୍ୟ ମାତାପିତାଙ୍କୁ ଭେଟିପାରିବେ ନାହିଁ ବୋଲି କହିଛନ୍ତି କିଶୋର। ମାତା ପିତା ସ୍ମାର୍ଟଫୋନ୍‌ର ବ୍ୟବହାର ଜାଣି ନ ଥିବାବେଳେ କେବଳ ସାନ ଭଉଣୀ ଘରକୁ ଆସିଲେ ହିଁ ଭିଡିଓ କଲ୍ ଜରିଆରେ କଥା ହେବାର ସୁଯୋଗ ପାଇଥାନ୍ତି ବୋଲି କିଶୋର କହିଛନ୍ତି।

୧୯୯୫ ସେପ୍ଟେମ୍ବର ୬ରେ କିଶୋର ଜେନାଙ୍କ ଜନ୍ମ। ତାଙ୍କ ମା’ ହେଉଛନ୍ତି ହରପ୍ରିୟା ଜେନା ଓ ବାପା କେଶବ ଜେନା। ଘର ପୁରୀ ବ୍ରହ୍ମଗିରିସ୍ଥିତ କୋଠସାହି ଗ୍ରାମରେ। ୬ ଭଉଣୀଙ୍କ ମଧ୍ୟରେ ବଢ଼ିଥିବା କିଶୋର ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଓଏନ୍‌ଆଇଏସ୍ ପଟିଆଲାରେ ପ୍ରଶିକ୍ଷଣ ନେଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଜାଭେଲିନ୍ ପ୍ରତିଭାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୪.୩୮ ମିଟର ରହିଥିଲା। ତେବେ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ସେ ୮୪.୭୭ ମିଟରର ଥ୍ରୋ କରି ପଞ୍ଚମ ସ୍ଥାନରେ ରହିବା ସହିତ ସମସ୍ତଙ୍କୁ ଗର୍ବିତ କରିଛନ୍ତି। ୨୦୧୫ରୁ ଜାଭେଲିନ୍ ଅଭ୍ୟାସ ଆରମ୍ଭ କରିଥିବା ବେଳେ ୨୦୨୧ ପରଠାରୁ ଜାତୀୟ ସ୍ତରରେ ନିଜର ପ୍ରତିଭା ଦେଖାଇବା ଆରମ୍ଭ କରିଥିଲେ। ୨୦୨୩ ମାର୍ଚ୍ଚ ୧ରେ କର୍ଣ୍ଣାଟକରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ସେ ୭୮.୯୩ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାର୍ଚ୍ଚ ୨୦ରେ କେରଳରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୧.୦୧ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜୁନ୍‌ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ରେ ସେ ୮୨.୮୭ ମିଟର ଥ୍ରୋ ସହିତ ରୌପ୍ୟ ପଦକ ପାଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ହାସଲ କରି ନ ଥିଲେ ମଧ୍ୟ ଏହାର ଅନୁଭୂତି ଆଗାମୀ ଏସିଆନ୍ ଗେମ୍ସରେ ସହାୟକ ହେବ ବୋଲି କିଶୋର କହିଛନ୍ତି।


କିଶୋର ଜେନା

## ନୀରଜ ମୋ ପ୍ରେରଣା

କ୍ୟାରିୟରରେ ପ୍ରଥମ ଥର ପାଇଁ ଏକ ବୃହତର ଷ୍ଟେଜରେ ପ୍ରଦର୍ଶନ କରିଥିବା ବେଳେ ଏହାକୁ ନେଇ ସାମାନ୍ୟ ନର୍ଭସ ମଧ୍ୟ ଥିଲେ। ତେବେ ନିଜ ପ୍ରଦର୍ଶନକୁ ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ନୀରଜ ଚୋପ୍ରାଙ୍କ ପରି ଖେଳାଳିଙ୍କ ସହିତ ଖେଳିବାରୁ ବହୁତ ଜିନିଷ ଶିଖିବାକୁ ମିଳିଛି। ଇଭେଣ୍ଟ ସମୟରେ ସମସ୍ତ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ନଜର ରଖିଥାନ୍ତି। ତେବେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଅଭିଜ୍ଞ ନୀରଜ ସର୍ବଦା ଶାନ୍ତ ରହି ଉପଯୁକ୍ତ ପରାମର୍ଶ ଦେଇଥାନ୍ତି। ଫାଇନାଲରେ ଏକ ଥ୍ରୋ ଖରାପ ହେବା ପରେ ବ୍ୟସ୍ତ ନ ହୋଇ ପରବର୍ତ୍ତୀ ଥ୍ରୋ ଉପରେ ଫୋକସ କରିବା ପାଇଁ ନୀରଜ ପରାମର୍ଶ ଦେଇଥିଲେ। ହାଙ୍ଗଝୋରେ ପୋଡିୟମ ଫିନିଶ୍ ଲକ୍ଷ୍ୟ ରହିଥିବା ପ୍ରକାଶ କରିଛନ୍ତି କିଶୋର ଜେନା।

## ଫାଷ୍ଟ ବୋଲରରୁ ଜାଭେଲିନ୍ ଥ୍ରୋୟର

ହଙ୍ଗେରୀର ବୁଦାପେଷ୍ଟରେ ଉଦ୍‌ଯାପିତ ହୋଇଯାଇଛି ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ପ୍ରଥମ ଥର ପାଇଁ ୩ ଜଣ ଭାରତୀୟ ନୀରଜ ଚୋପ୍ରା, ଡି.ପି. ମନୁ ଓ କିଶୋର କୁମାର ଜେନା ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। ନୀରଜ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି କିଶୋର ଓ ମନୁ। କିଶୋର ଭଲିବଲ ଛାଡି ଜାଭେଲିନ୍‌କୁ ଆପଣେଇ ଥିବା ବେଳେ ମନୁ ଜଣେ ଦ୍ରୁତ ବୋଲର ରହିଥିଲେ। କର୍ଣ୍ଣାଟକର ଜଣେ କଫି ଚାଷୀଙ୍କ ପୁଅ ଡି.ପି. ମନୁ। ବେଲୁରର ହସନ୍ ଜିଲାରୁ ଆସୁଥିବା ମନୁ ସ୍କୁଲ ସମୟରେ ଜଣେ ଭଲ କ୍ରିକେଟର ଥିଲେ। ଦ୍ରୁତ ବୋଲିଂ କରିବାକୁ ପସନ୍ଦ କରୁଥିବା ମନୁ କ୍ରୀଡା ଶିକ୍ଷକଙ୍କ ପରାମର୍ଶ କ୍ରମେ ଜାଭେଲିନ୍‌କୁ ବାଛିଥିଲେ। ଦକ୍ଷିଣ ଭାରତର ଏକ ଗରିବ ପରିବାରରୁ ଆସିଥିବା ମନୁଙ୍କ ନିକଟରେ ଆରମ୍ଭରୁ ଜାଭେଲିନ୍ ମଧ୍ୟ ନ ଥିଲା। ବାଉଁଶକୁ ଜାଭେଲିନ୍ ଭାବରେ ବ୍ୟବହାର କରି ମନୁ ଆଗକୁ ବଢିଥିବା ବେଳେ ୨୦୧୯ ଖେଲୋ ଇଣ୍ଡିଆ ଗେମ୍ସରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋଚ୍ କାଶୀନାଥ ନାଏକ ୧୯ ବର୍ଷୀୟ ମନୁଙ୍କୁ ପୁଣେସ୍ଥିତ ଆର୍ମି ସ୍ପୋର୍ଟ୍ସ ସେଣ୍ଟରରେ ଭର୍ତ୍ତି କରିଥିଲେ।


ଡି.ପି. ମନୁ

# ଦକ୍ଷିଣ କୋରିଆରେ ଟ୍ରେନିଂ ନେବେ ଏହେସାସ

ଅମରପାଲି,୨୮।୮
(ପୀତାମ୍ବର ସାହୁ)

ଦକ୍ଷିଣ କୋରିଆରେ ହେବାକୁଥିବା ପାର୍ଟନରଶିପ୍ ଟାଏକୋଣ୍ଡୋ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବେ ଓଡ଼ିଶାର ଏହେସାସ ହୋତା। ଅନ୍ତର୍ଜାତୀୟ ଟାଏକୋଣ୍ଡୋ କ୍ରୀଡାବିତ ଏହେସାସଙ୍କ ଘର ହେଉଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମୂଲ୍ୟମଣୀ ରାଣୀପୁର ଗ୍ରାମରେ। ଆସନ୍ତା ସେପ୍ଟେମ୍ବର ୧ ରୁ ୧୧ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆ ଟାଏକୋଣ୍ଡୋ ଓନ୍ ମୁଜୁଠାରେ ବିଶ୍ୱ ଟାଏକୋଣ୍ଡୋ ସଂଘ ପକ୍ଷରୁ ପାର୍ଟନରଶିପ ଟାଏକୋଣ୍ଡୋ ପ୍ରୋଗ୍ରାମ ଅନୁଷ୍ଠିତ ହେବ। ଯେଉଁଠରେ ବିଭିନ୍ନ ଦେଶରୁ ବଛା ବଛା ଟାଏକୋଣ୍ଡୋ କୋଚ୍‌ମାନଙ୍କୁ ବିଶ୍ୱର ମାନ୍ୟତା ପ୍ରାପ୍ତ କୋଚ୍‌ମାନେ ଉନ୍ନତମାନର ତାଲିମ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଏହେସାସ ହୋତା ଓଡ଼ିଶାର ପ୍ରଥମ ଏବଂ ଭାରତର ସର୍ବକନିଷ୍ଠ କୋଚ୍‌ଭାବେ ତାଲିମ ନେବାପାଇଁ ମନୋନୀତ ହୋଇଥିବା କୁହାଯାଉଛି। ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟ କାର୍ଯ୍ୟାଳୟରୁ ତାଙ୍କୁ ଆମନ୍ତ୍ରଣ ପତ୍ର ମିଳିଛି। ଏହେସାସ ପୂର୍ବରୁ ବହୁବାର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭାରତ ପାଇଁ ଗୌରବ ଆଣିସାରିଥିବାବେଳେ ପୂର୍ବରୁ ଦୁଇଥର ଦକ୍ଷିଣ କୋରିଆରେ ତାଲିମ ମଧ୍ୟ ନେଇସାରିଛନ୍ତି। ରାଜ୍ୟ ଟାଏକୋଣ୍ଡୋ ସଂଘର ସଂପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ଟାଏକୋଣ୍ଡୋ ସଂଘର ଆଇନ ପରାମର୍ଶଦାତା ରାଧାକାନ୍ତ ବାଘ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ଏହେସାସ ହୋତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଶୁଭକାମନା କରିଛନ୍ତି।


ଏହେସାସ ହୋତା

# ମଦର୍ସ ଟାଇଗ୍ରେସ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ୩ ଦଳର ଖେଳାଳି।

## ଅସ୍ମିତା ଥ୍ରୀ ଏ ସାଇଡ୍ ବାସ୍କେଟବଲ୍

ଭୁବନେଶ୍ୱର,୨୮।୮
(ସରୋଜ ଜେନା)

ଖେଲୋ ଇଣ୍ଡିଆ, ଭାରତୀୟ ବାସ୍କେଟବଲ୍ ସଂଘ ଓ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ମଦର୍ସ ପବ୍ଲିକ୍ ସ୍କୁଲରେ ଆୟୋଜିତ ହୋଇଛି ଅସ୍ମିତା ଥ୍ରୀ ଏ ସାଇଡ୍ ୧୭ ବର୍ଷରୁ କମ୍ ବାସ୍କେଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ କଳିଙ୍ଗ ୱାରିୟର୍ସକୁ ୧୭-୧୧ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମଦର୍ସ ଟାଇଗ୍ରେସ୍। ବିଜୟୀ ଦଳ ପକ୍ଷରୁ ଅନନ୍ୟା ମହାନ୍ତି ଏକାକୀ ୧୨ ପଏଣ୍ଟ ସ୍କୋର କରିଥିବା ବେଳେ ଦେଷ୍ଣା ଜୈନ ୩ ଓ ଅନ୍ୱେଷା ଦାସ ୨ ପଏଣ୍ଟ ସ୍କୋର କରିଥିଲେ। ୱାରିୟର୍ସ ପକ୍ଷରୁ ବିମଳାଝ, ସଞ୍ଜିତା ୪ ଓ ଅନୁଷ୍କା୨ ପଏଣ୍ଟ ସ୍କୋର କରିଥିଲେ। ତୃତୀୟ ସ୍ଥାନ ମ୍ୟାଚରେ ମଦର୍ସ ଭୋଲ୍କାନୋ ୯-୬ ପଏଣ୍ଟରେ ଆଭେଞ୍ଜର୍ସକୁ ପରାସ୍ତ କରିଛି। ଭୋଲ୍କାନୋ ପକ୍ଷରୁ ମନୀଷା ପାତ୍ର ୪, ଆତ୍ମଜା ନାୟକ ୩ ଏବଂ ଦୀକ୍ଷା ୨ ପଏଣ୍ଟ ସ୍କୋର କରିଥିଲେ। ମଦର୍ସ ପବ୍ଲିକ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀଜିତ୍ ପଟ୍ଟନାୟକ ଓ ଓଡ଼ିଶା ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଓଏଫ୍‌ସି ସହ ସିଙ୍ଗସନଙ୍କ ଚୁକ୍ତି

ଭୁବନେଶ୍ୱର,୨୮।୮
(ସରୋଜ ଜେନା)

ଓଡ଼ିଶା ଫୁଟବଲ କ୍ଲବ ( ଓ ଏ ଫ୍ ସି ) ପକ୍ଷରୁ ଯୁବ ସେଣ୍ଟର ବ୍ୟାକ୍ ପାଓଗୋମାଙ୍ଗ ସିଙ୍ଗସନଙ୍କ ସହିତ ୩ ବର୍ଷର ଚୁକ୍ତି ସ୍ୱାକ୍ଷର କରାଯାଇଛି। ପୂର୍ବରୁ ସିଙ୍ଗସନ୍ ପଞ୍ଜାବ ଏଫ୍‌ସି, ହାଇଦ୍ରାବାଦ ଏଫ୍‌ସି ରିଜର୍ଭେସ, ନେରୋକା ଏଫ୍‌ସି ପରି ଆଇ ଲିଗ୍ ଟିମ୍ ପକ୍ଷରୁ ଖେଳି ସାରିଛନ୍ତି। ସିଙ୍ଗସନଙ୍କ ଉପସ୍ଥିତିରେ ଓଏଫ୍‌ସିର ଡିଫେନ୍ସ ଲାଇନ ଅଧିକ ମଜଭୁତ ହେବା ନେଇ ଆଶା କରାଯାଉଛି। ଭାରତର ବିଭିନ୍ନ ଲିଗ୍‌ରେ ଖେଳିବାରେ ସିଙ୍ଗସନଙ୍କ ଅନୁଭୂତି ଓଏଫ୍‌ସିକୁ ବେଶ୍ ସହାୟତା କରିବ। ନୂତନ ସିଜନ ଆରମ୍ଭ ହେବା ପୂର୍ବରୁ ଓଏଫ୍‌ସି ଏହାର ଡିଫେନ୍ସ ଲାଇନକୁ ମଜଭୁତ କରିବାକୁ ଯୁବ ଖେଳାଳିମାନଙ୍କୁ ସାମିଲ କରିବ ବୋଲି ଓଏଫ୍‌ସି ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରକାଶ କରାଯାଇଛି।


ପାଓଗୋମାଙ୍ଗ ସିଙ୍ଗସନ

# ଭାରତ କ୍ରୀଡ଼ା ରାଷ୍ଟ୍ର ହେବାକୁ ଯାଉଛି: ଗାଭାସ୍କର

ମୁମ୍ବାଇ, ୨୮।୮ (ପି.ଟି.)

କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଜାଭେଲିନ ସେନ୍‌ସେଶନ ନୀରଜ ଚୋପ୍ରାଙ୍କ ଐତିହାସିକ ସଫଳତାର ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହ ନିକଟରେ ଚେସ୍ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦ ଏବଂ ବ୍ୟାଡ୍‌ମିଣ୍ଟନ ଷ୍ଟାର ଏଚ୍.ଏସ୍. ପ୍ରଣୟଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଦେଶ ପାଇଁ ଏକ ଶୁଭ ସୂଚନା ବୋଲି କହିଛନ୍ତି। ଏହି ସଫଳତାକୁ ଦେଖିଲେ ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ଭାରତ ଏକ କ୍ରୀଡ଼ା ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଚୋପ୍ରା ରବିବାର ପ୍ରଥମ ଭାରତୀୟ ଭାବେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ସପ୍ତାହରେ ପ୍ରଜ୍ଞାନନ୍ଦ ମାତ୍ର ୧୮ବର୍ଷ ବୟସରେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। ଅନ୍ୟପକ୍ଷରେ ପ୍ରଣୟ ବ୍ରୋଞ୍ଜ ପଦକ ବିଜୟ ପଥରେ ବିଶ୍ୱର ନମ୍ବର ୱାନ ଭିକ୍ଟର ଏକ୍ସେଲସେନ୍‌ଙ୍କୁ ହରାଇ ଦେଇଛନ୍ତି। ପୂର୍ବରୁ ଗଣମାଧ୍ୟମରେ କେତୋଟି ହାତଗଣତି ଖେଳର ରିପୋର୍ଟ ଦେଖିବାକୁ ମିଳୁଥିଲା। ମାତ୍ର ବର୍ତ୍ତମାନ ଏହିଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ମିଡ୍‌ୱିକେଟ ଷ୍ଟୋରିଜର ପ୍ରମୁଖ ପରାମର୍ଶଦାତା ଭାବେ ନିଯୁକ୍ତି ପାଇବା ପରେ ଭାରତୀୟ କ୍ରିକେଟ ଆଇକନ ଏକଥା ପ୍ରକାଶ କରିଛନ୍ତି।




# ଭାରତ ପ୍ରଥମେ ବାଂଲାଦେଶକୁ ଭେଟିବ

**ନୂଆଦିଲ୍ଲୀ, ୨୮।୮ (ପି.ଟି.):** ଓମାନର ସାଲାହାଠାରେ ବାଂଲାଦେଶ ବିପକ୍ଷ ଏସିଆନ ୫ଏସ୍ ପୁରୁଷ ହକି ବିଶ୍ୱକପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ ମଙ୍ଗଳବାର ବାଂଲାଦେଶ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପ୍ରତିଯୋଗିତାର ‘ଏଲିଟ୍ ପୁଲ୍’ରେ ଭାରତ ସହ ମାଲେସିଆ, ପାକିସ୍ତାନ, ଜାପାନ, ଓମାନ ଓ ବାଂଲାଦେଶ ସ୍ଥାନ ପାଇଛନ୍ତି। ସେହିପରି ଚ୍ୟାଲେଞ୍ଜର୍ସ ପୁଲ୍‌ରେ ହଂକଂ, ଚାଇନା, ଇଣ୍ଡୋନେସିଆ, ଆଫଗାନିସ୍ତାନ, କାଜାଖସ୍ତାନ ଓ ଇରାନ ରହିଛନ୍ତି। ବାଂଲାଦେଶ ବିପକ୍ଷ ଓପନିଂ ମୁକାବିଲା ପରେ ଭାରତ ଅଗଷ୍ଟ ୩୦ରେ ଓମାନ ଓ ପାକିସ୍ତାନକୁ ଭେଟିବ। ଅଗଷ୍ଟ ୩୧ରେ ଦଳ ମାଲେସିଆ ଓ ଜାପାନ ସହ ମୁକାବିଲା କରିବ। ଏଫ୍‌ଆଇଏଚ୍ ୫ଏସ୍ ହକି ବିଶ୍ୱକପ୍ ୨୦୨୪ରେ ସ୍ଥାନ ପାଇବାକୁ ହେଲେ ଭାରତକୁ ପ୍ରଥମ ୩ ମଧ୍ୟରେ ରହିବାକୁ ପଡ଼ିବ। ସୂଚନାଯୋଗ୍ୟ, ଆସନ୍ତାବର୍ଷ ଗ୍ଲୋବାଲ ଇଭେଣ୍ଟରେ ମୋଟ ୧୬ଟି ଦେଶ ଭାଗ ନେବେ।

# ଫାଇନାଲରେ ଭାରତ

ସାଲାଲା (ଓମାନ),
୨୮।୮ (ପି.ଟି.)

ଭାରତ ଏଠାରେ ଚାଲିଥିବା ଏସିଆନ ୫ଏସ୍ ମହିଳା ହକି ଟୁର୍ନାମେଣ୍ଟରେ ଅଧିନାୟିକା ନବଜୋତ କୌରଙ୍କ ହ୍ୟାଟ୍ରିକ୍ ସହାୟତାରେ ୯-୫ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳ ଏଥିସହିତ ଆସନ୍ତାବର୍ଷ ହେବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ନବଜୋତ ୭ମ, ୧୦ମ ଓ ୧୭ତମ ମିନିଟ୍‌ରେ ଗୋଲ୍ ସ୍କୋର କରି ହ୍ୟାଟ୍ରିକ କରିଥିବା ବେଳେ ମାରିଆନା କୁଜର (୯ମ ଓ ୧୨ତମ) ଏବଂ ଜ୍ୟୋତି (୨୧ତମ ଓ ୨୬ତମ) ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ଅନ୍ୟ ଦୁଇ ଗୋଲ ମୋନିକା ଦୀପି ଟପ୍ପୋ (୨୨ତମ) ଓ ମହିମା ଚୌଧାରୀ (୧୪ତମ) ଦେଇଥିଲେ। ସେହିପରି ମାଲେସିଆ ପକ୍ଷରୁ ଜାଟି ମହମ୍ମଦ (୪ର୍ଥ ଓ ୫ମ), ଦିଆନ ନାଜେରି (୧୦ତମ, ୨୦ତମ) ଏବଂ ଅଜିଜ ଜାଫିରା (୧୬ତମ) ଗୋଲ୍ ଦେଇଥିଲେ। ହକି ୫ଏସ୍ ବିଶ୍ୱକପ୍‌ର ଉଦ୍‌ଘାଟନୀ ସଂସ୍କରଣ ଆସନ୍ତା ବର୍ଷ ଜାନୁୟାରୀ ୨୪ ଓ ୨୭ରେ ମସ୍କାଟଠାରେ ହେବ। ଭାରତ ଫାଇନାଲରେ ଥାଇଲାଣ୍ଡ ଓ ଇଣ୍ଡୋନେସିଆ ମଧ୍ୟରେ ହେବାକୁଥିବା ଦ୍ୱିତୀୟ ସେମିଫାଇନାଲ ବିଜେତାଙ୍କୁ ଭେଟିବ।



୫ଏ ସାଇଡ୍ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳ।

# ହାଇଦ୍ରାବାଦ ଏଫ୍‌ସିରେ ଫିଲିପ୍ ଆମୋରିମ୍

**ହାଇଦ୍ରାବାଦ, ୨୮।୮ (ପି.ଟି.):** ହାଇଦ୍ରାବାଦ ଏଫ୍‌ସି ଏହାର ଆକ୍ରମଣ କ୍ଷମତାକୁ ଅଧିକ ଶାଣିତ କରିବା ଲାଗି ବ୍ରାଜିଲର ଅନ୍ୟତମ ଦକ୍ଷ ଖେଳାଳି ଫିଲିପ୍ ଡା ସିଲ୍‌ଭା ଆମୋରିମ୍‌ଙ୍କୁ ଦଳରେ ନେଇଛି। ୩୨ବର୍ଷୀୟ ଏହି ଖେଳାଳିଙ୍କ ସହ କ୍ଲବ ସୋମବାର ୨୦୨୩-୨୪ବର୍ଷ ପାଇଁ ଚୁକ୍ତି କରିଛି। ବ୍ରାଜିଲରେ ଜନ୍ମିତ ଫୁଟ୍‌ବଲର ଫିଲିପ୍ ୨୦୧୬ରେ ଫ୍ଲୁମିନେନ୍ସରେ ଯୋଗଦେବା ପୂର୍ବରୁ ତାଙ୍କ ହୋମ୍ ଟାଉନ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଏସିଆକୁ ଆସିଥିଲେ। ଥାଇଲାଣ୍ଡରେ ସେ ସୁଫାନ୍‌ବୁରିରେ ଯୋଗ ଦେଇଥିଲେ। ଏହି କ୍ଲବ ସହ ସେ ଗତ ୩ ସିଜନ ଖେଳିଛନ୍ତି। ସମସ୍ତ ପ୍ରତିଯୋଗିତାରେ ସେ ୧୦୦ ପାଖାପାଖି ମ୍ୟାଚ ଖେଳିଛନ୍ତି। ସେ ୨୦୨୧ରେ ଥାଇ ଏଫ୍‌ଏ କପ୍ ଜିତିଥିଲେ। ଅଭିଜ୍ଞତାସମ୍ପନ୍ନ ଫିଲିପ୍ ହାଇଦ୍ରାବାଦ ଏଫ୍‌ସି ଦଳର ଅଂଶବିଶେଷ ହୋଇ ବେଶ୍ ଉତ୍ସାହିତ ଅଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ